# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଏପ୍ରିଲ ୨୪/୨୦୨୩ (୧୪ ପୃଷ୍ଠା) | Bhubaneswar, Monday, April 24/2023 | Page 14 | ₹ 7.00

୪୯ଶ ଭାଗ ୧୪୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 149 | ମୂଲ୍ୟ ₹୭/-




**ମ୍ୟାକ୍ସୱେଲ୍ ପ୍ଲେୟର ଅଫ୍ ଦି ମ୍ୟାଚ**

ରାଜସ୍ଥାନ ରୟାଲ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚରେ ୭୭ ରନ କରି ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର(ଆରସିବି)ର ଗ୍ଲେନ ମ୍ୟାକ୍ସୱେଲ୍। **୧୪**

**୧୧** **ସିଙ୍ଘମ୍ ଏଗେନ୍‌ରେ ଅଜୟ୍**

ବଲିଉଡ୍ ଫିଲ୍ମ ନିର୍ଦ୍ଦେଶକ ରୋହିତ ଶେଟ୍ଟୀଙ୍କ ଫିଲ୍ମ 'ସିଂଘମ୍ ଏଗେନ୍'ରେ ନଜର ଆସିବେ ବଲିଉଡ୍ ଅଭିନେତା ଅଜୟ ଦେବଗନ୍ ।



# ଖଲିସ୍ତାନୀ ଅମ୍ରିତ୍‌ପାଲ ସିଂ ଗିରଫ

## କଡ଼ା ସୁରକ୍ଷାରେ ଆସାମର ଦିବ୍ରୁଗଡ଼ ଜେଲକୁ ନିଆଗଲା



ଅମ୍ରିତ୍‌ପାଲ ସିଂ

**ଚଣ୍ଡିଗଡ଼/ଗୁଆହାଟୀ,୨୩।୪**

ସୁରକ୍ଷା ଓ ଗୋଇନ୍ଦା ଏଜେନ୍ସିକୁ ଚକମା ଦେଖାଇ ଦୀର୍ଘ ଦିନ ଧରି ଫେରାର ଥିବା ୨୯ ବର୍ଷୀୟ ଖଲିସ୍ତାନୀ ଅମ୍ରିତ୍‌ପାଲ ସିଂଙ୍କୁ ରବିବାର ସକାଳେ ପଞ୍ଜାବ ପୋଲିସ ଗିରଫ କରିଛି। ମାସେରୁ ଉର୍ଦ୍ଧ୍ୱ ସମୟ ତଲାସି ଅଭିଯାନ ଚାଲିବା ପରେ ମୋଗାର ରୋଡେ ଗ୍ରାମ ନିକଟରେ ତାଙ୍କୁ କାବୁ କରାଯାଇଥିବା ପୋଲିସ କହିଛି। ସୁରକ୍ଷା ଦୃଷ୍ଟିରୁ ଅମ୍ରିତ୍‌ପାଲଙ୍କୁ ଆସାମର ଦିବ୍ରୁଗଡ଼ସ୍ଥିତ ସେଣ୍ଟ୍ରାଲ ଜେଲକୁ ନିଆଯାଇଛି। ପଞ୍ଜାବରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ସରକାର ଓ ପୋଲିସ ପକ୍ଷରୁ ଲୋକଙ୍କୁ ପରାମର୍ଶ ଦିଆଯାଇଛି। ଏଥିସହ କୌଣସି ଫେକ୍ ନ୍ୟୁଜ୍ ଶେୟାର ନ କରିବାକୁ ମଧ୍ୟ କୁହାଯାଇଛି। ଖଲିସ୍ତାନୀ ବିଚ୍ଛିନ୍ନତାବାଦୀ ତଥା ଆତଙ୍କବାଦୀ ଜର୍ନେଲ ସିଂ ଭିଣ୍ଡରାନ୍‌ୱାଲେଙ୍କ ମୃତ୍ୟୁ ପରେ ଆତ୍ମଘୋଷିତ କଠୋରପନ୍ଥୀ ପ୍ରବଚକ ଅମ୍ରିତ୍‌ପାଲ ସିଂଙ୍କ ଆବିର୍ଭାବ ହୋଇଥିଲା। ଖଲିସ୍ତାନୀ-ପାକିସ୍ତାନ ଏଜେଣ୍ଟ କୁହାଯାଉଥିବା ଏହି କଠୋରପନ୍ଥୀ ତାଙ୍କ ସମର୍ଥକଙ୍କ ମଧ୍ୟରେ 'ଭିଣ୍ଡରାନ୍‌ୱାଲେ ୨.୦' ନାମରେ ମଧ୍ୟ ପରିଚିତ। ସେ ପଞ୍ଜାବରେ କିଛିବର୍ଷ ହେଲା ସକ୍ରିୟ ଥିଲେ। ନିଜ ସଶସ୍ତ୍ର ସମର୍ଥକମାନଙ୍କ ଗହଣରେ ତାଙ୍କୁ ଅନେକ ଥର ଦେଖିବାକୁ ମିଳିଥିଲା। ଗତ ଫେବୃୟାରୀରେ ଅମ୍ରିତ୍ ପାଲ ଓ ତାଙ୍କ ସଙ୍ଗଠନ 'ୱାରିସ୍ ପଞ୍ଜାବ ଦେ'ର ଅନ୍ୟ ସଦସ୍ୟମାନେ ଅମୃତସର ନିକଟସ୍ଥ ଅଜ୍‌ନାଲା ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** **ଅଣ୍ଟା ସଳଖ ହେଉଛି**

# ବସୁଧୈବ କୁଟୁମ୍ବକମ୍ ବାର୍ତ୍ତା ଦେବ ଶଙ୍ଖ ଭବନ

**ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ**

- **ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା ଗଠନ ପାଇଁ ଆଗ୍ରହୀଙ୍କ ମିଳନସ୍ଥଳୀ ହେବ**
- **ଭବନରେ ସ୍ଥାନ ପାଇବ ୩୦ ଜିଲାର ପ୍ରସିଦ୍ଧ ସାମଗ୍ରୀ, ଶ୍ରେଷ୍ଠ କଳାକୃତି**



ଭୁବନେଶ୍ୱର ୟୁନିଟ୍-୬ଠାରେ ବିଜେଡି ମୁଖ୍ୟ କାର୍ଯ୍ୟାଳୟ 'ଶଙ୍ଖ ଭବନ'କୁ ରବିବାର ଦଳର ସଭାପତି ନବୀନ ପଟ୍ଟନାୟକ ଲୋକାର୍ପଣ କରୁଛନ୍ତି।

**ଭୁବନେଶ୍ୱର,୨୩।୪(ବ୍ୟୁରୋ)**

ଭୁବନେଶ୍ୱର ୟୁନିଟ୍-୬ଠାରେ ବିଜୁ ଜନତା ଦଳ (ବିଜେଡି) ମୁଖ୍ୟ କାର୍ଯ୍ୟାଳୟ 'ଶଙ୍ଖ ଭବନ'କୁ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ଅକ୍ଷୟତୃତୀୟା ଅବସରରେ ଲୋକାର୍ପଣ କରିଛନ୍ତି। ଶଙ୍ଖ ଭବନ କେବଳ ଭୌତିକ, ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ଓ ରାଜନୈତିକ ଉନ୍ନତି ପାଇଁ ପ୍ରେରଣାର କେନ୍ଦ୍ର ହେବ ନାହିଁ, ଏହା ଜଗନ୍ନାଥ ସଂସ୍କୃତିର ମୂଳତତ୍ତ୍ୱ ଆଧାରରେ ଆମର ଆଧ୍ୟାତ୍ମିକ ଉତ୍ତରଣର କେନ୍ଦ୍ର ମଧ୍ୟ ହେବ। ବିଶ୍ୱ ଦରବାରରେ ଓଡ଼ିଶାର ଇଷ୍ଟ ଦେବତା ଶ୍ରୀଜଗନ୍ନାଥଙ୍କ ମହାନ୍ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଶଙ୍ଖ ଭବନ କାମ କରିବା ସହ ବସୁଧୈବ କୁଟୁମ୍ବକମ୍‌ର ବାର୍ତ୍ତା ପ୍ରଚାର କରି ଚାଲିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଶଙ୍ଖଭବନରୁ ଓଡ଼ିଶାବାସୀଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶାକୁ ଭଲପାଉଥିବା ତଥା ରାଜ୍ୟର ବିକାଶ, ଓଡ଼ିଆ ସ୍ୱାଭିମାନର ସୁରକ୍ଷା ଏବଂ ନୂଆ ଓଡ଼ିଶା ଓ ସଶକ୍ତ ଓଡ଼ିଶା ଗଠନ ପାଇଁ କାମ କରିବାକୁ ଆଗ୍ରହୀ ଥିବା ବ୍ୟକ୍ତିମାନଙ୍କର ମିଳନସ୍ଥଳୀ ହେବ ଶଙ୍ଖ ଭବନ। ୧୯୯୭ ଥିଲା ଓଡ଼ିଶା ରାଜନୀତିରେ ଏକ ନୂଆ ଯୁଗର ଆରମ୍ଭ। ବିଜୁବାବୁଙ୍କ ଆଦର୍ଶ, ସେବା, ସ୍ୱାଭିମାନ ଓ ସଂଗ୍ରାମର ମନ୍ତ୍ର ନେଇ ବିଜେଡି ଜନ୍ମ ନେଇଥିଲା। ଆଞ୍ଚଳିକ ଦଳ ଭାବରେ ଓଡ଼ିଶାବାସୀଙ୍କ ସେବାରେ ରହି ସେଦିନର ବିଜେଡି ଆଜି ଏକ ସାମାଜିକ ଆନ୍ଦୋଳନରେ ରୂପାନ୍ତରିତ ହୋଇଛି। ବିଜୟର ଶୁଭଶଙ୍ଖ ବାଜି ଚାଲିଛି। ଏ ଶଙ୍ଖ ଭବନ ହେବ ସାଢ଼େ ଚାରି କୋଟି ଓଡ଼ିଶାବାସୀଙ୍କ ପ୍ରିୟ ଭବନ। ଓଡ଼ିଶାର ଅତୀତ ସହ ଏହାର ଭବିଷ୍ୟତକୁ ଯୋଡ଼ିବ। ସାଢ଼େ ଚାରି କୋଟି ଓଡ଼ିଶାବାସୀଙ୍କୁ ଏକାଠି କରିବ। ଓଡ଼ିଶାର ବିକାଶ ପାଇଁ ସମର୍ପିତ ହେବ। ଓଡ଼ିଆ ସ୍ୱାଭିମାନର ସୁରକ୍ଷା ପାଇଁ ସମର୍ପିତ ହେବ। ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତିର ବିକାଶ ପାଇଁ ସମର୍ପିତ ହେବ। ବିଜେଡିର ସଫଳତା ମନ୍ତ୍ର ଉପରେ ଆଲୋକପାତ କରି ନବୀନ କହିଛନ୍ତି ଯେ, ସ୍ଥିରତା ଆମକୁ ସଫଳତା ଦେଇଛି। ସାଧୁତା ଆନନ୍ଦର ମାର୍ଗ ଖୋଲିଛି। ଶାନ୍ତି ଆମକୁ ସମୃଦ୍ଧି ଦେଇଛି ଏବଂ ପ୍ରଶାନ୍ତ ଚେତନା ରୂପାନ୍ତରଣରେ ସହାୟକ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଶଙ୍ଖ ଭବନ ନିର୍ମାଣରେ ଅବଦାନ ରଖିଥିବା ଶ୍ରମିକ, ସ୍ଥପତି ଏବଂ ଯୁବ, ଛାତ୍ର, ମହିଳା କର୍ମୀ ☞ପୃଷ୍ଠା-୪








ଜି-୨୦ ଶିକ୍ଷା ୱାର୍କିଂ ଗ୍ରୁପ୍‌ର ତୃତୀୟ ବୈଠକର 'ଭବିଷ୍ୟତର କାର୍ଯ୍ୟଶୈଳୀ ଓ ଦକ୍ଷତା ପ୍ରଦର୍ଶନୀ' ଉଦ୍‌ଘାଟନ ଅବସରରେ କେନ୍ଦ୍ର ଶିକ୍ଷା, ଦକ୍ଷତା ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଅନ୍ୟ ଅତିଥିବୃନ୍ଦ। (ଫଟୋ: ବିକାଶ ନାୟକ)

# 'ଓଡ଼ିଶା ପରମ୍ପରାରେ ଦକ୍ଷତାର ଗୁରୁତ୍ୱ ବହୁ ପୁରାତନ'

**ଜି-୨୦ 'ଭବିଷ୍ୟତର କାର୍ଯ୍ୟଶୈଳୀ ଓ ଦକ୍ଷତା ପ୍ରଦର୍ଶନୀ' ଉଦ୍‌ଘାଟିତ**

- **ଆଗାମୀ ଦିନରେ ଡିଗ୍ରୀ ନୁହେଁ, ଦକ୍ଷତା ଓ ସାମର୍ଥ୍ୟ ହିଁ ଗୁରୁତ୍ୱ ବହନ କରିବ**
- **ଏକବିଂଶ ଶତାବ୍ଦୀରେ ଭାରତ ବିଶ୍ୱ ଆକାଂକ୍ଷାକୁ ପୂରଣ କରିବ**

**ଭୁବନେଶ୍ୱର, ୨୩।୪ (ବ୍ୟୁରୋ)**

ଓଡ଼ିଶା ପରମ୍ପରାରେ ଦକ୍ଷତାର ଗୁରୁତ୍ୱ ବହୁ ପୂର୍ବରୁ ରହିଆସିଛି। ଆବାହମାନ କାଳରୁ ଓଡ଼ିଶା ମାଟିରେ କଳା, ସାହିତ୍ୟ, ସଂସ୍କୃତି ଓ ବାଣିଜ୍ୟରେ ଦକ୍ଷତାର ପରାକାଷ୍ଠା ରହିଛି ବୋଲି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ରବିବାର ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି ପରିସରରେ ଜି-୨୦ ଶିକ୍ଷା ୱାର୍କିଂ ଗ୍ରୁପ୍ ବୈଠକ ପରିପ୍ରେକ୍ଷୀରେ 'ଭବିଷ୍ୟତର କାର୍ଯ୍ୟଶୈଳୀ ଓ ଦକ୍ଷତା ପ୍ରଦର୍ଶନୀ'କୁ ଉଦ୍‌ଘାଟନ କରି କେନ୍ଦ୍ରମନ୍ତ୍ରୀ ଏହା କହିଛନ୍ତି। ଏହି ଅବସରରେ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ପକ୍ଷରୁ 'ଭବିଷ୍ୟତ କାର୍ଯ୍ୟଶୈଳୀରେ ଗହନ ପ୍ରଯୁକ୍ତି ସହ ଆଧୁନିକ ପ୍ରଯୁକ୍ତିବିଦ୍ୟା ଉପରେ ଗୁରୁତ୍ୱ' ଶୀର୍ଷକ ସମ୍ମିଳନୀ ଅନୁଷ୍ଠିତ ☞ପୃଷ୍ଠା-୪

# ଚେର ଲମ୍ବିଛି, ତଦନ୍ତ ଶିଥିଳ

**ରାଜ୍ୟରେ ନକଲି ସାର୍ଟିଫିକେଟ କାରବାର ପର୍ଦ୍ଦାଫାଶ ଘଟଣାକୁ ଇତିମଧ୍ୟରେ ମାସେ ବିତିଛି। ବଲାଙ୍ଗୀର ଡାକମଣ୍ଡଳ ଗ୍ରାମୀଣ ଡାକସେବକ ପଦ ପାଇଁ ସାର୍ଟିଫିକେଟ୍ ଯାଞ୍ଚ ସମୟରେ ନକଲି ପ୍ରମାଣପତ୍ର ସମ୍ପର୍କରେ ସୂଚନା ମିଳିବା ପରେ ବଲାଙ୍ଗୀର ପୋଲିସ ଏହି ଘଟଣାର ଖୋଳତାଡ଼ କରିଥିଲା। ଏପରି କି ଜାଲ୍ ସାର୍ଟିଫିକେଟ ରାକେଟରେ ସମ୍ପୃକ୍ତ ୧୯ଜଣଙ୍କୁ ଗିରଫ କରାଯାଇଥିଲା। ପରେ ମାମଲାର ତଦନ୍ତ ଭାର କ୍ରାଇମବ୍ରାଞ୍ଚ ନେଲା। ଆଶା କରାଯାଉଥିଲା ଜାଲ୍ କାରବାର ଘଟଣାର ମୂଳକୁ ଯାଇ କ୍ରାଇମବ୍ରାଞ୍ଚ ନୂଆ ତଥ୍ୟ ହାସଲ କରିପାରିବ। ହେଲେ ଏହାର ତଦନ୍ତ ଏବେ ଶିଥିଳ ପଡ଼ିଯାଇଥିବାରୁ ମାମଲାର ଅଗ୍ରଗତି ନେଇ ସନ୍ଦେହ ଉପୁଜିଲାଣି।**

## ଜାଲ୍ ସାର୍ଟିଫିକେଟ୍ ପର୍ଦ୍ଦାଫାଶକୁ ମାସେ ବିତିଲା

**ବଲାଙ୍ଗୀର ଅଫିସ, ୨୩।୪**

ବହୁଚର୍ଚ୍ଚିତ ଜାଲ୍ ସାର୍ଟିଫିକେଟ୍ ମାମଲାର ପର୍ଦ୍ଦାଫାଶକୁ ଏକମାସ ବିତିଛି। ପୋଲିସ ତନାଘନାରୁ ଆରମ୍ଭ ହୋଇଥିବା ଏହି ମାମଲାର ତଦନ୍ତ ଦାୟିତ୍ୱ ପରେ କ୍ରାଇମବ୍ରାଞ୍ଚ ନେଇଛି। ଲୋକେ ଆଶା କରୁଥିଲେ ଯେ, ଜାଲ୍ ସାର୍ଟିଫିକେଟ ମାମଲାର ଚେରକୁ କ୍ରାଇମବ୍ରାଞ୍ଚ ଠାବ କରିବ ଓ କାର୍ଯ୍ୟାନୁଷ୍ଠାନ ହେବ। ତେବେ ଗତ ମାସକ ଭିତରେ କ୍ରାଇମବ୍ରାଞ୍ଚ ତଦନ୍ତ ପ୍ରକ୍ରିୟାକୁ ଅନୁଧ୍ୟାନ କଲେ ଆଶାଠାରୁ ଆଶଙ୍କା ଅଧିକ ଘନୀଭୂତ ହେବାରେ ଲାଗିଛି। ବଲାଙ୍ଗୀର ପୋଲିସର ଆକ୍‌ଶନ ମୋଡ୍‌ରୁ ଆରମ୍ଭ ହୋଇଥିବା ଜାଲ୍ ସାର୍ଟିଫିକେଟ୍ ମାମଲା ଏବେ କ୍ରାଇମବ୍ରାଞ୍ଚର ସାଇଲେଣ୍ଟ ମୋଡ୍‌ରେ ସୀମିତ ରହିଯାଇଥିବା ଅନୁଭବ ହେଉଛି। କ୍ରାଇମବ୍ରାଞ୍ଚ ଟିମ୍ ତଦନ୍ତ ଦାୟିତ୍ୱ ନେବାର ଇତିମଧ୍ୟରେ ୨୪ ଦିନ ବିତିଯାଇଥିଲେ ମଧ୍ୟ ତଦନ୍ତରେ ଅଗ୍ରଗତି ☞ପୃଷ୍ଠା-୪




**ପୁଟିନ୍ ମରିଗଲେ ଖୁସିହେବୁ: ୟୁକ୍ରେନୀୟ ରାଷ୍ଟ୍ରଦୂତ**

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଜଣେ ମାଷ୍ଟର ଜିନିୟସ୍ ନୁହନ୍ତି। ସେ ଦୁର୍ନୀତି ଓ ରୁଷୀୟ ରାଜନୀତିର ଜଟିଳ ବ୍ୟବସ୍ଥାର ଆଦ୍ୟ ଅକ୍ଷର। ପୁଟିନ୍ ମରିଗଲେ ଖୁସି ହେବୁ ବୋଲି ବୋଲି ବ୍ରିଟେନରେ ୟୁକ୍ରେନୀୟ ରାଷ୍ଟ୍ରଦୂତ ଭାଦିମ୍ ପ୍ରିଷ୍ଟାଇକୋ କହିଛନ୍ତି।



## ସଂକ୍ଷେପରେ

### ରୁଷିଆରୁ ବିଦାହେବେ ୨୦ ଜର୍ମାନୀ କୂଟନୀତିଜ୍ଞ

**ମସ୍କୋ,୨୩।୪:** ୟୁକ୍ରେନ୍-ରୁଷିଆ ଯୁଦ୍ଧକୁ ନେଇ ବର୍ଲିନ୍ ମସ୍କୋ ସହ ସମସ୍ତ ଚୁକ୍ତି ପ୍ରତ୍ୟାହାର କରି ନେବା ପରେ ଜର୍ମାନୀ ବିରୋଧରେ ରୁଷିଆ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଯେସାକୁ ତେସା ନୀତି ଆପଣାଇ ଦେଶରୁ ୨୦ ଜର୍ମାନୀ କୂଟନୀତିଜ୍ଞଙ୍କୁ ବାହାର କରିବା ନେଇ ରୁଷିଆ ଯୋଜନା ଚଳାଇଛି। ରୁଷିଆ ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ମାରିଆ ଗାଖରୋଭା ଟେଲିଭିଜନରେ ଏକ ସାକ୍ଷାତ୍କାର ଦେଇ ଏହାର ସୂଚନା ଦେଇଛନ୍ତି।

### ମୋଦିଙ୍କୁ ହତ୍ୟା ଧମକ ଦେଇଥିବା ଯୁବକ ଗିରଫ

**ଥିରୁଭାନନ୍ତପୁରମ୍, ୨୩।୪:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କେରଳ ଗସ୍ତ ସମୟରେ ତାଙ୍କୁ ହତ୍ୟା କରିବା ନେଇ ଧମକପୂର୍ଣ୍ଣ ଚିଠି ଲେଖିଥିବା ଯୁବକଙ୍କୁ ଶନିବାର କେରଳ ପୋଲିସ ଗିରଫ କରିଛି। ଗିରଫ ଯୁବକ ଜାଭିଅର ବ୍ୟକ୍ତିଗତ ଶତ୍ରୁତା ପାଇଁ ନିଜ ପଡ଼ୋଶୀଙ୍କୁ ଫସାଇବା ଉଦ୍ଦେଶ୍ୟରେ ଏହି ଚିଠି ଲେଖିଥିବା କୋଚି ପୋଲିସ କମିଶନର କେ. ସେଥୁ କହିଛନ୍ତି। ଫୋରେନ୍ସିକ୍ ଟିମ୍ ସାହାଯ୍ୟରେ ପୋଲିସ ଜାଭିଅରଙ୍କୁ ଧରିବାରେ ସଫଳ ହୋଇଛି। ପ୍ରଧାନମନ୍ତ୍ରୀଙ୍କୁ ହତ୍ୟା ସମ୍ପର୍କିତ ଚିଠି କେରଳ ଭାଜପା ମୁଖ୍ୟ କେ. ସୁରେନ୍ଦ୍ରନ୍ ଗତ ସପ୍ତାହରେ ପାଇଥିବା ନେଇ ଅଭିଯୋଗ କରିବା ପରେ ପୋଲିସ ପକ୍ଷରୁ ଘଟଣାର ତଦନ୍ତ ଆରମ୍ଭ ହୋଇଥିଲା। ଅନ୍ୟପକ୍ଷେ ହତ୍ୟା ଧମକକୁ ନେଇ କରଳରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ା କଡ଼ି କରାଯାଇଛି। ଏ ନେଇ ୨୦୬୦ ପୋଲିସଙ୍କୁ ମୁତୟନ କରାଯାଇଛି।

### ରୋଟୋର ବ୍ଲେଡ୍ ବାଜି ଅଫିସରଙ୍କ ମୃତ୍ୟୁ

**ଡେରାଡୁନ୍, ୨୩।୪:** କେଦାରନାଥରେ ରବିବାର ହେଲିକପ୍ଟର ରୋଟୋର ବ୍ଲେଡ୍‌ରେ ବାଜି ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ କେଦାରନାଥରେ ହେଲିକପ୍ଟର ଅପରେଟ୍ କରୁଥିବା କମ୍ପାନୀର ଜଣେ ଅଫିସର ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି। ଟ୍ରାଭେଲ୍ ଆରେଞ୍ଜମେଣ୍ଟର ତଦାରଖ କରି ହେଲିକପ୍ଟରରେ ଓହ୍ଲାଇବା ସମୟରେ ଅଫିସର ଭୁଲ୍‌ବଶତଃ ରେଟୋର ବ୍ଲେଡ୍ ନିକଟବର୍ତ୍ତୀ ହୋଇଯାଇଥିଲେ, ଯହାଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା।

### ପୁଞ୍ଚ ଆକ୍ରମଣ: ତଲାସି ଜୋର୍‌ଦାର, ୩୦ ଅଟକ

**ଜମ୍ମୁ,୨୩।୪:** ଜମ୍ମୁ-କଶ୍ମୀରର ପୁଞ୍ଚସ୍ଥିତ ମେନ୍ଧାର ଅଞ୍ଚଳରେ ଆତଙ୍କବାଦ ଆକ୍ରମଣରେ ୫ ଯବାନ ଶହୀଦ ହେବା ଘଟଣାରେ ୩୦ ଜଣଙ୍କୁ ପଚରାଉଚରା ଲାଗି ଅଟକ ରଖାଯାଇଛି। ଗୁରୁବାର ଅପରାହ୍ଣରେ ରାଜୌରି ସେକ୍ଟରର ଭିମ୍ବେର ଗଲି ଓ ପୁଞ୍ଚ ମଧ ଦେଇ ଗତି କରୁଥିବା ଏକ ସେନା ଭ୍ୟାନ୍‌କୁ ବାଟା ଦୋରିୟାର ଘଞ୍ଚ ଜଙ୍ଗଲରେ ଆତଙ୍କବାଦୀମାନେ ଅତର୍କିତ ଗ୍ରେନେଡ୍ ମାଡ଼ କରିଥିଲେ। ଆକ୍ରମଣ ଯୋଗୁ ଭ୍ୟାନ୍‌ରେ ନିଆଁ ଲାଗିଯିବାରୁ ଆତଙ୍କବାଦ ନିରୋଧୀ ଅପରେଶନ ପାଇଁ ନିୟୋଜିତ ଥିବା ରାଷ୍ଟ୍ରୀୟ ରାଇଫଲ୍ସ ୟୁନିଟ୍‌ର ଲାନ୍ସ ନାଏକ ଦେବାଶିଷ ବିଶ୍ୱାଳ (ପୁରୀ ଜିଲା ସତ୍ୟବାଦୀ ବାସିନ୍ଦା) ଏବଂ ପଞ୍ଜାବର ୪ ଯବାନ ଶହୀଦ ହୋଇଥିଲେ। ଏନେଇ ସେନାର ନର୍ଦ୍ଦର୍ନ କମାଣ୍ଡର ଲୁଟ୍‌ନାଣ୍ଟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ କହିଛନ୍ତି, ଘାତକ ଆକ୍ରମଣ କରିଥିବା ଆତଙ୍କବାଦୀମାନଙ୍କୁ ଧରିବା ପାଇଁ ସବୁ ପ୍ରକାର ଉଦ୍ୟମ ଚାଲିଛି। ଆକ୍ରମଣ ପରେ ବନ୍ଦ ଥିବା ଜମ୍ମୁ-ପୁଞ୍ଚ ଜାତୀୟ ରାଜପଥକୁ ରବିବାର ଯାନବାହନ ଚଳାଚଳ ପାଇଁ ଖୋଲାଯାଇଛି। ପୁଞ୍ଚ ଓ ରାଜୌରି ଜିଲାର ସୀମାନ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନକୁ ଜୋର୍‌ଦାର କରାଯାଇଛି। ଏହି ମାମଲାରେ ଅଦ୍ୟାବଧି ୩୦ ଜଣଙ୍କୁ ଅଟକ ରଖାଯାଇଛି।



ସାଉଦି ରୟାଲ ନେଭି ଅଫିସରମାନେ ସୁଦାନରେ ଫସିଥିବା ଜଣେ ପିଲାଙ୍କୁ ଉଦ୍ଧାର କରୁଛନ୍ତି।

# ସାମରିକ ସଂଘର୍ଷରୁ ମାନବୀୟ ସଂଘର୍ଷ

**ଖାର୍ତୁମ୍ ୨୩।୪**

ସୁଦାନରେ ସେନା ଏବଂ ଅର୍ଦ୍ଧସାମରିକ ବଳ ମଧ୍ୟରେ ସପ୍ତାହେରୁ ଊର୍ଦ୍ଧ୍ୱ ସମୟ ଧରି ଚାଲିଥିବା ସଂଘର୍ଷ ଯୋଗୁ ମାନବୀୟ ସଙ୍କଟ ଦେଖାଦେଇଛି। ସୁଦାନରେ ଖାଦ୍ୟ, ପାନୀୟ ଜଳ, ଔଷଧ ଓ ଅନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ମିଳୁ ନ ଥିବାରୁ ବହୁସଂଖ୍ୟକ ଲୋକ ପଳାୟନ କରିବାରେ ଲାଗିଛନ୍ତି। ଆମେରିକା ଓ ବ୍ରିଟେନ୍ ସମେତ ଅନ୍ୟ ରାଷ୍ଟ୍ରଗୁଡ଼ିକ ସେଠାରୁ ନିଜ ନାଗରିକମାନଙ୍କୁ ଫେରାଇ ଆଣିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ଆମେରିକା ରାଷ୍ଟ୍ରପତି ଜୋ' ବାଇଡେନ୍ ଏହି ସାମରିକ ସଂଘର୍ଷକୁ ନିନ୍ଦା କରିବା ସହ ତୁରନ୍ତ ଅସ୍ତ୍ର ବିରତି ପାଇଁ ଆହ୍ୱାନ ଦେଇଛନ୍ତି। ବାଇଡେନ୍ ଆମେରିକା ସମେତ ଅନ୍ୟ ଦେଶର କର୍ମଚାରୀମାନଙ୍କୁ ସୁରକ୍ଷିତ ଭାବେ ପ୍ରସ୍ଥାନ ପାଇଁ ସୁଯୋଗୁ ଦିଆଯାଉ ବୋଲି କହିଛନ୍ତି। ଫ୍ରାନ୍ସ ଓ ତୁର୍କୀ ମଧ ରବିବାର ସଂଘର୍ଷ ପ୍ରଭାବିତ ସୁଦାନରୁ ନିଜ ନାଗରିକମାନଙ୍କୁ ସୁରକ୍ଷିତ

### ଭାରତୀୟଙ୍କ ପ୍ରତ୍ୟାବର୍ତ୍ତନ ପାଇଁ ସହାୟତାର ହାତ ବଢ଼ାଇଲା ସାଉଦିଆରବ

ଭାବେ ଫେରାଇ ନେବା ପାଇଁ ଅଭିଯାନ ଚଳାଇଛନ୍ତି। ଭାରତୀୟମାନଙ୍କ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ଲାଗି ସାଉଦିଆରବ ସହାୟତାର ହାତ ବଢ଼ାଇଛି। ସୁଦାନ ଆର୍ମଡ୍ ଫୋର୍ସେସ୍ (ଏସ୍ଏଏଫ୍) ଏବଂ ଅର୍ଦ୍ଧସାମରିକ ବଳ ରାପିଡ୍ ସପୋର୍ଟ ଫୋର୍ସେସ୍ (ଆର୍ଏସ୍ଏଫ୍) ମଧ୍ୟରେ ୭୨ ଘଣ୍ଟିଆ ଅସ୍ତ୍ର ବିରତି ପାଇଁ ସହମତି ପ୍ରକାଶ ପାଇଥିଲେ ମଧ ରାଜଧାନୀ ଖାର୍ତୁମ୍ ସମେତ ବିଭିନ୍ନ ସହରରେ ଗୁଳି ଗୋଳାର ଶବ୍ଦ ଶୁଣିବାକୁ ମିଳୁଛି। ଏହି ସଂଘର୍ଷରେ ଅଦ୍ୟାବଧି ୪୫୦ରୁ ଅଧିକ ଲୋକଙ୍କ ଜୀବନ ଗଲାଣି। ସଂଘର୍ଷ ଜାରି ରହିଥିବାରୁ ଇଣ୍ଟରନେଟ୍ ସେବା ଉପଲବ୍ଧ ହେଉନାହିଁ।

# ଶେଷ ନୁହେଁ, ଆରମ୍ଭ ମାତ୍ର: ଅମ୍ରିତ୍‌ପାଲ

**ଚଣ୍ଡିଗଡ଼/ନୂଆଦିଲ୍ଲୀ, ୨୩।୪**

ଜାତୀୟ ସୁରକ୍ଷା ଆଇନ (ଏନ୍ଏସ୍ଏ) ବଳରେ ଗିରଫ ହୋଇଥିବା ୨୯ ବର୍ଷୀୟ ଖଲିସ୍ତାନୀ ବିଚ୍ଛିନ୍ନତାବାଦୀ ଅମ୍ରିତ୍‌ପାଲ ସିଂଙ୍କୁ ଏକ ସ୍ୱତନ୍ତ୍ର ବିମାନରେ ଆସାମର ଡିବ୍ରୁଗଡ଼ ଜେଲକୁ ନିଆଯାଇଛି। ସେଠାରେ ପୂର୍ବରୁ ତାଙ୍କର ଅନ୍ୟ ୯ ସହଯୋଗୀ ବନ୍ଦୀ ଅଛନ୍ତି। ଅମ୍ରିତ୍‌ପାଲଙ୍କ ଗିରଫଦାରି ପରେ ଅନ୍‌ଲାଇନ୍‌ରେ ଏକ ଭିଡିଓ ଆସିଛି, ଯହିଁରେ ଏହି କଠୋରପନ୍ଥୀ ପ୍ରବଚକ ନିଜ ଆତ୍ମସମର୍ପଣ ସମ୍ପର୍କିତ ଧର୍ମବାଣୀ ଦେଉଥିବା ଦେଖିବାକୁ ମିଳିଛି। ୧୯୮୪ରେ ଅମୃତସରର ସ୍ୱର୍ଣ୍ଣମନ୍ଦିରରେ ସେନାର ବିବାଦୀୟ ଅପରେଶନ୍ 'ବ୍ଲୁ ଷ୍ଟାର'ରେ ନିହତ ଭିଣ୍ଡରାନ୍‌ୱାଲେଙ୍କ ଫଟୋ ସାମ୍ନାରେ ଅମ୍ରିତ୍‌ପାଲ ବସିଥିବା ଅନ୍ୟ ଏକ କ୍ଲିପ୍‌ରେ ଦେଖାଯାଇଛି।

ପଳାତକ ଅମ୍ରିତ୍‌ପାଲ ରୋଡେକୁ ଭିଣ୍ଡରନ୍‌ୱାଲେଙ୍କ ଜନ୍ମସ୍ଥାନ ଅଭିହିତ କରି ସେଠାରେ ତାଙ୍କ ନିଜ 'ଦସ୍ତର ବନ୍ଦୀ' (ପଗଡ଼ି ଭିଡ଼ା ଉତ୍ସବ) ହୋଇଥିବା ପ୍ରକାଶ କରିଛନ୍ତି। ଅମ୍ରିତ୍‌ପାଲ କହିଛନ୍ତି, ସେ ଆତ୍ମସମର୍ପଣ କରିବାକୁ ଯାଉଛନ୍ତି। ତାଙ୍କ ଗିରଫଦାରି ଶେଷ ନୁହେଁ, ଆରମ୍ଭ ମାତ୍ର। ସର୍ବଶକ୍ତିମାନଙ୍କ ଅଦାଲତରେ ସେ ଦୋଷୀ ନୁହନ୍ତି।

### ଫେରାର ହେବାକୁ ବାଟ ନ ଥିଲା: ପୋଲିସ

ଏନେଇ ପୋଲିସ ଆଇଜି ସୁଖଚେନ୍ ସିଂ ଗିଲ୍ କହିଛନ୍ତି, ଅମ୍ରିତ୍‌ପାଲ ରୋଡେ ଗ୍ରାମରେ ଥିବା ଜଣାପଡ଼ିବା ପରେ ଅମୃତସର ପୋଲିସ ଏବଂ ପଞ୍ଜାବ ପୋଲିସର ଗୋଇନ୍ଦା ଶାଖା ତାଙ୍କୁ ଚାରିପଟୁ ଘେରିଥିଲା। ଗୁରୁଦ୍ୱାରାର ପବିତ୍ରତା ବଜାୟ ରଖିବା ପାଇଁ ଭିତରକୁ ପୋଲିସ ପ୍ରବେଶ କରି ନ ଥିଲା। ଅମ୍ରିତ୍‌ପାଲ ଆଉ ଖସିପାରିବେ ନାହିଁ ବୋଲି ତାଙ୍କ ନିକଟକୁ ଏକ ସନ୍ଦେଶ ପଠାଯାଇଥିଲା।

### ରାତି ସାରା ଶୋଇନି: ମୁଖ୍ୟମନ୍ତ୍ରୀ

ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ଏକ ଭିଡିଓ ମେସେଜ୍‌ରେ କହିଛନ୍ତି, ରାଜ୍ୟରେ ଶାନ୍ତି ଭଙ୍ଗ କରୁଥିବା ବ୍ୟକ୍ତିମାନେ ଆଇନଗତ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବେ। ନିରୀହ ଲୋକଙ୍କୁ ବିଚଳିତ ହେବାକୁ ଦିଆଯିବ ନାହିଁ। ରାତି ସାରା ଘଟଣାକ୍ରମ ଉପରେ ଲଗାତର ନଜର ରଖିଥିବାରୁ ଶୋଇପାରି ନ ଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।



ଭଗୱନ୍ତ ମାନ୍

### ଦୀପ ସିଦ୍ଧୁ ଗଢ଼ିଥିଲେ 'ୱାରିସ୍ ପଞ୍ଜାବ ଦେ'

ଉଗ୍ରପନ୍ଥୀ ଜର୍ନେଲ ସିଂଙ୍କ ପୈତୃକ ଗ୍ରାମ ରୋଡେରେ ୨୦୨୨ ସେପ୍ଟେମ୍ବର ୨୯ରେ ଦସ୍ତରବନ୍ଦୀ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଗତବର୍ଷ ଫେବୃୟାରୀରେ ଏକ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଗାୟକ ତଥା ଅଭିନେତା ଦୀପ ସିଦ୍ଧୁ ଏହି ଗ୍ରାମରେ 'ୱାରିସ୍ ପଞ୍ଜାବ ଦେ' ସଙ୍ଗଠନ ପ୍ରତିଷ୍ଠା କରିଥିଲେ। ଅମ୍ରିତ୍‌ପାଲ ସିଂ ଏହି ସଂସ୍ଥାର ମୁଖ୍ୟ ଥିଲେ।



ଅମ୍ରିତ୍‌ପାଲ ସିଂ

> ଜଣେପଳାତକକେତେଦିନଫେରାରରହିପାରିବେ ? ଆଇନହେଉଛିବଳୀୟାନ୍। ଭୟ ଓ ଆତଙ୍କ ସୃଷ୍ଟିକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବା ଉଚିତ।
> **-ଅନୁରାଗ ଠାକୁର, କେନ୍ଦ୍ରମନ୍ତ୍ରୀ**

> ପଞ୍ଜାବରେ ଶାନ୍ତି ପ୍ରତିଷ୍ଠା ପାଇଁ ଏଏପି ସରକାର ପ୍ରତିଶ୍ରୁତିବଦ୍ଧ। ଏଥିଲାଗି ଆମେ କଡ଼ା ନିଷ୍ପତ୍ତି ନେବାକୁ ମଧ ପ୍ରସ୍ତୁତ।
> **-ଅରବିନ୍ଦ କେଜ୍‌ରିୱାଲ, ଏଏପି ଆବାହକ**

### ଘଟଣାକ୍ରମ

**୨୦୨୨ ସେପ୍ଟେମ୍ବର ୨୯:** ଅମ୍ରିତ୍‌ପାଲ ସିଂଙ୍କୁ 'ୱାରିସ୍ ପଞ୍ଜାବ ଦେ' ମୁଖ୍ୟ ନିଯୁକ୍ତ କରାଯାଇଥିଲା।

**୨୦୨୨ ଡିସେମ୍ବର ୧୨:** ଅମ୍ରିତ୍‌ପାଲଙ୍କ ସମର୍ଥକମାନେ ଜଳନ୍ଧରସ୍ଥିତ ଏକ ଗୁରୁଦ୍ୱାରାରେ ଥିବା ଚୌକିଗୁଡ଼ିକୁ ମର୍ଯ୍ୟାଦା ବିରୋଧୀ ଆଖ୍ୟା ଦେଇ ଜାଳି ଦେଇଥିଲେ।

**୨୦୨୩ ଫେବୃୟାରୀ ୧୦:** ଅମୃତସରସ୍ଥିତ ନିଜ ଜଲ୍ଲୁପୁର ଗ୍ରାମରେ ଅମ୍ରିତ୍‌ପାଲ ବ୍ରିଟେନ୍‌ର ଏନ୍ଆର୍ଇ କିରନଦୀପ କୌରଙ୍କୁ ବିବାହ କରିଥିଲେ।

**୨୦୨୩ ଫେବୃୟାରୀ ୧୬:** ଅମ୍ରିତ୍‌ପାଲ ଓ ତାଙ୍କ ସମର୍ଥକମାନଙ୍କ ବିରୋଧରେ ରୂପନଗର ଜିଲାରେ ଅପହରଣ ଓ ଆକ୍ରମଣ ମାମଲା ରୁଜୁ ହୋଇଥିଲା। ଏହାର ଦିନକ ପରେ ସହଯୋଗୀ ଲଭ୍‌ପ୍ରୀତ୍ ସିଂଙ୍କୁ ଗିରଫ କରାଯାଇଥିଲା।

**୨୦୨୩ ଫେବୃୟାରୀ ୨୩:** ଲଭ୍‌ପ୍ରୀତ୍ ସିଂଙ୍କ ମୁକ୍ତି ଦାବିରେ ଅମ୍ରିତ୍‌ପାଲ ଓ ତାଙ୍କ ସହଯୋଗୀମାନେ ଖଣ୍ଡା, ବନ୍ଧୁକ ଧରି ଅଜ୍‌ନାଲା ଥାନାକୁ ପଶିବା ପରେ ପୋଲିସକୁ ଆକ୍ରମଣ କରିଥିଲେ।

**୨୦୨୩ ଫେବୃୟାରୀ ୨୪:** ଲଭ୍‌ପ୍ରୀତ୍ ସିଂଙ୍କୁ ବିଚାର ବିଭାଗୀୟ ହାଜତରୁ ମୁକ୍ତ କରାଯାଇଥିଲା।

**୨୦୨୩ ମାର୍ଚ୍ଚ ୧୮:** ଅମ୍ରିତ୍‌ପାଲଙ୍କୁ ଧରିବା ପାଇଁ ପଞ୍ଜାବ ପୋଲିସ ଅଭିଯାନ ଆରମ୍ଭ କରିଥିଲା। ଜଳନ୍ଧରରେ ତାଙ୍କ କାର୍‌କୁ ପୋଲିସ ଟ୍ରାକ୍ କରିଥିଲା। କିନ୍ତୁ ସେ ଗାଡ଼ି ବଦଳାଇ ସେଠାରୁ ଫେରାର ହେବାରେ ସକ୍ଷମ ହୋଇଥିଲେ। ରାଜ୍ୟରେ ମୋବାଇଲ୍ ଇଣ୍ଟରନେଟ୍ ସେବା ବାତିଲ କରାଗଲା।

**୨୦୨୩ ମାର୍ଚ୍ଚ ୨୦:** ଅମ୍ରିତ୍‌ପାଲଙ୍କ ଦାଦା ହର୍‌ଜିତ୍ ସିଂ ଓ ଅନ୍ୟ ଜଣେ ବ୍ୟକ୍ତି ମେହଟପୁର ଗୁରୁଦ୍ୱାରା ନିକଟରେ ପୋଲିସ ଆଗରେ ଆତ୍ମସମର୍ପଣ କରିଥିଲେ।

**୨୦୨୩ ମାର୍ଚ୍ଚ ୨୩:** ହରିୟାଣାର କୁରୁକ୍ଷେତ୍ରରେ ଅମ୍ରିତ୍‌ପାଲଙ୍କୁ ଆଶ୍ରୟ ଦେଇଥିବା ଜଣେ ମହିଳାଙ୍କୁ ପୋଲିସ ଗିରଫ କଲା।

**୨୦୨୩ ଏପ୍ରିଲ ୧୫:** ଉତ୍ତର ପ୍ରଦେଶର ପିଲିଭିତ୍‌ରେ ଅମ୍ରିତ୍‌ପାଲଙ୍କ ସହଯୋଗୀ ଯୋଗା ସିଂ ଗିରଫ।

**୨୦୨୩ ଏପ୍ରିଲ ୨୦:** ଅମ୍ରିତ୍‌ପାଲଙ୍କ ସ୍ତ୍ରୀ କିରନଦୀପ କୌର ଏକ ବିମାନରେ ଲଣ୍ଡନକୁ ଯାଉଥିବାବେଳେ ଅମୃତସରସ୍ଥିତ ଶ୍ରୀ ଗୁରୁ ରାମ ଦାସ ଅନ୍ତର୍ଜାତୀୟ ବିମାନବନ୍ଦରରେ ଅଟକ।



କିରନଦୀପ କୌର

# ମା' ସବୁଠୁ ଭଲ ରାନ୍ଧୁଣୀ: ରାହୁଲ

**ନୂଆଦିଲ୍ଲୀ, ୨୩।୪**

ଖାଦ୍ୟକୁ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କର ଥିବା ରୁଚି ବିଷୟରେ ପ୍ରାୟ ସମସ୍ତେ ଅବଗତ। କେଉଁ ରାଜନେତାମାନେ ଭଲ ରୋଷେଇ କରନ୍ତି ସେ ବାବଦରେ ରାହୁଲ ନିକଟରେ ୟୁଟ୍ୟୁବ୍ ଚ୍ୟାନେଲ୍ 'ଖାନେ ମେଁ କ୍ୟା ହୈ'କୁ ସାକ୍ଷାତ୍କାର ଦେବା ସମୟରେ କହିଛନ୍ତି। ବିହାର ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବ ଭଲ ରୋଷେଇ କରନ୍ତି। କିନ୍ତୁ ସବୁ ରାଜନେତାଙ୍କ ମଧ୍ୟରେ ମୋ ମା' ସବୁଠୁ ଭଲ ଖାଦ୍ୟ ପ୍ରସ୍ତୁତ କରନ୍ତି ବୋଲି ରାହୁଲ ନିଜ ଇଣ୍ଟରଭ୍ୟୁରେ କହିଛନ୍ତି। ସ୍ୱାଦିଷ୍ଟ ବ୍ୟଞ୍ଜନ ରାନ୍ଧିବା କ୍ଷେତ୍ରରେ ସୋନିଆଙ୍କୁ ଶୀର୍ଷରେ ରଖିବା ପରେ ରାହୁଲ ଭଉଣୀ ପ୍ରିୟଙ୍କାଙ୍କୁ ଦ୍ୱିତୀୟ ସ୍ଥାନରେ ରଖିଛନ୍ତି। ଅନ୍ୟପକ୍ଷେ ସକାଳେ କଫି ଏବଂ ରାତିରେ ଚା' ପିଇବା ରାହୁଲଙ୍କୁ ଭଲ ଲାଗୁଥିବାବେଳେ ସେ ଭାରତୀୟ ମିଠା ଖାଇବାକୁ ପସନ୍ଦ କରନ୍ତି ବୋଲି କହିଛନ୍ତି। କିଛିଦିନ ପୂର୍ବେ ରାହୁଲ ପୁରୁଣା ଦିଲ୍ଲୀର ମଟିଆ ମହଲ ଏବଂ ବଙ୍ଗାଲି ବଜାର ବୁଲି ଷ୍ଟ୍ରିଟ୍ ଫୁଡ୍‌ର ମଜା ନେଇଥିଲେ।



# ଜାପାନରେ ଗର୍ଭପାତ ବଟିକା 'ମେଫିଗୋ'କୁ ମଞ୍ଜୁରୀ

**ଟୋକିଓ, ୨୩।୪:** ପ୍ରଥମ ଥର ପାଇଁ ଜାପାନରେ ଗର୍ଭପାତ ବଟିକା ମେଫିଗୋକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଫାର୍ମାସ୍ୟୁଟିକାଲ ବ୍ୟାପାର ଅଧୀନରେ ଗଠିତ ସବ୍‌କମିଟି ଏବଂ ଫୁଡ୍ ସାନିଟେଶନ୍ କାଉନ୍‌ସିଲ୍ ମିଳିତ ଭାବେ ଶୁକ୍ରବାର ଗର୍ଭପାତ ବଟିକାକୁ ଅନୁମତି ପ୍ରଦାନ କରାଯାଇଛି। ବ୍ରିଟେନ୍‌ର ଲାଇନ୍‌ଫାର୍ମା ଇଣ୍ଟରନ୍ୟାଶନାଲ ଲିମିଟେଡ୍ ପକ୍ଷରୁ ଏହି ଗର୍ଭପାତ ବଟିକା ପ୍ରସ୍ତୁତ କରାଯାଇଛି। ଏହାପୂର୍ବରୁ ଜାପାନରେ ଅସ୍ତ୍ରୋପଚାର ଜରିଆରେ ମହିଳାଙ୍କ ଗର୍ଭପାତ କରାଯାଉଥିଲା। ଏ ନେଇ ମହିଳାଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ଆଶଙ୍କା କରି ଜାପାନର ମେଡିକାଲ ଏକ୍ସପର୍ଟ ଦେଶରେ ଗର୍ଭପାତ ବଟିକାକୁ ଅନୁମତି ପ୍ରଦାନ ପାଇଁ କହିଥିଲେ। ସେହିପରି ଗର୍ଭପାତ ପାଇଁ ବଟିକା ସବୁଠାରୁ ସୁରକ୍ଷିତ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍ଓ) ପକ୍ଷରୁ କୁହାଯାଇଛି। ଅନ୍‌ଲାଇନ୍ ଜରିଆରେ ପାଖାପାଖି ୧୨ ହଜାର ସାଧାରଣ ଲୋକଙ୍କଠାରୁ ଗର୍ଭପାତ ବଟିକା ସପକ୍ଷରେ ମତ ଦେଇଥିଲେ। ତେବେ ଆଗାମୀ ଦିନରେ ଜାପାନ ସ୍ୱାସ୍ଥ୍ୟ ମନ୍ତ୍ରୀ ମେଫିଗୋକୁ ଅନୁମତି ପ୍ରଦାନ କରିବେ ବୋଲି କୁହାଯାଉଛି।





ଶ୍ରୀହରିକୋଟାର ପୁଲିକେଟ୍ ହ୍ରଦରେ ମାଛ ଧରୁଛନ୍ତି ବଗ।

# ନ୍ୟୁଜିଲାଣ୍ଡ ମହିଳାଙ୍କୁ ଅନୁପଯୁକ୍ତ ଭାବେ ସ୍ପର୍ଶ ଅଭିଯୋଗ

**ୱେଲିଂଟନ୍, ୨୩।୪**

ନିକଟରେ ନ୍ୟୁଜିଲାଣ୍ଡର କାଣ୍ଟବରିରେ ଅନୁଷ୍ଠିତ ବ୍ୟବସାୟ ସମ୍ମିଳନୀରେ ଯୋଗ ଦେଇଥିବା ୨ ଭାରତୀୟ ଜଣେ ମହିଳାଙ୍କୁ ଖରାପ ବ୍ୟବହାର ପ୍ରଦର୍ଶନ ନେଇ ଅଭିଯୋଗ ହୋଇଛି। ସେମାନଙ୍କ ମଧ୍ୟରୁ ଜଣେ ସରକାରୀ ମନ୍ତ୍ରୀ ହୋଇଥିବାବେଳେ ଅନ୍ୟ ଜଣେ ଅମୁଲ କମ୍ପାନୀ ପ୍ରତିନିଧି ଥିବା କୁହାଯାଉଛି। ମହିଳାଙ୍କ ଅଭିଯୋଗକ୍ରମେ ଅମୁଲ କମ୍ପାନୀ ପକ୍ଷରୁ ପ୍ରତିନିଧି ଭାବେ ଯାଇଥିବା ୨ ଜଣଯାକ ବ୍ୟକ୍ତି ମହିଳାଙ୍କୁ ଖରାପ ଉଦ୍ଦେଶ୍ୟ ରଖି ଅନୁପଯୁକ୍ତ ଭାବେ ସ୍ପର୍ଶ କରିବା ସହ ତାଙ୍କ ଫଟୋ ଉଠାଇଥିଲେ।

### ମାମଲା ପରେ ୨ ଅମୁଲ ପ୍ରତିନିଧିଙ୍କ ବିରୋଧରେ ତଦନ୍ତ

ଅଭିଯୋଗ ପରେ ପୋଲିସ ପକ୍ଷରୁ ଘଟଣାର ତଦନ୍ତ ଆରମ୍ଭ କରାଯାଇଛି। ସେଠାରେ ଉପସ୍ଥିତ ଥିବା ନ୍ୟୁଜିଲାଣ୍ଡର କୃଷିମନ୍ତ୍ରୀ ଡାମିଏନ୍ ଓକୋନୋର ଏବଂ ଏଗ୍ରିକଲ୍‌ଚର ଅଣ୍ଡର-ସେକ୍ରେଟାରୀ ଜୋ ଲକ୍ସଟୋନ୍ ଏଭଳି କୌଣସି ଘଟଣା ଘଟିବାର ଦେଖି ନ ଥିବା କହିଛନ୍ତି। ମହିଳାଙ୍କ ଦ୍ୱାରା ୨ ଭାରତୀୟଙ୍କ ବିରୋଧରେ ଅଣାଯାଇଥିବା ଅଭିଯୋଗ ଏବେ ପ୍ରାଇମେରି ଇଣ୍ଡଷ୍ଟ୍ରିଜ୍ ମନ୍ତ୍ରଣାଳୟର ଅନ୍ତର୍ଜାତୀୟ ନୀତି ନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କରିଛି। ଅନ୍ୟପକ୍ଷେ ଘଟଣାର ସମାଧାନ ପାଇଁ ଦୁଇ ପକ୍ଷଙ୍କ ସହ ଆଲୋଚନା କରାଯାଉଥିବା ଅମୁଲ କମ୍ପାନୀ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଜୟେନ ମେହେଟା ଗଣମାଧମକୁ ପ୍ରତିକ୍ରିୟା ଦେଇ କହିଛନ୍ତି।



# ଜି-୨୦ ଭବିଷ୍ୟତର କାର୍ଯ୍ୟଶୈଳୀ ଓ ଦକ୍ଷତା ପ୍ରଦର୍ଶନୀ ଉଦ୍‌ଘାଟନୀ ଉତ୍ସବ




ପ୍ରଦର୍ଶନୀ ବୁଲିବାକୁ ଆସିଥିବା ଦର୍ଶକ।



ପ୍ରଦର୍ଶନୀରେ ଦର୍ଶକମାନେ ମଜା ନେଉଛନ୍ତି।



ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ।



ସିଏସ୍ଆଇଆର୍-ଆଇଏମ୍ଏମ୍‌ଟି ପରିସରରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।




କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧନାର ପର୍ବ।

## ଆଜି କ୍ୟାବିନେଟ୍

**ଭୁବନେଶ୍ୱର, ୨୩।୪(ବ୍ୟୁରୋ):** ରାଜ୍ୟ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ ସୋମବାର ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅପରାହ୍ନ ୫ଟା ୩୦ ମିନିଟ୍‌ରେ କ୍ୟାବିନେଟ୍ ବୈଠକ ବସିବ। ବୈଠକରେ ପାନୀୟଜଳ, କ୍ୟାଡର ପୁନର୍ଗଠନ, ଜଳସେଚନ, ଟେଣ୍ଡର ଅନୁମୋଦନ ଭଳି ୧୦ରୁ ଅଧିକ ପ୍ରସ୍ତାବ ଉପରେ କ୍ୟାବିନେଟ୍ ମୋହର ବାଜିବ ବୋଲି ଜଣାପଡ଼ିଛି। ବିଶେଷଭାବେ ଜଳସମ୍ପଦ, କୃଷି, ପଞ୍ଚାୟତିରାଜ, ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ, ଭିନ୍ନକ୍ଷମ ସଶକ୍ତୀକରଣ, ରାଜସ୍ୱ ବିଭାଗର ଅନେକ ପ୍ରସ୍ତାବକୁ ଅନୁମୋଦନ ମିଳିବାର ଅଛି।

## ୫ଶହ ପାର୍ କଲା ଦୈନିକ ସଂକ୍ରମଣ

### ଚିନ୍ତା ବଢ଼ାଇଲା କରୋନା: ସତର୍କ ରହିବାକୁ ପରାମର୍ଶ

**ଭୁବନେଶ୍ୱର, ୨୩।୪ (ବ୍ୟୁରୋ)**

ରାଜ୍ୟରେ କରୋନା ସଂକ୍ରମଣ ନିୟମିତ ଭାବେ ବଢ଼ିବାରେ ଲାଗିଛି। କିଛିଦିନ ତଳେ ଦୈନିକ ସଂକ୍ରମଣ ୨ଶହ ମଧ୍ୟରେ ରହୁଥିବାବେଳେ ଏହା କ୍ରମାଗତ ଭାବେ ବଢ଼ି ବଢ଼ି ଏବେ ୫ଶହ ପାର୍ କରିଛି। ଗତ ୨୪ଘଣ୍ଟା ମଧ୍ୟରେ ୬୬୧୬ଟି ନମୁନା ଟେଷ୍ଟ କରାଯାଇଥିବାବେଳେ ସେଥିରୁ ୫୦୨ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ରାଜ୍ୟରେ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୨୯୨୬କୁ ବୃଦ୍ଧି ପାଇଛି। ସେହିପରି ୨୪ ଘଣ୍ଟାରେ ୨୭୩ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷେ ସୀମାନ୍ତବର୍ତ୍ତୀ ଜିଲାଗୁଡିକରେ କରୋନା ସଂକ୍ରମଣ ବୃଦ୍ଧି ପାଉଛି। ବିଶେଷକରି ନବରଙ୍ଗପୁର, ନୂଆପଡ଼ା, ସମ୍ବଲପୁର ଆଦି ଜିଲାରେ ଅଧିକ ସଂକ୍ରମିତ ଚିହ୍ନଟ ହେଉଛନ୍ତି। ତେଣୁ ବାହାରୁ ଆସୁଥିବା ବ୍ୟକ୍ତିଙ୍କ ଉପରେ ନଜର ରଖାଯାଉଛି। ଏହାକୁ ନେଇ ଏବେ ଚିନ୍ତା ବଢ଼ିଥିବାବେଳେ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି। ଓଡ଼ିଶାରେ ସଂକ୍ରମଣ ବୃଦ୍ଧି ପାଉଥିଲେ ବି ଅନ୍ୟ ରାଜ୍ୟ ତୁଳନାରେ ଏହାର ସ୍ଥିତି ଭଲ ରହିଛି। ତେବେ କରୋନାଠାରୁ ଦୂରେଇ ରହିବା ପାଇଁ ହେଲେ ଏବେଠାରୁ ଆମକୁ ସତର୍କ ରହିବାକୁ ପଡିବ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି। ବୟସ୍କ ଲୋକ, ଗର୍ଭବତୀ ଏବଂ ଶିଶୁମାନେ ଟିକେ ଅଧିକ ସତର୍କ ରହିବା ଦରକାର। ମାସ୍କ ପରିଧାନ କରିବା ସହ ଗହଳିରୁ ଦୂରେଇ ରହିବା ଏବଂ ଅନ୍ୟାନ୍ୟ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଦରକାର ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

## ଶାନ୍ତି ଫେରୁଛି, ପୋଲିସ ଭୟ ଘାରୁଛି

- ଚନ୍ଦ୍ରଶେଖର ହତ୍ୟା କାରଣ ଫାଙ୍କୁଛି ପୋଲିସ
- ଗିରଫ ସଂଖ୍ୟାରେ ତାଳମେଳ ନାହିଁ
- ମୋବାଇଲ ନେଟ୍‌ସେବା ସ୍ୱାଭାବିକ

**ସମ୍ବଲପୁର, ୨୩।୪(ବ୍ୟୁରୋ)**

ସମ୍ବଲପୁରରେ ହନୁମାନ ଜୟନ୍ତୀ ଶୋଭାଯାତ୍ରା ସମୟରେ ଏପ୍ରିଲ ୧୨ରେ ପଥରମାଡ଼ ଓ ୧୪ରେ ପୋଡ଼ାଜଳା, ଭଙ୍ଗାରୁଜା, ମାରଣାସ୍ତ୍ରରେ ଅକ୍ରମଣ ଭଳି ଘଟଣା ଘଟିଥିଲା। ସାନସିଂହାରି ଗ୍ରାମର କେତେଜଣ ଯୁବକ ଶୋଭାଯାତ୍ରାରେ ସାମିଲ ହୋଇ ଘରକୁ ଫେରୁଥିବା ସମୟରେ ରିଂରୋଡ୍‌ରେ ସଂଘବଦ୍ଧ ଭାବେ ଖଣ୍ଡା, ଛୁରି ସାହାଯ୍ୟରେ ସେମାନଙ୍କୁ ଆକ୍ରମଣ ହୋଇଥିଲା। ଏଥିରେ ଚନ୍ଦ୍ରଶେଖର ମିର୍ଦ୍ଧା ନାମକ ଯୁବକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ସହରରେ କର୍ଫ୍ୟୁ, ୧୪୪ ଧାରା ଲାଗୁ ସହ ନେଟ୍ ସେବା ବନ୍ଦ କରିଦିଆଯାଇଥିଲା। ଏଥିରେ ଜନସାଧାରଣ ଅସ୍ତବ୍ୟସ୍ତ ହୋଇପଡିଥିଲେ। ଉଭୟ ଦିନର ଘଟଣାରେ ପୋଲିସ ପ୍ରାୟ ୯୯ଜଣଙ୍କୁ ଗିରଫ କରିଥିବା କହୁଛି। ୧୦ଦିନ ପରେ ମୋବାଇଲ ନେଟ୍‌ସେବା ସ୍ୱାଭାବିକ କରାଯାଇଛି। ପ୍ରଶାସନ ଓ ପୋଲିସର ଉଦ୍ୟମ ସାଙ୍ଗକୁ ସାଧାରଣ ଲୋକଙ୍କ ସହଯୋଗରେ ସହରରେ ଶାନ୍ତି ଫେରୁଛି। ହେଲେ ଲୋକମାନଙ୍କ ମନରେ ଏବେ ପୋଲିସର ଭୟ ଘାରୁଛି।

ପୋଲିସର ରାତିଅଧିଆ ଚଢ଼ାଉ, ଘଟଣାରେ ସମ୍ପୃକ୍ତ ନ ଥିବା ବ୍ୟକ୍ତିଙ୍କ ଘର କବାଟ ବାଡେଇବା, ଫୋନ କଲ୍ କରି ଭେରିଫିକେଶନ ପାଇଁ ଥାନାକୁ ଡାକିବା, ଜଣେ ଅପରାଧୀ ଭଳି ବ୍ୟବହାର ଆଦି ଅନେକ ଘଟଣାକୁ ନେଇ ସହରରେ ଚର୍ଚ୍ଚା ହେଉଛି। ଆପରାଧିକ କାର୍ଯ୍ୟ କଲେ ତଥ୍ୟ ପ୍ରମାଣ ଆଧାରରେ ସେମାନଙ୍କୁ ଗିରଫ କରାଯାଉ। ହେଲେ ତଦନ୍ତ, ପଚରାଉଚରା ଓ ଏକ ନିର୍ଦ୍ଦିଷ୍ଟ ଦଳ କିମ୍ବା ସଂଗଠନକୁ ଆକ୍ରୋଶ କରି ଗିରଫ ବନ୍ଦ କରାଯାଉ ବୋଲି ସାଧାରଣରେ ଦାବି ହେଉଛି। ଅନ୍ୟପଟେ ଚନ୍ଦ୍ରଶେଖର ହତ୍ୟା ମାମଲାକୁ ନେଇ ପୋଲିସ କିଛି ସ୍ପଷ୍ଟ କରୁ ନାହିଁ। ହତ୍ୟା କାରଣକୁ ନେଇ ମୁହଁ ଖୋଲିପାରୁ ନାହିଁ। ଦଙ୍ଗା ଘଟଣାରେ ଚନ୍ଦ୍ରଶେଖରଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିବାବେଳେ ପୋଲିସ ଏହାକୁ ଏଡାଇ ଦେଇଥିଲା। ହେଲେ ଦୁଇଦିନ ତଳେ ଚନ୍ଦ୍ରଶେଖରଙ୍କ ପରିବାରକୁ ୮ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ କରାଯାଇଛି। ଦଙ୍ଗାରେ ମୃତକଙ୍କ ପରିବାରକୁ ମିଳୁଥିବା କ୍ଷତିପୂରଣ ରାଶି ପରିମାଣ ସହ ଏହା ସମାନ। ଅନ୍ୟପଟେ କ୍ଷତିପୂରଣ ଟଙ୍କା ଦେବା ନେଇ ଜିଲା ପ୍ରଶାସନ ପାଖରେ ସୂଚନା ନ ଥିବା ଅଧିକାରୀମାନେ କହୁଛନ୍ତି। ଏହି ଘଟଣାରେ ଏସ୍‌ପି ବାତୁଳା ଗଙ୍ଗାଧର ୬ ଜଣଙ୍କୁ ଗିରଫ କରାଯାଇଥିବା କହୁଥିବା ବେଳେ କେତେବେଳେ ୪ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ମଧ୍ୟ ପୋଲିସ କହୁଛି।

ଏ ସମ୍ପର୍କରେ ବରିଷ୍ଠ ଆଇନଜୀବୀ ବିଭୂତି ଭୂଷଣ ପଟ୍ଟନାୟକ କହିଛନ୍ତି, ତଥ୍ୟ ପ୍ରମାଣ ଆଧାରରେ ପୋଲିସ ପଚରାଉଚରା କିମ୍ବା ଗିରଫଦାରି ପାଇଁ ରାତିଅଧିଆ ଚଢାଉ କରିପାରିବ। ସେହିପରି ଫୋନ କରି ଥାନାକୁ ଡାକିବାରେ କୌଣସି ସମସ୍ୟା ନାହିଁ। ହେଲେ ଲୋକଙ୍କୁ ଭୟଭୀତ ନ କରି ଆସ୍ଥା ଭାଜନ ହୋଇ ତଦନ୍ତ କଲେ ପ୍ରକୃତ ଅଭିଯୁକ୍ତ ଗିରଫ ହୋଇପାରିବେ। ତରବରିଆ ଓ ଉଦ୍ଦେଶ୍ୟମୂଳକ ଭାବେ ନିଜ ବ୍ୟକ୍ତିଗତ ଶତ୍ରୁତାକୁ ନେଇ ଗିରଫ କଲେ ଶାନ୍ତି ଫେରିବା ବଦଳରେ ଅଶାନ୍ତ ପରିସ୍ଥିତ ଉପୁଜିବାର ସମ୍ଭାବନା ରହିଛି। ଗୋଷ୍ଠୀ ସଂଘର୍ଷ ପାଇଁ ପୂର୍ବ ପ୍ରସ୍ତୁତି ରହିଥିଲା ବୋଲି ଏସ୍‌ପି ନିଜେ ସ୍ୱୀକାର କରିଛନ୍ତି। ତେଣୁ ପୋଲିସ ଅବହେଳା ଯୋଗୁ ଏହି ଅଭାବନୀୟ ଘଟଣା ଘଟିଛି। ଉକ୍ତ ପୋଲିସ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ନିଜ ବିଫଳତାକୁ ଚପାଇବାକୁ ଉଦ୍ୟମ କରି ଗିରଫଦାରି ସଂଖ୍ୟା ବୃଦ୍ଧି କରୁଛି। ଗୋଟିଏ ଗୋଷ୍ଠୀ ପ୍ରତି ଅଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବାରୁ ପୋଲିସର କାର୍ଯ୍ୟକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। କୌଣସି ବ୍ୟକ୍ତିଙ୍କୁ ପୋଲିସ ଥାନାରେ ୨୪ ଘଣ୍ଟାରୁ ଅଧିକ ସମୟ ଅଟକ ରଖିପାରିବ ନାହିଁ ବୋଲି ନିୟମ ରହିଛି । ହେଲେ ଦିନକୁ ଦିନ ପୋଲିସ ଦେଉଥିବା ଗିରଫ ସଂଖ୍ୟାରେ ତାଳମେଳ ନ ରହିବା ଚିନ୍ତାର ବିଷୟ ବୋଲି ଆଇନଜୀବୀ ପଟ୍ଟନାୟକ କହିଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ନେବା ପାଇଁ ଏସ୍‌ପି ଗଙ୍ଗାଧରଙ୍କ ମୋବାଇଲ (ନଂ.୯୪୩୮୯୧୬୫୫୦)ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା।

## ପୁରୀରେ ପହଞ୍ଚିଲା ଷଷ୍ଠ ପର୍ଯ୍ୟାୟ ରଥ କାଠ

**ପୁରୀ ଅଫିସ, ୨୩।୪**

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ଆସନ୍ତା ଜୁନ ୨୦ରେ ହେବ। ଏଥିପାଇଁ ପର୍ଯ୍ୟାୟ କ୍ରମେ ରଥକାଠ ଆସି ପୁରୀରେ ପହଞ୍ଚୁଛି। ରବିବାର ପବିତ୍ର ଅକ୍ଷୟ ତୃତୀୟାରେ ଷଷ୍ଠ ପର୍ଯ୍ୟାୟ ରଥକାଠ ପୁରୀରେ ପହଞ୍ଚିଛି। ନୟାଗଡ଼ ଜିଲା ମହିତାମ ସେକ୍ସନ ମହିପୁର ବନାଞ୍ଚଳରୁ ଦୁଇଟି ଟ୍ରକ୍ ଯୋଗେ ମୋଟ ୩୯ ଖଣ୍ଡ ରଥକାଠ ଆସିଛି। ଏଥିମଧ୍ୟରେ ୪୦ ଫୁଟିଆ ୨୭ ଖଣ୍ଡ ଧଉରା କାଠ ଓ ୧୨ ଖଣ୍ଡ ଫାସିକାଠ ରହିଛି। ରବିବାର ସୁଦ୍ଧା ମୋଟ ୨୪୫ ଖଣ୍ଡ କାଠ ପୁରୀ ବଡ଼ଦାଣ୍ଡରେ ପହଞ୍ଚି ସାରିଛି। ସେହିପରି କଟକ ଖପୁରିଆସ୍ଥିତ ଶ' ମିଲ୍‌ରେ ୨୦୪ ଖଣ୍ଡ କାଠ ପହଞ୍ଚିଛି। ରଥଯାତ୍ରା ପାଇଁ ମୋଟ ୮୬୫ ଖଣ୍ଡ କାଠ ଆବଶ୍ୟକ ଥିବାବେଳେ ପୂର୍ବ ବର୍ଷରୁ ୧୧୮ ଖଣ୍ଡ କାଠ ବଳକା ରହିଛି। ତେଣୁ ଚଳିତବର୍ଷର ରଥଯାତ୍ରା ପାଇଁ ୭୪୭ ଖଣ୍ଡ କାଠ ଆବଶ୍ୟକ। ପରମ୍ପରା ଅନୁଯାୟୀ ଅକ୍ଷୟ ତୃତୀୟା ତିଥିରେ ରବିବାର ରଥ ନିର୍ମାଣ ଅନୁକୂଳ ହୋଇଛି।









## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘୁଷୁରି ପ୍ରକୃତି ପଙ୍କରେ ଲୋଟେ
ମଣିଷ ପ୍ରକୃତି ମଲେ ତୁଟେ।**

ମଣିଷ ପ୍ରକୃତି ଆମରଣ ଯଥା ପୂର୍ବମ ତଥା ପରମ। ଘୁଷୁରିର ପ୍ରକୃତି ପଙ୍କରେ ଲୋଟିବା ଭଳି ମଣିଷ ତା'ର ପ୍ରକୃତି ଓ ସ୍ୱଭାବକୁ ଛାଡ଼ି ପାରି ନ ଥାଏ। ଯାହାର ଯାହା ସ୍ୱଭାବ ତା'କୁ ବଦଳାଇବା ଅତ୍ୟନ୍ତ କଷ୍ଟକର ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଘୋଡା ଦଉଡି ଦଉଡି ଯେଉଁଠି
ହାତୀ ପାହୁଲ ପକାଇ ସେଇଠି।**

ଲକ୍ଷ୍ୟହୀନ ବ୍ୟକ୍ତି କୌଣସି କାର୍ଯ୍ୟରେ ସଫଳ ହୋଇପାରି ନ ଥାନ୍ତି। ତେବେ ବୁଦ୍ଧି ବା ଲକ୍ଷ୍ୟ ଠିକ୍ ଥିଲେ ଜଣେ ଧୀର ହେଲେ ମଧ୍ୟ କର୍ମକ୍ଷେତ୍ରରେ ବେଶ୍ ଅଗ୍ରଗତି କରିପାରିବା ସହ ସଫଳତା ହାତେଇ ପାରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
- ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

# ଦ୍ୱିତୀୟ ବିଶ୍ୱ ଯୁଦ୍ଧ ବେଳର ଜାହାଜ ଠାବ

## ୮୪ ବର୍ଷ ପୂର୍ବେ ବୁଡ଼ିଥିଲା, ୮୬୪ ସୈନ୍ୟ ଥିଲେ

**ବେଜିଂ, ୨୩।୪**

ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ସମୁଦ୍ରରେ ବୁଡ଼ିଯାଇଥିଲା ଜାପାନ ମର୍ଚାଣ୍ଟ ଶିପ୍‌ର ସନ୍ଧାନ ୮୪ ବର୍ଷ ପରେ ମିଳିଛି। ସମୁଦ୍ର ବୁଡ଼ାଳିଙ୍କ ଦ୍ୱାରା କରାଯାଇଥିବା ଡିପ୍ ସି' ସର୍ଭେ ଜରିଆରେ ଉକ୍ତ ଜାହାଜକୁ ଦକ୍ଷିଣ ଚାଇନା ସାଗରରୁ ଠାବ କରାଯାଇଥିବା ଅଷ୍ଟ୍ରେଲିଆ ପ୍ରତିରକ୍ଷା ମନ୍ତ୍ରୀ ରିଚାର୍ଡ ମାର୍ଲେସ୍ ସୂଚନା ଦେଇଛନ୍ତି। ୧୯୪୨ ଜୁଲାଇରେ ଏସ୍.ଏସ୍. ମୋନଟେଭିଡେଓ ମାରୁ ପ୍ରିଜନର ଅଫ୍ ୱାର ଟ୍ରାନ୍ସପୋର୍ଟ ଶିପ୍‌କୁ ଆମେରିକୀ ବୁଡ଼ାଜାହାଜ ୟୁଏସ୍‌ଏସ୍ ଷ୍ଟର୍ଜିଅନ୍ ଟାର୍ଗେଟ୍ କରିଥିଲା। ଫଳରେ ଜାହାଜଟି ଫିଲିପାଇନ୍ସ ତଟରେ ବୁଡ଼ିଯାଇଥିଲା।

ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଏହି ଜାହାଜଟି ପପୁଆ ନ୍ୟୁଗିନିଆରୁ ଚାଇନାର ହେନାନା ଅଭିମୁଖେ ଯାଉଥିଲା। ସେ ସମୟରେ ଜାହାଜରେ ପାଖାପାଖି ୮୬୪ ଜଣ ସୈନ୍ୟ ଉପସ୍ଥିତ ଥିଲେ। ତେବେ ଜାହାଜରେ କୌଣସି ବନ୍ଦୀ ଥିବା ନେଇ ତଥ୍ୟ ସରକାରଙ୍କ ପକ୍ଷରୁ ଦିଆଯାଇ ନାହିଁ। ମେରାଇନ୍ ଆର୍କୋଲୋଜି ଏବଂ ଡିପ୍ ସି' ସର୍ଭେ ସ୍ପେଶିଆଲିଷ୍ଟଙ୍କ ଜରିଆରେ କରାଯାଇଥିବା ସର୍ଭେ ଜରିଆରେ ଜାହାଜର ଭଗ୍ନାବଶେଷ ସମୁଦ୍ରରେ ମିଳିଥିଲା। ପ୍ରକାଶ ପାଇଥିବା ସରକାରୀ ତଥ୍ୟ ଅନୁଯାୟୀ ୧୩,୧୨୩ ଫୁଟ୍ ଗଭୀର ଜଳରାଶି ତଳେ ଜାହାଜ ରହିଥିବା କୁହାଯାଇଛି। ଜାହାଜ ବୁଡ଼ିଯିବା ଫଳରେ ୧,୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ପ୍ରାଣହାନି ଘଟିଛି। ସୈନ୍ୟ ସାଙ୍ଗକୁ ଜାହାଜରେ ଅନ୍ୟ ଦେଶର ନାଗରିକ ଥିବା ଅଷ୍ଟ୍ରେଲିଆ ପ୍ରତିରକ୍ଷା ବିଭାଗ ପକ୍ଷରୁ ଅବଗତ କରାଯାଇଛି। ଅଷ୍ଟ୍ରେଲିଆରେ ଘଟିଥିବା ଜାହାଜ ଦୁର୍ଘଟଣା ମଧ୍ୟରେ ଏସ୍.ଏସ୍. ମୋନଟେଭିଡେଓ ମାରୁ ଜାହାଜ ବୁଡ଼ିବା ଘଟଣା ସବୁଠାରୁ ବଡ଼ ଦୁର୍ଘଟଣା ବୋଲି କୁହାଯାଏ। ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ ପ୍ରତିବର୍ଷ ଏପ୍ରିଲ ୨୫ରେ ଯୁଦ୍ଧରେ ପ୍ରାଣ ହରାଇଥିବା ଲୋକଙ୍କ ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ଦିବସ ପାଳନ କରାଯାଏ, ଯାହାକୁ ଅଞ୍ଜାକ୍ ଦିବସ ଭାବେ ଜଣାଯାଏ। ଏହି ଗୁରୁତ୍ୱପୂର୍ଣ୍ଣ ଦିବସ ପାଳନ ପୂର୍ବରୁ ଏସ୍.ଏସ୍. ମୋନଟେଭିଡେଓ ମାରୁ ଜାହାଜର ସନ୍ଧାନ ମିଳିବା ଏକ ବଡ଼ ସଫଳତା ବୋଲି ପ୍ରତିରକ୍ଷା ମନ୍ତ୍ରୀ ମାର୍ଲେସ୍ କହିଛନ୍ତି।



# ଶ୍ରୀମନ୍ଦିରରେ ରଥ ନିର୍ମାଣ ଅନୁକୂଳ

**ପୁରୀ ଅଫିସ, ୨୩।୪**

ଆସନ୍ତା ଜୁନ ୨୦ରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ଏଥିପାଇଁ ରବିବାର ପବିତ୍ର ଅକ୍ଷୟ ତୃତୀୟାରେ ପୂଜାର୍ଚ୍ଚନା ସହ ରଥ ନିର୍ମାଣ କାର୍ଯ୍ୟ ଅନୁକୂଳ ହୋଇଛି। ସୋମବାର ଠାରୁ ରାଜନଅରସ୍ଥିତ ଅସ୍ଥାୟୀ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ସେହିପରି ଅକ୍ଷୟ ତୃତୀୟାରେ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହୋଇଛି। ରବିବାର ଭୋର ୩ଟା ୫୦ରେ ଦ୍ୱାର ଫିଟାଯାଇ ୪.୩୫ରେ ଭିତର ଶୋଧ ହୋଇଥିଲା। ୪ଟା ୪୦ରେ ମଙ୍ଗଳ ଆଳତି ବଢ଼ି ୫ଟା ୩୦ରେ ଅବକାଶ ନୀତି ସରି ପରବର୍ତ୍ତୀ ନୀତି ସମ୍ପନ୍ନ କରାଯାଇଥିଲା। ପୂର୍ବାହ୍ନ ୯ଟା ୧୫ରେ ମହାପ୍ରଭୁଙ୍କ ସକାଳ ଧୂପ ସରି ୧୦ଟା ୨୦ରେ ମଇଲମ୍ ହୋଇ ୧୦ଟା ୫୫ରେ ଯାତ୍ରାଙ୍ଗୀ ମହାସ୍ନାନ ବଢ଼ିଥିଲା। ପୂର୍ବଦିନରୁ ଅଧିବାସ ହୋଇ ରହିଥିବା ପ୍ରାୟ ୭କିଲୋ ଚନ୍ଦନକୁ ପୂଜାପଣ୍ଡା ସାମନ୍ତ, ପତି ମହାପାତ୍ର, ମୁଦିରସ୍ତ ଏବଂ ୩ଜଣ ପାଳିଆ ପୁଷ୍ପାଳକ ଭୋଗମଣ୍ଡପ ଘରଠାରୁ ବେଢ଼ାକୁ ନେଇ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ତିନିଘେରା ପରିକ୍ରମା କରିଥିଲେ। ପାଣିପଡ଼ି ଖଇକୋରା ଭୋଗ ସମାପନ ପରେ ପୂଜାପଣ୍ଡା ସାମନ୍ତ, ପତି ମହାପାତ୍ର, ମୁଦିରସ୍ତ ଏବଂ ୩ଜଣ ପାଳିଆ ପୁଷ୍ପାଳକଙ୍କ ଦ୍ୱାରା ଛାମୁ ଖୁଣ୍ଟିଆଙ୍କ ମଣିମା ଡାକ ପୂର୍ବକ ସର୍ବାଙ୍ଗ ଚନ୍ଦନଲାଗି ହୋଇଥିଲା। ୬ ମୂର୍ତ୍ତି ଅଳଙ୍କାର, ଅଳକା, ଚଉସରା, ଗୁଣା, ଝୁମ୍ପା ସହ ବେଶ ବଢ଼ି ପାଣି ପଡ଼ିଥିଲା। ତଳୁଛ, ପ୍ରଧାନୀ ହାତମୁଦ ପଟୁଆର ସହିତ ଭୋଗ ଛାମୁକୁ ଆସିବା ପରେ ମୁଦିରସ୍ତ ପ୍ରସାଦ ଲାଗି କରିଥିଲେ। ପାଳିଆ ପୂଜାପଣ୍ଡା ମଧ୍ୟାହ୍ନ ଧୂପ ଷୋଡ଼ଶ ଉପଚାରରେ ଭୋଗ ସମାପନ କରିବା ପରେ ପାଣିପଡ଼ି ବନ୍ଦାପନା ହୋଇଥିଲା। ଶ୍ରୀରାମକୃଷ୍ଣ, ଶ୍ରୀମଦନମୋହନ, ଶ୍ରୀଦେବୀ, ଭୂଦେବୀ ଆଜ୍ଞାମାଳ ପାଇ ପାଲିଙ୍କି ଓ ବିମାନକୁ ବିଜେ କରିଥିଲେ। ୩ ବାଡ଼ରୁ ୩ ଜଣ ପୂଜାପଣ୍ଡା ଆଣିଥିବା ଆଜ୍ଞାମାଳ ଧରି ଆଗରେ ଏବଂ ବିଜେ ପ୍ରତିମା ପଟୁଆରରେ ଶ୍ରୀନଅର ନିକଟକୁ ବିଜେ କରିଥିଲେ। ସେହିପରି ପୂର୍ବରୁ ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ତିନିଖଣ୍ଡ ଧଉରା କାଠକୁ ବିଧି ବିଧାନ ଅନୁଯାୟୀ ଧୁଆଯାଇ ରଖାଯାଇଥିଲା। ଶ୍ରୋତ୍ରୀୟ ବ୍ରାହ୍ମଣମାନେ ରଥଖଳାରେ ବନଯାଗ ପଦ୍ଧତିରେ ରଥକାଠ ନୀତି ଅନୁକୂଳ କରିଥିଲେ। ଶ୍ରୀମନ୍ଦିରରୁ ବୈଷ୍ଣବାଗ୍ନି ଆଣି ହୋମରେ ଅଗ୍ନି ସ୍ଥାପନା କରାଯାଇଥିଲା। ନୃସିଂହ ମନ୍ତ୍ରରେ ଆହୁତି ଦିଆଯାଇଥିଲା। ମା' ଦକ୍ଷିଣକାଳୀଙ୍କ ମନ୍ତ୍ରରେ ତିନୋଟି କୁରାଢ଼ିକୁ ଅଭିମନ୍ତ୍ରିତ କରି ପୂଜା କରାଯାଇଥିଲା। ଶ୍ରୀମନ୍ଦିରରୁ ୩ଜଣ ପୂଜାପଣ୍ଡା ଆଜ୍ଞାମାଳ ଧରି ଆସିଥିବାବେଳେ ପଟ୍ଟଯୋଶୀ ମହାପାତ୍ରଙ୍କ ଉପସ୍ଥିତିରେ ରଥ ନିର୍ମାଣକାରୀ ବିଶ୍ୱକର୍ମା ମହାରଣା, ରୂପକାର, ଓଝା ଏବଂ ଭୋଇ ସେବକମାନଙ୍କ ଶାଢ଼ିବନ୍ଧା ନୀତି ଦେଉଳକରଣ ସମାପନ କରିଥିଲେ। ରଥତ୍ରୟ ନିର୍ମାଣର ଶୁଭାନୁକୂଳ ନିମନ୍ତେ ପୂଜା ପାଇଁ ରଖାଯାଇଥିବା ୩ଟି ଧଉରା କାଠରେ ଆଜ୍ଞାମାଳ ଲାଗି କରାଯାଇଥିଲା। ପରେ ତିନିରଥର ମୁଖ୍ୟ ମହାରଣାମାନଙ୍କ ଦ୍ୱାରା ଅନୁକୂଳ ନୀତି ସମ୍ପନ୍ନ ହୋଇଥିଲା। ଏହି ଅବସରରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ, ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ସମର୍ଥ ବର୍ମା, ଆରକ୍ଷୀ ଅଧୀକ୍ଷକ ଡ. କନୱର ବିଶାଳ ସିଂହ, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ ଜେନା, ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ, ଜିଲା ପ୍ରଶାସନ ଏବଂ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ଥିଲେ। ଅନୁକୂଳ କାର୍ଯ୍ୟ ସମ୍ପନ୍ନ ପରେ ଠାକୁର, ଠାକୁରାଣୀ ଚାପ ଖେଳିବାକୁ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ନରେନ୍ଦ୍ର ପୁଷ୍କରିଣୀ ଚନ୍ଦନ ଚକଡ଼ା ଅଭିମୁଖେ ଯାତ୍ରା କରିଥିଲେ।



ରାଜନଅରସ୍ଥିତ ଅସ୍ଥାୟୀ ରଥଖଳାରେ ରଥକାଠ ଅନୁକୂଳ ନିମନ୍ତେ ମହାପ୍ରଭୁଙ୍କ ଆଜ୍ଞାମାଳ ବିଜେ କରାଯାଉଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ବନ୍ଧୁମାନଙ୍କ ଅନୁରୋଧକ୍ରମେ ଦୂରଯାତ୍ରା କରିବାକୁ ପଡ଼ିପାରେ। ସାହିତ୍ୟ, କଳାସଙ୍ଗୀତ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ପରିବାରରେ ନିଜ ଲୋକମାନଙ୍କ ପକ୍ଷପାତିତାକୁ ଦେଖି ବ୍ୟସ୍ତ ହେବେ। କୃତି ଓ କୃତିତ୍ୱ ସକାଶେ ସାମାଜିକ ସମ୍ମାନ ହେତୁ ଉଚ୍ଚସ୍ତରରେ ସମ୍ପର୍କ ସ୍ଥାପନ ହେବ।

**ବୃଷ** ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟିହେବା ସାଙ୍ଗକୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ ସାଧନ କରିବେ। ସହକର୍ମୀଙ୍କ ପରାମର୍ଶ କ୍ରମେ କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ଶିକ୍ଷା, ବାଣିଜ୍ୟ, ପରିବହନ, ନିର୍ମାଣ, ଆଇନ, ଅବକାରୀ, ଜମିଜମା କ୍ଷେତ୍ରରେ କାର୍ଯ୍ୟ ସାଧିତ ହେବ। ଆନୁଷ୍ଠାନିକ କାମ ସକାଶେ ଘର ସାଜସଜ୍ଜାରେ ବ୍ୟସ୍ତ ରହିପାରନ୍ତି।

**ମିଥୁନ** ଅର୍ଥ ସମ୍ପର୍କିତ ବିବାଦ ବୃଦ୍ଧି ବନ୍ଧୁ ସମ୍ପର୍କକୁ କ୍ଷୁଣ୍ଣ କରିପାରେ। ତଥାପି ପୁନର୍ବସୁ ନକ୍ଷତ୍ର ସକାଶେ ପ୍ରତ୍ୟେକ ପରିସ୍ଥିତିରେ ନିଜଲୋକ ଦ୍ୱାରା ସାହାଯ୍ୟ, ସହଯୋଗର ଅଭାବ ରହିବ ନାହିଁ। ସନ୍ତାନ ହେତୁକ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡିପାରେ। ପରୋକ୍ଷ ଶତ୍ରୁତା କେତେକ କାମକୁ ସାମୟିକ ଅଟକାଇ ଦେଇପାରେ।

**କର୍କଟ** ପରିସ୍ଥିତିରେ ଅଙ୍କାବଙ୍କା ରାସ୍ତାରେ ଇଚ୍ଛା ନ ଥାଇ ମଧ୍ୟ ଚାଲିବାକୁ ବାଧ୍ୟ ହେବେ। ପାରିବାରିକ ଆବଶ୍ୟକତାକୁ ନେଇ ଖର୍ଚ୍ଚାନ୍ତ ହେବାକୁ ବାଧ୍ୟ ହେବେ। କର୍ମକ୍ଷେତ୍ରରେ ପୁନର୍ବସୁ ନକ୍ଷତ୍ର ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। କେତେକଙ୍କ କ୍ଷେତ୍ରରେ ଗୁପ୍ତ ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି ପାଇପାରେ, ଏଣୁ ସାବଧାନତା ଆବଶ୍ୟକ।

**ସିଂହ** ଆଜି ନିଜର କଥା ଓ ବ୍ୟବହାରରେ ସଂଯମତା ଅବଲମ୍ବନ କଲେ ଉପକୃତ ହୋଇପାରିବେ। କର୍ମକ୍ଷେତ୍ରରେ ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ସଭାସମିତିରେ ଉଚ୍ଚବର୍ଗର ବ୍ୟକ୍ତି ବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ। ଦୀର୍ଘ ସମୟ ଅତିକ୍ରାନ୍ତ ପରେ ଖୋଜୁଥିବା ଜିନିଷ ହଠାତ୍ ପାଇଯିବେ।

**କନ୍ୟା** ବିକ୍ଷିପ୍ତ ଭାବଧାରାର ଅବ୍ୟବସ୍ଥିତ ମନ ଜୀବନଯାତ୍ରାକୁ ବିଶୃଙ୍ଖଳିତ କରିପାରେ। ସବୁ ପ୍ରକାର ସୁବିଧା ଥିଲେ ମଧ୍ୟ ପାରିବାରିକ ଜୀବନରେ କିଛିଟା ଅଭାବ ଅନୁଭବ କରିବେ। କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି। ସାମାଜିକ କ୍ଷେତ୍ରରେ ପଡୋଶୀ କେହି ପ୍ରତିବାଦର ସ୍ୱର ଉତ୍ତୋଳନ କରିପାରନ୍ତି।

**ତୁଳା** ମାନସିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ଶାରୀରିକ ସୁସ୍ଥତା ଓ ମାନସିକ ସ୍ଥିରତା ରକ୍ଷାରେ ସମର୍ଥ ହେବେ। ଶାନ୍ତ ମନରେ ସବୁ କାମକୁ କରିବାର ଧୈର୍ଯ୍ୟ ପୂର୍ଣ୍ଣମାତ୍ରାରେ ରହିବ। ମାଲିମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ ହୋଇଯିବ। ପରିସ୍ଥିତିବଶତଃ କର୍ମକ୍ଷେତ୍ରରେ ଅପ୍ରିୟ ସତ କହି ବିରୋଧୀ ହୋଇପାରନ୍ତି।

**ବିଛା** ସ୍ୱାସ୍ଥ୍ୟରେ ଉନ୍ନତି, ଆର୍ଥିକ ପ୍ରଗତି, ଉନ୍ନତ ଚିନ୍ତା ଓ କାର୍ଯ୍ୟଧାରାର ଶୃଙ୍ଖଳା ଦିନଟିକୁ ଖୁସିରେ କଟିବାରେ ସାହାଯ୍ୟ କରିବ। ଅନୁରାଧା ନକ୍ଷତ୍ରର ବିଭିନ୍ନ ପାରିବାରିକ ସମସ୍ୟା ଚିନ୍ତାକରି ମନ ଭାରାକାନ୍ତ ରହିବ। କ୍ରୀଡ଼ା, କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ସଫଳତା ମିଳିପାରେ। କିନ୍ତୁ ନିଜ ସମ୍ପର୍କକୁ କେନ୍ଦ୍ର କରି ସମାଲୋଚିତ ହୋଇପାରନ୍ତି।

**ଧନୁ** ଆଜି ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। କଠୋର କଥା କିମ୍ବା ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେଇପାରେ। ତଥାପି ଅଫିସ୍ କାମରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବେ। ରାଜନୀତିରେ କିମ୍ବା ସାଂଗଠନିକ କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**ମକର** ଆପଣ ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ବିଭିନ୍ନ ସୂତ୍ରରୁ ରୋଜଗାର ବୃଦ୍ଧି ପାଇବ ଓ କୌଣସି କ୍ଷେତ୍ରରେ ତାହାକୁ ବିନିଯୋଗ କରିବା ପାଇଁ ଚେଷ୍ଟା କରିବେ। ଗଣତନ୍ତ୍ରର ପ୍ରତୀକ ଶନି ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ କରାଇବ। ଜମିଜମା ବିବାଦର ସମାଧାନ ହେବାର ସମ୍ଭାବନା ରହିଛି।

**କୁମ୍ଭ** ଅନ୍ୟମାନଙ୍କ ପରୋକ୍ଷ ଶତ୍ରୁତା ଆପଣଙ୍କ କୌଣସି କାମକୁ ଅଟକାଇ ପାରିବ ନାହିଁ। ସହକର୍ମୀଙ୍କ ସହାୟତାରେ ବକେୟା ଆଦାୟରେ ସକ୍ଷମ ହେବେ। ପୁତ୍ରକନ୍ୟାଙ୍କ ହେତୁକ କେତେକ ସମସ୍ୟାକୁ ନେଇ ଚିନ୍ତିତ ହୋଇପାରନ୍ତି। କଥାରେ ସଂଯମତା, ଅର୍ଥରେ ମିତବ୍ୟୟତା, ଚିନ୍ତାରେ ଶୃଙ୍ଖଳତା ରକ୍ଷାକଲେ ଉପକୃତ ହେବେ।

**ମୀନ** କେତେକ କ୍ଷେତ୍ରରେ କଥାରେ ଓ କାର୍ଯ୍ୟରେ ଜିଦ୍‌ଖୋର ଯୋଗୁ ହଇରାଣ ହୋଇପାରନ୍ତି। ସଭାସମିତି, ଆଲୋଚନା, ସମ୍ପର୍କ ସ୍ଥାପନ ତଥା ବାଣିଜ୍ୟ, ନିର୍ମାଣ, ଶେୟାର ବଜାରରେ ଲାଭବାନ ହେବେ। ବିଶିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ପ୍ରଶଂସିତ ହେବେ। ଜହ୍ନମାମୁ ଭଳି ସମସ୍ତଙ୍କର ଆଦରଣୀୟ ହେବା କାରଣକୁ ନେଇ ଈର୍ଷାପରାୟଣ ବ୍ୟକ୍ତିଙ୍କ ଗାତ୍ରଦାହ ହୋଇପାରେ।

ଆଜି ବୈଶାଖ ଶୁକ୍ଳ ଚତୁର୍ଥୀ ଯୁକ୍ତ ୫ମୀ ସୋମବାର, ଏପ୍ରିଲ ୨୪ ତାରିଖ, ମାନବ ଏକତା ଦିବସ, ସତ୍ୟସାଇବାବାଙ୍କ ତିରୋଧାନ ଦିବସ, ରାଶି ନକ୍ଷତ୍ର, ମୃଗଶିରା/ବୃଷ, ଘ.୦୧।୧୩ ମି ଗତେ, ମିଥୁନ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୨୬ ଗତେ, ଘ.୦୭।୦୧ ମଧ୍ୟେ, ଘ. ୧୦।୨୯ ଗତେ, ଘ.୦୧।୦୦ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୭।୦୧ ଗତେ, ଘ.୦୮।୩୫ ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ବସୁଧୈବ କୁଟୁମ୍ବକମ୍ ...

ଓ ନେତାଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି। ସେବାର ସଂସ୍କୃତିକୁ ଆଗକୁ ନେବା, ବିକାଶକୁ ଆଗକୁ ନେବା, ଓଡ଼ିଶା ମା'ର ଗୌରବକୁ ଆହୁରି ଉଜ୍ଜ୍ୱଳ କରିବା ଲାଗି ନିଜକୁ ସମର୍ପିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଆହ୍ୱାନ ଜଣାଇଛନ୍ତି। ଏହି ଅବସରରେ ଗୋଟିଏ ପରେ ଗୋଟିଏ ୩୦ ଜିଲାର ଏମ୍‌ପି, ବିଧାୟକ, ବରିଷ୍ଠ ନେତା, କର୍ମୀମାନେ ନିଜ ଅଞ୍ଚଳର ପ୍ରସିଦ୍ଧ କଳା, ସ୍ଥାପତ୍ୟ, ଲୋକକଳା ଆଦି ମୁଖ୍ୟମନ୍ତ୍ରୀଙ୍କୁ ଉପହାର ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ଦିଆଯାଇଥିବା ଉପହାରଗୁଡ଼ିକ ଶଙ୍ଖ ଭବନରେ ସ୍ଥାନ ପାଇବ। ସମ୍ପୃକ୍ତ ଜିଲାରୁ ଆସୁଥିବା ନେତା ଓ କର୍ମୀମାନେ ସେମାନଙ୍କ ପ୍ରଦତ୍ତ କଳାକୃତିଗୁଡ଼ିକୁ ପରବର୍ତ୍ତୀ ସମୟରେ ଦେଖିପାରିବେ। ବିଜୁ ଛାତ୍ର, ଯୁବ, ମହିଳା ଜନତା ଦଳର କର୍ମୀ ଓ ନେତାମାନେ ମୁଖ୍ୟମନ୍ତ୍ରୀଙ୍କ ସହ ଫଟୋ ଉଠାଇଥିଲେ। ଉଦ୍‌ଘାଟନୀ ଉତ୍ସବ ପରେ ମୁଖ୍ୟମନ୍ତ୍ରୀ ଶଙ୍ଖ ଭବନର ତୃତୀୟ ମହଲାରେ ଥିବା ନିଜ ଚାମ୍ବରକୁ ଯାଇଥିଲେ। ସେଠାରେ ସେ ଦଳର ବରିଷ୍ଠ ନେତାମାନଙ୍କ ସହ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ ୧୦ଟା ୩୫ରେ ବିଜେଡି କାର୍ଯ୍ୟାଳୟ ପରିସରରେ ପହଞ୍ଚିଥିଲେ। ସେ ପ୍ରଥମେ ଗଣେଶ ଓ ମହାପ୍ରଭୁ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ଦେଇ ପ୍ରଥମ ମହଲାକୁ ଯାଇଥିଲେ। ସେଠାରେ ସେ ଶଙ୍ଖ ଭବନ ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିଲେ।

ଚାରି ମହଲା ବିଶିଷ୍ଟ ଶଙ୍ଖ ଭବନର ସମ୍ମିଳନୀ କକ୍ଷଗୁଡ଼ିକରେ ଉତ୍କଳମଣି ଗୋପବନ୍ଧୁ ଦାସ, ଉତ୍କଳଗୌରବ ମଧୁସୂଦନ ଦାସ, ଆଦିକବି ସାରଳା ଦାସ, ବୀର ସୁରେନ୍ଦ୍ର ସାଏ, ବକ୍ସି ଜଗବନ୍ଧୁ, ଭୀମ ଭୋଇ, କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜ, ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ଶହୀଦ୍ ଲକ୍ଷ୍ମଣ ନାୟକ, ପଣ୍ଡିତ ରଘୁନାଥ ମୁର୍ମୁ, ବିର୍ସା ମୁଣ୍ଡା, ରେଣ୍ଡୋ ମାଝି, ଧରଣୀଧର ଭୂୟାଁ, ମା' ରମାଦେବୀ, ପାର୍ବତୀ ଗିରି, ଫକୀରମୋହନ ସେନାପତି, ଗଙ୍ଗାଧର ମେହେର, କୁନ୍ତଳା କୁମାରୀ ସାବତ ଓ ବାଜି ରାଉତଙ୍କ ପରି ବରପୁତ୍ରମାନଙ୍କ ଉକ୍ତି ଖୋଦିତ ହେବ। ଏଥିସହିତ ଏଠାରେ ମହାତ୍ମା ଗାନ୍ଧୀଙ୍କ ପ୍ରସିଦ୍ଧ ଟିଲିସ୍ମ୍ୟାନ (ତାବିଜ) ଶୋଭା ପାଇବ ଏବଂ ଓଡ଼ିଶାର ୩୦ ଜିଲାର ପ୍ରସିଦ୍ଧ ସାମଗ୍ରୀ ଓ ଶ୍ରେଷ୍ଠ କଳାକୃତି ମଧ୍ୟ ସ୍ଥାନ ପାଇବ। ଶଙ୍ଖ ଭବନରେ ପ୍ରତି ସପ୍ତାହରେ ରକ୍ତଦାନ କାର୍ଯ୍ୟକ୍ରମ କରାଯିବ। ଏହାସହିତ ଗରିବ ଲୋକଙ୍କ ବିବାହ ଓ ଅନ୍ୟ ସାମାଜିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହେବ। ତଳ ମହଲା ପାର୍କିଂ ପାଇଁ ରଖାଯାଇଥିବା ବେଳେ ପ୍ରଥମ ମହଲାରେ ୧ ହଜାରରୁ ଊର୍ଦ୍ଧ୍ୱ ଲୋକ ବସିବା ଭଳି କନ୍‌ଭେନ୍‌ଶନ୍ ହଲ, ୨୫୦ ସିଟ୍ ବିଶିଷ୍ଟ ଅଡିଟୋରିୟମ କରାଯାଇଛି। ଏଥିସହିତ ଗଣମାଧ୍ୟମ ପ୍ରତିନିଧିଙ୍କ ଲାଗି ମଧ୍ୟ କନ୍‌ଫରେନ୍ସ ହଲ ରହିଛି। ଦ୍ୱିତୀୟ ମହଲାରେ ୩୦ଟି ରୁମ୍ ରହିଛି। ତୃତୀୟ ମହଲାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଇଁ ସ୍ୱତନ୍ତ୍ର କାର୍ଯ୍ୟାଳୟ କରାଯାଇଥିବାବେଳେ ଦଳୀୟ କର୍ମକର୍ତ୍ତାଙ୍କ ପାଇଁ ସ୍ୱତନ୍ତ୍ର ଚାମ୍ବର କରାଯାଇଛି। ଏଠାରେ ଆଇଟି ସେଲ୍ ପାଇଁ ମଧ୍ୟ ଏକ କାର୍ଯ୍ୟାଳୟ ରହିଛି। ଏଥିରେ କ୍ୟାଣ୍ଟିନ ସହ ଅତ୍ୟାଧୁନିକ ସୁବିଧା ରହିଛି।

ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଥିବାରୁ ସକାଳ ୭ଟାରୁ ବିଭିନ୍ନ ଅଞ୍ଚଳରୁ ଛାତ୍ର, ଯୁବ, ମହିଳା କର୍ମୀ, ବରିଷ୍ଠ ନେତାମାନେ ବିଜେଡି ନୂତନ କାର୍ଯ୍ୟାଳୟ ଶଙ୍ଖଭବନ ଅଭିମୁଖେ ବାହାରିଥିଲେ। ଏଜି ଛକରୁ ଏୟାରପୋର୍ଟ ଛକ ଯାଏ ରାସ୍ତାରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ବାଦ୍ୟ ଓ ନୃତ୍ୟରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ଦଳୀୟ ନେତାମାନଙ୍କୁ ବିଜେଡି ଶଙ୍ଖ ଚିହ୍ନ ଥିବା ଗାମୁଛା ଓ ଫୁଲ ଦେଇ ସ୍ୱାଗତ କରାଯାଇଥିଲା। ତଳ ମହଲାରେ ଯୁବ, ଛାତ୍ର, ମହିଳା ନେତା ଓ କର୍ମୀ, କର୍ପୋରେଟର, ଜିଲା ସଭାପତି, ବ୍ଲକ ସଭାପତିମାନେ ବସି ଏଲ୍‌ସିଡି ଜରିଆରେ ଉଦ୍‌ଘାଟନୀ ଉତ୍ସବ ଦେଖିବା ସହ ମୁଖ୍ୟମନ୍ତ୍ରୀଙ୍କ ଭାଷଣ ଶୁଣିଥିଲେ। କର୍ମୀମାନଙ୍କୁ ଜଗନ୍ନାଥଙ୍କ ମହାପ୍ରସାଦ ପ୍ରଦାନ କରାଯାଇଥିଲା।

### ଚେର ଲମ୍ବିଛି, ତଦନ୍ତ ...

ସମ୍ପର୍କରେ କେହି ହେଲେ ମୁହଁ ଖୋଲୁ ନାହାନ୍ତି। ଗତ ମାର୍ଚ୍ଚ ୨୩ ତାରିଖରେ ବଲାଙ୍ଗୀର ଡାକମଣ୍ଡଳ ଗ୍ରାମୀଣ ଡାକସେବକ ପଦ ପାଇଁ ସାର୍ଟିଫିକେଟ୍ ଭେରିଫିକେଶନ ବେଳେ ଜିଲା ଡାକ ଅଧୀକ୍ଷକ ରାଜେନ୍ଦ୍ର କୁମାର ପଟ୍ଟନାୟକ କିଛି ସାର୍ଟିଫିକେଟ ଜାଲ୍ ସନ୍ଦେହ କରି ଟାଉନ୍ ଥାନାରେ ରିପୋର୍ଟ କରିଥିଲେ। ବଲାଙ୍ଗୀର ଏସ୍‌ପି ନୀତିନ କୁଶଲ୍‌କରଙ୍କ ନିର୍ଦ୍ଦେଶରେ ଟାଉନ୍ ଥାନା ପୋଲିସ ଏନେଇ ମାମଲା ରୁଜୁ କରି ବଲାଙ୍ଗୀର ରିଲାଏନ୍ସ କୋଚିଂ ସେଣ୍ଟରରେ ଚଢ଼ାଉ କରି ବିପୁଳ ମାତ୍ରାରେ ଜାଲ୍ ସାର୍ଟିଫିକେଟ୍ ଜବତ କରିଥିଲା। ଏହି ମାମଲାରେ ପୋଲିସ ରିଲାଏନ୍ସ କୋଚିଂ ସେଣ୍ଟରର ମାଲିକ ମନୋଜ ମିଶ୍ର ଏବଂ ସହଯୋଗୀ ଆଲୋକ ରଞ୍ଜନ ଉଦ୍‌ଗାତାଙ୍କ ସମେତ ୧୯ ଜଣଙ୍କୁ ଗିରଫ କରିଥିଲା। ଉକ୍ତ କୋଚିଂ ସେଣ୍ଟରରୁ ଦେଶର ଉତ୍ତରପ୍ରଦେଶ ସମେତ ବିଭିନ୍ନ ରାଜ୍ୟର ୪୧ଟି ସ୍କୁଲ, କଲେଜ ଏବଂ ବିଶ୍ୱବିଦ୍ୟାଳୟର ନାମ ଉଲ୍ଲେଖ ଥିବା ୫ ହଜାରରୁ ଊର୍ଦ୍ଧ୍ୱ ଜାଲ୍ ସାର୍ଟିଫିକେଟ୍ ଜବତ କରିବା ପରେ ଏହା ଏକ ଜାତୀୟସ୍ତରର ସ୍କାମ୍ ବୋଲି ଏସ୍‌ପି କୁଶଲ୍‌କର କହିଥିଲେ। ଏହି ମାମଲାକୁ ନେଇ ସେତେବେଳେ ବିଧାନସଭା ହୁଲସ୍ଥୂଲ ହୋଇଥିଲା। ଜାଲ୍ ସାର୍ଟିଫିକେଟ୍ କାରବାରର ଅଭିଯୁକ୍ତ ମନୋଜ ମିଶ୍ରଙ୍କ ସହ ଶାସକ ଦଳର କେତେଜଣ ନେତାମନ୍ତ୍ରୀଙ୍କ ସମ୍ପୃକ୍ତି ବିଷୟରେ ଅଭିଯୋଗ ଓ ଚର୍ଚ୍ଚା ଉଠିବା ପରେ ରାଜ୍ୟ ସରକାର କ୍ରାଇମ୍‌ବ୍ରାଞ୍ଚକୁ ଏହି ମାମଲାର ତଦନ୍ତ ଦାୟିତ୍ୱ ଦେଇଥିଲେ। ଗତ ୧ତାରିଖଠାରୁ କ୍ରାଇମ୍‌ବ୍ରାଞ୍ଚ ଡିଏସ୍‌ପି ଦେବବ୍ରତ ଚକ୍ରଙ୍କ ନେତୃତ୍ୱରେ ୫ଜଣିଆ କ୍ରାଇମ୍‌ବ୍ରାଞ୍ଚ ଟିମ୍ ବଲାଙ୍ଗୀର ଆସିଥିଲେ। ଅଭିଯୁକ୍ତ ମନୋଜ ମିଶ୍ର ଓ ଆଲୋକ ଉଦ୍‌ଗାତାଙ୍କ ସହ ଅନ୍ୟ ଦୁଇ ଅଭିଯୁକ୍ତ ତ୍ରିବିହାରୀ ପଣ୍ଡା ଏବଂ ପରେଶ ବୁଡେକଙ୍କୁ ୩ ଦିନିଆ ରିମାଣ୍ଡରେ ଆଣି କ୍ରାଇମ୍‌ବ୍ରାଞ୍ଚ ପଚରାଉଚରା କରିଥିଲା। କ୍ରାଇମ୍‌ବ୍ରାଞ୍ଚ ଆଇଜି ଅମିତେନ୍ଦ୍ରନାଥ ସିହ୍ନା ମଧ୍ୟ ବଲାଙ୍ଗୀରରେ କ୍ୟାମ୍ପ କରିଥିଲେ। କ୍ରାଇମ୍‌ବ୍ରାଞ୍ଚ ଟିମ୍ ଦୁଇ ମୁଖ୍ୟ ଅଭିଯୁକ୍ତ ମନୋଜ ଏବଂ ଆଲୋକଙ୍କ ଘରେ ଚଢ଼ାଉ କରିଥିଲା। ରିମାଣ୍ଡ ଅବଧିରେ ପଚରାଉଚରା ବେଳେ ଅଭିଯୁକ୍ତମାନଙ୍କଠାରୁ କ୍ରାଇମ୍‌ବ୍ରାଞ୍ଚ ଗୁରୁତ୍ୱପୂର୍ଣ୍ଣ ଇନ୍‌ପୁଟ୍ ପାଇଥିବା କୁହାଯାଇଥିଲା। ଜାଲ୍ ସାର୍ଟିଫିକେଟ୍‌ର ଚେର ରାଜ୍ୟର ବିଭିନ୍ନ ଜିଲା ସମେତ ଦେଶର ବିଭିନ୍ନ ରାଜ୍ୟକୁ ଲମ୍ବିଥିବା ସୂଚନା ଦିଆଯାଇଥିଲା। ଏଥିପାଇଁ ବଡ଼ଧରଣର କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି ବୋଲି କୁହାଯିବା ସହ ଜାଲ୍ ସାର୍ଟିଫିକେଟ୍‌ରେ ଏକ ବଡ଼ଧରଣର ଆର୍ଥିକ କାରବାର ହୋଇଥିବା ସୂଚନା ଦିଆଯାଇଥିଲା। ଏପରି କି ଆର୍ଥିକ କାରବାର ଉପରେ ତଦନ୍ତ କରିବାକୁ ଅଭିଯୁକ୍ତ ମନୋଜ ମିଶ୍ରଙ୍କ ସମ୍ପତ୍ତି ବାଜ୍ୟାପ୍ତି ଦିଗରେ କ୍ରାଇମ୍‌ବ୍ରାଞ୍ଚ ପଦକ୍ଷେପ ନେଉଥିବା ସୂଚନା ଦିଆଯାଇଥିଲା। ଜାଲ୍ ସାର୍ଟିଫିକେଟ୍ କାରବାର ଏକ ଆନ୍ତଃରାଜ୍ୟ ରାକେଟ ହୋଇଥିବାରୁ ଏଦିଗରେ ଆବଶ୍ୟକ ପଡ଼ିଲେ କ୍ରାଇମ୍‌ବ୍ରାଞ୍ଚ ଟିମ୍ ରାଜ୍ୟ ବାହାରକୁ ଯିବ ବୋଲି କୁହାଯାଇଥିଲା। ୧୫ ଦିନ ରହଣି ଭିତରେ କ୍ରାଇମ୍‌ବ୍ରାଞ୍ଚ ଅଧିକାରୀ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଉଚ୍ଚ ଅଧିକାରୀଙ୍କ ନିର୍ଦ୍ଦେଶକୁ ଅପେକ୍ଷା କରିଥିବା କହିଥିଲେ। ମାତ୍ର ୧୫ ଦିନର ତଦନ୍ତ ପରେ କ୍ରାଇମ୍‌ବ୍ରାଞ୍ଚ ଟିମ୍ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ବଲାଙ୍ଗୀରରୁ ଫେରିଯାଇଥିଲା। ମାମଲାର ପର୍ଦ୍ଦାଫାଶକୁ ଏକ ମାସ ସମୟ ଅତିବାହିତ ହୋଇଯାଇଥିଲେ ମଧ୍ୟ କ୍ରାଇମ୍‌ବ୍ରାଞ୍ଚ ଟିମ୍‌ର ଅଗ୍ରଗତି ସମ୍ପର୍କରେ କିଛି ସୂଚନା ମିଳିପାରୁ ନାହିଁ। ତଦନ୍ତ ବେଳେ ଜାଲ୍ ସାର୍ଟିଫିକେଟ୍ କାରବାରରେ ଅନେକ ବଡବଡିଆଙ୍କ ସମ୍ପୃକ୍ତି ଆସିଥିବାରୁ ଏବଂ ଆଗକୁ ନିର୍ବାଚନ ଥିବାରୁ କାଳେ ଫଳ ଓଲଟା ହେବ ଏହି ଭୟରେ କ୍ରାଇମ୍‌ବ୍ରାଞ୍ଚକୁ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦିଆଯାଇ ନ ଥିବା ଚର୍ଚ୍ଚାର ବିଷୟ ହୋଇଛି। ମାମଲାର ତଦନ୍ତ ସମ୍ପର୍କରେ ବଲାଙ୍ଗୀର ଏସ୍‌ପିଙ୍କୁ ପଚାରିବାରେ ତଦନ୍ତ ଭାର କ୍ରାଇମ୍‌ବ୍ରାଞ୍ଚ ନେଇଥିବାରୁ ସେ ଏନେଇ କିଛି କହିପାରିବେ ନାହିଁ ବୋଲି କହିଛନ୍ତି। ଅପରପକ୍ଷରେ କ୍ରାଇମ୍‌ବ୍ରାଞ୍ଚ ଡିଏସ୍‌ପି ଦେବବ୍ରତଙ୍କ ମତାମତ ନେବାକୁ ତାଙ୍କ ମୋବାଇଲ୍ ନମ୍ବର ୭୦୦୮୧୯୧୯୫୮ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

### ଖଲିସ୍ତାନୀ ଅମ୍ରିତ୍‌ପାଲ ...

ଥାନାରେ ଧସେଇ ପଶି ଖଣ୍ଡା ବୁଲାଇଥିଲେ। ନିଜର ଜଣେ ସମର୍ଥକଙ୍କ ମୁକ୍ତି ଦାବିରେ ସେଠାରେ ସେମାନେ ଭଙ୍ଗାରୁଜା କରିଥିଲେ। ମାର୍ଚ୍ଚ ୧୮ରୁ ପୋଲିସ ତାଙ୍କ ପଛରେ ପଡ଼ିଥିଲା। କିନ୍ତୁ ପୋଲିସ ଡାଳେ ଡାଳେ ଗଲେ ଅମ୍ରିତ୍‌ପାଲ ପତ୍ରେ ପତ୍ରେ ଯାଉଥିଲେ। ଅନେକ ସମୟରେ ଅତି ନିକଟତର ହୋଇ ମଧ୍ୟ ଏହି ବିଚ୍ଛିନ୍ନତାବାଦୀ ନେତାଙ୍କୁ ଧରିବାରେ ପୋଲିସ ବିଫଳ ହୋଇଥିଲା। ଏନେଇ ମାର୍ଚ୍ଚ ୨ରେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ସହ ବୈଠକ କରିଥିଲେ। ପଞ୍ଜାବର ଶାସକ ଆମ୍ ଆଦ୍‌ମୀ ପାର୍ଟି (ଏଏପି), କେନ୍ଦ୍ର ଏବଂ ଆସାମର ଭାଜପା ସରକାର ତାଙ୍କୁ ଧରିବାକୁ ଯୋଜନା ଚଳାଇଥିବାବେଳେ ଅମ୍ରିତ୍‌ପାଲ ମୋଗା ଜିଲା ରୋଡେ ଗ୍ରାମସ୍ଥିତ ଏକ ଗୁରୁଦ୍ୱାରାରେ ଥିବା ନେଇ ପୋଲିସକୁ ଗୋଇନ୍ଦା ସୂଚନା ମିଳିଥିଲା। ରବିବାର ସକାଳ ୬ଟା ୪୬ରେ ପୋଲିସ ତାଙ୍କୁ ଚାରିପଟୁ ଘେରିଥିବାବେଳେ ପଳାୟନର କୌଣସି ସୁଯୋଗ ପାଇ ନ ଥିଲେ ଅମ୍ରିତ୍‌ପାଲ। ଶେଷରେ ସେ ଆତ୍ମସମର୍ପଣ କରିବାକୁ ବାଧ୍ୟ ହୋଇଥିଲେ ବୋଲି ପୋଲିସ ଆଇଜି ସୁଖଚେନ୍ ସିଂ ଗିଲ୍ କହିଛନ୍ତି। ପାରମ୍ପରିକ ଧଳା ବସ୍ତ୍ର ପରିହିତ ଅମ୍ରିତ୍‌ପାଲଙ୍କୁ ଜାତୀୟ ସୁରକ୍ଷା ଆଇନ (ଏନ୍‌ଏସ୍‌ଏ) ବଳରେ ପୋଲିସ ହାଜତକୁ ନେବାବେଳର ଫଟୋ ସାମାଜିକ ଗଣମାଧ୍ୟମରେ ଦେଖିବାକୁ ମିଳିଛି। ଆସାମର ଡିବ୍ରୁଗଡ଼ ସେଣ୍ଟ୍ରାଲ ଜେଲରେ ପୂର୍ବରୁ ଅମ୍ରିତ୍‌ପାଲଙ୍କ ୮ ସହଯୋଗୀଙ୍କୁ ରଖାଯାଇଥିବାବେଳେ ଏବେ ତାଙ୍କୁ ମଧ୍ୟ ସେଠାକୁ ନିଆଯାଇଛି। ଏନ୍‌ଏସ୍‌ଏ ବଳରେ ବିନା ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ୧ ବର୍ଷ ପର୍ଯ୍ୟନ୍ତ ଅଟକ ରଖାଯାଇପାରେ। ସମାଜରେ ବିଦ୍ୱେଷ ସୃଷ୍ଟି, ହତ୍ୟା ଉଦ୍ୟମ, ପୋଲିସକୁ ଆକ୍ରମଣ ଓ ସରକାରୀ କର୍ମଚାରୀଙ୍କୁ କର୍ତ୍ତବ୍ୟ ପାଳନରେ ବାଧା ଦେବା ଭଳି ଅଭିଯୋଗରେ ଅମ୍ରିତ୍‌ପାଲ ଓ ତାଙ୍କ ସହଯୋଗୀମାନଙ୍କ ବିରୋଧରେ ଅନେକ ଆପରାଧିକ ମାମଲା ରୁଜୁ ହୋଇଛି। ଗୋଇନ୍ଦା ସଂସ୍ଥାଗୁଡ଼ିକ ମତରେ ଅମ୍ରିତ୍‌ପାଲ ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଇଣ୍ଟର ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍‌ଆଇ) ଜରିଆରେ ପଡ଼ୋଶୀ ଦେଶରୁ ଅସ୍ତ୍ରଶସ୍ତ୍ର ଆଣି ପଞ୍ଜାବରେ ସାମ୍ପ୍ରଦାୟିକ ବିଭାଜନ ସୃଷ୍ଟି କରୁଥିଲେ। ଏପରି କି ସେ ଯୁବପିଢ଼ିକୁ 'ବନ୍ଧୁକ ସଂସ୍କୃତି' ଆଡ଼କୁ ଟାଣିନେଇଥିବା ଅଭିଯୋଗ ହୋଇଆସିଛି।

### 'ଓଡ଼ିଶା ପରମ୍ପରାରେ ...

ହୋଇଥିଲା। ଏଥିରେ ସମ୍ବୋଧିତ କରି କେନ୍ଦ୍ରମନ୍ତ୍ରୀ କହିଲେ, ବିଶ୍ୱ ଦ୍ରୁତଗତିରେ ପରିବର୍ତ୍ତନ ହେଉଛି। ଏହା ସହ ତାଳ ଦେବାକୁ ହେଲେ ଦକ୍ଷତା ବିକାଶ ନିତାନ୍ତ ଆବଶ୍ୟକ। ୨୦୪୭ ସୁଦ୍ଧା ବିଶ୍ୱ ଯୁବବର୍ଗଙ୍କ ମଧ୍ୟରେ ୨୫% ଭାରତରୁ ରହିବେ। ଆଗାମୀ ଦିନରେ ଡିଗ୍ରୀ ନୁହେଁ, ଦକ୍ଷତା ଓ ସାମର୍ଥ୍ୟ ହିଁ ଗୁରୁତ୍ୱ ବହନ କରିବ। ଏ ଦିଗରେ ଜି-୨୦ ଶିକ୍ଷା ୱାର୍କିଂ ଗ୍ରୁପ୍ ବୈଠକ ବିଶେଷ ଭାବେ ସହାୟକ ହେବ। ଏକବିଂଶ ଶତାବ୍ଦୀ ଜ୍ଞାନ ଆଧାରିତ ଟେକ୍ନୋଲୋଜିର ଯୁଗ ହେବ। ଏହି ସମୟରେ ଭାରତ ବିଶ୍ୱ ଆକାଂକ୍ଷାକୁ ପୂରଣ କରିବ। ଅଟୋମେଶନ, ମେକାନାଇଜେଶନ୍, ଡିଜିଟାଇଜେଶନ ଏବଂ ଟେକ୍ନୋଲୋଜି କାର୍ଯ୍ୟ କରିବାର ପୁରୁଣା ପଦ୍ଧତିକୁ ପରିବର୍ତ୍ତନ କରି ନୂଆ ନୂଆ ଚାକିରି ସୁଯୋଗ ସୃଷ୍ଟି କରୁଛି। ଏହାର ଅର୍ଥ ଆମକୁ ସବୁବେଳେ ସ୍କିଲ୍, ରି ସ୍କିଲ୍ ଏବଂ ଅପ୍ ସ୍କିଲର ଆବଶ୍ୟକତା ରହିଛି। ଜି-୨୦ ଜନଭାଗିଦାରୀରେ ଓଡ଼ିଶାବାସୀଙ୍କ ଯୋଗଦାନ ଉତ୍ସାହପୂର୍ଣ୍ଣ। ଏଥିରେ ଶିଳ୍ପସମୂହ, ଶିକ୍ଷାନୁଷ୍ଠାନ, ଷ୍ଟାର୍ଟଅପ୍ ପରିସଂସ୍ଥାନ ଏବଂ ଷ୍ଟେକ୍‌ହୋଲ୍ଡର ଜି-୨୦ ଭବିଷ୍ୟତର କାର୍ଯ୍ୟଶୈଳୀ ଓ ଦକ୍ଷତା ଫ୍ରେମ୍‌ୱାର୍କରେ ସାମିଲ ହୋଇ ଭାରତକୁ ବିଶ୍ୱ ମାନବ ସମ୍ବଳର ପେଣ୍ଠସ୍ଥଳ କରିବାକୁ କେନ୍ଦ୍ରମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟର ସଚିବ ଅତୁଲ କୁମାର ତିୱାରୀ ଯୋଗଦେଇ କାର୍ଯ୍ୟକ୍ରମର ବିଭିନ୍ନ ଦିଗ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ୪ଟି ପ୍ରମୁଖ ବିଷୟ - ଫାଉଣ୍ଡେଶନ ଲିଟେରାସି ଆଣ୍ଡ୍ ନ୍ୟୁମରେସି, ଏଡୁଟେକ୍, ରିସର୍ଚ୍ଚ ଏବଂ ଭବିଷ୍ୟତର ଦକ୍ଷତା ସମ୍ପର୍କରେ ଚର୍ଚ୍ଚା କରାଯିବ। ଜି-୨୦ରେ ବିଭିନ୍ନ ଦେଶ ଅଂଶଗ୍ରହଣ କରିବା ସହ ନିଜର ଚିନ୍ତାଧାରା ବାଣ୍ଟିବେ। ଏପ୍ରିଲ ୧ରୁ ଜନଭାଗିଦାରୀ ଅନ୍ତର୍ଗତ ବିଭିନ୍ନ ଅନୁଷ୍ଠାନ ଏବଂ ଅନ୍ୟ ସଂଗଠନକୁ ସାମିଲ କରାଯାଇଛି। ଭୁବନେଶ୍ୱର ପାଇଁ ଏହା ଏକ ଭଲ ସୁଯୋଗ ଆଣିଦେବ। ଏଥିରେ ଭବିଷ୍ୟତର ଜ୍ଞାନକୌଶଳ ସମ୍ପର୍କରେ ଅନ୍ୟମାନେ ଜାଣିପାରିବେ ବୋଲି ତିୱାରୀ କହିଥିଲେ।

ପରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଶିକ୍ଷା, ସ୍ୱାସ୍ଥ୍ୟ, ମୋବିଲିଟି, ମେଟାଭର୍ସ, ରିଭର୍ସ ଇଞ୍ଜିନିୟରିଂ, ଡ୍ରୋନ୍ ଟେକ୍ନୋଲୋଜି ସହ ହସ୍ତତନ୍ତ, ଓଡ଼ିଆ ଭାସ୍କର୍ଯ୍ୟ, କଳା ସଂସ୍କୃତି, ପାଶ୍ଚାତ୍ୟ ପଟ୍ଟା ଶୈଳୀକୁ ନେଇ ଆୟୋଜିତ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବା ସହ ବୁଲି ଦେଖିଥିଲେ। ସିଆଇଆଇ ମିଶନ୍ ଅନ୍ ଟେକ୍, ଇନୋଭେଶନ୍ ଆଣ୍ଡ୍ ରିସର୍ଚ୍ଚ ଆଣ୍ଡ୍ ଫ୍ୟୁଚର ମୋବିଲିଟିର ଚେୟାରମ୍ୟାନ୍ ବିପିନ ସୋନ୍ଧି, ୟୁଏସ୍‌ଆଇବିସି ସଭାପତି ତଥା ସାଉଥ୍ ଏସିଆ, ୟୁଏସ ଚାମ୍ବର ଅଫ୍ କମର୍ସ ଉପସଭାପତି ଆମ୍ବାସାଡର ଅତୁଲ କେସପ୍, ଜି-୨୦ ପ୍ରେସିଡେନ୍ସି ଚିଫ୍ କୋଅର୍ଡିନେଟର ହର୍ଷବର୍ଦ୍ଧନ ଶ୍ରୀଙ୍ଗ୍ଲା ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ବିଭିନ୍ନ ପର୍ଯ୍ୟାୟରେ ଆଲୋଚନା କରାଯାଇଥିଲା। ଜି-୨୦ ଶିକ୍ଷା ୱାର୍କିଂ ଗ୍ରୁପ୍‌ର ତୃତୀୟ ସଂସ୍କରଣ ବୈଠକ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ।

# ଶଙ୍ଖ ଭବନ ଲୋକାର୍ପିତ






















(୧) ଲୋକାର୍ପିତ ହୋଇଥିବା ଶଙ୍ଖ ଭବନ (୨) ଭବନ ଫାଟକ ଆଗରେ ପାରମ୍ପରିକ ବାଦ୍ୟ ପରିବେଷଣ (୩) ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶଙ୍ଖ ଭବନର ୩ୟ ମହଲାର ନିଜ ଚାମ୍ବରରେ ବସିଛନ୍ତି (୪) ଲୋକାର୍ପଣ ଉତ୍ସବରେ ଉପସ୍ଥିତ ନେତା ଓ କର୍ମୀ (୫) ଶଙ୍ଖ ଭବନର ଆଭ୍ୟନ୍ତରରେ ହୋଇଥିବା ଆକର୍ଷଣୀୟ ସାଜସଜ୍ଜା

## ନିର୍ବାଚନ ରାଜନୀତିରେ ପୁନଃପ୍ରବେଶ ଲାଗି ଅମଙ୍ଗ: ତଥାଗତ

ଭୁବନେଶ୍ୱର, ୨୩।୪(ବ୍ୟୁରୋ)

ମୁଁ ନିର୍ଦ୍ଦଳୀୟ। ଏବେ ମୁଁ କୌଣସି ଦଳରେ ନାହିଁ। ମୁଁ ଆପଣମାନଙ୍କ ଦଳରେ ଅଛି। ନିର୍ବାଚନ ରାଜନୀତିରେ ପୁନଃପ୍ରବେଶ କରିବାକୁ ଅମଙ୍ଗ ବୋଲି ରବିବାର ଶଙ୍ଖ ଭବନ ଉଦ୍‌ଘାଟନୀ ଉତ୍ସବରେ ଯୋଗଦେବା ଅବସରରେ ପୂର୍ବତନ ଏମ୍‌ପି ତଥା ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ ଗଣମାଧ୍ୟମ ପ୍ରତିନିଧିମାନଙ୍କ ପ୍ରଶ୍ନର ଉତ୍ତରରେ ଏହା କହିଛନ୍ତି। ଏହାସହ ଆଗାମୀ ଦିନରେ ମଧ୍ୟ ସେ ନିର୍ବାଚନ ଲଢ଼ିବେ ନାହିଁ ବୋଲି ଏକପ୍ରକାର ସ୍ପଷ୍ଟ କରିଛନ୍ତି।

ସୂଚନାଯୋଗ୍ୟ, ଗତ ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଆଉ ନିର୍ବାଚନ ଲଢ଼ିବେ ନାହିଁ ବୋଲି ତଥାଗତ କହିଥିଲେ। ଆଜି ମଧ୍ୟ ସେହି କଥାକୁ ସେ ଦୋହରାଇଛନ୍ତି। ଏହାପରଠାରୁ ତାଙ୍କୁ କେବେହେଲେ ବିଜେଡିର କୌଣସି ରାଜନୈତିକ ବା ସାଙ୍ଗଠନିକ କାର୍ଯ୍ୟକ୍ରମରେ ଯୋଗଦେବାର ଦେଖିବାକୁ ମିଳି ନ ଥିଲା। ୨୦୧୯ ସାଧାରଣ ନିର୍ବାଚନ ପରେ ତଥାଗତ ସତପଥୀ ପ୍ରଥମଥର ପାଇଁ ନବଗଠିତ ବିଜେଡି ଦଳୀୟ କାର୍ଯ୍ୟାଳୟକୁ ଯାଇଥିବାର ଦେଖିବାକୁ ମିଳିଥିଲା। ତାଙ୍କୁ ସେଠାରେ ଦେଖି ଗଣମାଧ୍ୟମ ପ୍ରତିନିଧିମାନେ ବିଭିନ୍ନ ପ୍ରଶ୍ନ କରିଥିଲେ।

ଗଣମାଧ୍ୟମ ତାଙ୍କୁ ଶଙ୍ଖ ଦଳ କାର୍ଯ୍ୟକ୍ରମରେ ଯୋଗଦେବା ନେଇ ପଚାରିବାରୁ ସେ କହିଛନ୍ତି, ଦଳର ସଭାପତିଙ୍କ ତରଫରୁ ତାଙ୍କୁ ନିମନ୍ତ୍ରଣ କରାଯାଇଥିଲା। ତାଙ୍କ କଥାକୁ ସମ୍ମାନ ଦିଏ। ତାଙ୍କ ସମ୍ମାନ ରକ୍ଷାକରି ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ଏବେ ସେ ନିର୍ଦ୍ଦଳୀୟ। ନିର୍ବାଚନ ରାଜନୀତିରେ ପୁନଃପ୍ରବେଶ କରିବା ପାଇଁ ସେ ଅମଙ୍ଗ। ସେଥିପାଇଁ ବହୁତ ଖୁସିରେ ଅଛନ୍ତି। ଶଙ୍ଖ ଭବନ ବିଲ୍ଡିଂଟି ବହୁତ ସୁନ୍ଦର ଏବଂ ଭଲ ହୋଇଛି ବୋଲି ତଥାଗତ କହିଛନ୍ତି। ତେବେ ୨୦୨୪ ନିର୍ବାଚନ ସମୟରେ ଯଦି ତାଙ୍କୁ ଖୋଜାପଡ଼େ ଆଉ ଡକାଯାଏ ତେବେ ସେ ଆସିବେ କି ନାହିଁ ବୋଲି ପଚାରିବାରୁ ତଥାଗତ କହିଛନ୍ତି, ଯେଉଁମାନଙ୍କୁ ଖୋଜାପଡ଼େ ସେମାନେ ଭାରି ଖୁସି ହୁଅନ୍ତି ଏବଂ ଭାବନ୍ତି ଯାହାହେଉ ତାଙ୍କୁ ଖୋଜାପଡୁଛି। ସେହିପରି ତାଙ୍କୁ ଡକାଗଲାରୁ ସେ ଆସିଲେ। କୌଣସି ନିର୍ବାଚନୀ ରାଜନୀତିରେ ତାଙ୍କର ଯିବାର ପ୍ରଶ୍ନ ଉଠୁନାହିଁ।

# ରାଜ୍ୟ ବିହନ ପରୀକ୍ଷାଗାର, କୃଷକ ନିବାସ ଉଦ୍‌ଘାଟିତ

## ଚାଷୀ ଓ କୃଷି ଛାତ୍ରୀଛାତ୍ରଙ୍କୁ ଆଧୁନିକ ପ୍ରଶିକ୍ଷଣ ଦେବାରେ ସହାୟକ ହେବ: ମନ୍ତ୍ରୀ

ଭୁବନେଶ୍ୱର, ୨୩।୪(ବ୍ୟୁରୋ)

ଅଧିକ ଅମଳ ଓ ଉତ୍ପାଦିକତା ବୃଦ୍ଧି ପାଇଁ ଉନ୍ନତମାନର ପରୀକ୍ଷିତ ବିହନର ଆବଶ୍ୟକତା ରହିଛି। ରାଜ୍ୟର ଚାଷୀଙ୍କୁ ଠିକ୍ ସମୟରେ ଉନ୍ନତମାନର ପ୍ରାମାଣିକ ବିହନ ଯୋଗାଇବା ଉପରେ ରାଜ୍ୟ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଅଧୀନରେ ଥିବା ରାଜ୍ୟ ବିହନ ପରୀକ୍ଷାଗାରର ସଂପ୍ରସାରଣ ସହିତ ଚାଷୀଙ୍କ ସୁବିଧା ପାଇଁ ନୂତନ କୃଷକ ନିବାସ ନିର୍ମାଣ କରାଯାଇଛି ବୋଲି ବିଭାଗୀୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ରବିବାର ଅକ୍ଷୟ ତୃତୀୟା ଅବସରରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମେୟର ସୁଲୋଚନା ଦାସ ଓ ଅନ୍ୟ ପଦାଧିକାରୀଙ୍କ ଉପସ୍ଥିତିରେ କୃଷି ମନ୍ତ୍ରୀ ସ୍ୱାଇଁ ସମ୍ପ୍ରସାରିତ ରାଜ୍ୟ ବିହନ ପରୀକ୍ଷାଗାର ଓ ନୂତନ କୃଷକ ନିବାସକୁ ଉଦ୍‌ଘାଟନ କରି ଏହା କହିଛନ୍ତି। ମନ୍ତ୍ରୀ କହିଲେ, ରାଜ୍ୟ ବିହନ ପରୀକ୍ଷଣ କେନ୍ଦ୍ରକୁ ଅନ୍ତର୍ଜାତୀୟ ମାନକୁ ଉନ୍ନୀତ କରିବା ଓ ଏଠାରେ ଚାଷୀ ଏବଂ ବିଭାଗୀୟ କର୍ମକର୍ତ୍ତାଙ୍କ ସମେତ କୃଷି ବିଜ୍ଞାନୀ ଛାତ୍ରୀଛାତ୍ରଙ୍କୁ ପରୀକ୍ଷଣ ଦିଗରେ ଆଧୁନିକ ପ୍ରଶିକ୍ଷଣ ଦେବାର ଲକ୍ଷ୍ୟ ରଖାଯାଇଛି। ୧୯୬୬ରେ ପ୍ରତିଷ୍ଠା କରାଯାଇଥିବା ଏହି ପରୀକ୍ଷାଗାର ଚାଷୀଙ୍କୁ ଉନ୍ନତମାନର ବିହନ ଯୋଗାଇବା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ କରିଆସୁଛି। ଏଠାରେ ବର୍ଷକୁ ଚାଷୀଙ୍କ ଦ୍ୱାରା ସଂରକ୍ଷିତ ୧୨ ହଜାରରୁ ୧୬ ହଜାର ବିହନ ନମୁନାର ଗୁଣାତ୍ମକ ମାନ ଯାଞ୍ଚ କରାଯାଉଛି। ଏଠାରେ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ଜିନ୍ ବ୍ୟାଙ୍କ୍ ପ୍ରତିଷ୍ଠା କରାଯାଇଛି। ସମଗ୍ର ଦେଶରେ ଏହି ସ୍ୱତନ୍ତ୍ର ଜିନ୍ ବ୍ୟାଙ୍କରେ ୧୦୭୮ କିସମର ସ୍ଥାନୀୟ ଧାନ ବିହନ ଓ ୨୮୩ଟି ଅଣଧାନ ବିହନ ସଂରକ୍ଷିତ କରି ରଖାଯାଇଛି। ଏଥି ମଧ୍ୟରୁ ୭୪୫ଟି ଧାନ ବିହନ ଭାରତ ସରକାରଙ୍କ ଦ୍ୱାରା ପ୍ରୋଟେକ୍ସନ୍ ଅଫ୍ ପ୍ଲାଣ୍ଟ ଭେରାଇଟିଜ୍ ରେଜିଷ୍ଟ୍ରେଶନ୍ କର୍ତ୍ତୃପକ୍ଷଙ୍କ ଦ୍ୱାରା ପଞ୍ଜୀକୃତ ହୋଇଛି। ରାଜ୍ୟ ସରକାରଙ୍କ ଏହି ଉଦ୍ୟମ ଜାତୀୟ ସ୍ତରରେ ପ୍ରଶଂସିତ ହୋଇଛି । ଜିନ୍ ବ୍ୟାଙ୍କ୍‌ରେ ୯୭ଟି ସ୍ଥାନୀୟ କିସମର ମିଲେଟ୍ ବିହନ ସଂରକ୍ଷିତ ହୋଇ ରହିଛି ବୋଲି ମନ୍ତ୍ରୀ ସ୍ୱାଇଁ କହିଛନ୍ତି।

## ଶଙ୍ଖ ଭବନ ପାଇଁ ଶ୍ରୀମନ୍ଦିରରୁ ନିଆଗଲା ମାଳମାହାର୍ଦ୍ଦ

ପୁରୀ ଅଫିସ, ୨୩।୪

ପବିତ୍ର ଅକ୍ଷୟ ତୃତୀୟା ଅବସରରେ ରବିବାର ଭୁବନେଶ୍ୱରଠାରେ ବିଜୁ ଜନତା ଦଳ (ବିଜେଡି)ର ରାଜ୍ୟ କାର୍ଯ୍ୟାଳୟ 'ଶଙ୍ଖଭବନ' ଉଦ୍‌ଘାଟିତ ହୋଇଛି। ଚାରିମହଲା ବିଶିଷ୍ଟ ଏହି କୋଠାକୁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି। ତେବେ ଏହି ଶଙ୍ଖଭବନ ଉଦ୍‌ଘାଟନ ପୂର୍ବରୁ ସକାଳେ ବିଜେଡି ଉପସଭାପତି ଦେବୀ ପ୍ରସାଦ ମିଶ୍ର ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ସେ ପୂଜାର୍ଚ୍ଚନା କରିବା ସହ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ମାଳମାହାର୍ଦ୍ଦ ଧରି ଭୁବନେଶ୍ୱର ଫେରିଯାଇଥିଲେ। ମହାପ୍ରଭୁଙ୍କ ଆଶୀର୍ବାଦ ଉଦ୍ଦେଶ୍ୟରେ ଶଙ୍ଖଭବନ ଉଦ୍‌ଘାଟନ ଉତ୍ସବରେ ଏହି ମାଳମାହାର୍ଦ୍ଦ ଲାଗିକରାଯାଇଥିବା ଜଣାପଡ଼ିଛି।

# 'କୃଷି ସମୀକ୍ଷା କେନ୍ଦ୍ର', 'ମିଲେଟ ଶକ୍ତି କାଫେ' ଲୋକାର୍ପିତ

### ଅଖିମୁଠି ଅନୁକୂଳ କଲେ ମୁଖ୍ୟମନ୍ତ୍ରୀ

### କୃଷି କର୍ମଚାରୀଙ୍କ ଶିଶୁ ସନ୍ତାନଙ୍କ ପାଇଁ ଖୋଲିଲା କ୍ରେଚ୍

ଭୁବନେଶ୍ୱର, ୨୩।୪(ବ୍ୟୁରୋ)



ଓୟୁଏଟି ଫାର୍ମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଖିମୁଠି ଅନୁକୂଳ କରୁଛନ୍ତି।



ଲୋକସେବା ଭବନରେ ମିଲେଟ ଶକ୍ତି କାଫେକୁ ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରୁଛନ୍ତି।

କୃଷକ ଦିବସ ଓ ଅକ୍ଷୟତୃତୀୟା ଅବସରରେ ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଖିମୁଠି ଅନୁକୂଳ କରିବା ସହ କୃଷି, କୃଷକ ଓ କୃଷି କର୍ମଚାରୀଙ୍କ ପାଇଁ ବହୁ ଲୋକାଭିମୁଖୀ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଛନ୍ତି। ପ୍ରଥମେ ମୁଖ୍ୟମନ୍ତ୍ରୀ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ଯାଇ ଶୈକ୍ଷିକ କୃଷି ଫାର୍ମରେ ଭୂମି ପୂଜା ସହ ଅଖିମୁଠି ଅନୁକୂଳ କରି ରାଜ୍ୟର କୃଷକମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହାପରେ ସେ ଲୋକସେବା ଭବନରେ ପହଞ୍ଚି 'ମିଲେଟ ଶକ୍ତି କାଫେ'ର ଲୋକାର୍ପଣ କରିଛନ୍ତି। ପୁଷ୍ଟି ହୀନତା ନିୟନ୍ତ୍ରଣରେ ମାଣ୍ଡିଆ ଓ ଅନ୍ୟାନ୍ୟ ମିଲେଟ୍ ଖାଦ୍ୟ ଶସ୍ୟର ଗୁରୁତ୍ୱକୁ ଅନୁଭବ କରି ରାଜ୍ୟ ସରକାର ମିଲେଟ୍ ମିଶନ କାର୍ଯ୍ୟକାରୀ କରିଛନ୍ତି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୧୪୨ଟି ମିଲେଟ୍ ଆଉଟ୍‌ଲେଟ ଖୋଲାଯାଇ ପୁଷ୍ଟି ହୀନତା ଦୂର ପାଇଁ ବଡ଼ ପଦକ୍ଷେପ ନିଆଯାଇଛି। କୃଷକ ଭାଇଭଉଣୀମାନେ କୃଷି କ୍ଷେତ୍ରରେ ସମୃଦ୍ଧି ଆଣିବା ସହିତ ରାଜ୍ୟର ପ୍ରଗତିରେ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ସେ ରାଜ୍ୟ କୃଷି ଭବନରେ 'କୃଷି ସମୀକ୍ଷା କେନ୍ଦ୍ର'ର ଉଦ୍‌ଘାଟନ କରିଛନ୍ତି। ଏହି କେନ୍ଦ୍ର ଏକ 'ସେଣ୍ଟ୍ରାଲ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସିଷ୍ଟମ' ଭାବେ କାର୍ଯ୍ୟ କରିବ। କମ୍ପ୍ୟୁଟର ଓ ସୂଚନା ପ୍ରଯୁକ୍ତିର ପ୍ରୟୋଗରେ ଏଠାରେ ଏହା କ୍ଷେତ୍ର ସ୍ତରରୁ ବିଭିନ୍ନ ସୂଚନା ବାସ୍ତବ ସମୟରେ ହାସଲ କରି ନିଷ୍ପତ୍ତି ନେବାରେ ସହାୟତା କରିପାରିବ। ବିଭିନ୍ନ ଯୋଜନାର ସଫଳ ରୂପାୟନରେ ଓ ଚାଷୀଙ୍କୁ ସହାୟତା କରିବାରେ ଏହି କେନ୍ଦ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ରାଜ୍ୟ ସରକାରଙ୍କ '୫-ଟି' ଆଭିମୁଖ୍ୟରେ ଏହି କେନ୍ଦ୍ର ସ୍ଥାପନ କରାଯାଇଛି। କୃଷି ବିଭାଗର ପ୍ରମୁଖ ସଚିବ ଅରବିନ୍ଦ ପାଢ଼ୀ ମୁଖ୍ୟମନ୍ତ୍ରୀଙ୍କୁ ଏହି କେନ୍ଦ୍ରର କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଛନ୍ତି। ଏହାସହ ଲୋକସେବା ଭବନରେ କାର୍ଯ୍ୟରତ କର୍ମଚାରୀଙ୍କ ଶିଶୁ ସନ୍ତାନଙ୍କ ପାଇଁ ଏକ କ୍ରେଚ୍ 'କଳିକା'କୁ ମଧ୍ୟ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି। ଏଥିରେ ପ୍ରାରମ୍ଭିକ ପର୍ଯ୍ୟାୟରେ ବର୍ତ୍ତମାନ ୨୦ଜଣ ଶିଶୁ ରହିବାର ବ୍ୟବସ୍ଥା କରାଯାଇଛି। ଏସବୁ କାର୍ଯ୍ୟକ୍ରମରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ଉନ୍ନୟନ କମିଶନର ଅନୁ ଗର୍ଗ, ମିଶନ ଶକ୍ତି ସଚିବ ସୁଜାତା କାର୍ତ୍ତିକେୟନ୍ ପାଣ୍ଡିଆନ୍ ଏବଂ ମହିଳା ଓ ଶିଶୁ ବିକାଶ ସଚିବ ଶୁଭା ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

**DISTRICT OFFICE, ANGUL**
**(Department of Mission Shakti)**
**No. 960/SW** **Date: 21.04.2023**
**(TENDER CALL NOTICE FOR HIRING OF VEHICLE FOR MISSION SHAKTI, OFFICE OF THE DSWO, ANGUL)**

No. g-10: Sealed tenders are invited from the intending Travel Agencies/Individuals for providing one Diesel driven vehicle having sitting capacity not more than 5 including Driver which shall confirm to the terms and conditions.
The tender notice and terms and condition can be obtained from the Office of the DSWO, Angul on payment of Rs.1,000/- Rupees (One thousand) only (non-refundable) during the office hours on any working day till 1.00 P.M. of 08.05.2023.
The tender papers containing detailed terms and conditions for hiring of vehicle can also be downloaded from the District website **www.angul.nic.in** and while submitting such tender paper a DD of Rs.2,000/- Rupees (Two thousand) only in favour of DSWO, Angul payable at Angul is to be submitted failing which the tender paper will be rejected. The tender cost of Rs.1,000/- Rupees (One thousand) only fixed is non-refundable. Tender paper complete in all respect (Technical & Financial) in separate cover along with all required documents and both cover to be kept in a separate big cover super scribed **"for Hiring of Vehicle for Mission Shakti, Office of the DSWO, Angul"** to be submitted to the DSWO Angul on or before **08.05.2023, 1.00 P.M.** by Registered/Speed Post only. The tender shall be opened on **09.05.2023 at 11.30 A.M.** in presence of the members of tender committee and tenderers or their authorized representatives. The tender received beyond the scheduled date and time shall not be taken into consideration.
Future corrigendum or other communication regarding this tender will be available only on the district website: **www.angul.nic.in** and will not be published in print media.
The tender received beyond the scheduled date and time shall not be taken into consideration. The authority reserves the right to reject/cancel any or all tenders without assigning any reason thereof and shall bear no liability what so ever consequent upon such decision.

**DSWO, ANGUL**
OIPR-19356/11/0001/2324

"ବିଶ୍ୱସୃଷ୍ଟି ଆରମ୍ଭରେ ଥିଲା ପ୍ରେମ ଏବଂ ପ୍ରେମ ହିଁ ଭଗବାନ। ... ପ୍ରେମ ହିଁ କେବଳ ପୃଥିବୀର ଦୁଃଖ ଯନ୍ତ୍ରଣା ଉପଶମ କରିବା ପାଇଁ ସମର୍ଥ। .. ଏ ବିଶ୍ୱରେ ଯେତେ ପ୍ରକାର ଶକ୍ତି କାର୍ଯ୍ୟ କରୁଛନ୍ତି- ସେମାନଙ୍କ ଭିତରେ ପ୍ରେମ ହିଁ ସବୁଠାରୁ ଅପ୍ରତିରୋଧ ଓ ସବୁଠାରୁ କ୍ଷମତାଶାଳୀ। -ଶ୍ରୀମା



# ଅଣ୍ଟା ସଳଖ ହେଉଛି

ଜମ୍ମୁ ଓ କଶ୍ମୀରର ପୁଞ୍ଚ୍ ଜିଲାରେ ଏପ୍ରିଲ ୨୦ରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୫ ଜଣ ଭାରତୀୟ ଯବାନଙ୍କ ପ୍ରାଣହାନି ଘଟିଥିବା ବେଳେ ଜଣେ ଆହତ ହୋଇଥିଲେ। ଏହି ଘଟଣା ପରେ ଏପ୍ରିଲ ୨୩ରେ ବଡ଼ଧରଣର ତଲାସି ଅଭିଯାନ ଚାଲିଥିବା ସେନା ପକ୍ଷରୁ କୁହାଯାଇଛି। ଯେଉଁଭଳି ଭାବେ ଗ୍ରେନେଡ୍ ମାଡ଼ କରାଯାଇ ସେନାଗାଡ଼ିକୁ ଜାଳି ଦିଆଗଲା, ତାହା ୨୦୧୯ରେ ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣକୁ ମନେପକାଇ ଦେଉଛି। ସେତେବେଳେ ଯବାନଙ୍କ ଗାଡ଼ି ସହ ବିସ୍ଫୋରକଭର୍ତ୍ତି କାର୍‌କୁ ଆତ୍ମଘାତୀ ପିଟି ଦେବା ପରେ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍)ର ୪୦ ଜଣ ଯବାନଙ୍କ ମୃତ୍ୟୁ ଘଟିଥିଲା। ତେବେ ପୁଲ୍‌ୱାମା ଆକ୍ରମଣରୁ କିଛି ଶିକ୍ଷା ଗ୍ରହଣ କରି ନ ଥିବା ଭାରତୀୟ ଗୋଇନ୍ଦା ଏବେ ମଧ୍ୟ ଅନେକ ସମ୍ବେଦନଶୀଳ ଅଞ୍ଚଳରେ ଠିକ୍ ଭାବେ ପାଟ୍ରୋଲିଂ କରିବା ଲାଗି ସୂଚନା ଦେଇପାରୁ ନାହିଁ। ପୁଞ୍ଚ୍‌ରେ ବିସ୍ଫୋରଣ ଘଟାଇବା ଲାଗି ଆକ୍ରମଣକାରୀମାନେ ପ୍ରାୟ ଏକବର୍ଷ ହେବ ରହି ସମ୍ପୃକ୍ତ ଅଞ୍ଚଳର ପ୍ରାକୃତିକ ଭୂଭାଗ ବିଷୟରେ ଅଭ୍ୟସ୍ତ ହୋଇଥିବା କୁହାଯାଉଛି। ଏଥିରୁ ବୁଝିହେଉଛି ଯେ, ସେନାର ସାଧାରଣ ପଇଁତରା ବ୍ୟବସ୍ଥାକୁ ମଧ୍ୟ ଠିକ୍ ଭାବେ ପାଳନ କରାଯାଉ ନାହିଁ। ଏଥିସହିତ ଗୋଇନ୍ଦା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ପଡ଼ିଛି। ଅନ୍ୟପଟେ ରାଜନୈତିକ ବାହୁସ୍ଫୋଟ ବୃଦ୍ଧି ପାଉଥିବାରୁ ଏହିଭଳି ମାରାତ୍ମକ ତ୍ରୁଟି ଘଟାଉଥିବା ବ୍ୟକ୍ତିମାନେ ଦଣ୍ଡିତ ହେବା ପରିବର୍ତ୍ତେ ସହଜରେ ଖସି ଯାଉଛନ୍ତି। ଜମ୍ମୁ ଓ କଶ୍ମୀରର ପୂର୍ବତନ ରାଜ୍ୟପାଳ ସତ୍ୟପାଲ ମଲିକ୍‌ଙ୍କ ବିବୃତିରୁ ପୁଲ୍‌ୱାମା ଘଟଣା ସମ୍ପର୍କରେ ମଧ୍ୟ ସ୍ପଷ୍ଟ ବୁଝାପଡୁଛି।

ପୁଞ୍ଚ୍‌ର ଯେଉଁ ଅଞ୍ଚଳରେ ଆକ୍ରମଣ ଘଟିଛି, ତାହା ନିୟନ୍ତ୍ରଣ ରେଖା (ଏଲ୍‌ଓସି) ନିକଟରେ ବୋଲି କୁହାଯାଉଛି। ଜମ୍ମୁ ଓ କଶ୍ମୀରକୁ ସମ୍ବିଧାନର ଅନୁଚ୍ଛେଦ ୩୭୦ରେ ଦିଆଯାଇଥିବା ସ୍ୱତନ୍ତ୍ର ସୁବିଧା ଓ ସୁଯୋଗକୁ କେନ୍ଦ୍ର ସରକାର ୫ ଅଗଷ୍ଟ ୨୦୧୯ରେ ଉଚ୍ଛେଦ କରିଥିଲେ। ସେତେବେଳେ କୁହାଯାଇଥିଲା ସରକାରଙ୍କ ଏହି ପଦକ୍ଷେପ ଯୋଗୁ ଆତଙ୍କବାଦୀ ଆକ୍ରମଣ ବନ୍ଦ ହେବା ସହ ସେହି ଭୂଖଣ୍ଡର ଅଧିବାସୀମାନେ ଶାନ୍ତିପୂର୍ଣ୍ଣ ଜୀବନଯାପନ କରିପାରିବେ। ଏହା ପୂର୍ବରୁ ୮ ନଭେମ୍ବର ୨୦୧୬ରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା କରାଯାଇଥିବା ବିମୁଦ୍ରୀକରଣ ସମୟରେ ମଧ୍ୟ କୁହାଯାଇଥିଲା ଯେ, ତାହା ଆତଙ୍କବାଦୀଙ୍କ ଅଣ୍ଟାକୁ ଭାଙ୍ଗିଦେବ। କିନ୍ତୁ କାହିଁ କେଜାଣି ମନେହେଉଛି ଯେପରି ଆତଙ୍କବାଦୀଙ୍କ ଅଣ୍ଟା ଆହୁରି ସଳଖ ହେଉଛି। ଜମ୍ମୁ ଓ କଶ୍ମୀରକୁ ଭାଙ୍ଗି ଦିଆଯାଇ ଜମ୍ମୁ ଓ କଶ୍ମୀର ଏବଂ ଲଦାଖ ନାମରେ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ କରିଦିଆଯିବା ପରେ ସେଠାକାର ଲୋକମାନେ ବିଭିନ୍ନ ଦିଗରୁ ହଇରାଣ ହେବାରେ ଲାଗିଛନ୍ତି। ଦୀର୍ଘ ଦିନ ଧରି ଇଣ୍ଟରନେଟ୍ ସେବା ବନ୍ଦ ହେବା ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଲେ। ଇତିମଧ୍ୟରେ କେତେକ କଶ୍ମୀର ପଣ୍ଡିତଙ୍କ ଜୀବନ ମଧ୍ୟ ଯାଇଛି। ସେଠାରେ ଦୈନନ୍ଦିନ ଯାତାୟାତରେ ପ୍ରବଳ କଟକଣା। ଲୋକଙ୍କ ପାଖରେ ସର୍ବନିମ୍ନ ସୁବିଧା ଯଥା ଔଷଧ ମିଳିପାରୁ ନାହିଁ। ସବୁ ବ୍ୟବସାୟ ବନ୍ଦ ହୋଇଗଲାଣି। ଗଣମାଧ୍ୟମରେ କୌଣସି ଅସ୍ୱାଭାବିକ ତଥ୍ୟ ପ୍ରକାଶ ପାଉ ନ ଥିବାରୁ ଭାରତର ଅନ୍ୟ ରାଜ୍ୟରେ କଶ୍ମୀରର ବାସ୍ତବ ସ୍ଥିତି ସମ୍ପର୍କରେ ବୁଝାପଡୁନି। ଧୀରେ ଧୀରେ ଆତଙ୍କବାଦୀ କାର୍ଯ୍ୟ ବଢ଼ିବା ପରେ ଏବେ ପୁଞ୍ଚ୍‌ରେ ଆକ୍ରମଣ ଅନୁଚ୍ଛେଦ ୩୭୦ ଉଚ୍ଛେଦ ବେଳର ସରକାରଙ୍କ ଦମ୍ଭୋକ୍ତିକୁ ଭୁଲ୍ ପ୍ରମାଣିତ କରିଛି ବୋଲି କୁହାଯାଉଛି। ପୁଣି ଏହି ଆକ୍ରମଣ ଏଭଳି ସମୟରେ ହୋଇଛି, ଯେତେବେଳେ ଜମ୍ମୁ ଓ କଶ୍ମୀର ମେ'ରେ ଜି-୨୦ ପର୍ଯ୍ୟଟନ କାର୍ଯ୍ୟକାରୀ ଗ୍ରୁପ୍ ବୈଠକ ଆୟୋଜନ କରିବାକୁ ଯାଉଛି। ଅନୁରୂପ ଭାବେ ଆସନ୍ତାମାସରେ ଗୋଆଠାରେ ଅନୁଷ୍ଠିତ ହେଉଥିବା ସାଂଘାଇ ସହଯୋଗ ସଙ୍ଗଠନ (ଏସ୍‌ସିଓ) ବୈଠକରେ ପାକିସ୍ତାନ ବୈଦେଶିକ ମନ୍ତ୍ରୀ ବିଲାୱଲ ଭୁଟ୍ଟୋ ଯୋଗଦେବାର ମଧ୍ୟ କାର୍ଯ୍ୟକ୍ରମ ରହିଛି।

ବର୍ତ୍ତମାନର ସ୍ଥିତିକୁ ଦେଖିଲେ କେନ୍ଦ୍ର ସରକାର ଜମ୍ମୁ ଓ କଶ୍ମୀର ସଂକ୍ରାନ୍ତ ରଣନୀତିରେ ପରିବର୍ତ୍ତନ ଆଣିବା ଦରକାର। ଏ ଦିଗରେ ତୁରନ୍ତ ପଦକ୍ଷେପ ନିଆ ନ ଗଲେ ଜମ୍ମୁ ଓ କଶ୍ମୀର ଆଗକୁ ଆହୁରି ଦୁର୍ଦ୍ଦଶାର ସମ୍ମୁଖୀନ ହେବ। କେବଳ ସେତିକି ନୁହେଁ, ସେହି ଅଞ୍ଚଳର ଯେତିକି ସମସ୍ୟା ବୃଦ୍ଧି ପାଇବ, ଭାରତୀୟ ରାଜକୋଷରୁ ସେତିକି ଅର୍ଥ ବ୍ୟୟ ହେବାରେ ଲାଗିବ। ଭାରତର ପ୍ରାୟ ସବୁ ଅର୍ଦ୍ଧସାମରିକ ବାହିନୀ ଓ ସେନାର ଶକ୍ତି ଜମ୍ମୁ ଓ କଶ୍ମୀରର ଆଭ୍ୟନ୍ତରୀଣ ସୁରକ୍ଷା ଦିଗରେ ମୁତୟନ ହେଉଥିବାରୁ ବାହ୍ୟ ଆକ୍ରମଣ ବଢୁଛି। ସେଥିପାଇଁ ଚାଇନା ବାରମ୍ବାର ଭାରତ ଭିତରକୁ ପଶି ଅଧିକ ଅଞ୍ଚଳ ମାଡ଼ି ବସିଲାଣି। ୨୬/୧୧ ଆତଙ୍କବାଦୀ ଆକ୍ରମଣ ପରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଗଢ଼ାଯାଇଥିଲା। ଏହା ଅତ୍ୟନ୍ତ ଶକ୍ତିଶାଳୀ ବୋଲି ସର୍ବଦା ସରକାରୀ ଭାବେ କୁହାଯାଇଥାଏ। ହେଲେ ଆତଙ୍କବାଦୀ ଆକ୍ରମଣ ପରେ ଏହାର ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରିବା ବ୍ୟତୀତ ଅଦ୍ୟାବଧି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନେବାରେ ବିଫଳ ହୋଇଛନ୍ତି। ତେଣୁ ସବୁ ଦିଗରୁ ଦେଖିଲେ କେବଳ ବାହୁସ୍ଫୋଟ ମାରିଲେ ହେବ ନାହିଁ। ବର୍ତ୍ତମାନ ବ୍ୟବସ୍ଥିତ ଭାବେ ପଦକ୍ଷେପ ନେବା ଜରୁରୀ ହୋଇପଡ଼ିଲାଣି। ନ ହେଲେ କଶ୍ମୀର ଆହୁରି ଅଶାନ୍ତ ହୋଇଯିବ। କେବଳ କଶ୍ମୀର ନୁହେଁ, ସୀମାନ୍ତ ଅଞ୍ଚଳରେ ଭାରତ ପାଇଁ ପରିସ୍ଥିତି ଆହୁରି ଅଣାୟତ୍ତ ହେବାକୁ ଲାଗିଲାଣି।

> **୮ ନଭେମ୍ବର ୨୦୧୬ରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା କରାଯାଇଥିବା ବିମୁଦ୍ରୀକରଣ ସମୟରେ ମଧ୍ୟ କୁହାଯାଇଥିଲା ଯେ, ତାହା ଆତଙ୍କବାଦୀଙ୍କ ଅଣ୍ଟାକୁ ଭାଙ୍ଗିଦେବ। କିନ୍ତୁ କାହିଁ କେଜାଣି ମନେହେଉଛି ଯେପରି ଆତଙ୍କବାଦୀଙ୍କ ଅଣ୍ଟା ଆହୁରି ସଳଖ ହେଉଛି।**

# ବୃତ୍ତି ଓ ବ୍ୟକ୍ତିତ୍ୱ



ଚିତ୍ର ଚରିତ୍ର
ଅଧ୍ୟାପକ ନିରଞ୍ଜନ ପାଢ଼ୀ

ବୃତ୍ତିକୁ ଲକ୍ଷ୍ୟ କରି ବୃତ୍ତିଧାରୀ ବ୍ୟକ୍ତିଙ୍କ ବ୍ୟକ୍ତିତ୍ୱ ନିରୂପଣ କରିବା ସବୁବେଳେ ନିରାପଦ ନୁହେଁ। ବୃତ୍ତିଧାରୀଙ୍କ ସଂସ୍ପର୍ଶରେ ନ ଆସି ଦୂରରୁ କେବଳ ତାଙ୍କ ପଦବୀର ପରିଧାନକୁ ଚାହିଁ ତାଙ୍କ ବ୍ୟକ୍ତିତ୍ୱ ସମ୍ପର୍କରେ ଅନୁମାନ କଲେ ବହୁ ସମୟରେ ବିଭ୍ରାନ୍ତିର ଶିକାର ହେବାକୁ ପଡ଼ିଥାଏ। ଅଙ୍ଗେନିଭା ଅନୁଭୂତିଠାରୁ ଅନୁମାନର ବେଗ ସବୁବେଳେ ତୀବ୍ରତର। ବନ୍ୟାର ସ୍ରୋତ ପରି ଏହା ଅଚିରେ ବିସ୍ତୀର୍ଣ୍ଣ ଅଞ୍ଚଳକୁ ବ୍ୟାପିଯାଏ। ବୃତ୍ତିକୁ ନେଇ ବ୍ୟକ୍ତିତ୍ୱ ଅନୁମାନ କଲେ ପ୍ରକୃତ ମୂଲ୍ୟାଙ୍କନ ଅଭାବରୁ ଅବାଞ୍ଛିତ ଲୋକଟି ଉପରେ ଯେମିତି ଶ୍ରଦ୍ଧା ଓ ସମ୍ମାନ ଅଜାଡ଼ି ପଡ଼େ, ସେମିତି ସମ୍ମାନାସ୍ପଦ ବ୍ୟକ୍ତିଙ୍କ ଚରିତ୍ରରେ ଅପଯଶ ଓ ଅପନିନ୍ଦାର ମଇଳା ଲେସି ହୋଇଯାଏ।

"ଅମୁକ ବିଭାଗରେ କାମ କରୁଥିବା ସମୁକ ଲୋକ କେବେ ଭଲଲୋକ ହୋଇ ନ ଥିବେ। କାରଣ ତାଙ୍କର ଚାକିରି ଯାହା, ସେଥିରେ କେହି ଭଲଲୋକ ହୋଇ ରହିବା ସହଜ ନୁହେଁ। ତମୁକ ବିଭାଗରେ କାମ କରୁଥିବା ସେ ଲୋକଟି କେବେ ସାଧୁ ସଚ୍ଚୋଟ ହୋଇ ନ ଥିବେ, କାରଣ ସେଇ ବିଭାଗଟା ଏମିତି ଯେ ସେଠାରେ ଚୋରି ନ କରି କେହି ରହିପାରିବେନି। ଅମୁକ ଶିକ୍ଷକ କେବେ ଏମିତି ଅବିବେକୀ ହୋଇ ନ ଥିବେ, କାରଣ ଶିକ୍ଷାଦାନ ଭଳି ପବିତ୍ର କର୍ମରେ ନିୟୋଜିତ ଲୋକ କେବେ ବିବେକହୀନ ହୋଇ ନ ପାରନ୍ତି। ସେଇ ଅଫିସ୍‌ରେ କିରାଣି ଥିବା ସେ ଲୋକଟି ଏତେ ଜ୍ଞାନୀ କେମିତି ହେବ ଯେ!" ବୃତ୍ତିକୁ ବ୍ୟକ୍ତିତ୍ୱର ବ୍ୟବସ୍ଥାପକ ଭାବେ ଗ୍ରହଣ କରୁଥିବା ଲୋକମାନଙ୍କର ଏ ସବୁ ହେଉଛି ଲୋକ ଚିହ୍ନିବାର ଅନୁମାନକୁ ନେଇ ଗୋଟିଏ ଗୋଟିଏ ସାଙ୍କେତିକ ସାର୍ଟିଫିକେଟ।

ବେଶ୍ ମୋଟା ଦରମାରେ ଏକ ପ୍ରସିଦ୍ଧ କମ୍ପାନୀରେ ନିଯୁକ୍ତ ଥିବା ଜଣେ ସଫ୍ଟୱେୟାର ଇଞ୍ଜିନିୟରଙ୍କ ବିବାହ ପାଇଁ ଝିଅ ଖୋଜା ଚାଲୁଥିଲା ବେଳେ ଦୁଇଟି ପ୍ରସ୍ତାବ ହାତକୁ ଆସିଲା। ଜଣେ ପୋଲିସ ଅଫିସରଙ୍କ କନ୍ୟା ତ ଅନ୍ୟ ଜଣେ କଲେଜ ଅଧ୍ୟାପକଙ୍କ ଝିଅ। ସୌନ୍ଦର୍ଯ୍ୟ, ଶିକ୍ଷା ଓ ସଂସ୍କାର ଆଦି ବହୁ ଗୁଣରେ ଉଭୟ କନ୍ୟା ସମାନ ଥିବାରୁ କେଉଁ ପ୍ରସ୍ତାବକୁ ହାତେଇ କେଉଁଟିକୁ ଆଡ଼େଇଯିବେ, ଏ ନେଇ ଇଞ୍ଜିନିୟର ଓ ତାଙ୍କ ପରିବାରବର୍ଗ ବଡ଼ ଦ୍ୱନ୍ଦ୍ୱରେ ପଡ଼ିଲେ। ଦ୍ୱନ୍ଦ୍ୱର ସମାଧାନ ପାଇଁ ବର ଅଜାଙ୍କ ରାୟ ଲୋଡ଼ାଗଲା। କେଇବର୍ଷ ପୂର୍ବରୁ ପ୍ରଧାନଶିକ୍ଷକ ପଦରୁ ଅବସର ନେଇଥିବା ଅଜା କହିଲେ, "ପୋଲିସ ପରିବାରର ଝିଅ ଅପେକ୍ଷା ଅଧ୍ୟାପକଙ୍କ ଝିଅ ସବୁ ଦୃଷ୍ଟିରୁ ଅଧିକ ଗ୍ରହଣୀୟ।" ଅଜା ମହୋଦୟ ପୋଲିସ ଓ ଅଧ୍ୟାପକଙ୍କ ଚରିତ୍ରର ସକଳ ପାପପୁଣ୍ୟର ହିସାବ ଏମିତି ଭାବେ ଉପସ୍ଥାପିତ କଲେ ଯେ, ତାଙ୍କ ଇଞ୍ଜିନିୟର ନାତି ଅଧ୍ୟାପକଙ୍କ କନ୍ୟାର ପାଣି ଗ୍ରହଣ କରିବାକୁ ସିଦ୍ଧାନ୍ତ ନେଲେ। ବିବାହ ସରିବାର ମାସ କେଇଟା ଯାଇନି, ନିଜ କନ୍ୟା ଓ ଜ୍ୱାଇଁଙ୍କଠୁ ସେମାନଙ୍କ ବୋହୂର ଗୁଣଗ୍ରାମ ସମ୍ପର୍କରେ ଖବର ପାଇ ଅଜା ଅତ୍ୟନ୍ତ ସନ୍ତପ୍ତ ଚିତ୍ତରେ ସ୍ୱଗତୋକ୍ତି କରୁଥିଲେ, "ବଡ଼ ଭୁଲ୍ ହୋଇଗଲା। ସବୁ ଚିକ୍‌ଚିକ୍ କରୁଥିବା ଚିଜ ଯେ ସୁନା ନୁହନ୍ତି, ଏପରି ଏକ ସତ୍ୟକୁ ମୁଁ ସେତେବେଳେ କାହିଁକି ବୁଝି ନ ପାରିଲି!"



ପୋଲିସର ନାଁ ଧରୁ ଧରୁ ଯେଉଁମାନଙ୍କ ମନରେ ଏକ ବିଗର୍ହିତ ବ୍ୟକ୍ତିତ୍ୱର ଚିତ୍ରଟିଏ ଉତ୍ତୋଳିତ ହୋଇଉଠେ, ସେମାନଙ୍କ ଉଦ୍ଦେଶ୍ୟରେ ଉପସ୍ଥାପିତ ଛୋଟ ଘଟଣାଟିଏ। ମାଟ୍ରିକ୍ ପରୀକ୍ଷାରେ କ୍ରମାଗତ ଦୁଇଥର ଫେଲ୍ ହେଲା ପରେ ୨ ଜଣ ହତାଶ ଗ୍ରାମ୍ୟ କିଶୋର ନିଜ ଘରୁ ପୁଳାଏ ଟଙ୍କା ଓ ସୁନା ଗହଣା ଚୋରାଇ ଏକ ଅଜଣା ଲକ୍ଷ୍ୟରେ ଘର ଛାଡ଼ିଲେ। ରାଜଧାନୀ ନଗରୀରେ ପହଞ୍ଚି ଏକ ଅଳଙ୍କାର ଦୋକାନରେ ଗହଣାତକ ବିକିବାକୁ ପ୍ରସ୍ତୁତ ହେଉଥିଲା ବେଳେ ଜଣେ ନିଶାଗ୍ରସ୍ତ ଯୁବକ ହାବୁଡ଼ରେ ପଡ଼ିଗଲେ। ସେମାନଙ୍କ ପାଇଁ ରାଜଧାନୀରେ ଏକ ସହଜ ଜୀବନର ବ୍ୟବସ୍ଥା କରିବେ ବୋଲି ପିଲା ଦୁହିଁଙ୍କ ମନରେ ବିଶ୍ୱାସ ଜନ୍ମାଇ ମୂଲ୍ୟବାନ୍ ଗହଣାତକ ହାତେଇ ନେଉଥିବା ସମୟରେ ଅଚାନକ ଦୃଶ୍ୟପଟରେ ଆବିର୍ଭୂତ ହେଲେ ସ୍ଥାନୀୟ ଥାନାର ଜଣେ ପୋଲିସ। ଅସାମାଜିକ ଯୁବକଟିକୁ ନିଜର ଶୁଭେଚ୍ଛୁ ମନେକରୁଥିବା ପିଲା ଦୁହେଁ ପୋଲିସବାବୁଙ୍କ ଉପସ୍ଥିତିରେ ଖୁସି ହେଲେ ନାହିଁ। ଅତ୍ୟନ୍ତ ଶଙ୍କିତ ଭାବେ ସେମାନେ ପୋଲିସବାବୁଙ୍କୁ ସବୁକଥା ଫିଟାଇ କହିଲେ।

ପୋଲିସବାବୁ ଚାହିଁଥିଲେ ପଳାତକ ପିଲାଦୁହିଁଙ୍କ ବିରୋଧରେ ଆଇନର ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସେମାନଙ୍କୁ ସୁଧାର ଗୃହକୁ ପଠାଇ ପାରିଥା'ନ୍ତେ ବା ସୁରକ୍ଷା ବାହାନାରେ ଲକ୍ଷାଧିକ ଟଙ୍କାର ଅଳଙ୍କାର ନିଜ ଆୟତ୍ତକୁ ନେଇ ଅସହାୟ ପିଲାଯୋଡ଼ିଙ୍କୁ ରାଜଧାନୀର ରାଜରାସ୍ତାରେ ଫିଙ୍ଗି ଦେଇପାରିଥା'ନ୍ତେ। ମାତ୍ର ସେ ଏମିତି କିଛି କଲେ ନାହିଁ। ସେ ବାଟହୁଡ଼ା ପିଲାଦୁହିଁଙ୍କୁ ନିଜ ଘରକୁ ନେଇଗଲେ ଓ ତାଙ୍କ ଗାଁକୁ ଫେରିବା ପାଇଁ ବହୁଭାବେ ପ୍ରବର୍ତ୍ତାଇଥିଲେ। ମାତ୍ର ଘରକୁ ଫେରିବା ପାଇଁ ଅମଙ୍ଗ ପିଲାଦୁହେଁ ସେମାନଙ୍କ ଗାଁ ଠିକଣା ବତାଇଲେ ନାହିଁ। ଖାକି ପୋଷାକ ସହ ସର୍ବଦା ଔଦ୍ଧତ୍ୟର ଅପନିନ୍ଦା ବହନ କରୁଥିବା ପୋଲିସ ବିଭାଗର ସେହି ହୃଦୟବାନ୍ କର୍ମଚାରୀ ଆଦୌ ଧୈର୍ଯ୍ୟ ହରାଇଲେ ନାହିଁ କି ପୋଲିସ କାଇଦା ପ୍ରୟୋଗ କଲେ ନାହିଁ। ଦୀର୍ଘ ସାତ ଦିନ ସେମାନଙ୍କୁ ନିଜ ପରିବାର ସହ ରଖିଲା ମଧ୍ୟରେ ସେ ଓ ତାଙ୍କ ପତ୍ନୀ ପିଲାଦୁହିଁଙ୍କ ଉପରେ ସ୍ନେହଶ୍ରଦ୍ଧା ଅଜାଡ଼ି ଦେଇ ତାଙ୍କ ନିଷ୍ପତ୍ତି ବଦଳାଇବାରେ ସଫଳ ହେଲେ ଓ ନିଜେ ଛୁଟି ନେଇ ସେମାନଙ୍କୁ ତାଙ୍କ ଗାଁରେ ଛାଡ଼ି ଦେଇ ଆସିଲେ। ପିଲାଦୁହିଁଙ୍କ ବିଚ୍ଛେଦରେ ଦାରୁଣ ଦୁଃଖ ଭୋଗୁଥିବା ଓ ଅନ୍ୟ ବହୁ ଲୋକଙ୍କ ପରି ପୋଲିସକୁ ଦୁର୍ଭାଗ୍ୟର ଦୂତ ବିଚାରୁଥିବା ସେଇ ମା'ବାପାମାନଙ୍କ ପ୍ରତିକ୍ରିୟା ସେତେବେଳେ ଦେଖିବାର କଥା!

ଯେଉଁ ଶିକ୍ଷକ ବିଦ୍ୟାଦାନର ବୃତ୍ତିକୁ ନେଇ ସମାଜର ସବୁଠାରୁ ସମ୍ମାନାସ୍ପଦ, ନିରୀହ ନିଷ୍କପଟ, ସରଳ ସୁଶୀଳ ଆଦି ବିଶେଷ ବିଶେଷଣରେ ବିଭୂଷିତ, ସେମାନଙ୍କ ମଧ୍ୟରୁ କାହାର କଳା କାଳିମାମୟ ଭୟଙ୍କର ରୂପଟିକୁ ପ୍ରତ୍ୟକ୍ଷ କରିବାର ଅବସର ମିଳିଲେ କେମିତି ହେବ ଆପଣଙ୍କର ଅନୁଭବ। ଶିକ୍ଷକଙ୍କୁ ଦୁଃସ୍ଥ କହି ଯେଉଁମାନେ ସେମାନଙ୍କ ଅର୍ଥନୈତିକ ଦୁଃସ୍ଥିତିକୁ ଦୟା କରନ୍ତି, ସେମାନଙ୍କ ପାଇଁ ସେ ଥିଲେ ଏକ ପ୍ରଚଣ୍ଡ ବ୍ୟତିକ୍ରମ। ବୃତ୍ତିରେ ଶିକ୍ଷକ ହେଲେ ବି ଆଖପାଖ କେଇଖଣ୍ଡ ଗାଁର ସେ ଥିଲେ ସବୁଠାରୁ ଧନୀ ବ୍ୟକ୍ତି। ଅମାପ ଜମିବାଡ଼ି ସାଙ୍ଗକୁ ଦୁଇଟି ବ୍ୟବସାୟ ପ୍ରତିଷ୍ଠାନ, ଗୋଟିଏ ବସ୍ ଓ ଦୁଇଟି ଟ୍ରକର ମାଲିକ ସେହି ଶିକ୍ଷକ ଉତ୍ତରାଧିକାର ସୂତ୍ରରେ ଏହି ବିପୁଳ ସମ୍ପତ୍ତିର ମାଲିକାନା ହାସଲ କରି ନ ଥିଲେ। ଧନଶାଳୀ ପିତାଙ୍କର ପୁତ୍ର ହୋଇଥିଲେ ହତଭାଗ୍ୟ ପିତା ଜଣକ ନିଜ ଦରିଦ୍ର ସାନପୁଅ ପାଖରେ ମୁଣ୍ଡ ଗୁଞ୍ଜି ନ ଥା'ନ୍ତେ କି ନିତିଦିନ କାଶି କାଶି ବେଦମ୍ ହୋଇଗଲେ ମଧ୍ୟ ବିନା ଚିକିତ୍ସାରେ ମଶାଣିର ଯାତ୍ରାକୁ ଅପେକ୍ଷା କରି ନ ଥା'ନ୍ତେ! କଥା ହେଲା, ମାଷ୍ଟରରୁ ମହାଜନ ହୋଇଥିବା ଏହି ଶିକ୍ଷକ ଗାଁର ଦରିଦ୍ର ଗ୍ରାମବାସୀଙ୍କୁ ବେଳ ଅବେଳରେ ଅର୍ଥ ଯୋଗାଇ କେଉଁଠି ସୁନାଗହଣା ତ ଅନ୍ୟ କେଉଁଠି ଜମିବାଡ଼ି ବନ୍ଧକ ରଖନ୍ତି ଓ ପରବର୍ତ୍ତୀ କାଳରେ ଫକୀରମୋହନଙ୍କ ରାମଚନ୍ଦ୍ର ମଙ୍ଗରାଜଙ୍କ ପରି ସବୁ ନିଜର କରିନିଅନ୍ତି।

ବୃତ୍ତିକୁ ଚାହିଁ ବ୍ୟକ୍ତିତ୍ୱ ନିରୂପଣ କରିବାର ବିଭ୍ରାଟ ପ୍ରସଙ୍ଗରେ ଏଇ ଦୁଇଟି କ୍ଷୁଦ୍ର ଦୃଷ୍ଟାନ୍ତ, ମାତ୍ର ଉଚ୍ଚ ପଦବୀରେ ଅଧିଷ୍ଠିତ ହାକିମଙ୍କ ପାଖରେ କାଙ୍ଗାଳର ଛୋଟପଣ ଦେଖାଯିବା ଯେମିତି ବିଚିତ୍ର ନୁହେଁ, ଦରିଦ୍ର ଝାଡୁଦାର ଭିତରେ ନବାବର ବଡ଼ପଣ ପ୍ରକାଶ ପାଇବା ସେମିତି ଆଶ୍ଚର୍ଯ୍ୟ ନୁହେଁ। ଅଥଚ ଆମ ଜୀବନଯାତ୍ରାର ପ୍ରତିଟି ସହଯାତ୍ରୀଙ୍କ ସଂସ୍କାର ପ୍ରତି ଆଖି ବୁଜିଦେଇ ଆମେ ତାଙ୍କ ପଦ ପରିଚୟରେ ପ୍ରସାରିତ ବା ସଙ୍କୁଚିତ ବୋଧକରୁ। ଏକଲବ୍ୟର ଏକନିଷ୍ଠତା ପ୍ରତି ନାକ ଟେକୁଥିଲା ବେଳେ ରାଜପୁତ୍ର ଅର୍ଜୁନଙ୍କ ପ୍ରଶଂସାରେ ଶତମୁଖ ହେଉ। ଆମର ଏହି ଭ୍ରାନ୍ତ ମୂଲ୍ୟାୟନର କେବେ ଅନ୍ତ ଘଟିବ କେଜାଣି? ବୃତ୍ତିଧାରୀଙ୍କ ରଙ୍ଗମଞ୍ଚର ରଙ୍ଗବୋଳା ଚେହେରାରେ ବିଭୋର ନ ହୋଇ ଗ୍ରୀନ୍‌ରୁମ୍‌ର ବ୍ୟକ୍ତିତ୍ୱ ପରଖିବାର ବେଳା କେବେ ଆସିବ କେଜାଣି?

ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର,
ଚକେଇସିହାଣି, ଭୁବନେଶ୍ୱର-୧୦
ମୋ: ୮୮୯୫୬୨୪୧୦୫

# ଏକ ଦିବ୍ୟ ପ୍ରତିଶ୍ରୁତିର ସ୍ମାରକୀ



ବିମଳ ପ୍ରସନ୍ନ ଦାସ

ଦିବ୍ୟଜନନୀ ଶ୍ରୀମା ଯଦିଚ ୨୯ ମାର୍ଚ୍ଚ, ୧୯୧୪ରେ ତପୋଭୂମି ପଣ୍ଡିଚେରୀରେ ପ୍ରଥମେ ପଦାର୍ପଣ କରି ସେହିଦିନ ଅପରାହ୍ନ ପ୍ରାୟ ୩.୩୦ ମିନିଟ ସମୟରେ ଶ୍ରୀଅରବିନ୍ଦଙ୍କୁ ଦର୍ଶନ କଲେ, ଇତିହାସର ବିଡମ୍ବନା ଯେ ପ୍ରଥମ ମହାଯୁଦ୍ଧ ହେତୁ ତାଙ୍କୁ ଫେରିଯିବାକୁ ପଡିଲା, କିନ୍ତୁ ୧୯୧୪ ରୁ ୧୯୨୦ ଛଅ ବର୍ଷ ମା' ଜାପାନରେ ଅବସ୍ଥାନ କଲେ ଏବଂ ୧୯୨୦ ଏପ୍ରିଲ ୨୪ରେ ଏକଦା ଋଷି ଅଗସ୍ତ୍ୟଙ୍କ ତପୋକ୍ଷେତ୍ର ପଣ୍ଡିଚେରୀକୁ ପ୍ରତ୍ୟାବର୍ତ୍ତନ କଲେ। ଏହି ପବିତ୍ର ଅବସରରେ ମା'ଙ୍କ ଅନୁପମ ଉକ୍ତି "ମୋର ପଣ୍ଡିଚେରୀ ପ୍ରତ୍ୟାବର୍ତ୍ତନ ହିଁ ସକଳ ଅପଶକ୍ତି ଉପରେ ଅପ୍ରତିହତ ବିଜୟର ସ୍ମାରକୀ"। ନୂତନ ଜୀବନ ଓ ଜଗତର ରୂପକାର ମହାଯୋଗୀ ଶ୍ରୀଅରବିନ୍ଦ ତାଙ୍କ ରଚିତ ମହାକାବ୍ୟ ସାବିତ୍ରୀରେ କହିଛନ୍ତି "ଏକଇ ହୃଦୟ ତାଙ୍କୁ ଦେଇପାରେ ସାରା ଜଗତେ ଆଶ୍ରୟ" (ସାବିତ୍ରୀ-୧୫ ପୃଷ୍ଠା) ସାମ୍ପ୍ରତିକ ସମାଜରେ ଅନ୍ୟାୟ, ଅତ୍ୟାଚାର, ଅବିଚାର ଓ ଅନ୍ଧକାର ଘନୀଭୂତ ହେଉଥିବାବେଳେ କରୁଣାମୟୀ ବିଶ୍ୱଜନନୀଙ୍କର ବାଣୀ ଜଗତକୁ ଅମୃତାୟିତ କରିବା ଦିଗରେ ଏକ ପ୍ରେରଣାମୟୀ ଉଦ୍‌ଘୋଷଣା।

୧୯୧୪ ମାର୍ଚ୍ଚ ୨୯ ଅପରାହ୍ନରେ ଯେଉଁ ସାକ୍ଷାତ ସମ୍ଭବପର ହୋଇଥିଲା ତାହା ଅତୀତରେ ଅନୁରୂପ ଅନ୍ୟ ଅନେକ ସାକ୍ଷାତ ତାଲିକାରେ ମହମ ସଂଯୋଜନ। ଏତାଦୃଶ ସାକ୍ଷାତର କେତୋଟି ବିରଳ ଦୃଷ୍ଟାନ୍ତ ହେଉଛି ରାମ-ପର୍ଶୁରାମ ସାକ୍ଷାତ, ମଗଧର ନନ୍ଦରାଜା ଶାସନ ଦ୍ୱାରା ଅପମାନିତ ଯୁବକ ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ସହ ଅକସ୍ମାତ ନନ୍ଦ-ବିରୋଧୀ ବୃଦ୍ଧ ବ୍ରାହ୍ମଣ ଚାଣକ୍ୟଙ୍କ ଭେଟ। ଏହାର ପରବର୍ତ୍ତୀ ପରିଣାମ ଇତିହାସରେ ଲିପିବଦ୍ଧ, କିନ୍ତୁ ସୁଦୂର ପ୍ୟାରିସରୁ ଆସି ମା'ଙ୍କର ଶ୍ରୀଅରବିନ୍ଦଙ୍କ ସହ ସାକ୍ଷାତର ପରିଣାମ ମା' ଯାହା ହୃଦୟଙ୍ଗମ କରିଥିଲେ ତାହାହେଲା ପୃଥିବୀର ଅସଂଖ୍ୟ ଲୋକ ଅଜ୍ଞାନ ତିମିରରେ ରହି ଥାଆନ୍ତୁନା କାହିଁକି ଭୂପୃଷ୍ଠରେ ଶ୍ରୀଅରବିନ୍ଦଙ୍କ ଉପସ୍ଥିତି ହିଁ ଦିନେ ସେ ଅଜ୍ଞାନ ଆଲୋକରେ ରୂପାନ୍ତରିତ ହେବ ଏବଂ ଦିବ୍ୟଯୁଗର ଆଗମନରେ ନିଶ୍ଚିତ ପ୍ରତିଶ୍ରୁତି। ବିଶ୍ୱାସର ଏ ଦଲିଲ ଅନନ୍ୟ। ସେହି ମୁହୂର୍ତ୍ତରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ସ୍ୱରୂପ ନିର୍ଣ୍ଣୟ କରିପାରିଲେ ବୋଲି ଆମେ ଆଜି ତାହା ଜାଣୁଛୁ।

ପ୍ରଫେସର ମନୋଜ ଦାସଙ୍କ ଭାଷାରେ "ବିଧାତାର ପଞ୍ଜିକାରେ ସେହି ମୁହୂର୍ତ୍ତରେ ସ୍ପଷ୍ଟ ହୋଇ ଉଠିଥିବା ଶ୍ରୀମାଙ୍କ ଭୂମିକା- ଶ୍ରୀଅରବିନ୍ଦଙ୍କ ଯୋଗଯଜ୍ଞରେ ସେ ହେବେ ପୁରୋହିତ, ଦେବେ ଆହୁତି, ଚେତନାର ରହସ୍ୟାଲୋକରେ ସେ ନିଜକୁ ସମର୍ପଣ କରିବେ ଯୋଗେଶ୍ୱରଙ୍କ ଦୁଃସହ ପରୀକ୍ଷା ନିରୀକ୍ଷାର କଦବା ଆଧାର। କଦବା ସହଯୋଗୀ, କଦବା ସହକାରୀ, କଦବା ନିରୀକ୍ଷକ ଏବଂ କଦବା ଧାତ୍ରୀ ରୂପେ ଶ୍ରୀମାଙ୍କୁ ଇତିହାସର ବିଡମ୍ବନା ହେତୁ ପ୍ରତ୍ୟାବର୍ତ୍ତନ କରିବାକୁ ପଡିଲା ସତ, କିନ୍ତୁ ସେ ଯୋଗଯଜ୍ଞର ସୂତ୍ରପାତ ହୋଇସାରିଥିଲା। ୧୯୨୦ ଏପ୍ରିଲ ୨୪ରେ ତାଙ୍କ ପୁନରାଗମନ ଉତ୍ତାରୁ ତାହା ଯେଉଁ ଯୁଗ୍ମ ତପସ୍ୟାର ରୂପ ନେଲା, ଆମ ମନ ବୁଦ୍ଧିର ମାଧ୍ୟମ ଯୋଗେଶ୍ୱର ଆକଳନ ଅସମ୍ଭବ, କିନ୍ତୁ ଆକାଶକୁ ମାପି ନ ପାରିଲେ ମଧ୍ୟ ମହାଶୂନ୍ୟକୁ ଦୃଷ୍ଟିପାତ କଲେ ତା'ର ଅସୀମତାର ଧାରଣା କରିହୁଏ। ସେହି ରୀତିରେ ମାତୃବିଭୂତି ପ୍ରତି ଆସ୍ଥାଶୀଳ ହୋଇ ତାଙ୍କ ପ୍ରତି ଉନ୍ମୁଖ ହେଲେ ସେ ଅଭୁତ ପୂର୍ବ ତପସ୍ୟାର ଉଣାଧିକ ଉତ୍ତାପ ଅନୁଭୂତ କରିହୁଏ, ଅନୁଭୂତିକୁ ଅନ୍ୟ କୌଣସି ଉପଯୁକ୍ତ ଶବ୍ଦ ଅଭାବରୁ ଏ ଲେଖକ ଉତ୍ତାପ ବୋଲି କହୁଛି। ତାହା ସୌମ୍ୟ ଉତ୍ତାପ, ବିନା ପ୍ରବାସରେ ତାହା ଆମ ଶୀତଳ ଚେତନାରେ ସାର କଲେ ସଞ୍ଜୀବନୀର ଉଷ୍ମତା ଶ୍ରୀମାଙ୍କ ସ୍ଥାୟୀ ଆଗମନ ପୂର୍ବରୁ ଆଶ୍ରମ ନ ଥିଲା। କେତେଜଣ ଏକାନ୍ତ ବିଶ୍ୱସ୍ତ ଓ ଅନୁରକ୍ତ ସେବକଙ୍କ ଗହଣରେ ଶ୍ରୀଅରବିନ୍ଦ ଥିଲେ ଯୋଗମଗ୍ନ। ସେମାନେ ଅତ୍ୟନ୍ତ ଭଦ୍ର, ବିବେକୀ ଓ ବୁଦ୍ଧିଦୀପ୍ତ ହେଲେ ମଧ୍ୟ ସେମାନଙ୍କ ସ୍ୱାଭିମାନ ଥିଲା ଖୁବ୍ ଉଗ୍ର। ପୃଥିବୀ ସମ୍ପର୍କରେ ଯଥେଷ୍ଟ ଉପଲବ୍ଧି ଥିବା ସତ୍ତ୍ୱେ ସଂସ୍କାରରେ ସେମାନେ ଥିଲେ ରକ୍ଷଣଶୀଳ। ଶ୍ରୀଅରବିନ୍ଦଙ୍କ ପ୍ରଥମ ପର୍ଯ୍ୟାୟର ଜୀବନୀକାର ପ୍ରମୁଖ ଶିଷ୍ୟ ଆମ୍ବାଭାଇ ପୁରାଣୀ ଲେଖିଛନ୍ତି, "ଶ୍ରୀମାଙ୍କର ଆଗମନ ଆମ ନିବାସରେ ଚାଞ୍ଚଲ୍ୟ ସୃଷ୍ଟିକଲା। ପରବର୍ତ୍ତୀ ସମୟରେ ସେହି ଅନୁଗତମାନେ ନିଜ ନିଜର ସ୍ମୃତିକଥାରେ ସ୍ପଷ୍ଟ ଲେଖିଛନ୍ତି, ନିଜସ୍ୱ ବହୁ ମୂଲ୍ୟବାନ ଉପଲବ୍ଧି ଯାହା ଆମର ଚେତନାକୁ ବିସ୍ମୟ ଓ ପୁଲକରେ ଅଭିଭୂତ କରେ। ଶ୍ରୀମାଙ୍କ ସ୍ନେହ, ସୌହାର୍ଦ୍ଦ୍ୟ ସହ ନମ୍ରତା ସେମାନଙ୍କ ଅଜାଣତରେ ହିଁ ତାଙ୍କ ଆଗରେ ସେମାନଙ୍କୁ ହୃଦ୍‌ବୋଧ କରାଇଲେ- ଯେଉଁ ନିରାଭିମାନୀ ସରଳ ଅନ୍ତେବାସୀ ଶ୍ରୀଅରବିନ୍ଦଙ୍କୁ ସେମାନଙ୍କ ନିଜର ସଖା, ଦିଗ୍‌ଦର୍ଶନ ରୂପେ ଧରିନେଇଛନ୍ତି - ସେ ସେତିକିଠାରୁ ବହୁତ- ବହୁତ- ଅଧିକ ମହୀୟାନ, ଦିବ୍ୟ ଜନନୀଙ୍କ ଶ୍ରଦ୍ଧାମୟ ଉପସ୍ଥିତିର ପ୍ରଭାବରେ ଅନୁଗତମାନଙ୍କ ସଂଖ୍ୟା ବୃଦ୍ଧି ହେବାକୁ ଲାଗିଲା। ଶ୍ରୀଅରବିନ୍ଦ ତାଙ୍କ ତପସ୍ୟାର ଦୂରଗମ୍ୟ ପର୍ବରେ ନିମଜ୍ଜିତ ରହି ୧୯୨୬ ମସିହା ୨୪ ନଭେମ୍ବରରୁ ଅନୁଗତମାନଙ୍କ ଦୃଷ୍ଟିର ଅନ୍ତରାଳକୁ ଚାଲିଯିବା ପରଠାରୁ ଏ ସମାବେଶ ଶ୍ରୀମାଙ୍କ କରୁଣାର ଆଲୋକରେ ପ୍ରତି ପର୍ଯ୍ୟାୟରେ ତାଙ୍କ ସାଙ୍ଗଠନିକ ବ୍ୟବସ୍ଥା ଅନୁସାରେ କେମିତି ହେବାକୁ ଲାଗିଲା। ଏହା ହେଲା ବିନ୍ଦିବକ ଆଶ୍ରମରେ ପରିଣତ। ଅନ୍ତେବାସୀଙ୍କ ସଂଖ୍ୟା ଥିଲା ଆଜିର ଆଶ୍ରମରେ ନିହାତି ନଗଣ୍ୟ- ମାତ୍ର ୨୫।



ଶ୍ରୀଅରବିନ୍ଦ ତପସ୍ୟାଜନିତ ଅନ୍ତରାଳକୁ ଚାଲିଯିବା ପୂର୍ବରୁ ବୁଦ୍ଧିଦୀପ୍ତ ଅନୁଗତମାନେ ବାରମ୍ବାର ପ୍ରଶ୍ନବାଣରେ ତାଙ୍କୁ ଜର୍ଜରିତ କଲେ। ସେ ପ୍ରଶ୍ନ ଥିଲା "ଆପଣ ଯେଉଁ ମା'ଙ୍କ ଆସିବା ସମ୍ପର୍କରେ ଅନେକ ଥର କହୁଥିଲେ ଇଏ କ'ଣ ସେହି ମାଆ? ଶେଷରେ ଶ୍ରୀଅରବିନ୍ଦ କେତେଖଣ୍ଡ କାଗଜରେ ଶ୍ରୀମା'ଙ୍କ ସମ୍ପର୍କରେ ଲେଖିଲେ, ଯାହାକି ପରେ ପୁସ୍ତକର ରୂପ ନେଲା। ତାହା ହିଁ ଆଜି ପୂର୍ଣ୍ଣଯୋଗ ସାଧନାର ମୂଳମନ୍ତ୍ର- ଗୀତାର ସ୍ୱରୂପ - ମା' କ୍ଷୁଦ୍ର ପୁସ୍ତିକାଟିଏ।

ଏଥିରେ ଶ୍ରୀମାଙ୍କର ଚାରୋଟି ଶକ୍ତି ସହିତ ଶ୍ରୀଅରବିନ୍ଦ ଆମମାନଙ୍କୁ ପରିଚିତ କରାଇଥିଲେ ମଧ୍ୟ ଆହୁରି ଆଠଗୋଟି ଶକ୍ତି ଅପ୍ରକାଶିତ ରହିଛି। ଏମାନଙ୍କ ମାଧ୍ୟମରେ ମାତାଙ୍କ ସନ୍ତାନମାନଙ୍କ ଉପରେ କାର୍ଯ୍ୟ କରନ୍ତି। ସେ ନିଜେ ହିଁ ବିଶ୍ୱ ସାର ଅଧିଷ୍ଠାତ୍ରୀ ଭଗବତୀ ତତ୍‌ଶକ୍ତି। ତାଙ୍କର ରୂପ ଚତୁଷ୍ଟୟ ହେଉଛନ୍ତି ମାହେଶ୍ୱରୀ, ମହାକାଳୀ, ମହାଲକ୍ଷ୍ମୀ ଓ ମହାସରସ୍ୱତୀ। ସଂକ୍ଷେପରେ କହିଲେ ଜ୍ଞାନ, ବଳ, ସଂହତି ଓ ପରିପୂର୍ଣ୍ଣତା ହିଁ ଏ ଶକ୍ତି ଚତୁଷ୍ଟୟୀ ଅଭିବ୍ୟକ୍ତି। ଏ ସୃଷ୍ଟିକୁ ସର୍ବାଙ୍ଗ ସୁନ୍ଦର କରିବାକୁ ଯଦି ଅନନ୍ତକାଳ ପର୍ଯ୍ୟନ୍ତ ପରିଶ୍ରମ କରିବାକୁ ପ୍ରୟୋଜନ ହୁଏ, ତାହା ସକାଶେ ସେ ପ୍ରସ୍ତୁତ। ମା'ଙ୍କର ସମସ୍ତ ଶକ୍ତି ମଧ୍ୟରେ ମନୁଷ୍ୟର ସମସ୍ତ ତ୍ରୁଟିକୁ ସେ ସର୍ବାପେକ୍ଷା ଅଧିକ ଧୈର୍ଯ୍ୟ ସହ ସହ୍ୟ କରି ଆସିଛନ୍ତି। ଦୟା ଓ ସ୍ମିତହାସ୍ୟ ସହ ଆମ ପାଖେ ପାଖେ ରହିଛନ୍ତି ଓ ସର୍ବଦା ସାହାଯ୍ୟ କରୁଛନ୍ତି। ଏହାହିଁ ଶ୍ରୀଅରବିନ୍ଦଙ୍କ ଉକ୍ତି।

ଶେଷରେ ଶ୍ରୀଅରବିନ୍ଦ ଲେଖିଛନ୍ତି- କୌଣସି ମାନୁଷୀ ପ୍ରୟାସ ବା ତପସ୍ୟା ନୁହେଁ। କେବଳ ମା'ଙ୍କର ଶକ୍ତି ହିଁ ଆବରଣ ଛିନ୍ନ କରି ଦେଇପାରେ। ଆଧାରକୁ ଗଢ଼ିପାରେ, ଏହି ତମିସ୍ରା ମିଥ୍ୟା, ମୃତ୍ୟୁ ଓ ବେଦନାପୂର୍ଣ୍ଣ ଜଗତରେ ଉତ୍ତାରି ଆଣିପାରେ ସତ୍ୟ, ଜ୍ୟୋତି, ଦିବ୍ୟଜୀବନ ଏବଂ ଅମର ଆନନ୍ଦ। ଏହା ପ୍ରତିଶକ୍ତିର ସ୍ମାରକୀ।

ମୋ : ୯୪୩୮୧୮୬୨୨୬

## ଏଇ ଭାରତରେ

ମଧୁକାନ୍ତ ଭଟ୍ଟଙ୍କ ପାଇଁ ବୟସ ବାଧକ ହୋଇନାହିଁ। ୯୩ ବର୍ଷ ବୟସରେ ସେ ବର୍ଜ୍ୟ କନାରୁ ବ୍ୟାଗ୍ କରି ଲୋକଙ୍କୁ ମାଗଣାରେ ବାଣ୍ଟୁଛନ୍ତି। ୫ ବର୍ଷ ହେଲା ସେ ଏଭଳି କାର୍ଯ୍ୟ କରିଆସୁଛନ୍ତି। ପ୍ଲାଷ୍ଟିକ ପଲିଥିନ ବ୍ୟାଗ୍‌ର ପରିବେଶଗତ ପ୍ରଭାବ ରୋକିବା ଲାଗି ସେ ଏଭଳି ଅଭିଯାନ ଆରମ୍ଭ କରିଛନ୍ତି। ଏବେ ସୁଦ୍ଧା ସେ ୩୫,୦୦୦ ଲୋକଙ୍କୁ ମାଗଣାରେ କନା ବ୍ୟାଗ ବାଣ୍ଟିସାରିଲେଣି। ସେ ରୁହନ୍ତି ହାଇଦ୍ରାବାଦରେ। ଜନ୍ମ ତାଙ୍କର ଗୁଜରାଟ ଜାମନଗରରେ। ୪ ଝିଅ ଓ ଗୋଟିଏ ପୁଅର ମା' ମଧୁକାନ୍ତ। ତାଙ୍କ ସନ୍ତାନଙ୍କୁ ଭଲ ଶିକ୍ଷା ଦେବା ସହ ସିଲାଇ କାମ କରୁଥିଲେ। ସେ ପ୍ରଥମେ ୧୯୫୫ ମସିହାରେ ୨୦୦ ଟଙ୍କାରେ ସିଲେଇ ମେଶିନ କିଣି ବିଭିନ୍ନ ପ୍ରକାର ପୋଷାକ ତିଆରି କରୁଥିଲେ। ତାଙ୍କର ସେହି ଅଭ୍ୟାସ ଏବେ ପରିଣତ ବୟସରେ ତାଙ୍କୁ ବେଶ୍ ସହାୟକ ହେଉଛି। ସେ ସକାଳ ୭ରେ ଉଠି ନିତ୍ୟକର୍ମ ସାରି ଜଳଖିଆ ଖାଇ ମେଶିନ୍‌ରେ ବସି ବ୍ୟାଗ୍ ତିଆରି କରୁଛନ୍ତି। ବ୍ୟାଗ୍ ପାଇଁ ବର୍ଜ୍ୟ କନା ସେ ସେକ୍ସଟାଇଲ କମ୍ପାନୀ ଟେଲରମାନଙ୍କ ନିକଟରୁ ସଂଗ୍ରହ କରନ୍ତି। ଏପରିକି ଅନେକ ଟେଲର ମାଲିକ ମଧୁକାନ୍ତଙ୍କ ପାଖରେ କନା ପହଞ୍ଚାଇ ଦେଉଛନ୍ତି। ସେ ତିଆରି କରୁଥିବା ବ୍ୟାଗ୍ ଲୋକଙ୍କୁ ବାଣ୍ଟିବା ଲାଗି କେତେକ ଏନ୍‌ଜିଓ ବି ତାଙ୍କୁ ସହଯୋଗ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୨୪ ଏପ୍ରିଲ ୧୯୯୮**

- ଶ୍ରୀଲଙ୍କାର ଉତ୍ତର ଓ ପୂର୍ବାଞ୍ଚଳରେ ପୃଥକ୍ ସଂଘର୍ଷ ଘଟି ୧୧ ତାମିଲ ଗେରିଲା ଓ ୧୦ ନିରାପତ୍ତା କର୍ମଚାରୀ ନିହତ।
- ଆମେରିକାର ବର୍ଣ୍ଣବୈଷମ୍ୟ ବିରୋଧୀ କୃଷ୍ଣକାୟ ନେତା ମାର୍ଟିନ ଲୁଥରଙ୍କ ହତ୍ୟାକାରୀ ଭାବେ ପରିଚିତ ଜେମ୍ସ ଅଲରେଙ୍କ ପରଲୋକ।
- ବରିଷ୍ଠ କଂଗ୍ରେସ ନେତା ତଥା ରାଜ୍ୟସଭା ସଦସ୍ୟ ଜ୍ଞାନରଞ୍ଜନଙ୍କ ୫୦ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

ନବୀନର ମେରୁଦଣ୍ଡ ଅତୀତର
କ୍ଷୀଣ ଅବଶେଷ
ଭବିଷ୍ୟର ଶାସକ ହେ ପୁରାତନ
ହେ ପଳିତ କେଶ!
-(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | 2 | | | 9 | | | | |
| | | 1 | 4 | | | | | 6 |
| | 6 | | | | 5 | 3 | | |
| | | | | | | 1 | 7 | |
| | 3 | | | | 1 | | | 5 |
| | 7 | | | 3 | | 4 | | |
| | | | | | 9 | | | 4 |
| 9 | 5 | | | | 3 | | | 2 |
| 2 | | | | | | | 5 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 1 | 5 | 2 | 3 | 6 | 9 | 7 | 8 |
| 9 | 3 | 6 | 8 | 4 | 7 | 2 | 1 | 5 |
| 8 | 2 | 7 | 1 | 9 | 5 | 6 | 4 | 3 |
| 2 | 6 | 4 | 5 | 1 | 3 | 8 | 9 | 7 |
| 5 | 7 | 8 | 4 | 2 | 9 | 3 | 6 | 1 |
| 3 | 9 | 1 | 7 | 6 | 8 | 5 | 2 | 4 |
| 6 | 8 | 9 | 3 | 7 | 1 | 4 | 5 | 2 |
| 1 | 5 | 2 | 6 | 8 | 4 | 7 | 3 | 9 |
| 7 | 4 | 3 | 9 | 5 | 2 | 1 | 8 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଯାତ୍ରାରେ ଅଶ୍ଳୀଳତା ବନ୍ଦ ହେଉ

ମହାଶୟ,

ଯାତ୍ରାନୁଷ୍ଠାନଗୁଡ଼ିକ ଅଶ୍ଳୀଳ ଭାଷା ପ୍ରତି ସଚେତନ ନ ହୋଇ ବାରମ୍ବାର ଅଶ୍ଳୀଳ ଶବ୍ଦ ପ୍ରୟୋଗ କରୁଛନ୍ତି, ଯାହା ପରିବାର ପାଇଁ ଆଦୌ ସହନୀୟ ନୁହେଁ। ଏଥିପ୍ରତି କଳାକାର ଭାଇ-ଭଉଣୀ, ମାଲିକ ତଥା ପରିଚାଳକମାନେ ଅଧିକ ଯତ୍ନବାନ୍ ହୁଅନ୍ତୁ। କମେଡିରେ ଗାଳିଗୁଲଜ ମଧ୍ୟରେ ଭାଷା ପ୍ରତି ସଞ୍ଜତ ନୁହନ୍ତି। ଶାଳୀନତା ରକ୍ଷା ନ କଲେ ଭବିଷ୍ୟତରେ ପ୍ରତିବାଦ ସ୍ୱର ଉଠିବାର ସମ୍ଭାବନା ଅଧିକ ରହିଛି। ଏଥିପ୍ରତି ପ୍ରଶାସନ ସଚେତନ ହୁଅନ୍ତୁ।

-ରମେଶ ଚନ୍ଦ୍ର ବେହେରା, ଆୟତ୍ତପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ‘ଭାଜପା ସରକାର ଆସିଲେ ଓଡ଼ିଶା ଆହୁରି ସୁନ୍ଦର ହେବ’

## ଅକ୍ଷିମୁଠି ଅନୁକୂଳ କଲେ ବଲିଉଡ୍ ଅଭିନେତା ମିଥୁନ୍

ପିପିଲି/ପୁରୁଣା
ଭୁବନେଶ୍ୱର,୨୩।୪(ଡି.ଏନ୍.ଏ.)

ଓଡ଼ିଶାର ପାରମ୍ପରିକ କୃଷିଭିତ୍ତିକ ପର୍ବ ହେଉଛି ଅକ୍ଷୟତୃତୀୟା। ଏହି ଦିନଠାରୁ ଚାଷୀ ଅକ୍ଷିମୁଠି ଅନୁକୂଳ ପୂର୍ବକ କ୍ଷେତରେ ହଳ କରିବା ସହ ବିହନ ବୁଣିଥାନ୍ତି। ଏହି ପରିପ୍ରେକ୍ଷୀରେ ରାଜଧାନୀ ଉପକଣ୍ଠ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତରେ କୌଶଲ୍ୟାଗଙ୍ଗ ଭାଜପା ମଣ୍ଡଳ ପକ୍ଷରୁ ଅକ୍ଷିମୁଠି ଅନୁକୂଳ କାର୍ଯ୍ୟକ୍ରମ ହୋଇଯାଇଛି। ଏଥିରେ ବଲିଉଡ ଅଭିନେତା ତଥା ଭାଜପା ନେତା ମିଥୁନ୍ ଚକ୍ରବର୍ତ୍ତୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଅକ୍ଷିମୁଠି ଅନୁକୂଳ କରିଥିଲେ। ଏହି ଅବସରରେ ପୁରୀ ଜିଲା ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଚକ୍ରବର୍ତ୍ତୀ ଯୋଗଦେଇ କହିଥିଲେ, ଭୁବନେଶ୍ୱର ଆଗ ଅପେକ୍ଷା ଖୁବ୍ ସୁନ୍ଦର ହୋଇଛି। ଅନୁରୂପ ଭାବେ ଓଡ଼ିଶା ମଧ୍ୟ ସୁନ୍ଦର। ଭାଜପା ସରକାର ଆସିଲେ ଓଡ଼ିଶା ଆହୁରି ସୁନ୍ଦର ହେବ। ଶହୀଦ ଦେବାଶିଷ ବିଶ୍ୱାଳଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପୂର୍ବକ ଭାରତ ମାତା କି ଜୟ କହିଥିଲେ। ଏହି ଅବସରରେ ଆୟୋଜକଙ୍କ ପକ୍ଷରୁ ଚକ୍ରବର୍ତ୍ତୀଙ୍କୁ ଏକ ଚାନ୍ଦୁଆ ପ୍ରଦାନ କରାଯାଇଥିଲା। ମୁଖ୍ୟ ବକ୍ତାଭାବେ ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ୍ ପାତ୍ର ଓ ସମ୍ମାନିତ ଅତିଥିଭାବେ ଶଙ୍କର ପରିଡା ଯୋଗଦେଇ ବକ୍ତବ୍ୟ ରଖିଥିଲେ। କୌଶଲ୍ୟାଗଙ୍ଗ ଭାଜପା ମଣ୍ଡଳ ସଭାପତି ସୁଭାଶିଷ ରଥ ଅଧ୍ୟକ୍ଷତା କରିଥିବା ବେଳେ କୃଷକ ମୋର୍ଚ୍ଚା ସଭାପତି ଅଜୟ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁକାନ୍ତ ଭଞ୍ଜ, ସୌମ୍ୟରଞ୍ଜନ ଦାସ, ସୁବୋଧ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।


ଓଡ଼ିଶା ଗସ୍ତରେ ଆସିଥିବା ଭାଜପା ନେତା ମିଥୁନ୍ ଚକ୍ରବର୍ତ୍ତୀଙ୍କୁ ଭୁବନେଶ୍ୱର ବିମାନ ବନ୍ଦରରେ ସ୍ୱାଗତ କରୁଛନ୍ତି ଭାଜପା ରାଷ୍ଟ୍ରୀୟ ମୁଖ୍ୟପାତ୍ର ସମ୍ବିତ ପାତ୍ର ଓ ଅନ୍ୟମାନେ।

# ଭାଜପା ଛାଡ଼ି ବିଜେଡିରେ ମିଶିଲେ ତ୍ରିନାଥ ଗୁଆଲ

ଭୁବନେଶ୍ୱର, ୨୩।୪(ବ୍ୟୁରୋ)


ଭାଜପା ଛାଡ଼ି ବିଜେଡିରେ ଯୋଗଦେଇଥିବା ଝାରସୁଗୁଡ଼ା ବାର୍ ସଭାପତି ତ୍ରିନାଥ ଗୁଆଲ।

ଝାରସୁଗୁଡ଼ାର ବରିଷ୍ଠ ଭାଜପା ନେତା ତଥା ଝାରସୁଗୁଡ଼ା ବାର୍ ଆସୋସିଏଶନ ସଭାପତି ତ୍ରିନାଥ ଗୁଆଲ ବିଜେଡିରେ ଯୋଗଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶ ତଥା ଓଡ଼ିଶାର ସାମଗ୍ରିକ ବିକାଶ ଏବଂ ଲୋକାଭିମୁଖୀ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଭାଜପା ଛାଡ଼ି ବିଜେଡିରେ ସାମିଲ ହୋଇଥିବା ଗୁଆଲ କହିଛନ୍ତି। ରବିବାର ସନ୍ଧ୍ୟାରେ ରାଜ୍ୟ ବିଜେଡି ମୁଖ୍ୟ କାର୍ଯ୍ୟାଳୟ ‘ଶଙ୍ଖ ଭବନ’ରେ ଆୟୋଜିତ ଏକ ମିଶ୍ରଣ ପର୍ବରେ ଦଳର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର ଦଳୀୟ ଉତ୍ତରୀୟ ଦେଇ ଗୁଆଲଙ୍କୁ ସ୍ୱାଗତ କରିଥିଲେ। ରାଜ୍ୟ ସଭା ସଦସ୍ୟ ତଥା ବିଜେଡି ସାଧାରଣ ସମ୍ପାଦକ ମାନସ ମଙ୍ଗରାଜଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ମିଶ୍ରଣ ସଭାରେ ଝାରସୁଗୁଡ଼ା ଜିଲା ପର୍ଯ୍ୟବେକ୍ଷକ ତଥା ବିଧାୟକ ଶାରଦା ପ୍ରସାଦ ନାୟକ ଏବଂ ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ଗୁଆଲ କହିଛନ୍ତି ଯେ, ଏବେ ସାରା ଓଡ଼ିଶାରେ ଯେଉଁ ବିକାଶର ପର୍ବ ଚାଲିଛି, ତାହା ମୋତେ ଅଭୀଭୂତ କରିଛି। ଏହାବ୍ୟତୀତ ଏବେ ଝାରସୁଗୁଡ଼ାରେ ଉପନିର୍ବାଚନ ପାଇଁ ପ୍ରଚାର ଚାଲିଥିବାବେଳେ ଦଳର ବରିଷ୍ଠ ନେତାମାନେ ଯେଉଁଭଳି ଭାବେ ଜଣେ ବାପଛେଉଣ୍ଡ ଝିଅକୁ ବ୍ୟକ୍ତିଗତ ଆକ୍ଷେପ କରିବା ସହ କୁତ୍ସାରଟନା କରିଆସୁଛନ୍ତି, ତାହା ମୋତେ ମର୍ମାହତ କରିବାରୁ ସେ ଦଳ ଛାଡ଼ିବାକୁ ନିଷ୍ପତ୍ତି ନେଇଛନ୍ତି। ସୂଚନାଯୋଗ୍ୟ, ଗୁଆଲ ବିଗତ ପୌର ନିର୍ବାଚନରେ ଭାଜପାରୁ ପୌରାଧ୍ୟକ୍ଷ ପ୍ରାର୍ଥୀ ହୋଇଥିଲେ। ଚଳିତ ଉପନିର୍ବାଚନରେ ମଧ୍ୟ ସେ ଭାଜପା ପକ୍ଷରୁ ତାରକା ପ୍ରଚାରକ ତାଲିକାରେ ଥିଲେ।

# କଂଗ୍ରେସରେ ମିଶିଲେ ବିଜେଡି କର୍ମୀ

ରାୟଗଡ଼ା,(ସ୍ୱ.ପ୍ର.)/
ରାୟଗଡ଼ା ଅଫିସ,୨୩।୪

ରାୟଗଡ଼ା ସହରସ୍ଥିତ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ରବିବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସ ସଭାପତି ଦୁର୍ଗା ପ୍ରସାଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଷମକଟକ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମୁନିଗୁଡ଼ା ଓ ବିଷମକଟକ ବ୍ଲକର ବହୁ ବିଜେଡି ନେତା ଓ କର୍ମୀ ଦଳକୁ ଫେରିଛନ୍ତି। ବିଜେଡ଼ିରେ ସେମାନଙ୍କୁ ଅଣଦେଖା କରାଯିବାରୁ ବିଜେଡ଼ି ଛାଡ଼ି ପୁଣି ଥରେ କଂଗ୍ରେସରେ ଯୋଗଦେଇଛନ୍ତି।


ଏମ୍‌ପି ସପ୍ତଗିରି ଉଲାକା କଂଗ୍ରେସକୁ ଫେରିଥିବା ନେତା ଓ କର୍ମୀଙ୍କୁ ସ୍ୱାଗତ କରୁଛନ୍ତି।

କୋରାପୁଟ ଏମ୍‌ପି ସପ୍ତଗିରି ଉଲାକାଙ୍କ ଉପସ୍ଥିତିରେ ମୁନିଗୁଡ଼ା ବ୍ଲକର ଡମ୍ବରୁ ଶତପଥୀ, ଲମ୍ବୋଦର ପିଡ଼ିକାକା, ଦାଶରଥୀ ପିଡ଼ିକାକା, ଲଇସନ ପିଡ଼ିକାକା ଏବଂ ବିଷମକଟକ ବ୍ଲକର ଡମ୍ବୁରୁଧର କୈବର୍ତ୍ତ ନିଜର ବହୁ ସମର୍ଥକଙ୍କ ସହ କଂଗ୍ରେସ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ବିଷମକଟକ ନିର୍ବାଚନମଣ୍ଡଳୀରେ ମୁନିଗୁଡ଼ା ଓ ବିଷମକଟକର ଭୋଟ ବିଶେଷ ଗୁରୁତ୍ୱ ବହନ କରିଥାଏ। ବିଧାୟକ ତଥା ମନ୍ତ୍ରୀ ଜଗନ୍ନାଥ ସାରକା ଓ ବିଜେଡ଼ି ଜିଲା ସଭାପତି ସୁଧୀର ଦାସଙ୍କ ଘର ବିଷମକଟକ ନିର୍ବାଚନ ମଣ୍ଡଳୀରେ ହୋଇଥିବା ବେଳେ ନିର୍ବାଚନ ପୂର୍ବରୁ ଉପରୋକ୍ତ ନେତାମାନେ କଂଗ୍ରେସରେ ଯୋଗଦେବା ବିଜେଡ଼ି ପାଇଁ ମହଙ୍ଗା ପଡ଼ିପାରେ ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି।

## ରାଜ୍ୟ ଖବର

# ‘ନୂତନ କିସମ ଧାନ ଉତ୍ପାଦନକୁ ସହଜ କରିଛି ବୈଷୟିକ ଜ୍ଞାନ’



ଏନ୍‌ଆର୍‌ଆର୍‌ଆଇ ପ୍ରତିଷ୍ଠା ଦିବସ ସମାରୋହରେ ଅତିଥିମାନେ ବାର୍ଷିକ ରିପୋର୍ଟ ଉନ୍ମୋଚନ କରୁଛନ୍ତି।

## ଏନ୍‌ଆର୍‌ଆର୍‌ଆଇ ପ୍ରତିଷ୍ଠା ଓ ଧାନ ଦିବସ

କଟକ ଅଫିସ,୨୩।୪

କଟକ ବିଦ୍ୟାଧରପୁରସ୍ଥିତ ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ (ଏନ୍‌ଆର୍‌ଆର୍‌ଆଇ)ର ୭୮ତମ ପ୍ରତିଷ୍ଠା ଓ ଧାନ ଦିବସ ପ୍ରତିଷ୍ଠାନ ପରିସରସ୍ଥ ସମ୍ମିଳନୀ କକ୍ଷରେ ରବିବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଭାରତ ସରକାରଙ୍କ ଉଦ୍ଭିଦ କିସମ ଏବଂ କୃଷକ ଅଧିକାର ପ୍ରାଧିକରଣର ଅଧ୍ୟକ୍ଷ ପ୍ରଫେସର ଡ. ତ୍ରିଲୋଚନ ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ, ଏନ୍‌ଆର୍‌ଆର୍‌ଆଇ ଖାଦ୍ୟଶସ୍ୟ ଉତ୍ପାଦନ କ୍ଷେତ୍ରରେ ଦେଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି। ଆଧୁନିକ ବୈଷୟିକ ଜ୍ଞାନ ପ୍ରୟୋଗ ନୂତନ କିସମ ଧାନ ଉତ୍ପାଦନକୁ ସହଜ କରିଛି ବୋଲି ସେ କହିଥିଲେ। ସେହିପରି ସମ୍ମାନିତ ଅତିଥି ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ନିର୍ଦ୍ଦେଶକ ଡ. ଏସ୍.କେ. ପ୍ରଧାନ କହିଥିଲେ, ଆଧୁନିକ କୃଷି ପ୍ରଣାଳୀରେ କୃଷକମାନଙ୍କୁ ଅଭ୍ୟସ୍ତ କରାଇବା ସହ ନୂତନ କିସମ ଧାନ ବିକଶିତ କରାଇବା ନିମନ୍ତେ ସର୍ବଦା ଏହି ପ୍ରତିଷ୍ଠାନର ଉଦ୍ୟମ ପ୍ରଶଂସନୀୟ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ଯୁଗ୍ମ ସଚିବ ଜି.ପି. ଶର୍ମା ଯୋଗଦେଇ କୃଷି ଉତ୍ପାଦନ ଉପରେ ଗୁରୁତ୍ୱାରୋପ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଡ. ଅମରେଶ କୁମାର ନାୟକ ଅନୁଷ୍ଠାନ ବିଭିନ୍ନ ପ୍ରକାର କୃଷିର ବିକାଶ, ମୃତ୍ତିକା-ସ୍ୱାସ୍ଥ୍ୟ ଓ ପରିବେଶ ପାଇଁ ଉପଯୁକ୍ତ ଧାନ କିସମଗୁଡିକ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ନିର୍ଦ୍ଦେଶକ ତଥା ବରିଷ୍ଠ ବୈଜ୍ଞାନିକ ଡ. ବି. ସି. ପାତ୍ର ଯୋଗଦେଇଥିଲେ। ସହ ଅଧ୍ୟକ୍ଷ ଡ. ବି. ମଣ୍ଡଳ ସ୍ୱାଗତ ଭାଷଣ ଓ ବୈଜ୍ଞାନିକ ଡ. ଗାକ୍ କୁମାର ଧନ୍ୟବାଦ ଦେଇଥିଲେ।

ଏହି ଅବସରରେ ଅନୁଷ୍ଠାନର ୧୮ ଜଣ ଅବସରପ୍ରାପ୍ତ କର୍ମଚାରୀ, ୮ ଶ୍ରେଷ୍ଠ କର୍ମୀ, ୪ ଜଣ ମେଧାବୀ ଛାତ୍ର ଏବଂ ଧାନଚାଷରେ ଅଭିନବ ପ୍ରଥା ଗ୍ରହଣ କରିଥିବା ୧୧ ପ୍ରଗତିଶୀଳ କୃଷକଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ଅତିଥିମାନେ ବାର୍ଷିକ ରିପୋର୍ଟକୁ ଉନ୍ମୋଚନ କରିଥିଲେ। ବହୁ ବିଶିଷ୍ଟ ବୈଜ୍ଞାନିକ, ଗବେଷକ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୃଷି ବିଭାଗର ଅଧିକାରୀମାନେ କାର୍ଯ୍ୟକ୍ରମରେ ଯୋଗଦେଇ ଆଧୁନିକ ପ୍ରଣାଳୀରେ ଚାଷ କରାଯାଇ ବିଭିନ୍ନ କିସମର ଧାନ ଉତ୍ପାଦନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏଥିସହ କୃଷି ସମ୍ପର୍କିତ ଏକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ପ୍ରତିଷ୍ଠାନ ପରିସରରେ ଅକ୍ଷୟ ତୃତୀୟା ପର୍ବ ପାଳନ ସହ ବିହନ ଅନୁକୂଳ କରାଯାଇଥିଲା। ଓଡ଼ିଶାର ବିଭିନ୍ନ ଜିଲା ଓ ପଡ଼ୋଶୀ ରାଜ୍ୟର କୃଷକମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସୂଚନାଯୋଗ୍ୟ, ୧୯୪୫ ମସିହା ପବିତ୍ର ଅକ୍ଷୟ ତୃତୀୟା ଦିନ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଦ୍ୟାଧରପୁରଠାରେ ଏନ୍‌ଆର୍‌ଆର୍‌ଆଇ ପ୍ରତିଷ୍ଠା ହୋଇଥିଲା।

## କଳାଦିବସ ଭାବେ ପାଳିଲେ ଠିକାଶ୍ରମିକ

ଏନ୍‌ଆର୍‌ଆର୍‌ଆଇରେ କାର୍ଯ୍ୟ କରୁଥିବା ଠିକା ଶ୍ରମିକମାନେ ପ୍ରତିଷ୍ଠା ଦିବସକୁ କଳା ଦିବସ ଭାବେ ପାଳନ କରିଛନ୍ତି। ସେମାନେ ମୌଳିକ ସୁବିଧାରୁ ବଞ୍ଚିତ ହେବା ସମ୍ପର୍କିତ ବିଭିନ୍ନ ଦାବିକୁ ଅନୁଷ୍ଠାନ ପକ୍ଷରୁ ସମାଧାନ ପାଇଁ କୌଣସି ଉଦ୍ୟମ କରା ନ ଯିବା ନେଇ କ୍ଷୋଭ ପ୍ରକାଶ କରିଛନ୍ତି। ଦୀର୍ଘ ୨୦ରୁ ୨୫ ବର୍ଷ ହେବ ଠିକା ଶ୍ରମିକ ଭାବେ କାମ କରି ଆସୁଥିଲେ ମଧ୍ୟ ସେମାନେ ଅବହେଳିତ ହେଉଥିବା ଶ୍ରମିକ ସଂଘ ସଭାପତି ବସନ୍ତ କୁମାର ସାହୁ ଏନ୍‌ଆର୍‌ଆର୍‌ଆଇ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏଥିରେ କାର୍ଯ୍ୟକାରୀ ସଭାପତି ଜ୍ୟୋତ୍ସ୍ନାରାଣୀ ସିଂହ, ଉପସଭାପତି କିଶୋର ଭୋଇ, ସାଧାରଣ ସମ୍ପାଦକ ସୁଧୀର ନାୟକ, ଭାରତୀୟ ମଜଦୁର ସଂଘର ଜିଲା ସମ୍ପାଦକ ଭାଗୀରଥି ବେହେରା, ଉପସଭାପତି ରମାକାନ୍ତ ସାହୁଙ୍କ ସମେତ ବହୁସଂଖ୍ୟକ ଶ୍ରମିକ ଉପସ୍ଥିତ ଥିଲେ।

# ଶିବାଳୟରେ ଥାଳଉଠା ସହ ଯାତ୍ରା ଅନୁକୂଳ


ଝାଡୁଆପଡ଼ା ଲୋକନାଥ ବାବାଙ୍କ ପୀଠରେ ଥାଳଉଠା ନୀତି।

## ସମ୍ବଲପୁରରେ ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା

ସମ୍ବଲପୁର,୨୩।୪ (ବ୍ୟୁରୋ)

ସମ୍ବଲପୁରରେ ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ପାଇଁ ରବିବାର ବିଭିନ୍ନ ଶିବାଳୟରେ ଥାଳଉଠା ପର୍ବ ସହ ଯାତ୍ରା ଅନୁକୂଳ ହୋଇଛି। ବୈଶାଖ ଶୁକ୍ଲପକ୍ଷ ଅକ୍ଷୟ ତୃତୀୟା ତିଥିରେ ଧାର୍ଯ୍ୟ ଲଗ୍ନ ସହ ଏହି ପରମ୍ପରା ସମ୍ପନ୍ନ ହୋଇଛି। ସକାଳେ ରୁଦ୍ରାଭିଷେକ ପରେ ଜଳାଶୟୀ ଓ ରୀତିନୀତିରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ଗୋଧୂଳି ଲଗ୍ନରେ ଶିବ ପଞ୍ଚାକ୍ଷରୀ ମନ୍ତ୍ର ପାଠ ସହ ଥାଳଉଠା ନୀତି ହୋଇଥିଲା। ଘଣ୍ଟ, ଶଙ୍ଖ, ହରିବୋଲ, ହୁଳହୁଳି ଧ୍ୱନିରେ ଶୈବପୀଠ ମୁଖରିତ ହୋଇ ଉଠିଥିଲା। ଦେବ ବିବାହ ଲାଗି ପାର୍ବତୀଙ୍କ କନ୍ୟା ମାତାପିତା ଚୟନ କରାଯାଇଥିଲା। ପଣ୍ଡିତମାନେ ମନ୍ତ୍ର ଉଚ୍ଚାରଣ କରି କନ୍ୟା ମାତାପିତା ଚୟନ ରୀତିକୁ ସମ୍ମତି ଜଣାଇଥିଲେ। କ୍ରମାନ୍ୱୟରେ ସର୍ବପୁରାତନ ବାଲିବନ୍ଧାର ସୋମନାଥ ବାବା, ନନ୍ଦପଡ଼ାର ଶ୍ରୀ ଶ୍ରୀ ବମ୍ବରାଡ ବାଲୁଙ୍କେଶ୍ୱର ବାବା, ଝାଡୁଆପଡ଼ାର ଲୋକନାଥ ବାବା, ମୁଦିପଡ଼ାର ଶ୍ରୀ ଶ୍ରୀ ଜାଗେଶ୍ୱର ବାବା, ବୁଢ଼ାରଜା ମହାଦେବ, ବଡବଜାରର ଶ୍ରୀ ଶ୍ରୀ ଶୀତଳେଶ୍ୱର ବାବା, ଠାକୁରପଡ଼ାର ଶ୍ରୀ ଶ୍ରୀ ଗୁପ୍ତେଶ୍ୱର ବାବାଙ୍କ ପୀଠ ସମେତ ସହରର ଛୋଟ ବଡ ଶିବ ମନ୍ଦିରରେ ଥାଳଉଠା ପର୍ବ ହୋଇଥିଲା। ପଡ଼ାର ମୁରବିମାନେ ଥାଳଧରି ପଡ଼ା ବୁଲି ଭକ୍ତଙ୍କଠାରୁ ଅର୍ଥ ସଂଗ୍ରହ କରିଥିଲେ। ଯାତ୍ରା କମିଟି ସଭ୍ୟମାନେ ଭକ୍ତମାନଙ୍କୁ ବେଲପତ୍ର, ପଦ୍ମଫୁଲ ଓ ପ୍ରସାଦ ପ୍ରଦାନ କରିଥିଲେ।

ପୌରାଣିକ ଶ୍ଳୋକ ଓ ଶିବ ସ୍ତୁତିକୁ ଭିତ୍ତି କରି ଶୈବ ପୀଠରେ ଥାଳଉଠା ପର୍ବ ହୋଇଥିଲା। ଶିବାଗଣ ମାତା ଅନ୍ନପୂର୍ଣ୍ଣାଙ୍କୁ ପୂଜାର୍ଚ୍ଚନା କରି ହେ ମା’ ଆମକୁ ସଦୟହୋଇ ଥାଳ ପୂର୍ଣ୍ଣ କରିଦିଅ, ଯଦ୍ୱାରା ଆମେ ଭଗବାନ ଶିବଙ୍କ ସେବା କରିବୁ। ତତ୍‌ସହ ଜଗତ୍‌ଜନନୀ ମାତା ପାର୍ବତୀ ଓ ମହାଦେବଙ୍କ ଲୌକିକ ବିବାହ କରିପାରିବୁ ବୋଲି ପଣ୍ଡିତମାନେ ଶ୍ଳୋକ ଉଚ୍ଚାରଣ କରି କହିଥିଲେ। ଏହି ପର୍ବରେ କମିଟି ପକ୍ଷରୁ ପିତଳ ଓ ରୁପା ଥାଳି ବ୍ୟବହାର କରାଯାଇଥାଏ। ସୂଚନାଯୋଗ୍ୟ, ପ୍ରାୟ ୪ଶହ ବର୍ଷରୁ ଉର୍ଦ୍ଧ୍ୱ ହେବ ଏଠାରେ ଏହି ଥାଳଉଠା ପରମ୍ପରା ରହିଆସିଛି। ପିତଳ ଓ ରୌପ୍ୟ ଥାଳିରେ ବେଲପତ୍ର, ପଦ୍ମଫୁଲ ରଖାଯାଇଥାଏ। ତା’ ଉପରେ ହଳଦିଆ ଓ ଲାଲ ରଙ୍ଗର ପାଟବସ୍ତ୍ର ଘୋଡାଯାଇଥାଏ। ଭକ୍ତମାନେ ଭଗବାନ ଶିବ ଓ ଜଗତ୍‌ଜନନୀ ମାତା ପାର୍ବତୀଙ୍କ ଉଦ୍ଦେଶ୍ୟରେ ଏହି ଥାଳକୁ ଟେକିଥାନ୍ତି (ଅର୍ପଣ), ଯାହାକୁ ଥାଳଉଠା ପର୍ବ କୁହାଯାଇଥାଏ।

# ୨ ଦିନ ପ୍ରବଳ ବର୍ଷିବ: ୮ ଜିଲାକୁ ଅରେଞ୍ଜ ୱାର୍ନିଂ

ଭୁବନେଶ୍ୱର,୨୩।୪(ବ୍ୟୁରୋ)

ଆସନ୍ତା ୨ ଦିନ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀଜନିତ ପ୍ରବଳ ବର୍ଷା ସମ୍ଭାବନା ରହିଛି। ରାଜ୍ୟରେ ପଶ୍ଚିମା ଝଡ଼ ସକ୍ରିୟ ଥିବାବେଳେ ଉତ୍ତରପ୍ରଦେଶ ଏବଂ ଏହାର ଆଖପାଖରେ ଏକ ନିମ୍ନ ଚାପରେଖା ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ରାଜ୍ୟରେ ତାତିରେ ବ୍ରେକ୍ ଲାଗିଛି। ଗତ ୩ ଦିନ ହେବ ରାଜ୍ୟର ବିଭିନ୍ନ ଜିଲାରେ ଝଡ଼ବର୍ଷା ଲାଗିରହିଛି। ରବିବାର ବାଲେଶ୍ୱରରେ ୧୧, ଚାନ୍ଦବାଲି ୫.୭, କଟକ ୭.୪, ଭୁବନେଶ୍ୱର ୨୧.୩, ଅନୁଗୋଳ ୧୨, ବାରିପଦା ୧୦, ଝାରସୁଗୁଡ଼ା ୧୭, ସମ୍ବଲପୁର ୩୪.୮, ସୁନ୍ଦରଗଡ଼ ୧୯.୪, ହୀରାକୁଦ ୨୫.୪, ଭବାନୀପାଟଣା ୩୫.୮, ଫୁଲବାଣୀ ୬.୮, ଟିଟିଲାଗଡ଼ ୧୨, ଭଦ୍ରକ ୨୦, ଢେଙ୍କାନାଳ ୧୨, ଦେବଗଡ଼ରେ ୧୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

ରାଜ୍ୟରେ କାଳବୈଶାଖୀଜନିତ ବର୍ଷା ଲାଗିରହିବା ଯୋଗୁ ସୋମବାର କଟକ, ଢେଙ୍କାନାଳ, ଯାଜପୁର, କନ୍ଧମାଳ, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଜିଲାର କେତେକ ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ବର୍ଷା ସମୟରେ ଘଣ୍ଟା ପ୍ରତି ୪୦ରୁ ୫୦ କି.ମି. ବେଗରେ ପବନ ବହିବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିପରି ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଖୋର୍ଦ୍ଧା, ପୁରୀ, ଗଞ୍ଜାମ, କନ୍ଧମାଳ, ଅନୁଗୋଳ, କେନ୍ଦୁଝର, ଦେବଗଡ଼, ସୁନ୍ଦରଗଡ଼, ସମ୍ବଲପୁର, ବଲାଙ୍ଗୀର, ସୁବର୍ଣ୍ଣପୁର, ବୌଦ୍ଧ, ଗଜପତି ଜିଲାରେ ମଧ୍ୟ ଘଡ଼ଘଡ଼ି ସହ ବର୍ଷା ପବନ ହେବ। ଏହିସବୁ ଜିଲାପାଇଁ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି। ଏଥିପାଇଁ ସତର୍କତାମୂଳକ ପଦକ୍ଷେପ ନେବାକୁ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଭିନ୍ନ ଜିଲାର ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷକରି ବିଜୁଳି, ଘଡ଼ଘଡ଼ି ସହ ପବନ ଯୋଗୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ସହ ଲୋକଙ୍କୁ ସଚେତନ କରିବାକୁ କୁହାଯାଇଛି।

# ‘ସଉରାମାନେ ନିଜ ଭାଷା କହିବାରୁ ଏବେ ବି ବଞ୍ଚିତ’

## ସଉରା ଭାଷା ସମ୍ମେଳନ ଉଦ୍‌ଯାପିତ

ଭୁବନେଶ୍ୱର,୨୩।୪(ବ୍ୟୁରୋ)


ସମ୍ମେଳନରେ ଅନ୍ୟ ଅତିଥିଙ୍କ ସହ ସଉରା ଲେଖିକାଲେଖକମାନେ।

ସାମାଜିକସ୍ତରରେ ନିଜ ଭାଷାରେ କଥା କହିବାର ଅଧିକାରରୁ ଏବେ ବି ସଉରାମାନେ ବଞ୍ଚିତ। ସଉରାମାନେ ସେହିଦିନ ଖୁସି ହେବେ, ଯେଉଁଦିନ ସର୍ବସମ୍ମୁଖରେ ନିଜ ଭାଷାରେ କଥା କହିବାର ସୁଯୋଗ ମିଳିବ। ରବିବାର ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ୨ଦିନିଆ ଜାତୀୟ ସ୍ତରୀୟ ‘ସଉରା ଭାଷା ସମ୍ମେଳନ’ର ଉଦ୍‌ଯାପନୀ ଦିବସରେ ସଉରା ଲେଖିକାଲେଖକମାନେ ଏହା ପ୍ରକାଶ କରିଛନ୍ତି। ସେମାନେ କହିଛନ୍ତି, କେନ୍ଦ୍ର ସାହିତ୍ୟ ଅକାଦେମୀ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ସଉରା ଭାଷାଭାଷୀଙ୍କ ପାଇଁ ଏକ ସମ୍ଭାବନାର ଦ୍ୱାର ଉନ୍ମୁକ୍ତ କରିଛି। ପୂର୍ବାହ୍ନରେ ‘ସଉରା ଆଦିବାସୀ ଓ ବିଶ୍ୱାସ’ ଶୀର୍ଷକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ଏଥିରେ ଦ୍ୱିତୀଚନ୍ଦ୍ର ସାହୁ, ବିଜୟ ଉପାଧ୍ୟାୟ ଓ ସୁରେନ୍ଦ୍ର ନାଥ ସାହୁ ପ୍ରବନ୍ଧ ପାଠ କରିଥିଲେ। ଏହାର ସଭାପତିତ୍ୱ କରିଥିଲେ ଜଗନ୍ନାଥ ମହାନ୍ତି। ମଧ୍ୟାହ୍ନରେ ଅନୁଷ୍ଠିତ ‘ଆନ୍ଧ୍ରପ୍ରଦେଶ, ଓଡ଼ିଶା ଓ ଉତ୍ତର-ପୂର୍ବାଞ୍ଚଳର ସଉରା ଭାଷା ଓ ସାହିତ୍ୟ’ ଶୀର୍ଷକ ଆଲୋଚନାଚକ୍ରରେ ପ୍ରବନ୍ଧ ପାଠ କରିଥିଲେ ସଉରା ଗଙ୍ଗାରାଓ, ଇନାମ ଗମାଙ୍ଗୋ ଓ ମଗନ୍ ସାୱର। ସଭାପତିତ୍ୱ କରିଥିଲେ ଡ. ମହେନ୍ଦ୍ର କୁମାର ମିଶ୍ର। ଅପରାହ୍ନରେ ସଉରା ଗୀତିକବିତା ପାଠ ଉତ୍ସବରେ ଶବର ଭେଙ୍କଟ ରାଓ, ଲିପ୍ସୁ ଶବର (ଲକ୍ଷ୍ମୀ), ଗୁନାସାଇ ଶବର, ଆବିଦ୍ ନାୟକ, ଗଞ୍ଜାମ ମଣ୍ଡଳ, କମଳ ଲୋଚନ ଶବର ଓ ଫିଲିର ମଣ୍ଡଳ କବିତା ପାଠ କରିଥିଲେ। ଡ. ବିଜୟାନନ୍ଦ ସିଂହ ସଭାପତିତ୍ୱ କରିଥିଲେ। ସମସ୍ତ ଅଧିବେଶନରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ ଓ କେନ୍ଦ୍ର ସାହିତ୍ୟ ଅକାଦେମୀ ସଚିବ ଡ. କେ. ଶ୍ରୀନିବାସରାଓ ଅଙ୍ଗବସ୍ତ୍ର ଓ ପୁସ୍ତକ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଆଧ୍ୟାତ୍ମିକ ସଙ୍ଗୀତ ପରିବେଷଣ କରାଯାଇଥିଲା। କେନ୍ଦ୍ର ସାହିତ୍ୟ ଏକାଡେମୀ ଉପ ସଚିବ ଏନ. ସୁରେଶ ବାବୁ ଧନ୍ୟବାଦ ଅର୍ପଣ କରିଥିଲେ। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କିସ୍ ଷ୍ଟାଡିୟମରେ ସି-୨୦ ମାନବ ଲୋଗୋ

## ୩ହଜାର ଛାତ୍ରୀଙ୍କ ଦ୍ୱାରା ଲାଇଟ୍ ଶୋ’

ଭୁବନେଶ୍ୱର,୨୩।୪(ବ୍ୟୁରୋ)

କିଟ୍ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ସିଭିଲ-୨୦(ସି-୨୦) ଅଧୀନରେ ଲିଙ୍ଗଗତ ସମାନତା ଓ ଦିବ୍ୟାଙ୍ଗ ୱାର୍କିଂ ଗ୍ରୁପ୍ ସମ୍ମିଳନୀ ଅବସରରେ କିସ୍ ଷ୍ଟାଡିୟମରେ କିସ୍‌ର ୩ ହଜାର ଛାତ୍ରୀ ସି-୨୦ ମାନବ ଲୋଗୋ ତିଆରି କରିବା ସହ ଏକ ସ୍ୱତନ୍ତ୍ର ଟର୍ଚ୍ଚ ଲାଇଟ୍ ଶୋ’କରିଥିଲେ। ଏହି ଅବସରରେ ଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓ ସି-୨୦ ଚେୟାର ପ୍ରତିନିଧି ସ୍ୱାମୀ ଅମ୍ରିତାସ୍ୱରୂପାନନ୍ଦ ପୁରୀ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ଦେଶରୁ ଆସିଥିବା ପ୍ରତିନିଧିଗଣ ଏବଂ କିଟ୍ ଓ କିସ୍‌ର ବହୁ ପଦାଧିକାରୀ ଉପସ୍ଥିତ ଥିଲେ। ମହିଳା ସଶକ୍ତୀକରଣ, ଲିଙ୍ଗଗତ ସମାନତା ଏବଂ ଦିବ୍ୟାଙ୍ଗଙ୍କ ଅଧିକାରକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ମାର୍ଚ୍ଚ ୮ ଅନ୍ତର୍ଜାତୀୟ ମହିଳା ଦିବସଠାରୁ ମେ ୨୨ ବିଶ୍ୱ ଧରିତ୍ରୀ ଦିବସ ପର୍ଯ୍ୟନ୍ତ ବିଶ୍ୱବ୍ୟାପୀ ୧ ମିଲିୟନ ଲାଇଟ ଶୋ’ ଅଭିଯାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ କିସ୍‌ର ଛାତ୍ରୀମାନେ ସେମାନଙ୍କ ଜୀବନରେ ପରିବର୍ତ୍ତନ ଆଣିବାରେ ସହାୟକ ହୋଇଥିବା ବ୍ୟକ୍ତି ଓ ଅନୁଷ୍ଠାନକୁ ସମ୍ମାନ ଜଣାଇ ଏହି ଲାଇଟ ଶୋ’ କରିଥିଲେ।

# ସରୁନି ଜନକ-ହଳଧରପୁର ରାସ୍ତା କାମ

■ ୨୦୨୨ ଅଗଷ୍ଟ ୭ରୁ ସରିଲାଣି ଅବଧି
■ ଟେଣ୍ଡର ଓ ଗୁପ୍ତ ଟେଣ୍ଡର ଜରିଆରେ ବିପୁଳ ଟଙ୍କା ଲୁଟ୍

ଚଣ୍ଡିଖୋଲ,୨୩।୪(ଡି.ଏନ୍.ଏ.): ପୂର୍ତ୍ତ ବିଭାଗ ତରଫରୁ ରାସ୍ତାର ଟେଣ୍ଡର କରାଯାଉଛି। ରାସ୍ତା କାର୍ଯ୍ୟ ଶେଷ ହେବା ପାଇଁ ସମୟ ସୀମା ବିଧାର୍ଯ୍ୟ କରାଯାଉଛି। ମାତ୍ର କାର୍ଯ୍ୟ ସରୁନାହିଁ। ଏହାପରେ ଗୁପ୍ତ ଟେଣ୍ଡର ଜରିଆରେ ବିପୁଳ ଟଙ୍କା ଲୁଟ୍ କରାଯାଉଛି। ଏଭଳି ଘଟଣା ଦେଖିବାକୁ ମିଳିଛି କଟକ ଚାରବାଟିଆ ପୂର୍ତ୍ତ ବିଭାଗ ଡିଭିଜନ୍ ଅଧୀନ ଜନକ-ହଳଧରପୁର ରାସ୍ତା କାର୍ଯ୍ୟରେ।

ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ, ପୂର୍ବରୁ ଜନକ-ହଳଧରପୁର ରାସ୍ତାଟି ଜଳସମ୍ପଦ ବିଭାଗ ଅଧୀନରେ ଥିଲା। ଗେଙ୍ଗୁଟି ନଦୀବନ୍ଧ ଭାବେ ଜଳ ସମ୍ପଦ ବିଭାଗ ଏହାର ରକ୍ଷଣାବେକ୍ଷଣ କରୁଥିଲା। ମାତ୍ର ୨୦୧୯ ଡିସେମ୍ବରରେ ରାସ୍ତାକୁ ଚାରବାଟିଆ ପୂର୍ତ୍ତ ବିଭାଗ ଡିଭିଜନ୍ ଅଧୀନକୁ ହସ୍ତାନ୍ତର କରାଗଲା। ମାତ୍ର ଆଶ୍ଚର୍ଯ୍ୟର କଥା ଯେଉଁ ମାସରେ ହସ୍ତାନ୍ତର କରାଗଲା ସେହି ମାସରେ ଗୁପ୍ତଟେଣ୍ଡର ଆରମ୍ଭ ହୋଇଗଲା। ୨୪।୧୨।୨୦୧୯ରେ ସମରେନ୍ଦ୍ର ମହାନ୍ତିଙ୍କ ନାମରେ ୪ ଲକ୍ଷ ୩୫ ହଜାର ୫୪୮ ଟଙ୍କା, ପୁନର୍ବାର ତାଙ୍କରି ନାମରେ ୨୦୨୦ ଫେବୃୟାରୀ ୧୭ରେ ୪ ଲକ୍ଷ ୩୭ ହଜାର ୩୮୦ ଟଙ୍କା, ମାର୍ଚ୍ଚ ୬ରେ ୪ ଲକ୍ଷ ୮୬ ହଜାର ୪୦୭ ଟଙ୍କା ଓ ସେହିଦିନ ଆଉଏକ ୨ ଲକ୍ଷ ୧,୫୬୪ ଟଙ୍କା , ୨୦୨୧ ଫେବୃୟାରୀ ୨୦ରେ ୨ ଲକ୍ଷ ୭୫ ହଜାର ୬୯୨ ଟଙ୍କା , ମାର୍ଚ୍ଚ ୧୨ରେ ୩ଲକ୍ଷ ୫୭ ଟଙ୍କା, ଡିସେମ୍ବର ୧୦ରେ ୪ ଲକ୍ଷ ୮୯ ହଜାର ୯୦୧ ଟଙ୍କା, ୨୦୨୨ ଜାନୁୟାରୀ ୧୦ରେ ୨ ଲକ୍ଷ ୯୩ ହଜାର ୯୯୫ ଟଙ୍କା ଟେଣ୍ଡର ହୋଇଥିବା ଦର୍ଶାଯାଇଛି।

ସେହିଭଳି ୨୦୨୦ ମାର୍ଚ୍ଚ ୬ରେ ପ୍ରଦୀପ୍ତ କିଶୋର ବଳଙ୍କ ନାମରେ ୨ ଲକ୍ଷ ୯୨ ହଜାର ୮୮୬ ଟଙ୍କା, ଜୁନ୍ ୧୮ରେ ୧ ଲକ୍ଷ ୪୭ ହଜାର ୫୭୪ ଟଙ୍କା, ୨୦୨୧ ଫେବୃୟାରୀ ୨ରେ ୨ ଲକ୍ଷ ୭୫ ହଜାର ୫୯୫ ଟଙ୍କା, ଫେବୃୟାରୀ ୮ରେ ୨ଲକ୍ଷ ୯୩ ହଜାର ୯୦୩ଟଙ୍କା ଖର୍ଚ୍ଚା କରାଯାଇଥିବା ଦର୍ଶାଯାଇଛି। ଜିତେନ୍ଦ୍ର ସ୍ୱାଇଁଙ୍କ ନାମରେ ୨୦୨୦ ଫେବୃୟାରୀ ୭ରେ ୨ ଲକ୍ଷ ୪୩ ହଜାର ୪୫୧ ଟଙ୍କା, ୨୦୨୧ ଫେବୃୟାରୀ ୧୫ରେ ୨ ଲକ୍ଷ ୯୨ ହଜାର ୨୬୭ଟଙ୍କା, ୨୫ ତାରିଖରେ ୨ ଲକ୍ଷ ୯୬ ହଜାର ୬୩୬ ଟଙ୍କା, ମାର୍ଚ୍ଚ ୧୮ରେ ୨ ଲକ୍ଷ ୯୭ ହଜାର ୨୩୬ ଟଙ୍କା ଓ ସେହିଦିନ ୪ ଲକ୍ଷ ୬୬ ହଜାର ୩୫ ଟଙ୍କା, ୨୦୨୨ ଜାନୁୟାରୀ ୧୪ରେ ୫୪ ହଜାର ୫୬୩ ଟଙ୍କା, ୨୦୨୧ ଡିସେମ୍ବର ୨୦ରେ ୪ ଲକ୍ଷ ୮୫ ହଜାର ୮୪୮ଟଙ୍କା ଓ ମାର୍ଚ୍ଚ ୨୧ରେ ୪ ଲକ୍ଷ ୬୫ ହଜାର ୩୩୨ ଟଙ୍କା ଖର୍ଚ୍ଚ କରାଯାଇଥିବା ଦର୍ଶାଯାଇଛି।

୨୦୨୧ ଫେବୃୟାରୀରେ ଅକ୍ଷୟ ସେନାପତିଙ୍କ ନାମରେ ୨ ଲକ୍ଷ ୯୩ ହଜାର ୬୫୧, ସନ୍ଦୀପ ଜେନାଙ୍କ ନାମରେ ୧୨ ଲକ୍ଷ ୩୬ ହଜାର ୩୯୬ ଟଙ୍କା, ୨୦୨୧ ମାର୍ଚ୍ଚ ୧୨ରେ ରଘୁନାଥ ନାୟକଙ୍କ ନାମରେ ୨ ଲକ୍ଷ ୧୬ ହଜାର ୨୬୨ ଟଙ୍କା, ୨୦୨୧ ଡିସେମ୍ବର ୨୨ରେ ସତ୍ୟଭାମା ପ୍ରଧାନଙ୍କ ନାମରେ ୩ ଲକ୍ଷ ୫୩ ହଜାର ୭୫୨ ଟଙ୍କା, ୨୦୨୨ ଜାନୁୟାରୀ ୭ରେ ବିଷ୍ଣୁଚରଣ ସାମଲଙ୍କ ନାମରେ ୨ ଲକ୍ଷ ୯୩ ହଜାର ୩୯୦ ଟଙ୍କା ଏବଂ ସେହିଦିନ ଅକ୍ଷୟ ସେନାପତିଙ୍କ ନାମରେ ୪ ଲକ୍ଷ ୮୮ ହଜାର ୫୫୧ ଟଙ୍କା, ୨୦୨୨ ମାର୍ଚ୍ଚ ୨୧ରେ ସତ୍ୟଭାମା ପ୍ରଧାନଙ୍କ ନାମରେ ୪ ଲକ୍ଷ ୫୬ ହଜାର ୮୮୮ ଟଙ୍କା ଓ ବିଷ୍ଣୁଚରଣ ସାମଲଙ୍କ ନାମରେ ୪ ଲକ୍ଷ ୭୨ ହଜାର ୧୮୫ ଟଙ୍କା ଖର୍ଚ୍ଚ କରାଯାଇଥିବା ଦର୍ଶାଯାଇଛି। କେବଳ ସେତିକି ନୁହେଁ, ଏହି ରାସ୍ତାର ୫ କିଲୋମିଟର ପାଇଁ ୨୦୨୧ ନଭେମ୍ବର ୮ରେ ଶିବପ୍ରସାଦ ପରିଡ଼ାଙ୍କୁ ଟେଣ୍ଡର ଦିଆଯାଇଛି। ଏଥିରେ ୭ କୋଟି ୧୨ ଲକ୍ଷ ୨୪ ହଜାର ୭୧ ଟଙ୍କା ଖର୍ଚ୍ଚ କରାଯିବ ବୋଲି ଦର୍ଶାଯାଇଛି। ଏହାର ଅବଧି ୨୦୨୨ ଅଗଷ୍ଟ ୭ରେ ଶେଷ ହୋଇଛି। ମାତ୍ର ଅବଧି ଶେଷ ପରେ ମଧ୍ୟ ଅଦ୍ୟାବଧି ରାସ୍ତା କାମ ସରିନାହିଁ। ପୁନଃର୍ବାର ୧୨ କିଲୋମିଟିର ରାସ୍ତାର ଅବଶିଷ୍ଟାଂଶ କାର୍ଯ୍ୟପାଇଁ ସମ୍ପୃକ୍ତ ଠିକାଦାରଙ୍କୁ ଟେଣ୍ଡର ଦିଆଯାଇଛି। ଏତେ ପରେ ଏହି ରାସ୍ତାକାମ ପୂର୍ବରୁ ସର୍ଭେ ନାମରେ ୧ ଲକ୍ଷ ୫୩ ହଜାର ୬୧୫ଟଙ୍କା ଖର୍ଚ୍ଚ କରାଯଇଥିବା ଦର୍ଶାଯାଇଛି। ଏଥିସହିତ ରାସ୍ତାକଡ଼ରେ ଥିବା ବିଦ୍ୟୁତ୍ ଖୁଣ୍ଟ ଉଠାଯିବାକୁ ନେଇ ୨୧ଲକ୍ଷ ୩୭ ହଜାର ୬୯୧ଟଙ୍କା ଖର୍ଚ୍ଚ କରାଯାଇଥିବା ବିଭାଗ ତରଫରୁ ଦର୍ଶାଯାଇଛି। ଏହିଭଳି ବିପୁଳ ଟଙ୍କା ଖର୍ଚ୍ଚ କରାଯାଇଥିଲେ ମଧ ରାସ୍ତା କାର୍ଯ୍ୟରେ ସୁଧାର ଆସୁନାହିଁ। ଏ ସମ୍ପର୍କରେ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ପ୍ରଦୀପ ମହାନ୍ତିଙ୍କୁ ପଚାରିବାରେ ସେ କହିଛନ୍ତି, ମାଟି କାମ ଥିବାରୁ ଟେଣ୍ଡର ନେଇଥିବା ଠିକା ସଂସ୍ଥାକୁ କାର୍ଯ୍ୟ ଶେଷ କରିବାକୁ ଅଧିକ ସମୟ ଦିଆଯାଇଛି। ଏଥିସହିତ ଅନ୍ୟାନ୍ୟ ଖର୍ଚ୍ଚ ମରାମତି କାର୍ଯ୍ୟରେ ବିନିଯୋଗ କରାଯାଇଥିବା ନେଇ ସେ ସଫେଇ ଦେଇଛନ୍ତି।


ଜନକ-ହଳଧରପୁର ରାସ୍ତା।

## ସଂକ୍ଷେପରେ

### ଖଣି ମନ୍ତ୍ରୀ, ମୁଖ୍ୟ ଶାସନ ସଚିବଙ୍କ ଘରେ ନେହୁରା ହେଲେ ଛଟେଇ ଶ୍ରମିକ କଲରଙ୍ଗି ଖଣି ଖୋଲିବା ଓ ବକେୟା ପାଉଣା ପ୍ରଦାନ ଦାବି



କାଳିଆପାଣି,୨୩।୪(ଡି.ଏନ.ଏ.): ଯାଜପୁର ଜିଲାର କ୍ରୋମାଇଟ ଖଣି ଅଞ୍ଚଳ ଅନ୍ତର୍ଗତ ଓଡିଶା ଖଣି ନିଗମର କଲରଙ୍ଗି କ୍ରୋମାଇଟ ଖଣି ଦୀର୍ଘ ୨୩ ବର୍ଷ ଧରି ବନ୍ଦ ପଡ଼ିଥିବାବେଳେ ରବିବାର ଛଟେଇ ଖଣି ଶ୍ରମିକମାନେ ଏକ ଅଭିନ ଅଭିଯାନ ଆରମ୍ଭ କରିଥିବା ଦେଖିବାକୁ ମିଳିଛି। ଶ୍ରମିକନେତା ହୃଦାନନ୍ଦ ନାୟକଙ୍କ ନେତୃତ୍ୱରେ ଚକ୍ରଧର ନାୟକ, ଅଶେଷ ବାରିକ, ଗୌରାଙ୍ଗ ମହାନ୍ତ, ପ୍ରଦୀପ ବେହୁରା, ଗଙ୍ଗାଧର ଦେହୁରି, ପୂର୍ଣ୍ଣଚନ୍ଦ୍ର ମହାନ୍ତ ପ୍ରମୁଖ ଏକ ଟିମ ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲିକଙ୍କ ଗାଁ କାମାକ୍ଷାନଗରର ଅନନ୍ତପୁର ଓ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କ ଗାଁ ଭୁବନ ଥାନା ବାଲିଝାଟିକୁ ଯାଇ ତାଙ୍କ ବାସଭବନରେ ଛଟେଇ ଶ୍ରମିକଙ୍କ ପରିବାରଙ୍କୁ ବକେୟାଟଙ୍କା ପ୍ରଦାନ ଓ ବନ୍ଦ ଖଣିକୁ ଖୋଲିବାକୁ ଶ୍ରମିକ ନେତା ମାୟାଧର ନାୟକଙ୍କ ପ୍ରଦତ୍ତ ନିବେଦନ ପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଖଣିରେ କାମାକ୍ଷାନଗର ନିର୍ବାଚନମଣ୍ଡଳୀର ବହୁ ଶ୍ରମିକ କାର୍ଯ୍ୟକରୁଥିବା ବେଳେ ଖଣି ବନ୍ଦ ଫଳରେ ସେମାନଙ୍କ ଜୀବନ ଜୀବିକା ଦୁର୍ବିସହ ହୋଇପଡିଛି। ଖଣି ଖୋଲିବା ଓ ବକେୟା ଟଙ୍କା ପାଇବାକୁ ଚାହିଁଚାହିଁ ବହୁ ଶ୍ରମିକ ବାର୍ଦ୍ଧକ୍ୟ ଓ ରୋଗରେ ଅଖିବୁଜିଲେଣି। ଉକ୍ତ ଅଞ୍ଚଳର ବିଧାୟକ ଖଣି ମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବ ମଧ ଉକ୍ତ ଅଞ୍ଚଳରୁ ହୋଇଥିବାରୁ ଶ୍ରମିକ ଦୁର୍ଦ୍ଦଶାକୁ ବିଚାରକୁ ନେଇ ବକେୟା ଟଙ୍କା ପ୍ରଦାନ ଓ ଖଣି ଖୋଲିବା ପାଇଁ ଶ୍ରମିକମାନେ ସେମାନଙ୍କ ପରିବାର ଲୋକ ଓ ଗ୍ରାମବାସୀଙ୍କୁ ଭେଟି ନେହୁରା ହୋଇଛନ୍ତି। ସେହିପରି ଅଚାନକ ଖଣି ବନ୍ଦ ଓ ଶ୍ରମିକଙ୍କୁ କ୍ଲୋଜର ନୋଟିସ ଦିଆଯାଇ ନ ଥିବା ବେଳେ ୨୩ ବର୍ଷର ବକେୟା ପାଉଣା ପ୍ରାୟ ୫୦ କୋଟି ଟଙ୍କା ଶ୍ରମିକଙ୍କୁ ତୁରନ୍ତ ପ୍ରଦାନ କରିବା ସମ୍ବନ୍ଧୀୟ ଶ୍ରମିକନେତା ମାୟାଧର ନାୟକଙ୍କ ପ୍ରଦତ୍ତ ପ୍ରଚାରପତ୍ର ସ୍ଥାନୀୟ କୁହିକା, ବାମ୍ପିଲୋ, ଅନଳ, ଓଡ଼ିଶ, ବଡ଼କାଠିଆ, ଭୁବନ, କଲରଙ୍ଗି, ଖଣି ମନ୍ତ୍ରୀଙ୍କ ଗ୍ରାମ ଓ ମୁଖ୍ୟ ଶାସନ ସଚିବଙ୍କ ଗ୍ରାମରେ ବାଣ୍ଟିବା ସହ ନିରୀହ ଖଣି ଶ୍ରମିକମାନେ ମନ୍ତ୍ରୀ ଆସିଲେ କହିବେ ଆମ ଦୁଃଖ ବୁଝିବେ ବୋଲି ଗ୍ରାମବାସୀଙ୍କୁ କୋହଭରା କଣ୍ଠରେ ଗୁହାରି କରୁଥିବା ଦେଖିବାକୁ ମିଳିଛି।

### ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ

କବାଟବନ୍ଧ,୨୩।୪(ଡି.ଏନ୍.ଏ.):ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଧୁପୁରଗଡ଼ ପଞ୍ଚାୟତର ଚଢେଇଧରା ଛକ ନିକଟରେ ରବିବାର ହନୁମାନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରାରେ ଶତାଧିକ ମହିଳା ଓ ପୁରୁଷ ପୂର୍ଣ୍ଣ କଳସ ଧରି ପ୍ରାୟ ୬ କିଲୋମିଟର ରାସ୍ତା ଅତିକ୍ରମ କରି ଛକରେ ଥିବା ହନୁମାନଙ୍କ ବିଗ୍ରହ ନିକଟରେ ପହଞ୍ଚିଥିଲେ। ଏହି କଳସ ଶୋଭାଯାତ୍ରା କୁସ୍ତିରା ଗ୍ରାମ ନିକଟ ବ୍ରାହ୍ମଣୀ ନଦୀର କଲଣ ଘାଟରୁ ବାହାରି ଗଡ଼ମଧୁପୁର, କୁକୁଡ଼ା ଖାଲେଇ, ରଗଡ଼ିପଶି ଓ ଚଢେଇଧରା ଗ୍ରାମ ପରିକ୍ରମା କରିଥିଲା। ୩ ଦିନ ଧରି ହେବାକୁ ଥିବା ଉକ୍ତ କାର୍ଯ୍ୟକ୍ରମରେ ପ୍ରତ୍ୟେକ ଦିନ ଓ ରାତି ଯଜ୍ଞ ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି।

### ମେ ୨ରେ ୯ ୱାର୍ଡରେ ନିର୍ବାଚନ ଦଶରଥପୁର ବ୍ଲକ

ଦଶରଥପୁର,୨୩।୪(ଡି.ଏନ୍.ଏ.): ୨୦୨୨ରେ ଅନୁଷ୍ଠିତ ପଞ୍ଚାୟତ ନିର୍ବାଚନରେ ଦଶରଥପୁର ବ୍ଲକରେ ସଂରକ୍ଷିତ ଥିବା ୨୨ଟି ୱାର୍ଡରୁ ସଂରକ୍ଷଣ ଉଠିବା ପରେ ସେଥିମଧ୍ୟରୁ ୧୩ଟି ୱାର୍ଡରେ ବିନା ପ୍ରତିଦ୍ୱନ୍ଦ୍ୱିତାରେ ସଭ୍ୟ ନିର୍ବାଚିତ ହୋଇଥିଲେ। ବଳକା ୯ ୱାର୍ଡରେ ଆସନ୍ତା ମେ ୨ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଉକ୍ତ ୯ ୱାର୍ଡ ହେଲା ଦଶରଥପୁର ପଞ୍ଚାୟତର ୮ ନମ୍ବର, ଜୟନ୍ତରାର ୬ ନମ୍ବର, ନିଜାମପୁରର ୧୩ ନମ୍ବର, ଦୁଦୁରାଅନ୍ତାର ୧୨ ନମ୍ବର, ଗୋପାଳପୁରର ୧ ନମ୍ବର, କନିକାପଡାର ୫ ନମ୍ବର, ପାଲଟପୁରର ୪ ନମ୍ବର, କର୍ୟାଁର ୯ ଓ ୫ ନମ୍ବର। ଏଥିନିମନ୍ତେ ପ୍ରାର୍ଥୀମାନେ ଭୋଟରମାନଙ୍କୁ ମନେଇବା ପାଇଁ ପ୍ରୟାସ ଚଳାଇଛନ୍ତି।

## କଦମପାଳ ଗ୍ରାମରେ ଲକ୍ଷ୍ମୀନାରାୟଣ ବିଗ୍ରହ ସ୍ଥାପନ



କଏମା,୨୩।୪: ଧର୍ମଶାଳା ବ୍ଲକ ଅନ୍ତର୍ଗତ କଦମପାଳ ଗ୍ରାମରେ ଲକ୍ଷ୍ମୀନାରାୟଣ ବିଗ୍ରହ ସ୍ଥାପନ ଓ ଅକ୍ଷୟ ତୃତୀୟା ପର୍ବ ଆରମ୍ଭ ହୋଇଛି। ଏହି ପର୍ବ ୩ ଦିନ ଧରି ପାଳନ କରାଯିବ। ଏଥିସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଲକ୍ଷ୍ମୀ ନାରାୟଣ ଡ୍ରାମାଟିକ୍ କ୍ଲବ ଦ୍ୱାରା ଅପେରା ପରିବେଷଣ କରାଯିବ। ଶିକ୍ଷାବିତ ଇଂ. ସୂର୍ଯ୍ୟକାନ୍ତ ଜେନା ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଅକ୍ଷୟ ତୃତୀୟା ପର୍ବ ହେଉଛି ଚାଷୀଙ୍କ ବଡ଼ ପର୍ବ। ଏହି ଦିନ ଚାଷୀ ଅଖିମୁଠି ନେଇ ଚାଷଜମିରେ ଶୁଭ ଅନୁକୂଳ କରିଥାନ୍ତି। ପୂର୍ବଦିଗକୁ ଲକ୍ଷ୍ୟ କରି ଚାଷଜମିରେ ୩ଟି ଗାର ଟାଣି ଗୁଆକୁପୋତି ସିନ୍ଦୂର ଲଗାଇ ଧୂପ, ଦୀପ, ପୁଷ୍ପ ଏବଂ ନୈବେଦ୍ୟ ଦେଇ ଧାନ ବୁଣିଥାନ୍ତି। ସୁନାର ଫସଲ ଅମଳ ପାଇଁ ମାଟି ମା'କୁ ସ୍ମରଣ କରିଥାନ୍ତି। ଲକ୍ଷ୍ମୀ ନାରାୟଣ ଗୋଲା ଜାତି ପାଇଁ ଆରାଧ ଇଷ୍ଟ ଦେବ ହୋଇଥିବାରୁ କଦମ ପାଳ ଗ୍ରାମରେ ଏହାକୁ ଧୁମ୍‌ଧାମରେ ପାଳନ କରାଯାଇଥାଏ।

# ରାଜ୍ୟ ସରକାରଙ୍କୁ ସମାଲୋଚନା କଲେ ମନମୋହନ


ଭାଜପା ରାଜ୍ୟ ସଭାପତି ଓ ଅନ୍ୟ ନେତାମାନେ ଅଖିମୁଠି ଅନୁକୂଳ କରୁଛନ୍ତି।

## ସୁକିନ୍ଦାରେ ଭାଜପା ପକ୍ଷରୁ ଅକ୍ଷୟ ତୃତୀୟା ପାଳନ

କାଳିଆପାଣି,୨୩।୪(ଡି.ଏନ.ଏ.): ସୁକିନ୍ଦା ବ୍ଲକ ଭାଜପା ପକ୍ଷରୁ ରବିବାର ଅକ୍ଷୟ ତୃତୀୟା ପାଳିତ ହୋଇଯାଇଛି। ଏଥିରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଯୋଗଦେଇ ଆଦିବାସୀ ଅଧ୍ୟୁଷିତ ପିମ୍ପୁଡ଼ିଆ ପଞ୍ଚାୟତଠାରେ ଅଖିମୁଠି ଅନୁକୂଳ କରିଥିଲେ। ପୂର୍ବାହ୍ନ ୧୦ଟାରେ ସୁକିନ୍ଦାଠାରୁ ଏକ ବାଇକ୍ ଶୋଭାଯାତ୍ରାରେ ଦଳୀୟ କର୍ମୀମାନେ ସାମଲଙ୍କୁ ପାଛୋଟି ଆଣିଥିବାବେଳେ ସୁକିନ୍ଦା, ମଙ୍ଗଳପୁର, ଦାମୋଦରପୁର, କୁହିକା, ପିମ୍ପୁଡ଼ିଆ ଆଦି ସ୍ଥାନରେ ଅପେକ୍ଷାରତ ଦଳୀୟ କର୍ମୀ ତାଙ୍କୁ ପୁଷ୍ପମାଲ୍ୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ପିମ୍ପୁଡ଼ିଆ ଛକଠାରେ ଜିଲା ଭାଜପା ସଭାପତି ଗୌତମ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ରାଜ୍ୟ ସଭାପତି ସାମଲ ଯୋଗଦେଇ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି, ଚାଷୀଙ୍କୁ ଉପେକ୍ଷା, ଖଣିଜ ସମ୍ପଦ ଭରା ରାଜ୍ୟରେ ଅପପୁଷ୍ଟି ଓ ଦାଦନ ଦୁଃଖ ଆଦି ବିଭିନ୍ନ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ସମାଲୋଚନା କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସଂଗଠିତ ହେବାକୁ ଆହ୍ୱାନ ଦେଇଥିଲେ।

ସଭାରେ ସମ୍ମାନିତ ଅତିଥିଭାବେ ସୁକିନ୍ଦା ଭାଜପା ନେତା ଡ. ପ୍ରଦୀପ ବଳସାମନ୍ତ (ଟୁଟୁ ବଳ), ଜିଲା ଭାଜପା ପ୍ରଭାରୀ ସାରଦା ପ୍ରସନ୍ନ ଶତପଥୀ, ବିସ୍ତାରକ ରାଧାମାଧବ ପରିଡା, ସାଧାରଣ ସମ୍ପାଦକ ସୁଧାଂଶୁ ଭଞ୍ଜ, କୋଷାଧକ୍ଷା ମନ୍ଦାକିନୀ ସେଠୀ, ଭାଜପା ରାଜ୍ୟ ପରିଷଦ ସଭ୍ୟ ପ୍ରଶାନ୍ତ ରାୟ, ବରିଷ୍ଠ ନେତା ଅମଳେନ୍ଦୁ ବେହୁରା, ହଳଧର ନାୟକ, ପ୍ରତାପ ଧୀର, ସୁଦୀପ୍ତ ପଣ୍ଡା, ଯାତ୍ରାକାର ଜେନା, ରବୀନ୍ଦ୍ର ମୋହନ ଜେନା, ପିମ୍ପୁଡ଼ିଆ ସରପଞ୍ଚ ତପନ ନାୟକ, କୁହିକା ସରପଞ୍ଚ ଅଶ୍ୱିନୀ ପରିଡ଼ା, ସମିତିସଭ୍ୟ ରଞ୍ଜନ କୁମାର ନାୟକ, ଯୁବନେତା ରବୀନ୍ଦ୍ର ପୁହାଣ ଓ ଜିଲା ଯୁବମୋର୍ଚ୍ଚା ଉପସଭାପତି ପ୍ରକାଶ ବେହୁରା ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଭାଜପା ଉପସଭାପତି ପୁଷ୍ପକ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ସଭାସ୍ଥଳ ନିକଟରେ ଜୈନିକ କର୍ମୀଙ୍କ କ୍ଷେତରେ ରାଜ୍ୟ ସଭାପତି ସାମଲ, ସୁକିନ୍ଦା ଭାଜପା ନେତା ବଳସାମନ୍ତ ଓ ଜିଲା ଭାଜପା ସଭାପତି ରାୟ ପ୍ରମୁଖ ଅଖିମୁଠି ଅନୁକୂଳ କରିଥିଲେ। ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇଙ୍କ ବିଧାନସଭା ନିର୍ବାଚନମଣ୍ଡଳୀ କ୍ଷେତ୍ରରେ ମାମୁ ମନମୋହନ ସାମଲଙ୍କ ଆଖିମୁଠି ଅନୁକୂଳ ପ୍ରସଙ୍ଗକୁ ନେଇ ସୁକିନ୍ଦା ଅଞ୍ଚଳରେ ବିଭିନ୍ନ ଚର୍ଚ୍ଚା ଜାରି ରହିଛି।

## ୨ ନାବାଳିକା ଉଦ୍ଧାର

ଯାଜପୁର ଟାଉନ,୨୩।୪(ଡି.ଏନ.ଏ.): ବାଲିଚନ୍ଦ୍ରପୁର ପୋଲିସ ୨ ନାବାଳିକାଙ୍କୁ ଉଦ୍ଧାର କରି ସଖୀ ଅନୁଷ୍ଠାନରେ ଛାଡ଼ିଛି। ବଲାଙ୍ଗୀର ଜିଲାର ୨ ନାବାଳିକା ଯାଜପୁର ଜିଲା ବରୀ ଅଞ୍ଚଳରେ ଜଣେ ମହିଳାଙ୍କ ଘରେ ଚାକରାଣୀ ଭାବେ କାର୍ଯ୍ୟ କରିଆସୁଥିଲେ। ସେମାନଙ୍କ ମଧ୍ୟରୁ ଜଣଙ୍କ ପିତାମାତା ମୃତ୍ୟୁବରଣ କରିଥିବାବେଳେ ଅନ୍ୟ ଜଣଙ୍କ ପିତା ନିଖୋଜ ଅଛନ୍ତି। ଅସହାୟତାର ସୁଯୋଗ ନେଇ ଜଣେ ବ୍ୟକ୍ତି ସେମାନଙ୍କୁ ଚାକିରି କରାଇଦେବା ପ୍ରଲୋଭନ ଦେଖାଇ ବରୀ ଅଞ୍ଚଳକୁ ଆଣି ଉପରୋକ୍ତ ମହିଳାଙ୍କୁ ବିକ୍ରି କରିଥିବା ନାବାଳିକା ଦ୍ୱୟ ବାଲିଚନ୍ଦ୍ରପୁର ପୋଲିସ ନିକଟରେ ଅଭିଯୋଗ କରିଛନ୍ତି। ସେମାନଙ୍କୁ ମାଲିକାଣୀ ଅତ୍ୟାଚାର କରିବା ସହ ଅଧିକାଂଶ ସମୟରେ ଖାଇବାକୁ ଦେଉ ନ ଥିଲେ ବୋଲି ନାବାଳିକା ଦ୍ୱୟ ପୋଲିସ ନିକଟରେ କହିଛନ୍ତି। ଜଣେ ନାବାଳିକାଙ୍କ ବୟସ ୧୩ ବର୍ଷ ହୋଇଥିବା ବେଳେ ଅନ୍ୟଜଣଙ୍କର ବୟସ ୧୨ବର୍ଷ। ନାବାଳିକା ଦ୍ୱୟ ସଂପୃକ୍ତ ମାଲିକାଣୀଙ୍କ ଘରୁ ଖସି ଆସି ବରୀ, ବାଲିଆପାଳ ଓ ବାଲିଚନ୍ଦ୍ରପୁର ଅଞ୍ଚଳରେ ଇତସ୍ତତ ଭାବେ ବୁଲୁଥିବାର ଖବରପାଇ ପୋଲିସ ସେମାନଙ୍କୁ ଉଦ୍ଧାର କରିଥିଲା। ପରେ ଥାନା ଅଧିକାରୀ ଯାଜପୁରସହରସ୍ଥିତ ବାଳାଶ୍ରମ ପରିସରରେ ଥିବା ସଖୀ ଅନୁଷ୍ଠାନକୁ ସୂଚନା ଦେବା ସହ ପିଲା ଦ୍ୱୟଙ୍କୁ ସଖୀ ଅନୁଷ୍ଠାନରେ ପହଞ୍ଚାଇଥିଲେ। ଏଥିସହିତ ଜିଲା ମଙ୍ଗଳ କମିଟିକୁ ଅବଗତ କରାଇଥିଲା। କମିଟି ତରଫରୁ ନାବାଳିକା ଦ୍ୱୟଙ୍କୁ ଅସ୍ଥାୟୀ ଭାବେ ସଖୀରେ ରଖାଯିବା ସହ ରବିବାର ସେମାନଙ୍କ ରହଣୀ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ପୋଲିସ ବଲାଙ୍ଗୀର ଶିଶୁ ସୁରକ୍ଷା ୟୁନିଟ୍ ମାଧ୍ୟମରେ ସେମାନଙ୍କ ସ୍ଥାୟୀ ଠିକଣା ସମ୍ପର୍କରେ ଅନୁଧ୍ୟାନ ଜାରି ରଖିଛି।

## କଂଗ୍ରେସ ପକ୍ଷରୁ ଅକ୍ଷୟ ତୃତୀୟା

ଧର୍ମଶାଳା,୨୩।୪(ଡି.ଏନ.ଏ.): ଧର୍ମଶାଳା ବ୍ଲକ କଂଗ୍ରେସ ପକ୍ଷରୁ ଚୋରମୁହାଁ ପଞ୍ଚାୟତର ନରସିଂହପୁରଠାରେ ରବିବାର ଅକ୍ଷୟ ତୃତୀୟା ପାଳିତ ହୋଇଯାଇଛି। କୃଷକ ନେତା ବସନ୍ତ ପରିଡ଼ା ବିଲରେ ପୂଜାର୍ଚ୍ଚନା କରିବା ପରେ ଜମିରେ ଚାଷ କରାଯାଇଥିଲା। ପରେ ବ୍ଲକ କଂଗ୍ରେସ ସଭାପତି କିଷାନ ପଣ୍ଡା ଧାନ ବୁଣି ଅକ୍ଷୟ ତୃତୀୟା ପାଳନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଫୁଲ୍ଲ କୁମାର ରାୟ, କାର୍ତ୍ତିକ ସାହୁ, ମୋହନ ବିଶ୍ୱାଳ, ଗଗନ ବିହାରୀ ରାଉତ, ନୀଳମଣି ମହାନ୍ତି, ନୀଳମଣି ମଲିକ, ମହମ୍ମଦ ଇକବାଲ, ବିକାଶ ଜେନା, ରାଜକିଶୋର ପରିଡ଼ା, ସନାତନ ମଲିକ, ଆଶାଲତା ପରିଡ଼ା, ମନୋରମା ପରିଡ଼ା ଓ ପ୍ରତିଭା ପରିଡ଼ା ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ।


ଧର୍ମଶାଳା କଂଗ୍ରେସ ପକ୍ଷରୁ ଅକ୍ଷୟ ତୃତୀୟା ପାଳନ କରାଯାଉଛି।

## ଧର୍ମଶାଳା ବିକାଶ ପରିଷଦ ପକ୍ଷରୁ ଅକ୍ଷୟ ତୃତୀୟା

କଏମା,୨୩।୪: ଧର୍ମଶାଳା ବ୍ଲକ ଉତ୍ତରପ୍ରତାପ ପଞ୍ଚାୟତରେ ଧର୍ମଶାଳା ବିକାଶ ପରିଷଦ ପକ୍ଷରୁ ଅକ୍ଷୟ ତୃତୀୟା ପାଳିତ ହୋଇଯାଇଛି। ଉତ୍ସବରେ ବିକାଶ ପରିଷଦ ସଭାପତି ଶ୍ରୀକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଖିମୁଠି ଅନୁକୂଳ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସନ୍ତୋଷ ଦାସ, ଚନ୍ଦନ ନାୟକ, ଆନନ୍ଦ ମଲିକ, ପ୍ରତାପ ଦାସ, ଲକ୍ଷ୍ମୀଧର ପୃଷ୍ଟି, ମହିଳା ଶାଖା ମାତୃଶକ୍ତି ସଭାନେତ୍ରୀ ରଶ୍ମିତା ଦାସ, ସଦସ୍ୟା ମାମିନା ରାଉତ ଓ ସୁନିତା ମଲିକଙ୍କ ସମେତ ପରିଷଦର ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ଅକ୍ଷୟ ତୃତୀୟା ପାଳିତ


ଅଖିମୁଠି ଅନୁକୂଳ ପାଇଁ ପୂଜାର୍ଚ୍ଚନା ଚାଲିଛି।

ବିଞ୍ଝାରପୁର,୨୩।୪(ଡି.ଏନ.ଏ.): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ କପିଳା ପଞ୍ଚାୟତ କପିଳାଠାରେ ରବିବାର ବ୍ଲକ କୃଷି ବିଭାଗ ପକ୍ଷରୁ ଜିଲାସ୍ତରୀୟ ଅକ୍ଷୟ ତୃତୀୟା ପାଳିତ ହୋଇଯାଇଛି। ଜିଲା ମୁଖ୍ୟ କୃଷି ଅଧିକାରୀ କମଳ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ସେକ୍ ଏରସାଦ, କପିଳା ସରପଞ୍ଚ ଦେବଦତ୍ତ ସେଠୀ, ସମିତିସଭ୍ୟାଙ୍କ ପ୍ରତିନିଧି ଉମାକାନ୍ତ ମଲ୍ଲିକ, ବ୍ଲକ ଆତ୍ମା ଅଧ୍ୟକ୍ଷ ମହେଶ୍ୱର ରାଉତ, ତହସିଲଦାର କୈଳାସ ମହାଳିକ, ବ୍ଲକ କୃଷି ଅଧିକାରୀ ହେମନ୍ତ କୁମାର ସାମଲ ଓ ସହକାରୀ କୃଷି ଅଧିକାରୀ ସଞ୍ଜୀବ କୁମାର ସାମଲ ପ୍ରମୁଖଙ୍କ ସମେତ ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟାସଭ୍ୟ ଏବଂ କୃଷକମାନେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭୂମି ପୂଜନ କରିବା ସହିତ ଅଖିମୁଠି ଅନୁକୂଳ କରିଥିଲେ। ପରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ବରିଷ୍ଠ କୃଷି ଅଧିକାରୀ ଓ ଅତିଥିମାନେ ଯୋଗଦେଇ କୃଷକଙ୍କୁ ବିଭିନ୍ନ ଚାଷ ସମ୍ପର୍କରେ ଅବଗତ କରିବା ସହିତ ଅତ୍ୟାଧୁନିକ ପ୍ରଣାଳୀରେ ଚାଷ କରିବା, ଉପଯୁକ୍ତ ସମୟରେ ସାର ଓ କୀଟନାଶକ ପ୍ରୟୋଗ କରିବାକୁ ପରାମର୍ଶ ଦେଇଥିଲେ। ସଭାରେ ବ୍ଲକ କୃଷି ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# କୃଷି ଅଗ୍ରଗତିରେ ଦେଶର ବିକାଶ ନିର୍ଭରଶୀଳ

## ଯୁବ ଭାରତ କୃଷକ ସଂଘ ପକ୍ଷରୁ ଅକ୍ଷୟ ତୃତୀୟା, କୃଷକ ସମ୍ମାନ ଓ ଆଲୋଚନାଚକ୍ର

ରସୁଲପୁର,୨୩।୪(ଡି.ଏନ.ଏ.): କୃଷି ହେଉଛି ଦେଶର ମେରୁଦଣ୍ଡ। ଅନ୍ୟୁନ ଦେଶର ଶତକଡ଼ା ୭୦ ଭାଗ ପରିବାର କୃଷିଜୀବୀ। କୃଷକଙ୍କ ତ୍ୟାଗପୂର୍ଣ୍ଣ ଜୀବନ ପାଇଁ ଦେଶର ବିକାଶ ହୋଇପାରୁଛି। ମାତ୍ର କୃଷିକ୍ଷେତ୍ରରେ ଅଭିବୃଦ୍ଧି ଓ କୃଷକଙ୍କ ବିକାଶ ସନ୍ତୋଷଜନକ ହୋଇପାରୁନାହିଁ। କୃଷି ବିକାଶରେ ଦେଶର ବିକାଶର ଧାରା ନିର୍ଭରଶୀଳ। କୃଷିକାର୍ଯ୍ୟରେ ଅଗ୍ରଗତି ଘଟାଇ ନ ପାରିଲେ ଦେଶର ବିକାଶ ସ୍ୱପ୍ନ ଦେଖିବା ଅବାସ୍ତବ। କୃଷକ ନାନା ସମସ୍ୟା ଦେଇ ଗତି କରୁଛନ୍ତି। ଏଯାଏ ଚାଷୀଙ୍କୁ ପରିଚୟପତ୍ର ମିଳିପାରିଲା ନାହିଁ। ଚାଷୀ ଲାଭକୁ ଅଣଚାଷୀ, ଲାଭଖୋର ବ୍ୟବସାୟୀ, ଶିଳ୍ପପତି ହଡ଼ପ କରିନେଉଛନ୍ତି। ତେଣୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ କୃଷି ନୀତିରେ ପରିବର୍ତ୍ତନ ଆଣିବାର ଆବଶ୍ୟକତା ରହିଛି। ନଚେତ କୃଷି ଓ କୃଷକର ଅଗ୍ରଗତି କେବଳ ଭାଷଣରେ ସୀମିତ ହୋଇରହିଯିବ ବୋଲି ରସୁଲପୁର ବ୍ଲକ କୁଆଖିଆ ବାଜରସ୍ଥିତ କୀର୍ତ୍ତିପ୍ୟାଲେସ ସମ୍ମିଳନୀ କକ୍ଷରେ ଯୁବ ଭାରତ କୃଷକ ସଂଘ ପକ୍ଷରୁ ଅନୁଷ୍ଠିତ ଅକ୍ଷୟତୃତୀୟା, କୃଷକ ସମ୍ମାନ ଉତ୍ସବ ଏବଂ 'ତ୍ୟାଗ ଓ ଭୋଗରେ କୃଷକର ଭାଗିଦାରୀ' ସମ୍ପର୍କିତ ଆଲୋଚନାଚକ୍ରରେ ଏହି ମତ ପ୍ରକାଶ ପାଇଛି।



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥି।

ଯୁବ ଭାରତ କୃଷକ ସଂଘ ରାଜ୍ୟ ସଭାପତି ପ୍ରଭାକର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମାରୋହରେ ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ଧରଣୀଧର ନାୟକ ଯୋଗଦେଇ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଦୁଗ୍ଧ ଓ ପଶୁପାଳନ ବିଭାଗର ପୂର୍ବତନ ନିର୍ଦ୍ଦେଶକ ଡ. ରତ୍ନାକର ରାଉତ, ସମ୍ମାନିତ ଅତିଥି ଆଇନଜୀବୀ ସିଦ୍ଧାର୍ଥ ପ୍ରସାଦ ଦାଶ, ଦୀପ୍ତିରଞ୍ଜନ ମହାପାତ୍ର, ଦିଲୀପ ରାୟ, ଯୋଗୀନ୍ଦ୍ର ପଣ୍ଡା, ପ୍ରହ୍ଲାଦ ପଣ୍ଡା, ସଂଗଠନର କେନ୍ଦ୍ରାପଡ଼ା ଜିଲା ସଭାପତି ରଞ୍ଜନ ରାଉତ, ସମବାୟ ନେତା ଅଭୟ ଦାସ ପ୍ରମୁଖ ଯୋଗଦେଇ ଥିଲେ। କୃଷକ ଲକ୍ଷ୍ମଣ ଦାଶଙ୍କୁ ଆଜୀବନ କୃଷକ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା। କୃଷକ ସଂଗଠକ ନକୁଳ ଚରଣ ରାଉତ, ନାରାୟଣ ଜେନା, ବଟକୃଷ୍ଣ ସାହୁ, ସୁବାସ ନାୟକଙ୍କୁ ସ୍ୱତନ୍ତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହିତ ରସୁଲପୁର ବ୍ଲକ ଅଞ୍ଚଳର ୫୦ ଅଗ୍ରଣୀ ଚାଷୀଙ୍କୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଯୁବ ଭାରତ କୃଷକ ସଂଗଠନର ରସୁଲପୁର ବ୍ଲକ ସଭାପତି ବଟକୃଷ୍ଣ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କାଳନ୍ଦୀ କଣ୍ଠ ଧନ୍ୟବାଦ ଦେଇଥିଲେ।

## ୨୨ ମୌଜାରେ ଜଳଛତ୍ର ସେବା

**ବାଲିଆ,(ସ୍ୱ.ପ୍ର.):** ବିରିଡି ବ୍ଲକ ବାଇଶି ମୌଜା ବିଜୁ ଜନତାଦଳ ପକ୍ଷରୁ ୨୨ ମୌଜା ପ୍ରବେଶ ପଥ ମଇନ୍ଦପୁରଠାରେ ଜଳଛତ୍ର ଉଦ୍‌ଘାଟିତ ହୋଇଯାଇଛି। ବିଜେଡି ନେତା ଶିବ ନାରାୟଣ ଦାସ, ମିହିର ପଟ୍ଟନାୟକ, ମନୋଜ ଦାସଙ୍କ ପରିଚାଳନାରେ ଆୟୋଜିତ ଏହି ଜଳଛତ୍ର କାର୍ଯ୍ୟକ୍ରମରେ ବିରିଡି ବ୍ଲକ ଅଧକ୍ଷା ମମତା ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପରିଷଦ ସଭ୍ୟ ଚନ୍ଦ୍ରଶେଖର ଦାଶ, ଯୁବନେତା ପ୍ରଫେସର ରମାକାନ୍ତ ଭୋଇ, ପୁରଣ ସରପଞ୍ଚ ଯୁଧିଷ୍ଠିର ବେହେରା, ସୁଦର୍ଶନ ବେହେରା, କାଳନ୍ଦୀ ବସ୍ତିଆ, ଶିବପ୍ରସାଦ ଜେନା, ସରୋଜ ଜେନା ପ୍ରମୁଖ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ୧୦.୫ ଗ୍ରାମ ବ୍ରାଉନ୍‌ସୁଗାର ଜବତ : ୨ ଅଭିଯୁକ୍ତ ଅଟକ

**କୁଜଙ୍ଗ,୨୩।୪ (ଡି.ଏନ୍.ଏ.):** କୁଜଙ୍ଗ ଥାନା ଅନ୍ତର୍ଗତ ବଜାର ଅଞ୍ଚଳରେ ଶନିବାର ରାତିରେ ଅବକାରୀ ବିଭାଗର ସ୍ପେଶାଲ ସ୍କ୍ୱାଡ୍ ପକ୍ଷରୁ ଚଢ଼ାଉ କରାଯାଇ ୧୦.୫ ଗ୍ରାମ ବ୍ରାଉନ୍‌ସୁଗାର ଜବତ କରାଯାଇଛି। ଏହି କାରବାର ଅଭିଯୋଗରେ ୨ ଜଣଙ୍କୁ ଅଟକ ରଖାଯାଇ ପୋଲିସ ଜିମା ଦିଆଯାଇଛି। ୨ ଅଭିଯୁକ୍ତଙ୍କ ମଧ୍ୟରୁ ଜଣଙ୍କ ଘର ଏହି ଥାନା ଅନ୍ତର୍ଗତ ସନ୍ତରା ଗ୍ରାମରେ ହୋଇଥିବା ବେଳେ ଅନ୍ୟଜଣଙ୍କ ବଳରାମପୁର ଗ୍ରାମରେ ବୋଲି ଜଣାପଡିଛି। ସୋମବାର ଉଭୟଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ସୁଜିତ୍ ପ୍ରଧାନ ପ୍ରକାଶ କରିଛନ୍ତି।

### ବ୍ଲକ କାର୍ଯ୍ୟାଳୟରେ ହନୁମାନ ଚାଳିଶା ପାଠ

**ରଘୁନାଥପୁର,୨୩।୪(ଡି.ଏନ୍.ଏ.):** ରଘୁନାଥପୁର ବ୍ଲକ କାର୍ଯ୍ୟାଳୟରେ ୫ମ ବାର୍ଷିକ ହନୁମାନ ଚାଳିଶା ଆଧାତ୍ମିକ ଅନୁଷ୍ଠିତ ହୋଇଯାଇଛି। ଶନିବାର ପ୍ରାତଃରେ ଅଙ୍କୁରାରୋପଣ ଓ ସୂର୍ଯ୍ୟପୂଜା ପରେ ଚାଳିଶା ପାଠର ଅଯ୍ୟାରମ୍ଭ ହୋଇଥିଲା। ଅପରାହ୍ନରେ ଶିବ ପଞ୍ଚାକ୍ଷର ସ୍ତୁତି ଓ ଶ୍ରୀରାମଙ୍କ ସହସ୍ର ନାମ ପଠନ କରାଯାଇଥିଲା। ସନ୍ଧ୍ୟାରେ ଆରତୀ ଓ ପୁଷ୍ପାଞ୍ଜଳି କରାଯାଇ ଚାଳିଶା ପାଠ ଶେଷ କରାଯାଇଥିଲା। ବିଡିଓ ତପନ କୁମାର ସେନାପତି କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ ଏଥିରେ ଯୋଗ ଦେଇଥିଲେ। କିରାଣି ଭବେଶ ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳିତ ହୋଇଥିବାବେଳେ ବ୍ଲକ କାର୍ଯ୍ୟାଳୟର କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ। କିରାଣି ଅଶ୍ୱିନି କୁମାର ସ୍ୱାଇଁଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଚାଳିଶା ପାଠ କାର୍ଯ୍ୟକ୍ରମ କୋଭିଡ ସମୟରେ ୨ ବର୍ଷ ବନ୍ଦ ରହିଥିଲା। ଚଳିତ ବର୍ଷ ପୁର୍ନବାର ଆରମ୍ଭ ହୋଇଛି।

### ଶାଶ୍ୱତ ଧାରା ଲୋକାର୍ପିତ



**ବିରିଡ଼ି,୨୩।୪(ଡି.ଏନ.ଏ):** ବିରିଡ଼ି ବ୍ଲକ ଦଳେଇଘାଇ ସାହିତ୍ୟ ସଂସଦ ଆନୁକୂଲ୍ୟରେ ପ୍ରାବନ୍ଧିକ ବୈକୁଣ୍ଠ ନାଥ ମିଶ୍ରଙ୍କ ରଚିତ ପ୍ରବନ୍ଧ ସଂକଳନ 'ଶାଶ୍ୱତ ଧାରା' ସିଦ୍ଧ ଜଗନ୍ନାଥ ମନ୍ଦିର ସଭାଗୃହରେ ରବିବାର ଲୋକାର୍ପିତ ହୋଇଯାଇଛି। ଗୀତି କବି ବାମଦେବ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଡ. ଦୀନବନ୍ଧୁ ଦାଶ, ମୁଖ୍ୟବକ୍ତା ଭାବେ ଡ. ଅଭିମନ୍ୟୁ ବରାଳ, ସମ୍ମାନିତ ଅତିଥି ଭାବେ ନବକାକଳିର ସମ୍ପାଦକ ଡ. ସୁରେନ୍ଦ୍ର ନାଥ ତ୍ରିପାଠୀ, ଅଷାଢ଼ ସାହିତ୍ୟ ସଂସଦର ସଭାପତି କବି ପୀତାମ୍ବର ମହାପାତ୍ର ଓ ବ୍ରହ୍ମମୟୀ ମିଶ୍ର ପ୍ରମୁଖ ଯୋଗଦେଇ ପ୍ରବନ୍ଧ ସାହିତ୍ୟ ଜ୍ଞାନର ଗନ୍ତାଘର ବୋଲି କହିଥିଲେ। ପ୍ରାବନ୍ଧିକ ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିବା ବେଳେ ଅମିୟ କୁମାର ଦାଶ ଧନ୍ୟବାଦ ଦେଇଥିଲେ।

# ମହାନଦୀ ପଠା ଅଞ୍ଚଳରୁ ମାଟି ଲୁଟ୍

## ରାତିତମାମ ଖୋଳା ଯାଉଥିବା ଅଭିଯୋଗ

**ପାରାଦୀପ,୨୩।୪(ସ୍ୱ.ପ୍ର.)**



ପାରାଦୀପର ମହାନଦୀ ଅବବାହିକାରୁ ଜେସିବିରେ ମାଟି ଖୋଳା ଚାଲିଛି।

ପାରାଦୀପର ମହାନଦୀ ଅବବାହିକାରୁ ଗତ ମାସେହେଲା ବିପୁଳ ପରିମାଣର ମାଟି ଖୋଳା ଚାଲିଛି। ନୂଆଗଡ଼ ପଞ୍ଚାୟତ ଅଧୀନରେ ଥିବା ଏହି ଜାଗା ଆଗାମୀ ଦିନରେ ଏକ କମ୍ପାନୀ ଅଧିଗ୍ରହଣ କରିବାର ପ୍ରସ୍ତାବ ରହିଛି। ସେହି ଜାଗାରୁ ଲଗାତାର ରାତି ସାରା ମାଟି ଖନନ କରାଯାଉଛି। ଫଳରେ ଉକ୍ତ ଅଞ୍ଚଳ କୃତ୍ରିମ ଜଳାଶୟ ଭଳି ଦେଖାଗଲାଣି। କେତେଜଣ ମୁଷ୍ଟିମେୟ ଲୋକ ଶାସକ ପ୍ରଶାସକଙ୍କ ଛତ୍ରଛାୟା ତଳେ ରହି ଏପରି ମାଟି ବିକୁଛନ୍ତି ବୋଲି ନୂଆଗଡ଼ ସରପଞ୍ଚ ଦେବେନ୍ଦ୍ର ରାଉତ ଅଭିଯୋଗ କରିଛନ୍ତି। ମାଟି ମେଶିନ ଯୋଗେ ଖନନ କରାଯାଉଛି, ତାହାକୁ ଶତାଧିକ ହାଇୱା ଯୋଗେ ଠିକଣା ସ୍ଥାନକୁ ନିଆଯାଉଛି, କିନ୍ତୁ ଏହାକୁ ରୋକିବାରେ ପ୍ରଶାସନ ବିଫଳ ହୋଇଛି।

ଏ ନେଇ କୁଜଙ୍ଗ ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ରଙ୍କୁ ପଚାରିଲେ କୁହନ୍ତି, ଆମେ ଯେତେବେଳେ ଘଟଣାସ୍ଥଳକୁ ଯାଉଛୁ ସେଠାରେ କାହାକୁ ପାଉନାହୁଁ। ଉକ୍ତ ମାଟି ଖନନ ଜାଗାକୁ ଯିବାପାଇଁ ହେଲେ କଟକ-ପାରାଦୀପ ରାସ୍ତାର ସିଙ୍ଗଟାଳି ଛକ ଦେଇ ଯିବାକୁ ପଡ଼ିଥାଏ। ମାଟି ଉଠାଉଥିବା ଲୋକେ ଏହି ଛକରେ କେତେଜଣ ପିଲାଙ୍କୁ ଜଗାଇଛନ୍ତି। ଫଳରେ ପ୍ରଶାସନର କୌଣସି ଗାଡ଼ି ସେହି ରାସ୍ତାବାଟେ ଅତିକ୍ରମ କରିବା ମାତ୍ରେ ସେମାନଙ୍କ ପାଖରେ ଖବର ପହଞ୍ଚିଯାଉଛି। ଏହାଦ୍ୱାରା ଚଢ଼ାଉ ସବୁବେଳେ ବିଫଳ ରହୁଛି ବୋଲି ଲକ୍ ଥାନାଧିକାରୀ ଭାବଗ୍ରାହୀ ରାଉତ କୁହନ୍ତି। ଅପରପକ୍ଷେ ଏହି ଖନନକାରୀଙ୍କ ପ୍ରଚ୍ଛଦପଟରେ ରାଜନେତାଙ୍କ ହାତ ଥିବା ଚର୍ଚ୍ଚା ହେଉଛି। ମହାନଦୀର ୫୦୦ ମିଟର ସ୍ଥଳଭାଗ ସିଆରଜେଡ୍(କୋଷ୍ଟାଲ ରେଗୁଲେସନ ଜୋନ)ଅଧୀନରେ ଯାଉଛି। ସେଥିପ୍ରତି କୌଣସି ଭୃକ୍ଷେପ ନ ଥିବା ପରିଲକ୍ଷିତ ହେଉଛି। ଉକ୍ତ ଅଞ୍ଚଳର ମାଟି ବେଶ ଉର୍ବର ଥିବାରୁ ତାକୁ ଉଚ୍ଚା ମୂଲ୍ୟରେ ବିକ୍ରି କରୁଛନ୍ତି। ଏପରିକି କେତେଜଣ ନିଜ ଜମିରୁ ମଧ ମାଟି ଖୋଳି ବିକୁଥିବା ଜଣାପଡ଼ିଛି। ଉକ୍ତ ଜାଗାକୁ ଅଧିଗ୍ରହଣ କରିବା ପାଇଁ ଯେଉଁ କମ୍ପାନୀ ଇଡ୍‌କୋ ପାଖରେ ଆବେଦନ କରିଛି, ତାହା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି। ଏହା କାର୍ଯ୍ୟକାରୀ ହେଲେ ସମ୍ପୃକ୍ତ କମ୍ପାନୀ ସେହି ଅଞ୍ଚଳକୁ ଭରଣା କରିବାକୁ ମଧ ଅର୍ଥ ଖର୍ଚ୍ଚ କରିବ। କମ୍ପାନୀ ନେବା ପୂର୍ବରୁ ସେଥିରୁ କିଛି ରୋଜଗାର କରିବା ପାଇଁ ଏବେ ଅଘୋଷିତ ପ୍ରତିଯୋଗିତା ଚାଲିଛି।

# ନାନୋ ସାର ମାଟି, ପରିବେଶ ପାଇଁ ଅନୁକୂଳ




ନାନୋ ସାର ବିଷୟରେ କମ୍ପାନୀ ପକ୍ଷରୁ ବୁଝାଯାଉଛି।

**ପାରାଦୀପ,୨୩।୪(ସ୍ୱ.ପ୍ର.)**

ପାରାଦୀପ ଇଫ୍‌କୋ ସାର କମ୍ପାନୀ ପକ୍ଷରୁ ରବିବାର କୁଜଙ୍ଗ ବ୍ଲକ ଅଧୀନ କୋଠି ପଞ୍ଚାୟତରେ ରବିବାର ଅକ୍ଷୟତୃତୀୟା ଦିବସ ପାଳିତ ହୋଇଯାଇଛି। ଇଫ୍‌କୋ ଓ ତା'ର ସହଯୋଗୀ ସଂସ୍ଥା କୋରଡେଟର ବୈଷୟିକ ଅଧିକାରୀମାନେ ଏହି ଅବସରରେ ନାନୋ ତରଳ ସାର ବ୍ୟବହାର ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର ଚାଷୀଙ୍କୁ ବୁଝାଇଥିଲେ। ଏଥିରେ ସ୍ଥାନୀୟ ସରପଞ୍ଚ ଲକ୍ଷ୍ମୀଧର ସାହୁ, କୋରଡେଟ ଅଧକ୍ଷ କୁଳମଣି ମାଝୀ, ଇଫ୍‌କୋ ଜେନେରାଲ ମ୍ୟାନେଜର ହରିବାବୁ ମୋୱା, ସଂଯୋଜକ ଅରିକ୍ଷିତ ସାହୁ, ପ୍ରଶାନ୍ତ ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ। ନାନୋ ତରଳ ସାର ବିଶ୍ୱର ପ୍ରଥମ କରି ଇଫ୍‌କୋ ଉତ୍ପାଦନ ଆରମ୍ଭ କରିଛି। ଏହାର ୫୦୦ ମିଲିଗ୍ରାମ ବୋତଲ ତରଳ ସାର ୫୦ କେଜି ଦାନା ସାର ସହିତ ସମାନ। ଏହା ଫସଲର ପତ୍ରରେ ସିଞ୍ଚନ କରାଯିବ। ଏହାଦ୍ୱାରା ମାଟି ଜୀବନ୍ତ ରହିବା ସହ ପରିବେଶ ଅନୁକୂଳ ରହିବ ବୋଲି ଅଧକ୍ଷ ମାଝୀ କହିଥିଲେ। ଶେଷରେ ଚାଷୀମାନଙ୍କୁ ଫସଲରେ ଏହାକୁ କିପରି ବ୍ୟବହାର କରାଯିବ ତାହା ପରୀକ୍ଷାମୂଳକ ଭାବେ ଦର୍ଶାଇଥିଲେ।

# ଗୀତଗୋବିନ୍ଦର ଆତ୍ମୀୟତା, ମାଧୁର୍ଯ୍ୟ ଜଗନ୍ନାଥଙ୍କୁ ବିମୋହିତ କରେ



ଜିଲାସ୍ତରୀୟ କବି ଜୟଦେବ ଜୟନ୍ତୀ ସମାରୋହରେ ଯୋଗଦେଇଥିବା ଅତିଥିମାନେ।

## ଜିଲାସ୍ତରୀୟ କବି ଜୟଦେବ ଜୟନ୍ତୀ ସମାରୋହ

**ଜଗତ୍‌ସିଂହପୁର ଅଫିସ,୨୩।୪**

ମହାନ୍ କବି ଜୟଦେବଙ୍କ ରଚିତ ଗୀତଗୋବିନ୍ଦର ପଟାନ୍ତର ନାହିଁ । ଭକ୍ତି, ପ୍ରେମ, ତାଳ, ଲୟ ଓ ଛନ୍ଦରେ ଭରପୂର ଗୀତଗୋବିନ୍ଦ କେବଳ ଓଡ଼ିଶା ନୁହେଁ, ସାରା ପୃଥିବୀରେ ବେଶ୍ ଆଦୃତ। ଏଥିରେ ରାଧା ଓ କୃଷ୍ଣଙ୍କ ଅପୂର୍ବ ପ୍ରେମ ସମ୍ପର୍କର ବର୍ଣ୍ଣନା ଅତି ହୃଦୟସ୍ପର୍ଶୀ । ସଂସ୍କୃତରେ ଲିଖିତ ତାଙ୍କ ଏହି କାବ୍ୟରେ ଯେଉଁଭଳି ବର୍ଣ୍ଣନା କରାଯାଇଛି ତାର ପଟାନ୍ତର ନାହିଁ। ଏଥିରେ ଥିବା ଆତ୍ମୀୟତା, ମାଧୁର୍ଯ୍ୟ ସ୍ୱୟଂ ଜଗନ୍ନାଥଙ୍କୁ ବିମୋହିତ କରିଥାଏ। ଗୀତଗୋବିନ୍ଦର ଏକ ଅଧ୍ୟାୟ ନ ଶୁଣିଲେ ପ୍ରଭୁ ଜଗନ୍ନାଥଙ୍କୁ ନିଦ ଆସେନି । ତେଣୁ ପ୍ରତ୍ୟହ ଗୀତଗୋବିନ୍ଦ ଶ୍ରବଣ କଲେ ମଣିଷର କି ଲାଭ ହୁଏ ତାହା ସହଜେ ଅନୁମେୟ। ରବିବାର ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ଜିଲାସ୍ତରୀୟ ଜୟଦେବ ଜୟନ୍ତୀ ପାଳନ ଅବସରରେ ଅନୁଷ୍ଠିତ ଉତ୍ସବରେ ଅତିଥିମାନେ ଏହା କହିଛନ୍ତି । ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ ଯୋଗଦେଇ ଗୀତଗୋବିନ୍ଦ ଜୟଦେବଙ୍କ ଶ୍ରେଷ୍ଠ କୃତୀ ଓ ତାଙ୍କ ପାଇଁ ଆମେ ଗର୍ବିତ ବୋଲି କହିଥିଲେ। ଏହି ମହାନ୍ କବିଙ୍କ ମହତ୍ତ୍ୱ ଓ ଗୀତଗୋବିନ୍ଦର ମର୍ଯ୍ୟାଦା ବ୍ୟାପକ କରିବା ପାଇଁ ସବୁସ୍ତରରେ ପ୍ରୟାସ ହେବା ଉଚିତ ବୋଲିସେ ମତବ୍ୟକ୍ତ କରିଥିଲେ। ଉତ୍ସବରେ ମୁଖ୍ୟବକ୍ତାଭାବେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଅବସରପ୍ରାପ୍ତ ବରିଷ୍ଠ ପ୍ରାଧ୍ୟାପକ ନୀରୋଦ କୁମାର ଦାସ ଜୟଦେବଙ୍କ ସାଧନା ଓ ସିଦ୍ଧି ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହେନ୍ଦ୍ର କୁମାର ଆଚାର୍ଯ୍ୟ, ସହକାରୀ ଜିଲାପାଳ କଳ୍ପିତା କୁମାରୀ ଜେନା, ଜିଲା କଳା ଓ ସଂସ୍କୃତି ସଂଘର ଉପସଭାପତି ଅଭିମନ୍ୟୁ ନାୟକ ପ୍ରମୁଖ ଉପସ୍ଥିତ ରହି ଜୟଦେବଙ୍କ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ଉତ୍ସବରେ ଜିଲାସ୍ତରୀୟ ଓଡ଼ିଆ ସପ୍ତାହ ପାଳନ ଅବସରରେ ହୋଇଥିବା ପ୍ରବନ୍ଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

## ଉପଭୋକ୍ତା ସଚେତନତା ଶିବିର

**ରାହାମା,୨୩।୪(ଡି.ଏନ୍.ଏ)**

କୁଜଙ୍ଗ ବ୍ଲକ ସାଇଲୋ ପଞ୍ଚାୟତ ଅଧୀନ ଗଣେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆଞ୍ଚଳିକ ଖାଉଟି ସୁରକ୍ଷା ସଂଘ ପକ୍ଷରୁ ଉପଭୋକ୍ତା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଉପଭୋକ୍ତା ଜାଗରୁକତା, ଜୀବନ ପାଇଁ ନୂତନ ଦିଶା ବୋଲି ଏହି ଅବସରରେ ଆହ୍ୱାନ ଦିଆଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ପଣ୍ଡିତ ଡ. ସିଦ୍ଧେଶ୍ୱର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ମଞ୍ଚାସୀନ ଅତିଥି ଭାବେ ସାଇଲୋ ପଞ୍ଚାୟତ ସରପଞ୍ଚ ସରୋଜ ସେଠୀ, ପୋତାନଇ ସରପଞ୍ଚ ବ୍ରଜ କିଶୋର ମହାରାଜ, ଆଞ୍ଚଳିକ ଖାଉଟି ସୁରକ୍ଷା ସଂଘ ସଭାପତି ତଥା ବ୍ୟାସ ଫାଉଣ୍ଡେଶନର ଅଧକ୍ଷା ସ୍ନେହମୟୀ ଆଚାର୍ଯ୍ୟ, ସମ୍ପାଦକ ଯାମିନୀକାନ୍ତ ନନ୍ଦ, ଅଖିଳ ଭାରତୀୟ ଗ୍ରାହକ କଲ୍ୟାଣ ପରିଷଦର ରାଜ୍ୟ ସମ୍ପାଦକ ଡ. ସୁନାକର ବେହେରା, ଜିଲା ଖାଉଟି ଫୋରମ ସଭାପତି ପ୍ରଭାତ କୁମାର ପାଢ଼ୀ, ମଧୁସ୍ମିତା ସ୍ୱାଇଁ, ଆଇନଜୀବୀ ଅଭିଜିତ ପୃଷ୍ଟି, ବୈଧ ମାପ ଓଜନ ବିଭାଗର ସହକାରୀ ନିୟନ୍ତ୍ରକ ରଞ୍ଜନ କୁମାର ଜେନା, ଜିଲା ଉପଭୋକ୍ତା ସୁରକ୍ଷା ପରିଷଦର ସଭ୍ୟ, ତଥା ଆଞ୍ଚଳିକ ଖାଉଟି ସୁରକ୍ଷା ସଂଘ ମୁଖ୍ୟ ପରାମର୍ଶଦାତା ଦେବେନ୍ଦ୍ର କୁମାର ମଲ୍ଲିକ, ମନୋଜ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

# ମୋ ଭ୍ୟାନିଟ ମୋ ଦୋକାନ ପରିକଳ୍ପନାର ଶୁଭାରମ୍ଭ

## ଚାଷୀଙ୍କ ପ୍ରସ୍ତୁତ ସାମଗ୍ରୀ ବିଶ୍ୱସ୍ତରରେ ପହଞ୍ଚାଇବା ପାଇଁ ପ୍ରୟାସ



ଆଗ୍ରୋକ୍ଷେତ୍ର ପକ୍ଷରୁ ପ୍ରସ୍ତୁତ ସାମଗ୍ରୀ ପ୍ରଦର୍ଶିତ କରାଯାଉଛି।

**ରଘୁନାଥପୁର,୨୩।୪(ଡି.ଏନ୍.ଏ.)**

ଅକ୍ଷୟତୃତୀୟା ଅବସରରେ ରଘୁନାଥପୁର ବ୍ଲକ ରେଡୁଆ ନୂଆଗଡ଼ସ୍ଥିତ କୃଷିଭିତ୍ତିକ ସଂସ୍ଥା ଲାଲ(ଲିଭ ଆଣ୍ଡ ଲେଟ ଲିଭ) ପକ୍ଷରୁ ଆଗ୍ରୋକ୍ଷେତ୍ର ବ୍ରାଣ୍ଡ ଜରିଆରେ ନୂତନ ପରିକଳ୍ପନା ମୋ ଭ୍ୟାନିଟ ମୋ ଦୋକାନର ଶୁଭାରମ୍ଭ କରାଯାଇଛି। କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ଦ୍ୱାରା ଉତ୍ପାଦିତ ଓ ପ୍ରସ୍ତୁତ ସାମଗ୍ରୀକୁ ବିଶ୍ୱସ୍ତରରେ ବଜାରୀକରଣ କରିବା ଏହାର ଉଦ୍ଦେଶ୍ୟ ବୋଲି ଲାଲ ସଂସ୍ଥାର ସମ୍ପାଦକ କ୍ଷେତ୍ରମୋହନ ବେହେରା କହିଛନ୍ତି। ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ଆଗ୍ରୋକ୍ଷେତ୍ର ନିର୍ଦ୍ଦେଶକ ରଞ୍ଜନ କୁମାର ରାଉତ ସଭା ପରିଚାଳନା କରିଥିଲେ। ୧୧ ଦେଶରେ ବ୍ୟବସାୟ କରୁଥିବା ସଫଳ ଉଦ୍ୟୋଗୀ ଅଶୋକ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତ୍ୟେକ କ୍ଷେତ୍ରରେ ନିଜର ଧୈର୍ଯ୍ୟଶକ୍ତିକୁ ଆୟତ୍ତ କରିବା ଏବଂ ପ୍ରସ୍ତୁତ ସାମଗ୍ରୀର ଗୁଣ ଓ ମାନକୁ ଅତୁଟ ରଖିବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥିଭାବେ ପୂର୍ବତନ ରାଜ୍ୟ କୃଷି ଅଧିକାରୀ ଗୁରୁପ୍ରସାଦ ତ୍ରିପାଠୀ ଓ ପୂର୍ବତନ ଜିଲା କୃଷିଧିକାରୀ ରମେଶ ଚନ୍ଦ୍ର ଦାସ ଯୋଗଦେଇ ମୋ ଭ୍ୟାନିଟ ମୋ ଦୋକାନର କେଉଁଭଳି ସାମଞ୍ଜସ୍ୟ ରହିଛି,ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ଲାଲ ସଂସ୍ଥା ଦ୍ୱାରା ରାଜ୍ୟର ୧୧ ଜିଲାର ୩୨ ବ୍ଲକରେ ଗଢ଼ିଉଠିଥିବା କୃଷକ ଉତ୍ପାଦକ କମ୍ପାନୀର ନିର୍ଦ୍ଦେଶକ ଓ ଅନ୍ୟାନ୍ୟ ଅଧିକାରୀମାନଙ୍କୁ ନେଇ ଏକ ଶପଥ ପାଠ କରାଯାଇଥିଲା। ସକାଳେ ଗୋରେଖନାଥ କୃଷକ ମହାସଂଘ ପକ୍ଷରୁ ଅଖିମୁଠି ପାଳନ କରାଯିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିରେ ନିର୍ଦ୍ଦେଶକ ସେବତୀ ମହାକୁଡ଼, ମମତା ଭୋଇ, ସୋନାଲି ପ୍ରଧାନ, ତୁଳସୀ ମହାନ୍ତ, ଭିକାରି ଚରଣ ଖମାରି, ଅରୁଣ ପରିଡ଼ା, ସସ୍ମିତ ତ୍ରିପାଠୀ ଓ ଗଜେନ୍ଦ୍ର ବେହେରା ଯୋଗଦେଇ ନିଜର ଆଭିମୁଖ୍ୟ ରଖିଥିଲେ।

# ଚାଷୀ, ଜନତାଙ୍କ ସ୍ୱରକୁ ମଜଭୁତ କରିବାକୁ ଆହ୍ୱାନ

## ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଲୋକ ସମ୍ପର୍କ ଯାତ୍ରା

**ନାଉଗାଁ,୨୩।୪(ସ୍ୱ.ପ୍ର)**

ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ରବିବାର ଅକ୍ଷୟତୃତୀୟାଠାରୁ ଲୋକ ସମ୍ପର୍କ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରବିବାର ପୁରୀ ଜିଲା ବେଲଦଳ ନିକଟରୁ ଏହି ସମ୍ପର୍କ ଯାତ୍ରା ଆରମ୍ଭ କରାଯାଇ ମଧ୍ୟାହ୍ନରେ ନାଉଗାଁ ବ୍ଲକରେ ପହଞ୍ଚିଥିଲା। ଏହି ଅବସରରେ ସଙ୍ଗଠନର ସଦସ୍ୟମାନେ ନାଉଗାଁ ବଜାରରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଚାଷୀମାନଙ୍କ ପାଇଁ ସରକାର କୌଣସି ପ୍ରକାର ସୁବିଧା ଓ ସହଯୋଗ କରୁ ନ ଥିବା କହିଥିଲେ। ଚାଷୀ ଓ ସାଧାରଣ ଜନତାର ସ୍ୱରକୁ ମଜଭୁତ କରିବା ସହ ଚାଷୀଙ୍କ ହକ୍ ପାଇଁ ସେମାନକୁ ସଶକ୍ତ କରିବା ଓ ଜନସାଧାରଣଙ୍କ ମନରେ ଜାଗରଣ ସୃଷ୍ଟି କରିବା ଏହି ଲୋକ ସମ୍ପର୍କ ଯାତ୍ରାର ମୂଳ ଲକ୍ଷ୍ୟ। ଏହି ଅବସରରେ ସଙ୍ଗଠନର କର୍ମୀମାନେ 'ଆମର ଦରକାର ଚାଷୀ ସରକାର' ଆଦି ସ୍ଲୋଗାନ ଦେଇଥିଲେ। ସଙ୍ଗଠନ ପକ୍ଷରୁ ଏହି ଯାତ୍ରା ରାଜ୍ୟର ସମସ୍ତ ଜିଲା ପରିଭ୍ରମଣ କରି ୮ ମେ ୨୦୨୩ ରେ ଭୁବନେଶ୍ୱରରେ ସମାପ୍ତ କରିବାର ଲକ୍ଷ୍ୟ ରଖାଯାଇଛି ବୋଲି ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ପ୍ରକାଶ କରିଛନ୍ତି। ଉକ୍ତ ଯାତ୍ରାରେ ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର, ରାଜ୍ୟ ସହ ସଂଯୋଜକ ନିମାଇଁ ରାୟ, ଉମାକାନ୍ତ ଭାରତ, ରଶ୍ମି ରଞ୍ଜନ ସ୍ୱାଇଁ, ନବ ନିର୍ମାଣ ଯୁବ ଛାତ୍ର ସଙ୍ଗଠନର ରାଜ୍ୟ ସଂଯୋଜକ ମନଓର ଅଲ୍ଲି, ଜିଲା ସହ ସଂଯୋଜକ ଅଶୋକ ସ୍ୱାଇଁଙ୍କ ସମେତ କର୍ମୀ ଓ ସ୍ଥାନୀୟ ଅଞ୍ଚଳର ଚାଷୀ ଯୋଗ ଦେଇଥିଲେ।

# ଛାତ୍ର କଂଗ୍ରେସ ପକ୍ଷରୁ ଜଳଛତ୍ର ସେବା

**ନାଉଗାଁ,୨୩।୪(ସ୍ୱ.ପ୍ର)**

ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ନାଉଗାଁ ବ୍ଲକ ଅନ୍ତର୍ଗତ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ଛାତ୍ର କଂଗ୍ରେସ ପକ୍ଷରୁ ଜଳଛତ୍ର ବ୍ୟବସ୍ଥା କରାଯାଇଛି। ରାଜ୍ୟ ଛାତ୍ର କଂଗ୍ରେସ ଉପସଭାପତି ସୁନିଲ କୁମାର ମାଟିଆ ଏହାର ନେତୃତ୍ୱ ନେଇଛନ୍ତି। ଏହି କାର୍ଯ୍ୟକ୍ରମକୁ ଘୋଡାଂଶ ପଞ୍ଚାୟତ ସରପଞ୍ଚ ନୁହାର ରଞ୍ଜନ ବସ୍ତିଆ ଉଦ୍‌ଘାଟନ କରିଥିଲେ। ଏବେ ଯୁକ୍ତ ୩ ଛାତ୍ରୀଛାତ୍ରମାନଙ୍କ ପ୍ରଥମ ସେମିଷ୍ଟର ପରୀକ୍ଷା ଚାଲିଥିବା ବେଳେ ଅଂଶୁଘାତରୁ ରକ୍ଷା ପାଇବା ପାଇଁ ପିଲାମାନଙ୍କୁ ଜଳଛତ୍ର ମାଧ୍ୟମରେ ଜଳ ପ୍ରଦାନ କରାଯାଇଛି। ଏହାକୁ ସାମାଜିକ କର୍ମୀ ସୁଶାନ୍ତ କୁମାର ସାହୁ, ଛାତ୍ର ନେତା ବିକାଶ ସ୍ୱାଇଁ, ସନ୍ତୋଷ ଦାସ, ସୁଧୀର ପରିଡା, ସ୍ୱାଧୀନ ସାହୁ, ଦେବସ୍ମାନ ସ୍ୱାଇଁ ପରିଚାଳନା କରିଥିଲେ।

# ବୈଷୟିକ ଜ୍ଞାନକୌଶଳ ପ୍ରୟୋଗରେ ଚାଷୀଙ୍କ ଆୟ ବଢ଼ିବ

## ଜିଲାସ୍ତରୀୟ ଅକ୍ଷୟତୃତୀୟା, କୃଷକ ଦିବସ ପାଳିତ

**ଜଗତ୍‌ସିଂହପୁର ଅଫିସ,୨୩।୪**

ଉନ୍ନତ ବୈଷୟିକ ଜ୍ଞାନ କୌଶଳ ପ୍ରୟୋଗ କଲେ ଚାଷୀ ଲାଭବାନ୍ ହୋଇପାରିବେ। ଏହା ଚାଷୀଙ୍କ ପାଖରେ ପହଞ୍ଚାଇପାରିଲେ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରିବ। କୁକୁଡ଼ା, ଗୋପାଳନ, ସମନ୍ୱିତ କୃଷି ମାଧ୍ୟମରେ ଚାଷୀ ସେମାନଙ୍କ ଆୟ ବୃଦ୍ଧି କରିପାରିବ। ରବିବାର ତିର୍ତ୍ତୋଲ ବ୍ଲକ ନିମକଣାସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଅନୁଷ୍ଠିତ ଜିଲାସ୍ତରୀୟ ଅକ୍ଷୟତୃତୀୟା ଓ କୃଷକ ଦିବସ ପାଳନ ଅବସରରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ଏହା କୁହାଯାଇଛି। ଏହି ଅବସରରେ ଅତିଥିମାନେ କହିଥିଲେ, ଜଗତ୍‌ସିଂହପୁର ଏକ କୃଷିପ୍ରଧାନ ଜିଲା। ଏ ଜିଲାରେ କୃଷିର ସର୍ବବିଧ ଉନ୍ନତି ନିମନ୍ତେ କୃଷି ବିଭାଗ ଓ କୃଷି ବିଜ୍ଞାନ କେନ୍ଦ୍ର ମିଳିତ ଭାବେ ମାର୍ଗଦର୍ଶିକା ପ୍ରସ୍ତୁତ କରି କାର୍ଯ୍ୟ କରିବାକୁ ପଡ଼ିବ। ଯେହେତୁ ଜିଲାରେ କଳ କାରଖାନା ଓ ରାସ୍ତାଘାଟର ସମ୍ପ୍ରସାରଣ ଯୋଗୁ ଚାଷ ଜମି ସଙ୍କୁଚିତ ହୋଇଯାଉଛି, ତେଣୁ କ୍ଷୁଦ୍ର ଚାଷ ଜମିର ଠିକ ବ୍ୟବହାର ହେବା ଜରୁରୀ। ଅର୍ଥାତ ଠିକ୍‌ଭାବେ ଚାଷ ଜମିର ଯତ୍ନ ନିଆଯାଇପାରିଲେ ଅଧିକ ଅମଳ ସାଙ୍ଗକୁ ଲାଭ ମଧ ମିଳିପାରିବ। ଏହି ଅବସରରେ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ପାରମ୍ପରିକ ରୀତିନୀତି ଅନୁଯାୟୀ ହୋମ ଓ ଅଖିମୁଠି ଅନୁକୂଳ କରାଯାଇଥିଲା। ଏଥିରେ ଜିଲାପାଳ ପାରୁଲ ପଟୱାରୀ ମୁଖ୍ୟଅତିଥି, ତିର୍ତ୍ତୋଲ ପଞ୍ଚାୟତ ସମିତି ଅଧକ୍ଷ ମନୋଜ ବେହେରା, ଉପାଧକ୍ଷା ସନ୍ଧ୍ୟାରାଣୀ ମହାନ୍ତି, ଜିଲା ପରିଷଦ ସଭ୍ୟା ରଞ୍ଜିତା ସିଂହ, କୃଷି ପରାମର୍ଶ କମିଟି ଅଧକ୍ଷ ଦେବେନ୍ଦ୍ର ମଲ୍ଲିକ, କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ଜୀବନଜିତ ସେନ୍ ଓ ଜିଲାସ୍ତରୀୟ କୃଷି ଓ ଆନୁଷଙ୍ଗିତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଶେଷରେ ତିର୍ତ୍ତୋଲ କୃଷି ଜିଲା ଅଧିକାରୀ ଅଧିକାରୀ ପୂର୍ଣ୍ଣେନ୍ଦୁ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।



ଜିଲାପାଳ ଓ ଅନ୍ୟ ଅତିଥିମାନେ ଅଖିମୁଠି ଅନୁକୂଳ କରୁଛନ୍ତି।

# 'ଅକ୍ଷୟତୃତୀୟାରେ ଅଖିମୁଠି ଅନୁକୂଳ କଲେ ଚାଷ ଭଲ ହୁଏ'

**ନାଉଗାଁ,୨୩।୪(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ଅନ୍ତର୍ଗତ ଗଜରାଜପୁର ପଞ୍ଚାୟତ ଦେବୀଦୋଳଠାରେ ରବିବାର ବ୍ଲକସ୍ତରୀୟ ଅକ୍ଷୟ ତୃତୀୟା ଓ କୃଷକ ଦିବସ ପାଳନ କରାଯାଇଛି। ଏହି ଅବସରରେ ଆତ୍ମା କମିଟି ଅଧକ୍ଷ ବସନ୍ତ ପାଢ଼ୀ ଯୋଗ ଦେଇ ଅଖିମୁଠି ଅନୁକୂଳ କରିବା ସହ ଭୂମି ପୂଜନ କରିଥିଲେ। ଏନେଇ ବ୍ଲକ କୃଷି ବିଭାଗ ପକ୍ଷରୁ ସେଠାରେ ଏକ ସଭା ଆୟୋଜନ କରାଯାଇଥିଲା। ଏଥିରେ ପାଢ଼ୀଙ୍କ ସମେତ ବ୍ଲକ କୃଷି ଅଧିକାରୀ ନିର୍ମାଲ୍ୟ ନାୟକ, ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସାଧିକାରୀ ଭି.ସୁନୟନା ଶିବାନୀ, ବ୍ଲକ ମତ୍ସ୍ୟାଧିକାରୀ ରଞ୍ଜିତ ରାଉତ, ୧ନଂ. ଜୋନ ଜିଲା ପରିଷଦ ସଭ୍ୟା ଅମିତା ସ୍ୱାଇଁ, ଏମ୍‌ପିଙ୍କ ପ୍ରତିନିଧି ଅଜୟ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଅକ୍ଷୟ ତୃତୀୟାରେ ଅଖିମୁଠି ଅନୁକୂଳ କଲେ ଚାଷ ଭଲ ହୋଇଥାଏ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକର ଅନେକ ପଞ୍ଚାୟତର ପ୍ରତିନିଧି ଓ ଚାଷୀମାନେ ଯୋଗ ଦେଇଥିଲେ।



ବିରିଡି ବ୍ଲକ୍ ଚାନ୍ଦପୁର ମୌଜାର ଏକ ଜମିରେ ବିଧାୟକ ବିଜୟଶଙ୍କର ଦାସ ବିହନ ଅନୁକୂଳ କରୁଛନ୍ତି।

**ବିରିଡ଼ି, (ଡି.ଏନ.ଏ):** ବିରିଡ଼ି ବ୍ଲକରେ ବିଜେଡି ପକ୍ଷରୁ ଅକ୍ଷୟତୃତୀୟା ପର୍ବ ପାଳିତ ହୋଇଯାଇଛି। ଏହି ଅବସରରେ ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଦାସ ଚାନ୍ଦପୁର ମୌଜାର ରାସ୍ତାକଡ ଏକ ଜମିରେ ହଳଧରି ବିହନ ଅନୁକୂଳ କରିଥିଲେ। ଏଥିରେ ବ୍ଲକ ଅଧକ୍ଷା ମମତା ପାତ୍ର, ଉପଧକ୍ଷା ପିନାକୀ ପ୍ରିୟଦର୍ଶିନୀ, ଜିଲା ପରିଷଦ ସଭ୍ୟା ଦୀପ୍ତିମୟୀ ରାୟ, ସଭ୍ୟ ଚନ୍ଦ୍ର ଶେଖର ଦାଶ, ଆତ୍ମା କମିଟି ଅଧକ୍ଷ ପ୍ରତାପ ବେହେରା, ପୂର୍ବତନ ଆତ୍ମା କମିଟି ଅଧକ୍ଷ ରବିନାରାୟଣ ଜେନା, ଯୁବ ନେତା ପ୍ରଦୀପ୍ତ ଭୂୟାଁ, ନେତ୍ରା ନନ୍ଦ ପାତ୍ର ପ୍ରମୁଖ ଯୋଗଦେଇଥିଲେ।

**ରଘୁନାଥପୁର,(ଡି.ଏନ୍.ଏ.):** ରଘୁନାଥପୁର ବ୍ଲକ ତଅଁରା ପଞ୍ଚାୟତର ଶାଳିଜଙ୍ଗାଠାରେ ଜଗତ୍‌ସିଂହପୁର ଜିଲା କୃଷକ ସଙ୍ଗଠନ ପକ୍ଷରୁ ଅଖିମୁଠି ଅନୁକୂଳ କରାଯାଇଛି। ବ୍ରାହ୍ମଣଙ୍କ ଦ୍ୱାରା ଭୂମି ପୂଜନ ହେବାପରେ ସଙ୍ଗଠନ ସଭାପତି ଗୋବିନ୍ଦ ଚନ୍ଦ୍ର ଜେନା ଅଖିମୁଠି ଅନୁକୂଳ କରିଥିଲେ। ଏହି ଅବସରରେ ସ୍ଥାନୀୟ ସାଇ ମନ୍ଦିର ପରିସରରେ ସଙ୍ଗଠନ ସମ୍ପାଦକ ଇଂ.ବାବାଜୀ ଚରଣ ଜେନାଙ୍କ ପୌରୋହିତ୍ୟରେ ଏକ ସଭା ଆୟୋଜନ କରାଯାଇଥିଲା। ଏଥିରେ ସ୍ଥାନୀୟ ସରପଞ୍ଚ ବଟକୃଷ୍ଣ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃଷି ଓ କୃଷକଙ୍କ ମାଟି ମା' ପ୍ରତି ଥିବା କର୍ତ୍ତବ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ଦିଲୀପ କୁମାର ରଥ, ଶାରଦା ରାୟ, ସମିତି ସଭ୍ୟା ଶାନ୍ତିଲତା ଦ୍ୱିବେଦୀ, ପାର୍ଥଶାଖା ପାଲଟା ସିଂ, ଗଙ୍ଗାଧର ଜେନା ଓ ପ୍ରକାଶ ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ଉକ୍ତ ଦିବସର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

## ସଂକ୍ଷେପରେ

### ଶହୀଦଙ୍କ ପାଇଁ ମହମବତି ଶୋଭାଯାତ୍ରା

ନୟାଗଡ଼ ଅଫିସ,୨୩।୪: କଶ୍ମୀରରେ ଶହୀଦ ହୋଇଥିବା ବୀର ଯବାନଙ୍କ ସ୍ମୃତିରେ ମହମବତି ଶୋଭାଯାତ୍ରା ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ହେଲପିଂ ହ୍ୟାଣ୍ଡର ସଦସ୍ୟମାନେ ହାତରେ ମହମବତି ଧରି ଏକ ଶୋଭଯାତ୍ରାରେ ନୟାଗଡ଼ ପୁରୁଣା ବସ୍‌ଷ୍ଟାଣ୍ଡରୁ ବାହାରି ତ୍ରିନାଥ ଛକ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ପର୍ଯ୍ୟନ୍ତ ଯାଇଥିଲେ । ଏଥିରେ ଶତାଧିକ ଯୁବକ ସାମିଲ ହୋଇଥିଲେ । ଏହି ଅବସରରେ ଶହୀଦ ଯବାନମାନଙ୍କ ସ୍ମୃତି ଚାରଣ କରାଯାଇଥିଲା । ସାମାଜିକ କର୍ମୀ ଦାମ ସାର୍, ଖବରଦାତା ଉତ୍ପଳ ସାହୁ, ଚିନ୍ମୟ ମହାପାତ୍ର, ରଘୁନାଥ ପ୍ରଧାନ, ବିଭୂତି ଭୂଷଣ ମହାନ୍ତି, ସତ୍ୟବ୍ରତ ପଟ୍ଟନାୟକ, ସମୀର ରଞ୍ଜନ ନାୟକ,ଆଦିଲ ଉର୍ଜମା,ବିଶ୍ୱଜିତ ସୁବୁଦ୍ଧି ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

### ଶ୍ରୀରାମଚରିତ ମାନସ ପାରାୟଣ

ଓଡ଼ଗାଁ,୨୩।୪(ସ୍ୱ.ପ୍ର.): ଓଡ଼ଗାଁ ବ୍ଲକ ରଙ୍ଗଣୀପାଟଣା ତୋଟାସାହିରେ ୧୪ ତାରିଖରୁ ଆରମ୍ଭ ହୋଇଥିବା ଶ୍ରୀରାମଚରିତ ନବାହ୍ନ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଶନିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି । ଅନୁଷ୍ଠାନର ଷଷ୍ଠ ମହାବୀର ଜୟନ୍ତୀ ଉପଲକ୍ଷେ ଅନୁଷ୍ଠିତ ଏହି ଜ୍ଞାନଯଜ୍ଞରେ ଗଞ୍ଜାମ ଜିଲା ଜରଡା ଗଡ଼, ସୁବର୍ଣ୍ଣପୁରର ପୂର୍ଣ୍ଣାନନ୍ଦ ରାମାନୁଜ ଦାସ ବ୍ୟାସ, କମସରରୁ ଆସିଥିବା ସନ୍ତୋଷ କୁମାର କର ଆଚାର୍ଯ୍ୟ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ସନ୍ଥ ମନୋହର ଦାସ ମହାରାଜ, ପଣ୍ଡିତ ଦେବରାଜ ଦାସ, ସନ୍ତୋଷ କୁମାର କର ସମ୍ପୂର୍ଣ୍ଣ ରାମାୟଣ କଥାବସ୍ତୁ ସମ୍ପର୍କରେ ୯ ଦିନ ଧରି ଆଲୋଚନା କରି ଆଧାତ୍ମିକ ଜ୍ଞାନ ବିତରଣ କରିଥିଲେ । ଜୟ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରଙ୍ଗଣୀପାଟଣା ଗ୍ରାମବାସୀ ସହଯୋଗ କରିଥିଲେ ।

### ରାଇକିଆ ଲ୍ୟାମ୍ପସର ସାଧାରଣ ବୈଠକ

ରାଇକିଆ, ୨୩।୪(ଡି.ଏନ.ଏ): କନ୍ଧମାଳ ଜିଲା ରାଇକିଆ ଲ୍ୟାମ୍ପସ୍ ସମିତିର ବାର୍ଷିକ ସାଧାରଣ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ରାଇକିଆ ଲ୍ୟାମ୍ପସର ପରିଚାଳନା ନିର୍ଦ୍ଦେଶକ ଭୃଗୁ ଦିଗାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉଠା ଜଳସେଚନ, ସୁଧ ଛାଡ କରିବା ସମେତ ମୂଳ ପରିଶୋଧ କରିବା ଓ ବ୍ୟବସାୟ ମାଧ୍ୟମରେ ଲ୍ୟାମ୍ପରେ ସାର, କୀଟନାଶକ, ତାରବାଡ, ବିକ୍ରି କରିବା ନେଇ ଆଲୋଚନା ହୋଇଥିଲା। ପ୍ରାୟ ୪୦୦ରୁ ଉର୍ଦ୍ଧ୍ୱ ଚାଷୀ ହଳଦୀ ଋଣ ପରିଶୋଧ କରିବା ନେଇ ଅସୁବିଧା ହେଉଥିବା ଅଭିଯୋଗ କରିଥିଲେ । ଶେଷ ରେ ପଞ୍ଚାୟତସ୍ତରରେ ଋଣ ଶିବିର କରିବା ପାଇଁ ରାଇକିଆ ଲ୍ୟାମସ୍ ଡାଇରେକ୍ଟର କୁନାଲ ବେହେରା ପ୍ରସ୍ତାବ ଦେଇଥିଲେ। ବୈଠକରେ ବହୁ ସଂଖ୍ୟାରେ ପଞ୍ଜୀକୃତ ଚାଷୀ, କର୍ମକର୍ତ୍ତା, ପ୍ରତିନିଧିମାନେ ଯୋଗ ଦେଇଥିଲେ।

# ଡାୟାଲିସିସ ରୋଗୀଙ୍କୁ ଶୋଷଣ: ସେବା ନାଁରେ ବ୍ୟବସାୟ

ଫୁଲବାଣୀ ଅଫିସ, ୨୩।୪

## କର୍ମଚାରୀଙ୍କ ପ୍ରତି ଅହେତୁକ ଅନୁକମ୍ପା

କନ୍ଧମାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାୟାଲିସିସ ରୋଗୀଙ୍କୁ ଶୋଷଣ ଘଟଣାରେ ମେଡିକାଲ ପ୍ରଶାସନର ତଦନ୍ତକୁ ନେଇ ପ୍ରଶ୍ନ ଉଠିଛି। ଡାୟାଲିସିସି ସେବା ଯୋଗାଉଥିବା ସଂସ୍ଥାର କର୍ମଚାରୀ ଖୁଲମଖୁଲା ରୋଗୀଙ୍କୁ ଶୋଷଣ କରୁଥିବା ବେଳେ ଆଜି ପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ନ ହେବା ପଛରେ କି ରହସ୍ୟ ରହିଛି ତାହାକୁ ନେଇ ପ୍ରଶ୍ନ ଉଠିଛି । ତେଣୁ ମାଗଣା ସେବା ନାଁରେ ଏଠି ବ୍ୟବସାୟ ଚାଲିଥିବା ରୋଗୀଙ୍କ ସମ୍ପର୍କୀୟମାନେ ଅଭିଯୋଗ କରିଛନ୍ତି, ଯାହାକୁ ନେଇ ଏବେ ଅସନ୍ତୋଷ ବୃଦ୍ଧିପାଇଛି।

ଡାୟାଲିସିସ ପାଇଁ ଏକ ଫିଲଟର ବ୍ୟବହାର କରାଯାଏ । ସରକାର ଏହାକୁ ସମ୍ପୂର୍ଣ୍ଣ ମାଗଣା ଦେଉଛନ୍ତି । ଜଣେ ରୋଗୀଙ୍କର ଏଥିରେ ୧୦ ଥର ରକ୍ତ ଫିଲଟର ହୋଇପାରିବ । କିନ୍ତୁ ପରିଚାଳକ କହୁଛନ୍ତି ଆମେ ଏହାକୁ ୧୦ ଥର ବ୍ୟବହାର କରିବୁ ନାହିଁ । ୪ରୁ ୫ ଥର ବ୍ୟବହାର କରିବୁ । ବାକି ୫ ଥର ପାଇଁ ତୁମକୁ ଫିଲଟର, ଟ୍ୟୁବ ବାବଦକୁ ୧୧୫୦ରୁ ୧୨୫୦ ଟଙ୍କା ଦେବାକୁ ପଡିବ କହି ରୋଗୀଙ୍କୁ ବ୍ଲାକମେଲିଂ କରିବା ସହ ଅର୍ଥ ନେଉଛନ୍ତି। ଏହି ଘଟଣାକୁ ନେଇ ଗତ ମାର୍ଚ୍ଚ ୧୧ ତାରିଖରେ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇଥିଲା । ସେତେବେଳେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମନୋଜ କୁମାର ଉପାଧ୍ୟାୟ ଘଟଣାର ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ । ହେଲେ ଆଜି ପର୍ଯ୍ୟନ୍ତ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ। ଅନ୍ୟପକ୍ଷେ ଏସବୁ କାର୍ଯ୍ୟର ମୁଖ୍ୟ କାର୍ପଟଦାର ସାଜିଥିବା ପରିଚାଳକ ଏବଂ ଟେକ୍ନିସିଆନ କହୁଛନ୍ତି ଆମେ କିଛି କରୁନୁ । ରୋଗୀ ଫିଲଟର ସହ ଟ୍ୟୁବ ମାଗିଲେ ଆମେ ଦେଉଛୁ । ଏଥିରେ ଆମର କିଛି ନାହିଁ । ପରିଚାଳନା କରୁଥିବା ସଂସ୍ଥା ମାଲିକ ଏସବୁ କରୁଛନ୍ତି । ପ୍ରଶ୍ନ ଉଠୁଛି ଜଣେ ରୋଗୀ କିପରି ଜାଣିବ ତାହାର ଫିଲଟର କେତେ ଥର ବ୍ୟବହାର ହେବା ଦରକାର ଏବଂ ତାହା କେଉଁଠି ମିଳୁଛି ? ପରୋକ୍ଷ ଏବଂ ପ୍ରତ୍ୟକ୍ଷରେ ଏଠି ମାଗଣା ସେବା ନାଁରେ ବ୍ୟବସାୟ ଚାଲିଛି । ଏ ସଂକ୍ରାନ୍ତରେ ତଦନ୍ତକାରୀ ଅଧିକାରୀ ମେଡିକାଲ ଅଧିକ୍ଷକ ଡା.ଅଭୟ କୁମାର ପଟ୍ଟନାୟକଙ୍କୁ ପଚାରିବାରୁ ଭବିଷ୍ୟତରେ ଏଭଳି ଘଟଣାର ଯେପରି ପୁନରାବୃତି ନ ହେବ ସେ ବିଷୟରେ ସଂସ୍ଥାକୁ ଅବଗତ କରାଯାଇଛି । ଯଦି ଘଟଣା ନଜରକୁ ଆସିବ, ତାହାଲେ ସେବା ବାବଦରେ ଦିଆଯାଉଥିବା ସରକାରୀ ଦେୟ (ପେମେଂଟ) ବନ୍ଦ କରାଯିବ ବୋଲି ନିର୍ଦ୍ଦେଶ ଦିଆଯାଇଥିବା ପ୍ରକାଶ କରିଛନ୍ତି।

ସୁଚନାଯୋଗ୍ୟ, ଜିଲା ମୁଖ୍ୟ ଚିକିତ୍ସାଳୟରେ ପିପିପି ମୋଡରେ ଡାୟାଲିସିସ ସେବା ଚାଲିଛି । ଏକ ସଂସ୍ଥା ଏହାର ପରିଚାଳନା ଦାୟିତ୍ୱ ନେଇଛି । ୨୦୧୮ ସେପ୍ଟେମ୍ବର ୧୨ରୁ ଏହି ସେବା ଯୋଗାଇ ଦିଆଯାଉଛି, ଯାହା ସମ୍ପୂର୍ଣ୍ଣ ମାଗଣାରେ । କିନ୍ତୁ ବିଭିନ୍ନ ପ୍ରକାର ଆଳ ଦେଖାଇ ମୃତ୍ୟୁ ସହ ସଂଗ୍ରାମ କରୁଥିବା ରୋଗୀଙ୍କ ସମ୍ପର୍କୀୟଙ୍କଠାରୁ ଅର୍ଥ ଲୁଟ୍ କରାଯାଉଥିବା ଅଭିଯୋଗ ହେଉଛି।

# ଓଡ଼ିଆ ଅଧ୍ୟାପକଙ୍କ ପରଲୋକ

ଖଣ୍ଡପଡ଼ା,୨୩।୪(ସ୍ୱ.ପ୍ର.)


ଦୀନବନ୍ଧୁ ନାୟକ

ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଦୀନବନ୍ଧୁ ନାୟକ(୫୩)ଙ୍କ ରବିବାର ପୂର୍ବାହ୍ନରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି । ସେ ଜଣେ ସାହିତ୍ୟିକ ଓ ପ୍ରବଚକ ଭାବେ ପରିଚିତି ଥିଲେ । ଜଣେ ସରଳ, ଛାତ୍ର ବତ୍ସଳ, ମେଳାପୀ ବ୍ୟକ୍ତି ଭାବେ ସେ ସମସ୍ତଙ୍କ ପ୍ରିୟଭାଜନ ହୋଇପାରିଥିଲେ । ଗତ କିଛିଦିନ ହେବ ସେ କିଡ୍‌ନୀଜନିତ ରୋଗରେ ପୀଡିତ ହୋଇ ଚିକିତ୍ସାଧୀନ ଥିଲେ । ତାଙ୍କ ପରଲୋକ ଖବର ପ୍ରଚାରିତ ହେବା ପରେ ଖଣ୍ଡପଡ଼ାରେ ଶୋକର ଛାୟା ଖେଳିଯାଇଥିଲା । ଆଜି ରବିବାର ଛୁଟି ଥିଲେ ତାଙ୍କ ମରଶରୀରକୁ କଲେଜ ପରିସରକୁ ଅଣାଯାଇଥିଲା । ଉପାଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ଦାଶ, ପୂର୍ବତନ ଅଧ୍ୟକ୍ଷ ଶରତ କୁମାର ସାହୁ, ଅଧ୍ୟାପକ ରାଜୀବ ମିଶ୍ର, ହୃଷିକେଶ ମିଶ୍ର, ଲକ୍ଷ୍ମୀଧର ଚିନ୍ନରାଙ୍କ ସହ ଅଣଶିକ୍ଷକ, କର୍ମଚାରୀ ଓ ଛାତ୍ରମାନେ ତାଙ୍କ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଶେଷ ଦର୍ଶନ କରିଥିଲେ । ପରେ ତାଙ୍କ ମରଶରୀରକୁ ତାଙ୍କ ନିଜ ଗ୍ରାମ ଗୁଣ୍ଠୁଣୀ ପଞ୍ଚାୟତ ଅଧୀନ ସୁବଳୟାକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା ।

# ଚାରୁ ଓ କାରୁକଳା ମହାବିଦ୍ୟାଳୟରେ ଚିତ୍ରକଳା ପ୍ରଦର୍ଶନୀ


ଚିତ୍ର କଳା ପ୍ରଦର୍ଶନୀ ଉଦଘାଟନ କରୁଛନ୍ତି ମନ୍ତ୍ରୀ ।

ଖଲ୍ଲିକୋଟ,୨୩।୪(ଡି.ଏନ.ଏ.)

ସରକାରୀ ଚାରୁ ଓ କାରୁକଳା ମହାବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ଦ୍ୱାରା ଆୟୋଜିତ ଚିତ୍ର କଳା ପ୍ରଦର୍ଶନୀ 'ଆସ୍ପିରେଶନ' ଏବଂ ବାର୍ଷିକ ବନ୍ଧୁ ମିଳନ ଉଦଘାଟିତ ହୋଇଯାଇଛି। ସଂସ୍କୃତି ବିଭାଗ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ ଯୋଗଦେଇ ମହାବିଦ୍ୟାଳୟ କିପରି ବିଶ୍ୱ ଦରବାରରେ ନିଜର ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିବ ତାହାର ପରିକଳ୍ପନା କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ସୁବ୍ରତ କୁମାର ମଲ୍ଲିକ ଛାତ୍ରୀଛାତ୍ରମାନଙ୍କ ସହଯୋଗରେ କିପରି ମହାବିଦ୍ୟାଳୟର ଉନ୍ନତି ହେବ ତାହା ଆଲୋଚନା କରିଥିଲେ। ପୁରାତନ ଛାତ୍ର ସଂସଦର ସଭାପତି ତଥା ଆନ୍ତର୍ଜାତିକ ଚିତ୍ରଶିଳ୍ପୀ ଅସିତ କୁମାର ପଟ୍ଟନାୟକ ଚିତ୍ରର ମାନ ବୃଦ୍ଧି ପାଇଁ ପ୍ରସ୍ତାବ ରଖିଥିଲେ। ସାଧାରଣ ସଂପାଦକ ତଥା ଚିତ୍ରଶିଳ୍ପୀ ଡଃ. ରେବତୀ କାନ୍ତ ମହାରଣା ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଆସ୍ପିରେଶନ-୨୩ ଚିତ୍ରକଳା ପ୍ରଦର୍ଶନୀ ସୂଚୀ ପୁସ୍ତିକା ଉନ୍ମୋଚିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଖଲ୍ଲିକୋଟ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୈତାରୀ ବେହେରା, ବିଜ୍ଞାପିତ ଅଞ୍ଚଳ ପରିଷଦ ନିରଞ୍ଜନ ବେହେରାଙ୍କ ସହିତ ପ୍ରାକ୍ତନୀର ଉପସଭାପତି ତଥା ଚିତ୍ରଶିଳ୍ପୀ ବିପିନ ବିହାରୀ ମାର୍ଥା ଓ କୋଷାଧ୍ୟକ୍ଷ ତଥା ଚିତ୍ରଶିଳ୍ପୀ କାଳୀ ଚରଣ ପାଢି ଉପସ୍ଥିତ ଥିଲେ। ଚିତ୍ରଶିଳ୍ପୀ ବସନ୍ତ କୁମାରୀ ସାମନ୍ତ, ଐତିହାସିକ ଡଃ ଅଲେଖ ଚରଣ ସାହୁ, ରାଜବଲ୍ଲଭ ସାହୁ, ପଞ୍ଚାନନ ସୁର, ରାମହରି ଜେନା, ଗୌରାଙ୍ଗ ବାରିକ, ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଜୟନ୍ତ କୁମାର ଦାସ, ବିଜୟ କୁମାର ମହାପାତ୍ର, ନିକୁଞ୍ଜ ବିହାରୀ ଦାସ, ଅଶୋକ ପଟ୍ଟନାୟକ, ଧର୍ମପଦ ବିଶ୍ୱାଳ, ହରିହର ବେହେରା, ପ୍ରିୟରଞ୍ଜନ ସାମନ୍ତ, ଅଶ୍ୱିନୀ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଯୁଗ୍ମ ସମ୍ପାଦକ କୈଳାଶ ଚନ୍ଦ୍ର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

## ଦଲାଇ ଲାମାଙ୍କ ପ୍ରତି ଅପମାନକୁ ନିନ୍ଦା

ଆର.ଉଦୟଗିରି,୨୩।୪(ଡି.ଏନ.ଏ.)

ଗତ କିଛି ଦିନ ତଳେ ଗଣମାଧ୍ୟମରେ ତିବ୍ବତୀୟ ଧର୍ମଗୁରୁ ଦଲାଇ ଲାମାଙ୍କ ପ୍ରତି ଅପମାନସୂଚକ ଖବର ପ୍ରସାରଣ ହୋଇଥିଲା। ଏହାକୁ ଶନିବାର ଚନ୍ଦ୍ରଗିରି ତିବ୍ବତୀୟ ସେଟେଲମେଣ୍ଟ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ତିବ୍ବତୀୟ ଶରଣାର୍ଥୀ କଡ଼ା ଭାଷାରେ ନିନ୍ଦା କରିଛନ୍ତି। ଫେବୃୟାରୀ ୨୮ରେ ଏକ କାର୍ଯ୍ୟକ୍ରମରେ ଧର୍ମଗୁରୁ ଦଲାଇ ଲାମା ଜଣେ ବାଳକକୁ ଖୁସିରେ ଚୁମ୍ବନ କରିଥିଲେ। ଏହା ଚୀନର ଏକ ଷଡ଼ଯନ୍ତ୍ର ବୋଲି ଅଭିଯୋଗ କରିବା ସହ ତୁରନ୍ତ ସମ୍ପୃକ୍ତ ଗଣମାଧ୍ୟମ କ୍ଷମାମାଗନ୍ତୁ ବୋଲି ଦାବି କରିଛନ୍ତି। ସମ୍ମିଳନୀରେ ତିବ୍ବତୀୟ କେନ୍ଦ୍ରୀୟ ବିଦ୍ୟାଳୟ ଅଧ୍ୟକ୍ଷ ସନ୍ଦୂପ ଦୁର୍ଜେ, ଟେଞ୍ଜିନ ୟାଞ୍ଜି, ଶୁଭଶ୍ରୀ ସେନାପତି, ତିବତିୟ ମହିଳା ଉପଦେଷ୍ଟା ସେରିଂ ୟଞ୍ଜୁମ, ମହିଳା ସଭାନେତ୍ରୀ କୁଙ୍ଗା, ପେମା ଥନ୍ଦୁପ, ପେମା ଡେମ୍ପେଲ ଓ ଅଶୋକ ରଣଜିତ ଉପସ୍ଥିତ ଥିଲେ।

## ବିଦ୍ୟାଳୟର ବାର୍ଷିକ ଉତ୍ସବ

ଶେରଗଡ଼,୨୩।୪(ଡି.ଏନ.ଏ.)

ଶେରଗଡ଼ ବିଜୁ ପଟ୍ଟନାୟକ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସଭାପତି ଗୌରହରି ବିଷୋୟୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ, ମୁଖ୍ୟବକ୍ତା ଭାବେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ମୃତ୍ୟୁଞ୍ଜୟ ମିଶ୍ର, ଶିକ୍ଷକ ଅଜିତ କୁମାର ପଣ୍ଡା ଯୋଗଦେଇ ଥିଲେ। ପୂର୍ବରୁ ନିର୍ଦ୍ଧାରିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ସହ ମାନପତ୍ର ଅତିଥିମାନେ ପ୍ରଦାନ କରିଥିଲେ। ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ପରିଚାଳନା କରିଥିଲେ।

## ତ୍ରିନାଥ ମେଳାର ବାର୍ଷିକ ଉତ୍ସବ

ନୂଆଗାଁ,୨୩।୪(ଡି.ଏନ.ଏ.)

ନୂଆଗାଁ ଥାନା କର୍ତ୍ତୃପକ୍ଷଙ୍କ ଦ୍ୱାରା ଆୟୋଜିତ ତ୍ରିନାଥ ମେଳା ବାର୍ଷିକ ଉତ୍ସବ ରବିବାର ପାଳିତ ହୋଇଯାଇଛି । ଏହି ଅବସରରେ ତ୍ରିନାଥ ମନ୍ଦିରରେ ସକାଳୁ ହୋମ ଯଜ୍ଞ ଆରମ୍ଭ କରାଯାଇଥିଲା । ନୂଆଗାଁ ଥାନା ଅଧିକାରୀ ପୁଷ୍ପଲତା ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଉତ୍ସବରେ ଥାନାର ସମସ୍ତ କର୍ମଚାରୀ , ସ୍ଥାନୀୟ ବରିଷ୍ଠ ନାଗରିକ ଓ ନେତୃବୃନ୍ଦ ଯୋଗ ଦେଇଥିଲେ ।

# ଆଦିବାସୀଙ୍କ ଜଙ୍ଗଲ ଜମିପଟ୍ଟା ସର୍ଭେ ପାଇଁ ଦାବି

ବୁଗୁଡ଼ା,୨୩।୪(ଡି.ଏନ୍.ଏ.)

ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ବୁଗୁଡ଼ା ବ୍ଲକର ଭଗବାନପୁର ପଞ୍ଚାୟତର କାନସାରଳା, ତାକରଡ଼ା ପଞ୍ଚାୟତର ଶୂଳିଆପଲ୍ଲୀ, କରଚୁଲି ପଞ୍ଚାୟତର ସିଙ୍ଗିପୁର, ଢେପସାହି, କିରିଆମ୍ବା ଓ ବଡ଼ଷଣ୍ଡା ଆଦି ଗ୍ରାମର ଆଦିବାସୀମାନେ ଜଙ୍ଗଲ ଜମିର ପଟ୍ଟା ପାଇବା ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟରେ ଦାବିପତ୍ର ଦାଖଲ କରିଥିଲେ। ଜିଲାପାଳଙ୍କ ଚିଠି ନଂ.୩୬୩୪/୩୦।୧୨।୨୦୧୭ ଓ ଚିଠି ନଂ.୩୪୨୦/୦୫।୧୨।୨୦୧୮ ଏବଂ ବୁଗୁଡ଼ା ପଞ୍ଚାୟତ ସମିତି ଚିଠି ନଂ. ୧୪୮୪/୦୬।୦୭।୨୦୧୯ ଓ ଚିଠି ନଂ.୧୬୧୬/୨୫।୦୭।୨୦୧୯ ଅନୁଯାୟୀ ରାଜସ୍ୱ ଓ ବନ ବିଭାଗର ମିଳିତ ତଦନ୍ତ ପାଇଁ ବୁଗୁଡ଼ା ତହସିଲ କାର୍ଯ୍ୟାଳୟକୁ ପତ୍ର ମାଧ୍ୟମରେ ଅବଗତ କରାଯାଇଥିଲେ ହେଁ କୌଣସି ପଦକ୍ଷେପ ନିଆଯାଇନାହିଁ ବୋଲି ଅଭିଯୋଗ କରି ଶୁକ୍ରବାର ଓଡ଼ିଶା କୃଷକ ସଭା ପ୍ରତିନିଧି ମଣ୍ଡଳୀ ଗହଣରେ ଉକ୍ତ ୬ଟି ଗ୍ରାମର ଆଦିବାସୀ ପୁରୁଷ ଓ ମହିଳାମାନେ ତହସିଲଦାର ସଂଗ୍ରାମ କେଶରୀ ଜେନାଙ୍କୁ ଭେଟି ଯଥାଶୀଘ୍ର ମିଳିତ ସର୍ଭେ କରିବାକୁ ଦାବି କରିଛନ୍ତି।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ


ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି ।

ରମ୍ଭା,୨୩।୪

ଗଞ୍ଜାମ ବ୍ଲକ ଶତ୍ରୁଶୋଳ ଓଡିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ପିଟିଏ ସଭାପତି ବୁଲୁ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉପସ୍ଥାପିକା ସୋନାଲି ମିତ୍ରା ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରାର୍ଥ୍ୟା ମାଧୁରୀ ମହାରଣା ସମ୍ପାଦକ ବିବରଣୀ ପଠନ କରିଥିଲେ। ଗଞ୍ଜାମ ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ସୁବଳୟା ସରପଞ୍ଚ ସସ୍ମିତା ବେହେରା, ଅଧ୍ୟକ୍ଷା ପ୍ରତିନିଧି ସୁରତ ପାହାନ, ଏବିଇଓ ବିଜୟ କୁମାର ବେହେରା ମଞ୍ଚାସିନ ଥିଲେ। ନବଦ୍ୱୟ ବିଦ୍ୟାଳୟ ଓ ଆଦର୍ଶ ବିଦ୍ୟାଳୟ ପାଖୁଡ଼ାର ଦୁଇ ପାର୍ଶ୍ୱ ଉପରେ ପାର୍ଥକ୍ୟ ଦର୍ଶାଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଛାତ୍ରୀ ତଥା ଦୁଇ ଯୁଗଳି ସ୍ନେହସ୍ୱଳ ମୁଦୁଲି, ରୋଜାଲିନ ସାହୁ ଉପସ୍ଥାପିକା ରୂପେ ରହିଥିବା ବେଳେ ଶିକ୍ଷକ ରାୟମୋହନ ଦାସ, ଚାରୁଲତା ମାଝୀ, ରଶ୍ମିତା ବେହେରା ସହଯୋଗ କରିଥିଲେ। ପ୍ରମୋଦ କୁମାର ଓଝା, ସୋନାଲି ମିତ୍ରା, ସନାତନ ବେହେରା, ପଞ୍ଚାନନ ପାଣିଗ୍ରାହୀ, ଅଞ୍ଜଳି ପଣ୍ଡା, ସତ୍ୟଭାମା ବେହେରା ପ୍ରମୁଖ ପୁରସ୍କାର ବିତରଣ କରିଥିଲେ। ଶେଷରେ ସନ୍ତୋଷ କୁମାର ଦଳ ବେହେରା ଧନ୍ୟବାଦ ଦେଇଥିଲେ।

# ଚିତ୍ରକର ସଂଘର ଆଲୋଚନା ସଭା

ଦିଗପହଣ୍ଡି,୨୩।୪(ଡି.ଏନ୍.ଏ.)

ଦିଗପହଣ୍ଡି ବ୍ଲକ ଜକର ଗ୍ରାମ ନିକଟସ୍ଥ ମାଁ ରତ୍ନେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ବଡ଼ଖେମୁଣ୍ଡି ଚିତ୍ରକର ସଂଘ ପକ୍ଷରୁ ଏକ ଜିଲାସ୍ତରୀୟ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଚିତ୍ରଶିଳ୍ପୀ ରାମାନୁଜ ପଟ୍ଟନାୟକ ଏହି ସଭାରେ ଅଧ୍ୟକ୍ଷତା କରିଥିଲେ। ଆଇନଜୀବୀ କୁରେଶୁ ପଣ୍ଡା ଅତିଥି ଭାବେ ଯୋଗଦେଇ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବସବାସ କରୁଥିବା ଚିତ୍ରକରମାନଙ୍କ ଜୀବନଜୀବିକା, ସେମାନଙ୍କ ସାମାଜିକ ସୁରକ୍ଷା, ପ୍ରାପ୍ୟ ମଜୁରି ସଂକ୍ରାନ୍ତରେ ଆଲୋଚନା କରିଥିଲେ। ବହୁସଂଖ୍ୟକ କଳାକାର ପାରମ୍ପରିକ ଭାବେ ସାଇନ୍‌ବୋର୍ଡ, କପଡ଼ା ବ୍ୟାନର, କିଛି କିଛି ସରକାରୀ ଓ ଘରୋଇ ସଂସ୍ଥାର ବିଜ୍ଞାପନ କାନ୍ଥରେ ଲେଖିବା, ଚିତ୍ର ମାଧ୍ୟମରେ ସହର ଓ ଗ୍ରାମାଞ୍ଚଳର କାନ୍ଥ ବାଡ଼ଗୁଡ଼ିକୁ ସୌନ୍ଦର୍ଯ୍ୟକରଣ ଆଦି କାର୍ଯ୍ୟ କରି ନିଜେ ବଞ୍ଚିବା ସହ ପରିବାର ଗୁଜରାଣ ମେଣ୍ଟାଇଥା'ନ୍ତି। କିନ୍ତୁ ଗତ କିଛି ବର୍ଷ ହେଲା ସେମାନଙ୍କୁ କାମ ମିଳୁନାହିଁ। ଫଳରେ ଅନେକ ଚିତ୍ରକର ନିଜର ବୃତିଠାରୁ ଦୂରେଇ ଯାଇ ଦାଦନ ଶ୍ରମିକ ଭାବେ ବାହାର ରାଜ୍ୟକୁ ଯାଉଛନ୍ତି। ତେଣୁ ରାଜ୍ୟ ସରକାର ସେମାନଙ୍କ ପ୍ରତି ଦୃଷ୍ଟିଦେବାକୁ ସଭାରେ ଦାବି କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଚିତ୍ରକର ସଂଘ ପକ୍ଷରୁ ଏକ ସ୍ମରଣିକା ଚିତ୍ରକଳ୍ପ ଉନ୍ମୋଚନ କରାଯାଇଥିଲା। ଗଞ୍ଜାମ ଜିଲାର ବିଭିନ୍ନ ଅଞ୍ଚଳରୁ ଅମର ନାୟକ, ସୁଶୀଲ ନାୟକ, ଶିବ ପ୍ରସାଦ ସାହୁ, ବାଙ୍କବିହାରୀ ଦାସ, ପଦ୍ମନ ମଳିକ, ବାଉରୀ ସେଠୀ, ପ୍ରଭାତ କୁମାର ପାଢ଼ୀ, ସୁରେନ୍ଦ୍ର ମାର୍ଥା, ସୁଶାନ୍ତ ବେଜ, ଭିକାରି ବେହେରା, ଅରୁଣ ସାହୁ, ମିଟୁ ସାହୁ, ଗିରିଶ୍ କବି, ଶିବ ସାହୁ, ସୀମାଞ୍ଚଳ ଦାସ ପ୍ରମୁଖ ୪୦ରୁ ଉର୍ଦ୍ଧ୍ୱ ଚିତ୍ରଶିଳ୍ପୀ ସଭାରେ ଯୋଗଦେଇ ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।


ସ୍ମରଣିକା ଉନ୍ମୋଚନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଚିତ୍ରକରବୃନ୍ଦ।

# ବାଲ୍ୟ ବିବାହ ନିରାକରଣ ସଚେତନତା

ଛତ୍ରପୁର/ଗଞ୍ଜାମ, ୨୩।୪(ଡି.ଏନ୍.ଏ )

ଗଞ୍ଜାମ ଜିଲାରେ ବାଲ୍ୟ ବିବାହ ରୋକିବା ନିମନ୍ତେ ସପ୍ତାହ ବ୍ୟାପୀ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲାପାଳ ଲୀନା କୁମାରୀ ଖେସଙ୍କ ଅଧ୍ୟକ୍ଷତାରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ସମାଜ ମଙ୍ଗଳ ଅଧିକାରୀ ଶୁଭଶ୍ରୀ ପାତ୍ର ସମସ୍ତଙ୍କୁ ସ୍ୱାଗତ କରିବା ସହ ବାଲ୍ୟ ବିବାହର କୁପରିଣତି ଓ ଏହାକୁ କିପରି ନିରାକରଣ କରାଯାଇ ପାରିବ ସେ ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ବାଲ୍ୟ ବିବାହ ହେଉଥିବା ଖବର ପାଇଲେ ତାକୁ ବନ୍ଦ କରାଇବା ଓ ଏ ଦିଗରେ ଜନ ସାଧାରଣଙ୍କୁ ସଚେତନତା କାର୍ଯ୍ୟ କରିଥିବା ବିଭିନ୍ନ କୁଳ ସମାଜର ସଭାପତି ଭଗବାନ ଗୌଡ, ଦୁର୍ଗାଚରଣ ପଲେଇ, ମହମ୍ମଦ ଏକବାଲ, ଡି. ହରେରାମ ରେଡ୍ଡୀ, ରଙ୍କନିଧି ଦାସ, ଡଃ ସରୋଜ କୁମାର ଶତପଥୀ, ମୋତିଲାଲ ଦାଶ, ଗାନ୍ଧୀ ନାୟକ ଏବଂ ନିର୍ବାଚିତ ପ୍ରତିନିଧି ରାଜେଶ କୁମାର ସାହୁ ଏବଂ ବିନଶ୍ରୀଳା ସ୍ୱାମୀଙ୍କୁ ଉପଢୌକନ ଏବଂ ପ୍ରମାଣପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଶେଷରେ ଆକ୍ସନ ଏଡର ପ୍ରକଳ୍ପ ସଂଯୋଜକ ଦେବବ୍ରତ ମହାନ୍ତ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ମହିଳା ସୁରକ୍ଷା ଅଧିକାରୀ ସଙ୍ଗୀତା ପାତ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଗିମ କୁମାର ପଣ୍ଡା, ମେମ୍ବର ସିଡବ୍ଲ୍ୟୁସି ସିଏଚ ଜ୍ୟୋତି କୁମାରୀ, ଜିଲା ସଂଯୋଜକ, ସମଗ୍ର ଶିକ୍ଷା ଡଃ ସରୋଜ ମୋହନ ପାଲ, ଇନିସ୍ପେକ୍ଟର ଅଫ ପୋଲିସ ସୀତାଂଶୁ ଶେଖର ମାନ୍ଧାତା, ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା, ବିଭିନ୍ନ ବିଭାଗୀୟ କର୍ମଚାରୀ ଓ ଅଧିକାରୀଗଣ ଉପସ୍ଥିତ ଥିଲେ।


ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ଅତିରିକ୍ତ ଜିଲାପାଳ ଓ ଅନ୍ୟମାନେ।

ସେହିପରି ଗଞ୍ଜାମ ବ୍ଲକରେ ବାଲ୍ୟବିବାହ ନିରାକରଣ ନେଇ ବ୍ଲକସ୍ତରୀୟ ସଚେତନତା ଜାରି ରହିଛି। ଏହା ଗତ ୧୭ରୁ ୨୩ ତାରିଖ ପର୍ଯ୍ୟନ୍ତ ଅକ୍ଷୟତୃତୀୟା ଉପଲକ୍ଷେ ଏକ ସପ୍ତାହବ୍ୟାପୀ କାର୍ଯ୍ୟକ୍ରମ ଥିଲା ବୋଲି ବିଡିଓ ସୂଚନା ଦେଇଛନ୍ତି। ବିଡିଓ ଜସ୍ମିନ ପ୍ରଧାନ ଓ ସିଡିପିଓ ସଲିଳା ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ଲକର ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରଗୁଡିକରେ ସଚେତନତା ସଭା ଏବଂ ବିଭିନ୍ନ ଗ୍ରାମରେ ପ୍ଲାକାର୍ଡ ଶୋଭାଯାତ୍ରା ଓ ବାଲ୍ୟବିବାହ ସମ୍ପର୍କିତ ବିଭିନ୍ନ ନାରା ଦିଆଯାଇ ସଚେତନତା ସୃଷ୍ଟି କରାଯାଉଛି। ଗଞ୍ଜାମ ବ୍ଲକରେ ଏକ ସଚେତନତା ସଭାରେ ଏହାର ଶୁଭାରମ୍ଭ କରାଯାଇଥିବା ବେଳେ ହୁମ୍ମା ଅଙ୍ଗନୱାଡି କେନ୍ଦ୍ରରେ ସିଡିପିଓ ଶ୍ରୀମନ୍ତୀ ପ୍ରଧାନଙ୍କ ସଭାପତିତ୍ୱରେ ଏକ ସଚେତନତା ସଭା ପରେ ରାଲି ଓ ଶପଥ ମାଧ୍ୟମରେ ଜନସଚେତନତା ସୃଷ୍ଟି କରାଯାଇଛି। ସେହିପରି ଗଞ୍ଜାମ ସହରସ୍ଥିତ ଆଖଡାବନ୍ଧ ସାହିସ୍ଥିତ ଅଙ୍ଗନୱାଡ଼ି କେନ୍ଦ୍ରରେ କର୍ମୀ ବବିତା ପଣ୍ଡାଙ୍କ ତତ୍ତ୍ୱାବଧାନରେ ମହିଳା ଓ କିଶୋର କିଶୋରୀମାନଙ୍କୁ ନେଇ ଏହି ପ୍ରଥାର କୁପ୍ରଭାବ ସମ୍ପର୍କରେ ସ୍ଥାନୀୟ କର୍ମୀମାନେ ସଚେତନତା ସୃଷ୍ଟି କରିଛନ୍ତି।

**ସଂକ୍ଷେପରେ**

## ଅନନ୍ତ ସ୍ମୃତି ପାଠାଗାର, ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ

ଦଶରଥପୁର,୨୩।୪(ଡି.ଏନ୍.ଏ.): ଦଶରଥପୁର ବ୍ଲକ୍ ମଙ୍ଗଳପୁର ବଜାରସ୍ଥିତ ଅନନ୍ତ ସ୍ମୃତି ପାଠାଗାର ଓ ସାଂସ୍କୃତିକ ପରିଷଦ ମଙ୍ଗଳପୁରର ବାର୍ଷିକ ଉତ୍ସବ ଥାଲକୁଡିସ୍ଥିତ ମଙ୍ଗଳପୁର ବିଜୁ କଲ୍ୟାଣ ମଣ୍ଡପଠାରେ ରବିବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। କବି ଦୁର୍ଯ୍ୟୋଧନ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଉଦ୍‌ଘାଟକ ତଥା ମୁଖ୍ୟଅତିଥିଭାବେ କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ୍‌ସ୍ଥିତ ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟ ଅଧ୍ୟକ୍ଷ ତଥା କବି ପ୍ରଫେସର ବୈକୁଣ୍ଠ ନାଥ ପରିଡ଼ା ଯୋଗଦେଇ ସମାଜର ଦାୟିତ୍ୱବୋଧତା ଉପରେ ଯୁବ ସମାଜର ଦାୟିତ୍ୱ ହ୍ରାସ ପାଉଥିବା ଉପରେ ଦିଗ୍‌ଦର୍ଶନ ଦେଇଥିଲେ। ମୁଖ୍ୟବକ୍ତାଭାବେ ଗାଳ୍ପିକ ରବି ପଣ୍ଡା ଯୋଗଦେଇ ରାମାୟଣ ହେଉ କିମ୍ବା ମହାଭାରତ ଆଜି ଯାହା ଆମ ପାଇଁ ଗଳ୍ପ ତାହା ଯୁଗଯୁଗ ଲାଗି ସଂସ୍କାର ଓ ସମ୍ଭାବନା ତଥା ଅନ୍ୟାୟ ଅନିତି ସମ୍ପର୍କରେ ଜନସମାଜକୁ ସଚେତନ କରିଯାଇଛି। ଜେଜେ ମା' ଜେଜେବାପାର ଗଳ୍ପ କୋମଳମତି ଶିଶୁଙ୍କୁ ସୁଦିଗ୍ ଦର୍ଶନ ଦେବାରେ ଏକ ପ୍ରମୁଖ ସୂତ୍ରବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ପ୍ରାଧ୍ୟାପକ ବିଜୟ କିଶୋର ସାମଲ, ଶିକ୍ଷାବିତ୍ ନିରଞ୍ଜନ ବିଶ୍ୱାଳ ଓ ଦିଗମ୍ବର ସାହୁଙ୍କ ସମେତ ମଞ୍ଚାସୀନ ଅତିଥିଭାବେ ସ୍ଥାନୀୟ ଥାଲକୁଡି ସରପଞ୍ଚ ଗୀତାଞ୍ଜଳି ସେଠୀ ଓ ମଙ୍ଗଳପୁର ସରପଞ୍ଚ ସସ୍ମିତା ଧଳ ପ୍ରମୁଖ ଯୋଗଦେଇଥିଲେ। ଅତିଥିଙ୍କ ଦ୍ୱାରା ନିର୍ମଳ ଚନ୍ଦ୍ର ପତିଙ୍କ ରଚିତ ଭକ୍ତି ରସାତ୍ମକ ପୁସ୍ତକ ଭାବର ଠାକୁର ଉନ୍ମୋଚନ କରାଯାଇଥିବାବେଳେ କବି ସରୋଜ ବିଶ୍ୱାଳ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଝିଅ ଜନ୍ମଦିନରେ ଜଳଛତ୍ର ସେବା

ଯାଜପୁରରୋଡ୍, ୨୩।୪(ଡି.ଏନ.ଏ.): ଝିଅ ଜନ୍ମଦିନକୁ ଏକ ନିଆରା ଢଙ୍ଗରେ ପାଳନ କରିଛନ୍ତି ବ୍ୟାସନଗର ପୌର ପରିଷଦ ଅନ୍ତର୍ଗତ ଚାନ୍ଦମା ଗ୍ରାମର ସ୍ୱେଚ୍ଛାସେବୀ ପ୍ରକାଶ ଆଇଚ। ଗତ ଗୁରୁବାର ତାଙ୍କ ଝିଅ ସାଇପ୍ରଜ୍ଞାଙ୍କ ଜନ୍ମଦିନ ପଡ଼ିଥିବାରୁ ସେ ସହରର ନହକା ଗୋଲେଇ ଛକ ନିକଟରେ ଏକ ଜଳଛତ୍ର ଖୋଲି ଲୋକଙ୍କୁ ଥଣ୍ଡାପାଣି ସହ ସର୍ବତ ବଣ୍ଟନ କରିଥିଲେ। ଜଳଛତ୍ରକୁ ଯାଜପୁରରୋଡ୍ ଆଦର୍ଶ ଥାନା ଅଧିକାରୀ ଉପେନ୍ଦ୍ର କୁମାର ପ୍ରଧାନ ଉଦ୍‌ଘାଟନ କରିଥିଲେ। ଜଳଛତ୍ର ସେବା ଗ୍ରୀଷ୍ମଋତୁ ଶେଷପର୍ଯ୍ୟନ୍ତ ଚାଲୁରହିବ ବୋଲି ଆଇଚ ପ୍ରକାଶ କହିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କାଉନସିଲର ସିଦ୍ଧାର୍ଥ ସାମଲ, ବିକାଶ ଆଇଚ, ଶହୀଦ ଭଗତ ସିଂ ଯୁବକ ସଂଘ ସଭାପତି ରାଜେନ୍ଦ୍ର ବିଶ୍ୱାଳ, ସମ୍ପାଦକ ହେମନ୍ତ ଧୀର, ଖବରଦାତା ଶରତ ପୋଥାଳ, ଉମାକାନ୍ତ ରାଉତ ଓ ପବିତ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଯାଜପୁର ସହରର ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ

- ଚାରିଆଡ଼େ ବେଆଇନ ପାର୍କିଂ
- ରାସ୍ତାରେ ବୁଲୁଛନ୍ତି ଗୋରୁ
- ବିରଜା କ୍ଷେତ୍ରକୁ ବାଟ ପାଉନାହାନ୍ତି ଶ୍ରଦ୍ଧାଳୁ

ଯାଜପୁର ଟାଉନ,୨୨।୪(ଡି.ଏନ.ଏ.): ଯାଜପୁର ସହରର ଟ୍ରାଫିକ୍ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଫଳରେ ଏହା ଜନଜୀବନକୁ ପ୍ରଭାବିତ କରୁଛି। ସହରରେ ଏକମୁଖି ମାର୍ଗ ବହୁ ସ୍ଥାନରେ ନିର୍ମାଣ ହୋଇଥିଲେ ବି ବିପରୀତ ଦିଗରୁ ଯାନବାହନଗୁଡ଼ିକ ଯାତାୟାତ କରିବା ଯୋଗୁ ବହୁ ସମୟରେ ଦୁର୍ଘଟଣା ଘଟୁଛି। ରାସ୍ତା ଚଉଡ଼ା ହୋଇଛି। କିନ୍ତୁ ପାର୍କିଂ ବ୍ୟବସ୍ଥା ସର୍ବତ୍ର ନ ଥିବାରୁ ୨/୪ ଚକିଆ ପର୍ଯ୍ୟନ୍ତ ଅଧିକାଂଶ ଗାଡ଼ି ଦୋକାନଗୁଡ଼ିକ ସମ୍ମୁଖରେ ପାର୍କିଂ କରିବାରୁ ସୁଗମ ଯାତାୟାତ ସମ୍ଭବ ହେଉନାହିଁ। ରାସ୍ତାରେ ୨୪ ଘଣ୍ଟା ଗୋରୁ ଶୋଇବା ଓ ବୁଲିବା ଅତି ସାଧାରଣ କଥା ହୋଇଛି। ପୌରପରିଷଦର ଅଧ୍ୟକ୍ଷା, ଉପାଧ୍ୟକ୍ଷ ଓ ପାରିଷଦମାନଙ୍କଠାରୁ ପଦାଧିକାରୀ ଏବଂ କର୍ମଚାରୀଙ୍କ ପର୍ଯ୍ୟନ୍ତ ସମସ୍ତେ ଏ ଦୃଶ୍ୟକୁ ଦେଖୁଥିଲେ ବି କାହାର ତୁଣ୍ଡ ଖୋଲିବାର ନାହିଁ କି ମୁଣ୍ଡ ଖେଳାଇବାରେ ନାହିଁ। ଏକ ଜିଲା ସଦର ମହକୁମା ସହର ଏବଂ ଦେଶର ପ୍ରମୁଖ ଶକ୍ତିପୀଠ ଭାବେ ବିରଜାକ୍ଷେତ୍ର ଯାଜପୁର ପରିଗଣିତ। ଏଠାକୁ ଦେଶ ବିଦେଶରୁ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁ ଆସୁଛନ୍ତି। ଜିଲା ସଦର ମହକୁମା ହୋଇଥିବାରୁ ପ୍ରଶାସନିକ ସେବାଠାରୁ ଆରମ୍ଭ କରି ଚିକିତ୍ସା ସେବା ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟରେ ଜନଗଣ ଆସୁଛନ୍ତି। ସହରର ରାସ୍ତା ଗୃହପାଳିତ ପ୍ରାଣୀଙ୍କ ଆବାସସ୍ଥଳୀରେ ପରିଣତ ହୋଇଥିବା ଦେଖି ସମସ୍ତେ ଜିଲା ପ୍ରଶାସନ ଓ ପୌର ପ୍ରଶାସନର ଦକ୍ଷତା ପ୍ରତି ପ୍ରଶ୍ନ ଉଠାଉଛନ୍ତି।

ସେହିଭଳି ପାର୍କିଂ ପାଇଁ ନିର୍ଦ୍ଦିଷ୍ଟ ନିୟମ ନାହିଁ। ସେ ସମ୍ପର୍କରେ କେହି ପ୍ରତିବାଦ କଲେ ସମ୍ପୃକ୍ତ ଆଗନ୍ତୁକଙ୍କୁ ଅପମାନିତ ଏବଂ ବେଳେବେଳେ ଆକ୍ରମଣର ମଧ୍ୟ ଶିକାର ହେବାକୁ ପଡୁଛି। ଜିଲାପାଳଙ୍କ ଅଫିସଠାରୁ ଆରମ୍ଭ କରି ଗଳି ରାସ୍ତା ଯାଏ ସବୁଠି ଟ୍ରାଫିକ୍‌ର ସମସ୍ୟା। ୧୬ନଂ. ଜାତୀୟ ରାଜପଥରୁ ଜିଲା ସଦର ମହକୁମାକୁ କୁଆଖିଆ, ପାଣିକୋଇଲି ଏବଂ ଷଠିପୁରଠାରୁ ସଂଯୋଗ ପଥ ରହିଛି। ମାତ୍ର କୌଣସି ଗୋଟିଏ ସଂଯୋଗ ପଥରେ ପ୍ରସିଦ୍ଧ ବିରଜାକ୍ଷେତ୍ର ଓ ଜିଲା ପ୍ରଶାସନର ମୁଖ୍ୟାଳୟ ସମ୍ପର୍କରେ ସୁଦୃଶ୍ୟ ସୂଚନା ଫଳକ ନାହିଁ। ପାଣିକୋଇଲି ଛକରୁ ଅବା ଭଦ୍ରକ ଦିଗରୁ ଯେଉଁମାନେ ଷଠିପୁର ଦେଇ ଯାଜପୁର ସହରକୁ ଆସିବାକୁ ଚାହୁଁଛନ୍ତି ସେମାନେ ବାଟବଣା ହେଉଛନ୍ତି। ଭଦ୍ରକ ଦିଗରୁ ଆସୁଥିବା ଯାତ୍ରୀ କେତେବେଳେ ଯାଇ ପାଣିକୋଇଲିରେ ପହଞ୍ଚି ଯାଉଛନ୍ତି ତ ଆଉ କେତେବେଳେ କଟକ ପଳାଉଛନ୍ତି।


ଯାଜପୁର ସହର ରାସ୍ତା ମଝିରେ ଗୋରୁ ଶୋଇଛନ୍ତି।

ସେହିପରି କେନ୍ଦୁଝର ଅଞ୍ଚଳରୁ ଆସୁଥିବା ଯାତ୍ରୀ ଭଦ୍ରକରେ ପହଞ୍ଚି ଯାଜପୁରକୁ ଖୋଜିବାକୁ ପଡୁଛି। ଏ ପ୍ରକାର ଟ୍ରାଫିକ୍ ସମସ୍ୟା ଜନିତ ବ୍ୟତିକ୍ରମକୁ ଜିଲାପାଳ, ଜନପ୍ରତିନିଧି, ବିରୋଧୀ ରାଜନୈତିକ ଦଳର ନେତୃବୃନ୍ଦ ଏବଂ ତଥାକଥିତ ବୁଦ୍ଧିଜୀବୀ ଦେଖୁଥିଲେ ବି ଏଥିପ୍ରତି କାହାର ଦୃଷ୍ଟିନାହିଁ।

ଅନ୍ୟପକ୍ଷରେ ଜାତୀୟ ରାଜପଥ ହେଉ କି ରାଜ୍ୟ ରାଜପଥ ଅବା ପୂର୍ତ୍ତ, ପୌର, ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ବିଭାଗର ରାସ୍ତାଗୁଡ଼ିକ ଉପରେ ଯେଉଁଠି ନାହିଁ ସେଠି ଟ୍ରକ ଏବଂ ଅନ୍ୟାନ୍ୟ ଗାଡ଼ି ପାର୍କିଂ କରାଯାଉଛି। ବେଆଇନ ପାର୍କିଂକୁ ପୋଲିସ ଓ ପରିବହନ ବିଭାଗ ପ୍ରତିହତ କରିବା ପରିବର୍ତ୍ତେ କେତେଜଣ ଅସାଧୁ କର୍ମଚାରୀ ସେମାନଙ୍କ ପକେଟ ଗରମ କରିବାକୁ ଆଗେଇ ଆସି ଜନସାଧାରଣଙ୍କୁ ବିପଦମୁହଁକୁ ଠେଲି ଦେଉଛନ୍ତି। ଫଳରେ ରାସ୍ତା ଦୁର୍ଘଟଣାରୁ ଅନେକଙ୍କର ଅକାଳରେ ଜୀବନ ଯାଉଛି।

ଚଣ୍ଡିଖୋଲ, ଡୁବୁରୀ, ନୂଆଗଡ ଓ ପାଣିକୋଇଲି ଭଳି ପ୍ରମୁଖ ଛକଗୁଡ଼ିକର ଟ୍ରାଫିକ ବିପର୍ଯ୍ୟସ୍ତ ବ୍ୟବସ୍ଥା ଅବର୍ଣ୍ଣନୀୟ। ମାସମାସ ଧରି ଅନେକ ଟ୍ରକ୍ ରାଜପଥ ଉପରେ ଛିଡ଼ା ହେଉଛନ୍ତି। ମାଲିକମାନଙ୍କ ଘର ରାସ୍ତା କଡ଼ରେ ହୋଇଥିବାରୁ ରାସ୍ତାକୁ ସେଇ ସବୁ ଟ୍ରକଗୁଡ଼ିକ ପାର୍କିଂ ଏରିଆରେ ପରିଗଣିତ କରୁଛନ୍ତି। ଚଣ୍ଡିଖୋଲ ଛକରେ କିଛିବର୍ଷ ମଧ୍ୟରେ ଶତାଧିକ ଲୋକଙ୍କ ଜୀବନଗଲାଣି। ସ୍ଥାନୀୟ ରାଜନେତା, ପ୍ରଶାସନିକ ପଦାଧିକାରୀ ଏବଂ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ତଥା ହୀନ ରାଜନୀତି ପାଇଁ ଏହା ଏକ ମରଣଯନ୍ତାରେ ପାଲଟି ଯାଇଛି। ଏହି ଛକର ସ୍ଥାୟୀ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ କୌଣସି ବ୍ୟବସ୍ଥା କରାଯାଉନାହିଁ। ନିକଟ ମଫସଲରୁ ଜିଲାର ପ୍ରମୁଖ ସହର ଯାଏ ଟ୍ରାଫିକ ସମସ୍ୟାର ତାଲିକା କାହିଁ କେତେ ଲମ୍ବା। ସଡ଼କଗୁଡ଼ିକ ସବୁଆଡ଼େ ଅସୁରକ୍ଷିତ। ଏଥିପାଇଁ ଲୋକଙ୍କ ଜୀବନ ମଧ୍ୟ ଅସୁରକ୍ଷିତ ହୋଇଛି। ତେଣୁ ଏହାର ନିରାକରଣ ପାଇଁ ପ୍ରଶାସନ ଦୃଷ୍ଟିଦେବାକୁ ଦାବି ହୋଇଛି।

## ଜରି, ବାଙ୍ଗରାରେ ପାନୀୟ ଜଳ ସଙ୍କଟ

ସିଂହପୁର,୨୩।୪(ଡି.ଏନ.ଏ.): ଗ୍ରାମାଞ୍ଚଳ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ବିଭିନ୍ନ ଯୋଜନାରେ ସରକାରଙ୍କ ପକ୍ଷରୁ ପ୍ରକଳ୍ପ ନିର୍ମାଣ କରାଯାଇଛି। ମାତ୍ର କେତେକ ପଞ୍ଚାୟତରେ ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ରାଜନେତାଙ୍କ ଦୂରଦୃଷ୍ଟି ଅଭାବରୁ ଲୋକେ ପାନୀୟ ଜଳ ପାଇଁ ହୀନସ୍ତା ଭୋଗୁଛନ୍ତି। ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଜରି ଓ ବାଙ୍ଗରା ପଞ୍ଚାୟତରେ ଏପରି ଚିତ୍ର ଦେଖିବାକୁ ମିଳିଛି।

ଜରି ପଞ୍ଚାୟତ ୧୨ନଂ. ୱାର୍ଡର ସମସ୍ତ ପରିବାର ନିକଟରେ ପାନୀୟ ଜଳ ପ୍ରକଳ୍ପ ପାଣି ପହଞ୍ଚି ପାରୁନାହିଁ। ଫଳରେ ବାଧ ହୋଇ ଲୋକେ ନଳକୂଅ ଉପରେ ନିର୍ଭର କରୁଛନ୍ତି। ମାତ୍ର ଏଠାରେ ଥିବା ଏକ ନଳକୂପ ଦୀର୍ଘଦିନ ହେଲା ଅଚଳ ହୋଇ ପଡ଼ିଥିବାରୁ ଲୋକେ ପାନୀୟ ଜଳ ପାଇଁ ହୀନସ୍ତା ଭୋଗୁଛନ୍ତି। କେତେ ଜଣ ଲୋକ ବାଧ ହୋଇ ଖରସ୍ରୋତା ନଦୀର ଜଳକୁ ପାନୀୟ ରୂପେ ବ୍ୟବହାର କରୁଛନ୍ତି।


ଅଚଳ ହୋଇଥିବା ଏକ ନଳକୂପ।

ଏହିପରି ବାଙ୍ଗରା ପଞ୍ଚାୟତ ବାଙ୍ଗରା ଗ୍ରାମର ୫ନଂ. ୱାର୍ଡରେ ମଧ୍ୟ ପାନୀୟ ଜଳ ପାଇଁ ସମାନ ଅବସ୍ଥା ଭୋଗିବାକୁ ପଡୁଛି। ପାନୀୟ ଜଳ ପ୍ରକଳ୍ପରୁ ଲୋକେ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି। ତେଣୁ ପାନୀୟ ଜଳ ସମସ୍ୟା ଦୂରକରିବା ପାଇଁ ନଳ କୂଅ ଏକମାତ୍ର ମାଧ୍ୟମ ପାଲଟିଛି। ମାତ୍ର ନଳକୂଅଟି ବହୁ ଦିନ ଅଚଳ ହୋଇ ରହିଥିବାରୁ ପାନୀୟ ଜଳ ସମସ୍ୟା ଉତ୍କଟ ହୋଇଛି। ଗ୍ରୀଷ୍ମ ଋତୁରେ ପାନୀୟ ଜଳ ସମସ୍ୟା ଲୋକଙ୍କ ଜଳକଷ୍ଟକୁ ଦୁଇଗୁଣିତ କରୁଛି। ତେଣୁ ତୁରନ୍ତ ଅଚଳ ନଳକୂପଗୁଡ଼ିକୁ ସଚଳ କରିବା ଓ ପାନୀୟ ଜଳ ପ୍ରକଳ୍ପର ପାଣି ସମସ୍ତ ପରିବାର ନିକଟରେ ପହଞ୍ଚାଇବାକୁ ଜିଲାପାଳଙ୍କ ନିକଟରେ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ବିଜେଡି କର୍ମୀଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହୃତ

ଦଶରଥପୁର,୨୩।୪(ଡି.ଏନ୍.ଏ.): ବିଞ୍ଝାରପୁର ନିର୍ବାଚନମଣ୍ଡଳୀର ଦଶରଥପୁର ବ୍ଲକ୍ ଅଧୀନ ଥାଲକୁଡ଼ି ପଞ୍ଚାୟତ ଯୁବ ବିଜେଡି କାର୍ଯ୍ୟକର୍ତ୍ତା ଦୀପକ କୁମାର ବାରିକଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଯାଇଛି। ରବିବାର ଯାଜପର ଜିଲା ବିଜେଡି ସଭାପତି ସରୋଜ ମହାପାତ୍ର ବିଞ୍ଝାରପୁର ନିର୍ବାଚନମଣ୍ଡଳୀ ବିଧାୟିକା ତଥା ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ୍‌ଙ୍କ ଅନୁମୋଦକ୍ରମେ ଦୀପକଙ୍କ ଉପରୁ ଦଳରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଯାଇଥିବା ନେଇ ଏକ ପ୍ରେସ୍ ଇସ୍ତାହାରରେ ସୂଚନା ଦେଇଛନ୍ତି। ଗତ ତ୍ରିସ୍ତରୀୟ ନିର୍ବାଚନରେ ବିଧାୟିକାଙ୍କ ପକ୍ଷରୁ ପ୍ରତି ପଞ୍ଚାୟତଲାଗି ସରପଞ୍ଚ ଓ ସମିତିସଭ୍ୟ ପାଇଁ ପ୍ରାର୍ଥୀ ଦିଆଯାଉଥିବାବେଳେ ଦୀପକ ଥାଲକୁଡି ପଞ୍ଚାୟତରେ ବିଜୁ ଜନତାଦଳ ପକ୍ଷରୁ ହୋଇଥିବା ପ୍ରାର୍ଥୀଙ୍କ ବିରୋଧରେ ପ୍ରାର୍ଥୀ ଦେଇ ଜୟଯୁକ୍ତ କରାଇଥିଲେ। ତେଣୁ ଦଳବିରୋଧୀ କାର୍ଯ୍ୟ ପାଇଁ ତାଙ୍କୁ ନିଲମ୍ବନ କରାଯାଇଥିଲା।

## ପୂର୍ବତନ ବିଧାୟକ ଦୁଃଶାସନ ଜେନାଙ୍କ ଶ୍ରାଦ୍ଧବାର୍ଷିକୀ

ଚଣ୍ଡିଖୋଲ,୨୩।୪(ଡି.ଏନ.ଏ.): ବଡ଼ଚଣାର ପ୍ରାକ୍ତନ ବିଧାୟକ ତଥା ସ୍ୱାଧୀନତା ସଂଗ୍ରାମୀ କମ୍ରେଡ ଦୁଃଶାସନ ଜେନାଙ୍କ ୨୮ତମ ଶ୍ରାଦ୍ଧ ବାର୍ଷିକୀ ଶନିବାର ବାଲିଚନ୍ଦ୍ରପୁର ତାରିଣୀ ମଣ୍ଡପ ପରିସରରେ ପାଳିତ ହୋଇଯାଇଛି। କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଆୟୋଜିତ ସଭାରେ ଯାଜପୁର ଜିଲା ସିପିଆଇର ସାଧାରଣ ସମ୍ପାଦକ ଈଶ୍ୱର ଚନ୍ଦ୍ର ପରିଡ଼ା ଅଧ୍ୟକ୍ଷତା କରିଥିଲେ। ଅତିଥିଭାବେ ବିଶିଷ୍ଟ ସାହିତ୍ୟିକ ଡ. ଭାଗ୍ୟଧର ସାହୁ, କିଶୋର ଚନ୍ଦ୍ର ଜେନା, ମଳୟ ରଞ୍ଜନ ପଣ୍ଡା, ହେମଲତା ଜେନା, ମହେଶ୍ୱର ବଳ, ତ୍ରୈଲୋକ୍ୟ କୁମାର ନାଥ ପ୍ରମୁଖ ଯୋଗଦେଇ ଜେନାଙ୍କ ପ୍ରତିଭା ଓ କାର୍ଯ୍ୟଧାରା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ସ୍ୱାଧୀନତା ସଂଗ୍ରାମ ଓ ରାଜନୈତିକ କାର୍ଯ୍ୟଧାରାରେ ତାଙ୍କର ଅବଦାନ ସମ୍ପର୍କରେ କିଶୋର ଚନ୍ଦ୍ର ଦାସ, ଯତୀନ୍ଦ୍ର ଜେନା, ମାନଗୋବିନ୍ଦ ଦାସ, ସୁରମୋହନ ମହାପାତ୍ର, କୃଷ୍ଣଚନ୍ଦ୍ର ସାମଲ, ରଞ୍ଜନ କୁମାର ଜେନା ଓ କରୁଣା କର ମହାରଣା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଜେନାଙ୍କ ସହିତ କାର୍ଯ୍ୟ କରିଥିବା ସହଯୋଗୀ ବରିଷ୍ଠ ବ୍ୟକ୍ତି ଦିବାକର ବିଶ୍ୱାଳ, ରଞ୍ଜନ ପଣ୍ଡା, କିଶୋର ଚନ୍ଦ୍ର ଦାସ, ହିମାଂଶୁ ସାମଲ, ସୁନୀଲ ଜେନା ଓ ଗୋକୁଳ ଚନ୍ଦ୍ର ଜେନା ପ୍ରମୁଖ ବହୁ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କମ୍ରେଡ୍ ଅଜୟ କୁମାର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

## ଷ୍ଟେଶନ ବଜାର ମୁଖ୍ୟ ରାସ୍ତା ଅନ୍ଧାର



ଷ୍ଟେଶନ ବଜାର ମୁଖ୍ୟ ରାସ୍ତାରେ ଷ୍ଟ୍ରିଟ୍ ଲାଇଟ୍ ଜଳୁନି।

### ଅବ୍ୟବସ୍ଥାରେ ବ୍ୟାସନଗର ପୌର ପରିଷଦର ଷ୍ଟ୍ରିଟ୍ ଲାଇଟ୍ ସେବା

ଯାଜପୁରରୋଡ,୨୩।୪(ଡି.ଏନ.ଏ.): ବିଭିନ୍ନ ସମସ୍ୟାରେ ଜର୍ଜରିତ ହୋଇ ବିବାଦର ପରଧିରେ ରହିଛି ବ୍ୟାସନଗର ପୌରପରିଷଦ। ପୌରାଧ୍ୟକ୍ଷାଙ୍କ ନିର୍ବାହୀ ଅଧିକାରୀଙ୍କୁ ଫାଇଲ ପିଙ୍ଗା ଘଟଣା ହେଉ କି ସଫେଇ କର୍ମଚାରୀଙ୍କୁ ଦରମା ପ୍ରଦାନରେ ବିଳମ୍ବକୁ ନେଇ ବିବାଦରେ ପୌର ପରିଷଦ ରହିଥିବାବେଳେ ସମସ୍ୟାରେ ଜର୍ଜରିତ ହେଉଛନ୍ତି ପୌରବାସୀ। ଏଭଳି ସ୍ଥିତିରେ ପୌରପରିଷଦର ବିଭିନ୍ନ ସ୍ଥାନରେ ଦିନତମାମ ଷ୍ଟ୍ରିଟ୍ ଲାଇଟ୍ ଜଳୁଥିବାବେଳେ ସନ୍ଧ୍ୟା ହେଲେ ଲାଇଟ୍‌ଗୁଡିକ ଲିଭିଯାଉଛି। ଫଳରେ ଅଞ୍ଚଳ ଅନ୍ଧକାରମୟ ହେଉଛି, ଯାହାର ପ୍ରମାଣ ଭାବେ ସହରର ପ୍ରମୁଖ ସ୍ଥାନ ଗୋପବନ୍ଧୁ ଛକରୁ ବ୍ୟାଙ୍କ ଷ୍ଟ୍ରିଟ୍, ଗୋପବନ୍ଧୁ ଛକରୁ ଷ୍ଟେଶନ ବଜାର ଅଞ୍ଚଳରେ ଦେଖାଯାଇଛି। ଏଠାରେ ସନ୍ଧ୍ୟା ପରଠାରୁ ଷ୍ଟ୍ରିଟ୍ ଲାଇଟଗୁଡ଼ିକ ଜଳୁ ନ ଥିବାରୁ ଏହା ଏକ ଅନ୍ଧାରୀ ଇଲାକା ଭାବେ ଜଣାପଡୁଛି। ଏହି ରାସ୍ତାଟି ଗୁରୁତ୍ୱପୂର୍ଣ୍ଣ ହୋଇଥିବାବେଳେ ଷ୍ଟ୍ରିଟ୍ ଲାଇଟ୍ ବନ୍ଦ ଦୁର୍ବୃତ୍ତଙ୍କୁ ଚୋରି କରିବାର ସୁବର୍ଣ୍ଣ ସୁଯୋଗ ଆଣିଦେଇଛି, ଯାହାକୁ ନେଇ ସରକାରଙ୍କ ଏହି ଷ୍ଟ୍ରିଟ୍ ଲାଇଟ ଯୋଜନା କାହା ସ୍ୱାର୍ଥରେ ବୋଲି ପ୍ରଶ୍ନ ଉଠିଛି। ତେଣୁ ଏହାର ସମାଧାନ ଦିଗରେ ପୌର କର୍ତ୍ତୃପକ୍ଷ ତୁରନ୍ତ ଧ୍ୟାନ ଦେବାକୁ ସାଧାରଣରେ ଦାବି ହୋଇଛି। ଏନେଇ ପୌରପରିଷଦର ବିଦ୍ୟୁତ୍ ବିଭାଗ ପ୍ରମୁଖ ଶଶିକାନ୍ତ ଘଡ଼ାଇଙ୍କୁ ପଚାରିବାରେ ସେ କହିଛନ୍ତି, ମାଟି ତଳେ ଯାଇଥିବା ବିଦ୍ୟୁତ୍ କେବୁଲ କେତେକ ସ୍ଥାନରେ ଛିଡ଼ିଯାଇଛି। ଏସବୁର ମରାମତି ପରେ ବିଦ୍ୟୁତ୍ ସଂଯୋଗ କରାଯିବ। ଏଥିପାଇଁ କିଛି ଦିନ ସମୟ ଲାଗିବ।

## ଭାଜପା ପକ୍ଷରୁ ଅକ୍ଷିମୁଠି ପର୍ବ

ସିଂହପୁର,୨୩।୪(ଡି.ଏନ.ଏ.): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁରସ୍ଥିତ ଦରିଆ ନାହାକାଣୀ ପୀଠ ନିକଟରେ ବିଞ୍ଝାରପୁର ଭାଜପା ପକ୍ଷରୁ ରବିବାର ଅକ୍ଷିମୁଠି ପର୍ବ ପାଳନ କରାଯାଇଛି। ଭାଜପା ନେତ୍ରୀ ବବିତା ମଲିକଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସଫଳ ଚାଷୀ ଦଶରଥ ସାମଲ, ଦେବେନ୍ଦ୍ର ସାମଲ, ସନାତନ ନାୟକ, ଗୋପାଳ ଚନ୍ଦ୍ର ପ୍ରଧାନ, ସୁଦର୍ଶନ ସାମଲ, ଘନଶ୍ୟାମ ନାୟକ, ଅଭିରାମ ନାୟକ ଓ ପ୍ରଭାତ ବେଉରିଆଙ୍କୁ ଉତ୍ତରୀୟ ଏବଂ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅକ୍ଷୟ ତୃତୀୟାରେ ଚାଷୀଙ୍କୁ ସମ୍ବର୍ଦ୍ଧନା ଓ ସମ୍ମାନିତ କରିବା ଏକ ନିଆରା ପରମ୍ପରା ସୃଷ୍ଟି କରିଥିଲା। କାର୍ଯ୍ୟକ୍ରମରେ ନିର୍ବାଚନମଣ୍ଡଳୀ ସଂଯୋଜକ ନିରଞ୍ଜନ ବେଉରିଆ, ସିଂହପୁର ମଣ୍ଡଳ ସଭାପତି ମଦନ ମୋହନ ଜେନା, ଯୁବ ମୋର୍ଚ୍ଚା ସଭାପତି ଅଭିମନ୍ୟୁ ସାହୁ, ସାଧାରଣ ସମ୍ପାଦକ ଶ୍ରୀଧର ଜେନା, କାଳନ୍ଦୀ ବାରିକ ଓ ବସନ୍ତ ବେଉରିଆ ପ୍ରମୁଖ ଉପସ୍ଥିତ ଥିଲେ। ଜୟକିଷାନ ସ୍ଲୋଗାନର ମହତ୍ତ୍ୱକୁ ରାଜ୍ୟ ସରକାର ବିଚାର କରି ଅକାଳ ବିୟୋଗ ଘଟୁଥିବା କୃଷକଙ୍କ ପାଖରେ ପହଞ୍ଚି ମର୍ଯ୍ୟାଦାର ଶେଷ ସମ୍ମାନ ଜଣାଇଲେ କୃଷି ପରିବାର ତା'ର ବୃତ୍ତିକୁ ବଞ୍ଚାଇ ରଖିବାରେ ସଫଳ ହେବ ବୋଲି ଉପସ୍ଥିତ ବ୍ୟକ୍ତିମାନେ କହିଥିଲେ।


ଅକ୍ଷିମୁଠି ପର୍ବରେ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଧର୍ମଶାଳା,୨୩।୪(ଡି.ଏନ.ଏ.): ଧର୍ମଶାଳା ସ୍ପୋର୍ଟ୍ସ କାଉନସିଲ ପକ୍ଷରୁ ରାଜ୍ୟସ୍ତରୀୟ ତୃତୀୟ କେଡିଏମ୍ ଭେଟେରାନ ଦିବାରାତ୍ର ଭଲିବଲ୍ ଟୁର୍ନାମେଣ୍ଟ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମ୍‌ଠାରେ ରବିବାର ଅପରାହ୍ଣରେ ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବରେ ଧର୍ମଶାଳା ପ୍ରେସ୍‌କ୍ଲବ ସଭାପତି ରମାକାନ୍ତ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚ୍ କଣ୍ଟିଗଡ଼ିଆ ଭେଟେରାନ ଓ ଧର୍ମଶାଳା ସ୍ପୋର୍ଟ୍ସ କାଉନସିଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଧର୍ମଶାଳା ସ୍ପୋର୍ଟ୍ସ କାଉସସିଲ ୨/୧ ସେଟରେ କଣ୍ଟିଗଡ଼ିଆ ଭେଟେରାନକୁ ପରାସ୍ତ କରିଥିଲା।


ଉଭୟ ଦଳର ଖେଳାଳିଙ୍କ ସହ ମୁଖ୍ୟଅତିଥି।

# ମାଟିରେ ମିଶିଲା ୨୨ ବର୍ଷର ପୁରୁଣା ସ୍କୁଲ

### ପ୍ରଶାସନର ଦୃଷ୍ଟିଆକର୍ଷଣ କଲେ ଗ୍ରାମବାସୀ

ଯାଜପୁର ଅଫିସ,୨୩।୪: ଯାଜପୁର ପୌରାଞ୍ଚଳ ଅନ୍ତର୍ଗତ ଭାଗବତପୁରସ୍ଥିତ ପ୍ରାୟ ୨୨ ବର୍ଷ ପୁରୁଣା ପ୍ରାଥମିକ ବିଦ୍ୟାଳୟ ଗୃହ ମାଟିରେ ମିଶି ଯାଇଛି। ଏହାକୁ ନେଇ ଭାଗବତପୁର ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଯିବା ସହ ଆବଶ୍ୟକ ତଦନ୍ତ କରି ବିହିତ ପଦକ୍ଷେପ ନେବାକୁ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଅଭିଯୋଗ ଅନୁଯାୟୀ ପୌରପାଳିକାର ୧୪ ନଂ. ୱାର୍ଡରେ ଥିବା ଭାଗବତପୁର ପ୍ରାଥମିକ ବିଦ୍ୟାଳୟରେ ଆଜକୁ ୨୨ ବର୍ଷ ଧରି ଶିକ୍ଷାଦାନ ଚାଲିଥିଲା। ଏଠାରେ ମୁଖ୍ୟତଃ ଦଳିତ ଶ୍ରେଣୀର ଛାତ୍ରୀଛାତ୍ର ଅଧ୍ୟୟନ କରୁଥିଲେ। ହେଲେ ଉପସ୍ଥାନ କମ୍ ବୋଲି ଦର୍ଶାଯାଇ ଏହାକୁ ମହାବୀର ଛକ ପ୍ରାଥମିକ ବିଦ୍ୟାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଏହାକୁ ବିରୋଧ କରି ସ୍ଥାନୀୟ ଗ୍ରାମବାସୀ ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ, ଯାହାର କେଶ ନଂ. ହେଉଛି ଡବ୍ଲ୍ୟୁପି(ସି)୨୧୨୧୭/୨୦୧୯ । ହାଇକୋର୍ଟ ମାମଲାର ବିଚାର କରି ସ୍କୁଲର ଶିକ୍ଷାଦାନ ବ୍ୟବସ୍ଥାକୁ ପୂର୍ବ ସ୍ଥାନକୁ ଫେରାଇ ଦେବା ପାଇଁ ଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ଶିକ୍ଷାଧିକାରୀ ହାଇକୋର୍ଟଙ୍କ ଏହି ନିର୍ଦ୍ଦେଶକୁ ଅଣଦେଖା କରି ଏକ ୩ ଜଣିଆ ଯୁଗ୍ମ କମିଟି ଦ୍ୱାରା ତଦନ୍ତ କରାଇବା ସହ ଉକ୍ତ ରିପୋର୍ଟକୁ ଜିଲାପାଳଙ୍କ ଜରିଆରେ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନିକଟକୁ ପୁନଃ ବିଚାର ପାଇଁ ପଠାଇଥିଲେ। ଅନ୍ୟପକ୍ଷରେ ସ୍କୁଲଟି ବନ୍ଦ ହୋଇଯିବା ସୁଯୋଗ ନେଇ ଭାଗବତପୁର ପ୍ରାଥମିକ ବିଦ୍ୟାଳୟ ପାଇଁ ଜମିଦାନ କରିଥିବା ଜଣେ ବଦାନ୍ୟ ବ୍ୟକ୍ତିଙ୍କ ପରିବାର ଲୋକେ ଗତ ୧୯ ତାରିଖ ରାତିରେ ବୁଲ୍‌ଡୋଜର ଲଗାଇ ଉକ୍ତ ସ୍କୁଲ ଘରଟିକୁ ଭାଙ୍ଗି ମାଟିରେ ମିଶାଇ ଦେଇଥିବା ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏପରିକି ସ୍କୁଲ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ଖାତାଠାରୁ ଆରମ୍ଭ କରି ବିଭିନ୍ନ ସରକାରୀ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ରକୁ ନଷ୍ଟ କରି ଦିଆଯାଇଥିବା ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି। ଏହି ସ୍କୁଲଟି ଯାଜପୁର ପୌରପାଳିକା ଅଧୀନରେ ଥିଲା। ସରକାରୀ ଅନୁଦାନରେ ଏହି ସ୍କୁଲର ନିର୍ମାଣ କାର୍ଯ୍ୟ ମଧ୍ୟ ହୋଇଥିଲା। ଏଠାରେ ପାଠ ପଢୁଥିବା ଛାତ୍ରୀଛାତ୍ରଙ୍କ ପାଇଁ ସରକାରଙ୍କ ପକ୍ଷରୁ ମଧ୍ୟାହ୍ନଭୋଜନ ଠାରୁ ଆରମ୍ଭ କରି ବିଭିନ୍ନ ସୁବିଧା ଯୋଗାଇ ଦିଆଯାଉଥିଲା। କିନ୍ତୁ ସ୍କୁଲଟି ସମ୍ପୂର୍ଣ୍ଣ ମାଟିରେ ମିଶିଯିବା ପରେ ମଧ୍ୟ ଯାଜପୁର ପୌରପାଳିକାର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଏଦିଗରେ କୌଣସି ପଦକ୍ଷେପ ନ ନେଇ ନୀରବ ରହିବା ସମସ୍ତଙ୍କୁ ଚକିତ କରିଛି । ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ଭାଗବତପୁର ଗ୍ରାମର ବାସିନ୍ଦା କିଶୋର ଚନ୍ଦ୍ର ମିଶ୍ର, ଅମିୟ କୁମାର ଦାସ, ରବିନାରାୟଣ ସାହୁ, ସଞ୍ଜୟ କୁମାର ଦାସ, ଶ୍ରୀଧର ସାହୁ, ଅନିରୁଦ୍ଧ ଜେନା, ଶ୍ରୀପଦ ସେଠୀ, ଆନନ୍ଦ ଜେନା, ପ୍ରଶାନ୍ତ ଜେନା, ନଗେନ୍ଦ୍ର ନାରାୟଣ ଜେନା ପ୍ରମୁଖ ଗ୍ରାମବାସୀ ନିର୍ବାହୀ ଅଧିକାରୀଙ୍କ ସମେତ ଘଟଣା ସମ୍ପର୍କରେ ଯାଜପୁର ଜିଲାପାଳ, ଜିଲା ଶିକ୍ଷାଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ହେଲେ ଏ ଦିଗରେ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିବା ସହ ଏହା ବିରୋଧରେ ପୁନର୍ବାର ହାଇକୋର୍ଟର ଦ୍ୱାରସ୍ଥ ହେବେ ବୋଲି ଗ୍ରାମବାସୀ କହିଛନ୍ତି।


ସ୍କୁଲ ଗୃହ ଭଙ୍ଗାଯାଇଛି।

## ଖରସ୍ରୋତା ନଦୀରେ ଭାସି ଯାଇ ବୃଦ୍ଧ ମୃତ

ରାଜକନିକା, (ଡି.ଏନ.ଏ.) :ରାଜକନିକା ଥାନା ଅନ୍ତର୍ଗତ ଖରସ୍ରୋତା ନଦୀରେ ଗାଧୋଇବାକୁ ଯାଇ ଜଣେ ବୃଦ୍ଧ ଭାସି ଯାଇ ଭାରିଗଦା ଗାଁରେ ଜଣେ ବୃଦ୍ଧଙ୍କ ରବିବାର ମୃତ୍ୟୁ ଘଟିଛି। ସେ ହେଲେ ନକୁଳ ଚରଣ ବେହେରା। ମଧାହ୍ନରେ ନାତି ଦ୍ୱୟଙ୍କୁ ଧରି ଗାଧୋଇବାକୁ ନକୁଳ ଖରସ୍ରୋତା ନଦୀକୂଳକୁ ଯାଇଥିଲେ। ନାତି ଦ୍ୱୟଙ୍କୁ ଗାଧୋଇ ସାରି ବିଦା କରିବା ପରେ ନିଜେ ଗାଧୋଇବା ପାଇଁ ପ୍ରସ୍ତୁତ ହେଉଥିବା ବେଳେ, ସିଉଳି ଲାଗିଥିବା ଜେଠିରେ ଗୋଡ଼ ଖସିଯିବାରୁ ନଦୀ ସୁଅରେ ଭାସି ଯାଇଥିଲେ। ସ୍ଥାନୀୟ ଲୋକ ବହୁ ଖୋଜାଖୋଜି ପରେ ଦଳ ସହିତ ଏକ ଜାଗାରେ ଲାଗିଥିବା ଦେଖି ଉଦ୍ଧାର କରିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ୍ କରି ବ୍ୟବଚ୍ଛେଦ ପାଇଁ ଆଳି ପଠାଇଛି।

### ସଂକ୍ଷେପରେ

## ବ୍ଲକ ସ୍ତରୀୟ କୃଷକ ଦିବସ ପାଳିତ



ରାଜନଗର, ୨୩।୪ (ଡି.ଏନ.ଏ.): ରାଜନଗର ବ୍ଲକ ବାଲିସାହିପାଟଣା ପଞ୍ଚାୟତ ଅନ୍ତର୍ଗତ ମଧୁପୁର ଗାଁରେ ରବିବାର ବ୍ଲକସ୍ତରୀୟ କୃଷକ ଦିବସ ପାଳିତ ହୋଇଯାଇଛି। ଅକ୍ଷୟ ତୃତୀୟା ଅବସରରେ ଆତ୍ମା ପକ୍ଷରୁ ଅଖିମୁଠି ଅନୁକୂଳ ଓ କୃଷକ ଦିବସ ପାଳିତ ହୋଇଥିଲା। ଆତ୍ମାର ଅଧକ୍ଷ ଗୋବର୍ଦ୍ଧନ ପ୍ରଧାନ ଏହି କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ। ବ୍ଲକ କୃଷି ଅଧିକାରିଣୀ ପ୍ରପ୍ରିୟା ପ୍ରିୟଦର୍ଶିନୀ ଅକ୍ଷୟ ତୃତୀୟା ଓ କୃଷକ ଦିବସର ଆଭିମୁଖ୍ୟ ଉପରେ ମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, କଟକ ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ଅରୁଣ କୁମାର ସାହୁ, ବାଲିସାହିପାଟଣା ସରପଞ୍ଚ କୈଳାସ ଚନ୍ଦ୍ର ପରିଡା, ନାଏବ ସରପଞ୍ଚ ଶୁଚିସ୍ମିତା ପରିଡା, ସମିତିସଭ୍ୟ ପ୍ରଶାନ୍ତ କୁମାର ରାଉତ, ଖବରଦାତା ଭାସ୍କର ରାଉତରାୟ, ବାଲିସାହିପାଟଣା ସେବା ସମବାୟ ସମିତିର ସଭାପତି ବଂଶୀଧର ବରାଳ, ନିର୍ଦ୍ଦେଶକ ନବ କିଶୋର ପାତ୍ର, ପଶୁ ଚିକିତ୍ସାଧିକାରୀ ଡା. କିଶୋର କୁମାର ସାହୁ, ଏଏଫଓ ବିକାଶ କୁମାର ନାୟକ, ବିଟିଏମ୍ ଶୈଳେନ୍ଦ୍ର କୁମାର ସ୍ୱାଇଁ, ଭାଟପଡା ସେବା ସମବାୟ ସମିତିର ସଭାପତି କଳ୍ପତରୁ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରେବତୀ ରମଣ ବଳ, ବୀର କିଶୋର ମହାନ୍ତି, ଅନିରୁଦ୍ଧ ରଣା, ରଞ୍ଜନ ନାୟକ ଉପସ୍ଥିତ ଥିଲେ।

## ଧର୍ମପ୍ରାଣା ଗଭାଙ୍କ ସ୍ମୃତିଚାରଣ ସଭା

### ବୋଉର ବିକଳ୍ପ ନାହିଁ



ଡେରାବିଶ,୨୩।୪ (ସ୍ୱ.ପ୍ର.): ସମାଜରେ ପ୍ରତ୍ୟେକ ବୋଉଙ୍କ ବିକଳ୍ପ ନାହିଁ। ସ୍ନେହଭରା କଥା କହି ପରିବାର ମଧରେ ଶାନ୍ତି ସୌହାର୍ଦ୍ଧ୍ୟ ବାତାବରଣ ସୃଷ୍ଟି କରିବା ସହ ପ୍ରତ୍ୟେକ ମହିଳାଙ୍କ ମଧରେ ଗଭା ବେହେରା ଆଧାତ୍ମିକ ଚେତନା ଜାଗ୍ରତ କରିବାକୁ ଗଭା ବେହେରାଙ୍କ ଉଦ୍ୟମ ଉଲ୍ଲେଖନୀୟ। ଡେରାବିଶ ବ୍ଲକ ଅଧୀନ ଚାଟରାଚକଡ଼ା ପଞ୍ଚାୟତ ଓଲଡ଼ିଠାରେ ରବିବାର ବ୍ଲକ ଆତ୍ମା ଅଧକ୍ଷ ଗଣେଶ୍ୱର ବେହେରା ମା' ସ୍ୱର୍ଗତ ଗଭାଙ୍କ ଦ୍ୱାଦଶାହ ଅବସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ସାମାଜିକ କର୍ମୀ ହଳଧର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବିଜେଡ଼ି ରାଜ୍ୟ ସାଧାରଣ ସମ୍ପାଦକ ରବି ସାମଲ, ଯୋଗାନନ୍ଦ ମହାନ୍ତି, ବିଡ଼ିଓ ଦାସରଥି ଜେନା, ବ୍ଲକ କୃଷି ଅଧିକାରୀ ବନଲତା ବେହେରା, ତ୍ରିଲୋଚନ ରାଉତ, ଈଶ୍ୱର ଚନ୍ଦ୍ର ପୃଷ୍ଟି, ଭବାନୀଶଙ୍କର ପଣ୍ଡା, ଅତିଥି ଭାବେ ସ୍ୱର୍ଗତ ଗଭାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଉପରୋକ୍ତ ବକ୍ତବ୍ୟ ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

## କବି ହେମନ୍ତ ରାଉତଙ୍କ ମହାଭାରତୀୟ କାହାଣୀ ଉନ୍ମୋଚିତ

କେନ୍ଦ୍ରାପଡ଼ା ଅଫିସ, ୨୩।୪: ସହରର ପବ୍ଲିକ ରିଡିଂ ରୁମ ପରିସରରେ କେନ୍ଦ୍ରାପଡ଼ା ଜିଲା ସାହିତ୍ୟ ସଂସଦର ସାହିତ୍ୟ ଆସର ଓ ଅଣୁକବି ବ୍ରହ୍ମାନନ୍ଦ ଦାସଙ୍କ ୮୫ତମ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ଏଥିସହ ପରିବେଶବିତ ତଥା କବି ହେମନ୍ତ କୁମାର ରାଉତଙ୍କ ମହାଭାରତୀୟ କାହାଣୀ ପୁସ୍ତକ ଉନ୍ମୋଚିତ ହୋଇଛି। ସଂସଦ କାର୍ଯ୍ୟକାରୀ ସଭାପତି କରୁଣାକର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଆସରରେ ଶିକ୍ଷାବିତ୍ ଅଜୟ କୁମାର ସାମଲ, ସମ୍ପାଦକ ଶୁଭ୍ରାଂଶୁ କୁମାର ଦାସ, କବି ରାଉତ, ଉପସଭାପତି ପ୍ରଦୀପ ଦାଶ, ଆଦିକନ୍ଦ ରାଉଳ ପ୍ରମୁଖ ଆଲୋଚକ ଭାବେ ଯୋଗ ଦେଇଥିଲେ। ଅଣୁ କବି ଦାସଙ୍କ ସାହିତ୍ୟ କୃତିକୁ ସ୍ମୃତିଚାରଣ କରାଯିବା ସହ କବି ରାଉତଙ୍କ ପୁସ୍ତକ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ଅବସରରେ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ନୃସିଂହ ଚରଣ ତ୍ରିପାଠୀ, ରଞ୍ଜନ ବାଇ, ସଞ୍ଜୟ ମଲ୍ଲିକଙ୍କ ସମେତ ୩୦ରୁ ଉର୍ଦ୍ଧ୍ୱ କବି ଓ ସାହିତ୍ୟିକ ଭାଗ ନେଇଥିଲେ।

# ଡଙ୍ଗାରେ ଚାଲିଛି ବେଆଇନ ବାଲି ଚାଲାଣ

- ରାଜସ୍ୱ ହରାଉଛନ୍ତି ସରକାର
- ଅଚିନ୍ତାରେ ବିଭାଗୀୟ ଅଧିକାରୀ, କର୍ମଚାରୀ

ମହାକାଳପଡ଼ା,୨୩।୪(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ମହାନଦୀ, ଲୁଣା, ପାଇକା ଓ ଗୋବରୀ ନଦୀରୁ ବେଆଇନ ବାଲି ଚାଲାଣ ଚାଲିଛି। କେତେଜଣ ବାଲି ବ୍ୟବସାୟୀ ବଡ଼ ବଡ଼ ଯନ୍ତ୍ର ଚାଳିତ ଡଙ୍ଗାରେ ଗୋଟିଏ ପଟରୁ ବାଲି ଆଣି ଅନ୍ୟପଟେ ବିକ୍ରି କରୁଛନ୍ତି। ଏଥିପାଇଁ ସେମାନେ ଶ୍ରମିକମାନଙ୍କୁ ନିୟୋଜିତ କରିଛନ୍ତି। ଅବାଧରେ ଦିନରାତି ବାଲି ଚାଲାଣ ଚାଲିଛି। ଏ ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଅବଗତ ଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ବାଲି ବ୍ୟବସାୟୀଙ୍କ ସହିତ ସେହି କର୍ମଚାରୀଙ୍କ ସୁସମ୍ପର୍କ ରହିଛି। ଏଥିଯୋଗୁ ସରକାର ରାଜସ୍ୱ ହରାଇ ଚାଲିଛନ୍ତି ବୋଲି ଅଭିଯୋଗ ହୋଇଛି।

ଏପରି ବାଲି ଚାଲାଣ ଯୋଗୁ ବନ୍ୟା ଆସିଲେ ନଦୀର ଗତିପଥ ପରିବର୍ତ୍ତନ ହେଉଛି। ନଦୀ କୂଳରୁ ଅତଡ଼ା ଖସୁଛି ବୋଲି ସ୍ଥାନୀୟ ଗ୍ରାମବାସୀ କହିଛନ୍ତି। ଅପରପକ୍ଷେ ଶ୍ରମିକମାନେ ନିଜ ଜୀବନକୁ ବାଜି ଲଗାଇ ନଦୀରୁ ବାଲି ସଂଗ୍ରହ କରୁଛନ୍ତି। କେତେଜଣ ଶ୍ରମିକ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ପରିବାର ଚଳାଇବା ପାଇଁ ଆମେ ଜୀବନକୁ ବାଜି ଲଗାଇ କାମ କରୁଛୁ। ନଦୀ ପାଣିରେ ବୁଡ଼ି ବାଲ୍‌ଟିରେ ବାଲି ଉଠାଇ ଡଙ୍ଗାରେ ଲୋଡ୍ କରୁଛୁ। ସେହି ବାଲିକୁ ଡଙ୍ଗାରେ ଆଣି ଅନ୍ୟପଟେ ଅନ୍‌ଲୋଡ୍ କରୁଛୁ। ଏହା ବହୁ କଷ୍ଟକର ଓ ବିପଦସଙ୍କୁଳ କାମ ହୋଇଥିଲେ ମଧ ପେଟ ପାଇଁ ସବୁ କିଛି କରିବାକୁ ପଡୁଛି।

ସୂଚନା ଅନୁଯାୟୀ ପ୍ରତିଦିନ ୧୦ରୁ ଅଧିକ ଡଙ୍ଗାରେ ବାଲି ଚାଲାଣ ହେଉଛି। ଏଥିପାଇଁ ୨୫ରୁ ଉର୍ଦ୍ଧ୍ୱ ଶ୍ରମିକ ନିୟୋଜିତ ହୋଇଛନ୍ତି। ନିଲାମ ହୋଇଥିବା ଘାଟରୁ ବାଲି ଆଣିଲେ ସେଥିପାଇଁ ନିର୍ଦ୍ଧାରିତ ଟଙ୍କା ଦେବାକୁ ପଡ଼ିବ। ହେଲେ ନଦୀ ମଝିରୁ କିମ୍ବା କୂଳରୁ ବାଲି ଆଣିଲେ କୌଣସି ଟଙ୍କା ଦେବାକୁ ପଡୁନାହିଁ। ସେଥିପାଇଁ ବାଲି ବ୍ୟବସାୟୀମାନେ ଶ୍ରମିକ ଲଗାଇ ନଦୀରୁ ବାଲି ସଂଗ୍ରହ କରି ଭଲ ରୋଜଗାର କରୁଛନ୍ତି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏପରି କି ବ୍ୟବସାୟୀମାନେ ନଦୀ କୂଳରେ ଡଙ୍ଗା ଲଙ୍ଗର ପକାଇ ବାଲିକୁ ଅନ୍‌ଲୋଡ କରୁଛନ୍ତି। ସେହି ବାଲିକୁ ଟ୍ରାକ୍ଟର ପିଛା ୨ ହଜାର ଟଙ୍କାରେ ବିକ୍ରି କରୁଛନ୍ତି। ଏ ସମ୍ପର୍କରେ ମହାକାଳପଡ଼ା ତହସିଲଦାର ମାନସ ରଞ୍ଜନ ତ୍ରିପାଠୀଙ୍କୁ ପଚାରିବାରୁ ଏପରି ବେଆଇନ ବାଲି ଚାଲାଣ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।



ମହାକାଳପଡ଼ା ନିକଟସ୍ଥ ନଦୀ କୂଳରେ ଡଙ୍ଗାରେ ଆସିଥିବା ବାଲିକୁ ଅନ୍‌ଲୋଡ୍ କରାଯାଉଛି।

# ବ୍ରହ୍ମ ତାଳଧ୍ୱଜ ରଥକାଠ ଅନୁକୂଳ

କେନ୍ଦ୍ରାପଡ଼ା ଅଫିସ, ୨୩।୪

ଆସନ୍ତା ଜୁନ୍ ୨୦ ତାରିଖରେ ରଥଯାତ୍ରା। ଏହାର ପରଦିନ ଅର୍ଥାତ ୨୧ ତାରିଖରେ କେନ୍ଦ୍ରାପଡ଼ା ଜିଲାର ଆରାଧଦେବ ତଥା ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥ ମାଉସୀ ମା' ମନ୍ଦିର ଅଭିମୁଖେ ଯାତ୍ରା କରିବ। ଏହି ରଥଯାତ୍ରା ପାଇଁ ପବିତ୍ର ଅକ୍ଷୟ ତୃତୀୟା ତିଥି ଅବସରରେ କାଠ ଅନୁକୂଳ ରବିବାର ଅନୁଷ୍ଠିତ ହୋଇଯାଇଛି। ରଥକାଠ ଅନୁକୂଳ ପାଇଁ ଅପରାହ୍ନରେ ଶ୍ରୀବଳଦେବଜୀଉ ଦେବୋତ୍ତର ସଂସ୍ଥା ପକ୍ଷରୁ ଚିହ୍ନଟ କରାଯାଇଥିବା ଆମ୍ବ ଗଛକୁ ପୂଜାର୍ଚ୍ଚନା କରାଯାଇଥିଲା। ଏଥିସହ ସେବାୟତଙ୍କ ମାଧମରେ ଏକ ଖଣ୍ଡ ଡାଳ ଛେଦନ କରାଯାଇ ମନ୍ଦିର ପରିସରକୁ ନିଆଯାଇଥିଲା। ସେଠାରେ ବିଧି ମୁତାବକ ମହାରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶ୍ରୀଜୀଉଙ୍କ ଆଜ୍ଞାମାଳ ପ୍ରଦାନ କରାଯାଇ ରଥ ନିର୍ମାଣ କାର୍ଯ୍ୟ ଅନୁକୂଳ କରାଯାଇଛି। ଏହା ପୂର୍ବରୁ ମନ୍ଦିର ପରିସରରେ ଶ୍ରୀଜୀଉଙ୍କ ରେବତୀଙ୍କ ସହ ବିବାହ ରୀତିନୀତି ଅନୁଷ୍ଠିତ ହୋଇଛି। ଏ ସମ୍ପର୍କରେ ଟ୍ରଷ୍ଟ ବୋର୍ଡର କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ପ୍ରକାଶ କରିଛନ୍ତି ଯେ, ଚଳିତବର୍ଷ ରଥ ନିର୍ମାଣ ପାଇଁ ପ୍ରାୟ ୪୭୦ ଘନଫୁଟ (ସିଏଫ୍‌ଟି) କାଠ ଆବଶ୍ୟକ ଅଛି। ଏଥିପାଇଁ ବଡମ୍ବା ନରସିଂହପୁର ବନ ବିଭାଗ ସହିତ ଯୋଗାଯୋଗ କରାଯାଇଛି। ଆସନ୍ତା ୧୦ ଦିନ ମଧରେ ରଥ ନିର୍ମାଣ ସମ୍ପର୍କରେ ଆଲୋଚନା କରାଯାଇ ରଥ ନିର୍ମାଣ ହେବ। ସୂଚନାଯୋଗ୍ୟ, ଏହି ରଥର ଉଚ୍ଚତା ୬୫ ଫୁଟ। ଏହାର ଚକ ସଂଖ୍ୟା ୧୪। ମୋଟ ୧୦୧୩ ଖଣ୍ଡ କାଠରେ ବ୍ରହ୍ମ ତାଳଧ୍ୱଜ ରଥ ନିର୍ମାଣ ହୋଇଥାଏ।



ବ୍ରହ୍ମ ତାଳଧ୍ୱଜ ରଥ ନିର୍ମାଣ ପାଇଁ କାଠ ପୂଜାର୍ଚ୍ଚନା କରାଯାଉଛି।

# ହାଇୱା ଧକ୍କାରେ ୩ ଗୁରୁତର, ପ୍ରତିବାଦରେ ରାସ୍ତାରୋକୋ

ରାଜନଗର, ୨୩।୪ (ଡି.ଏନ.ଏ.)

ରାଜନଗର-ପଟ୍ଟାମୁଣ୍ଡାଇ ମୁଖ୍ୟ ରାସ୍ତାର କୁନ୍ଦୁପୁର ନିକଟରେ ରବିବାର ହାଇୱା ସହ ବାଇକ୍ ଧକ୍କାରେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ବେପରୁଆ ଗାଡି ଚାଳନା ପାଇଁ ଏପରି ଦୁର୍ଘଟଣା ଘଟିଲା ବୋଲି ଦାବି କରି ମୁଖ୍ୟ ରାସ୍ତାକୁ ସ୍ଥାନୀୟ ଲୋକେ ଅବରୋଧ କରିଥିଲେ। ରାସ୍ତାରେ ଟାୟାର ଜାଳି ଅବରୋଧ ଯୋଗୁଁ ଗାଡି ଚଳାଚଳ ବନ୍ଦ ରହିଥିଲା। ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ପୋଲିସ ହାଇୱା ଓ ବାଇକ୍‌କୁ ଜବତ କରିଛି। ଅପରାହ୍ନରେ ରାଜନଗର ଥାନା ଅନ୍ତର୍ଗତ କଣି ଗାଁର ଜଳଧର ଦାସ, ସୁଧାଂଶୁ ସାମଲ ଓ ନଗଡ ଗାଁର ଦିବ୍ୟା ସାମଲ କଣିରୁ ନଗଡ଼ ଯାଉଥିଲେ। କୁନ୍ଦୁପୁର ଛକରେ ମଦନପୁର ପଟୁ ଦ୍ରୁତଗତିରେ ଆସୁଥିବା ଏକ ହାଇୱା ନଂ. ଓଡି ୦୪ କେ ୪୪୮୫ ସହ ବାଇକ୍ ଓଡି ୨୯ ଏଫ୍ ୫୫୪୯ ଧକ୍କା ହୋଇଥିଲା। ଫଳରେ ବାଇକ୍ ଚାଳକ ଜଳଧର ଓ ଅନ୍ୟମାନେ ଛିଟିକିପଡିଥିଲେ। ଜଳଧରଙ୍କ ଡାହାଣ ହାତ ଉପରେ ହାଇୱାର ପଛ ଚକା ଚଢି ଯାଇଥିଲା। ସୁଧାଂଶୁ ଓ ଦିବ୍ୟା ମଧ ଗୁରୁତର ଆହତ ହୋଇଛନ୍ତି।



କୁନ୍ଦୁପୁରଠାରେ ରାସ୍ତାରୋକୋ ହଟିବା ପରେ ଗାଡିମୋଟର ଯାତାୟାତ ସ୍ୱାଭାବିକ ହେଉଛି।

## ଶୀତଳଷଷ୍ଠୀ ଉତ୍ସବ, ଦେବ ଦମ୍ପତିଙ୍କ ନିର୍ବନ୍ଧ ଶେଷ

ରାଜନଗର, ୨୩।୪ (ଡି.ଏନ.ଏ.)

ରାଜନଗର ବ୍ଲକ ଗୋସିଗାଁସ୍ଥିତ ପ୍ରସିଦ୍ଧ ଶୈବପୀଠ ଶ୍ରୀଗର୍ତ୍ତେଶ୍ୱର ମହାଦେବଙ୍କ ଶୀତଳ ଷଷ୍ଠୀ ଉତ୍ସବ ପାଳନ ପାଇଁ ରବିବାର ନିର୍ବନ୍ଧ କାର୍ଯ୍ୟ ଶେଷ ହୋଇଛି। ମେ ୨୪ରେ ବୈଦିକ ରୀତିନୀତି ଅନୁସାରେ ଶ୍ରୀ ଗର୍ତ୍ତେଶ୍ୱର ମହାଦେବ ଏବଂ ମା' ଗୌରୀଙ୍କର ବିବାହ ଅନୁଷ୍ଠିତ ହେବ। ଚଳିତବର୍ଷ ଶୀତଳଷଷ୍ଠୀ ଉତ୍ସବରେ ଶ୍ରୀଗର୍ତ୍ତେଶ୍ୱର ମହାଦେବଙ୍କ ପିତା ମାତା ରୂପେ ପଟ୍ଟାମୁଣ୍ଡାଇ ବ୍ଲକ ହରିପୁର ଗାଁର କଳାକାର ରାଉତ, ଶୁଦ୍ଧାସ୍ମିତା ଏବଂ ମା' ଗୌରୀଙ୍କ ପିତା ରୂପେ ରାଜନଗର ଗ୍ରାମର ରବୀନ୍ଦ୍ର ରାଉତ, ନିର୍ମଳା ଦେବଦମ୍ପତିଙ୍କ ନିର୍ବନ୍ଧ ସମାପନ କରିଥିଲେ। ମୁଖ୍ୟ ସେବକ ଅକ୍ଷୟ କୁମାର ମିଶ୍ର ଏହି ବୈଦିକ ନୀତିକୁ ପରମ୍ପରା ଅନୁସାରେ ସମାପନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶୀତଳଷଷ୍ଠୀ ଓ ଗୀତାଯଜ୍ଞ କମିଟିର ସଦସ୍ୟ ଏବଂ ଗ୍ରାମବାସୀ ପରିଚାଳନା କରିଥିଲେ।

# ଯୁବକ ସଂଘ ପକ୍ଷରୁ ପ୍ରଥମ ରସାବଳି ଦିବସ ପାଳନ

**କେନ୍ଦ୍ରାପଡ଼ା ଅଫିସ, ୨୩।୪:** କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଦେଉଳିସ୍ଥିତ ଉତ୍କଳମଣି ଯୁବକ ସଂଘ ପକ୍ଷରୁ ପ୍ରଥମ ଥର ପାଇଁ ବିଶ୍ୱ ରସାବଳି ଦିବସ ଅକ୍ଷୟ ତୃତୀୟା ଅବସରରେ ରବିବାର ପାଳନ କରାଯାଇଛି। ଭୁବନେଶ୍ୱରସ୍ଥ ରାମ ମନ୍ଦିରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରସାବଳିକୁ ଜିଆଇ ଟ୍ୟାଗ ଦେବା ପାଇଁ ଦାବି ହୋଇଛି। ଯୁବକ ସଂଘ ସଭାପତି ଗୌତମ କୁମାର ସାହୁ କହିଛନ୍ତ, କେନ୍ଦ୍ରାପଡ଼ା ରସାବଳୀ ରାଜ୍ୟର ଏକ ବ୍ରାଣ୍ଡ ହୋଇଛି। ତୁଳସୀକ୍ଷେତ୍ର ଶ୍ରୀବଳଦେବଜୀଉଙ୍କ ଏହା ପ୍ରତ୍ୟେହ ଭୋଗ ମହାରାଜା ଅନଙ୍ଗଭୀମ ଦେବଙ୍କ ସମୟରୁ ଚାଲି ଆସିଛି। ଏହାସତ୍ତ୍ୱେ ରସାବଳୀକୁ ଯଥାର୍ଥ ମାନ୍ୟତା ମିଳିନାହିଁ। ଏଥିପାଇଁ ଯୁବକ ସଂଘ ପକ୍ଷରୁ ରସାବଳୀ ଦିବସ ପାଳନ ପାଇଁ ଉଦ୍ୟମ ଆରମ୍ଭ ହୋଇଛି।




ଭୁବନେଶ୍ୱର ରାମ ମନ୍ଦିରଠାରେ ଯୁବକମାନେ ବିଶ୍ୱ ରସାବଳି ଦିବସ ପାଳୁଛନ୍ତି।

## ଗାୟତ୍ରୀ ମନ୍ଦିର ପ୍ରତିଷ୍ଠା

ରାଜକନିକା, ୨୩।୪(ଡି.ଏନ.ଏ.)

ରାଜକନିକା ବ୍ଲକ ଓଳାଭରଠାରେ ଗାୟତ୍ରୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବଜରଙ୍ଗ ଦଳ ପକ୍ଷରୁ ନହୁଣୀ ଗାୟତ୍ରୀ ପଡ଼ିଆରେ ଜଳଛତ୍ର ଓ ପଣା ବଣ୍ଟନ କରାଯାଇଥିଲା। ବଜରଙ୍ଗ ଦଳର କାର୍ଯ୍ୟକର୍ତ୍ତା ବିକ୍ରମ ବେହୁରା, ସୁଶାନ୍ତ ମଲିକ, ବିଶ୍ୱଜିତ୍ ପଣ୍ଡା, ସଚିନ୍ କୁମାର ଦାସ, ପ୍ରଦୀପ ସାହୁ, ରାକେଶ ବାରିକ, ବିଶ୍ୱଜିତ ବାରିକ, ସୁଶାନ୍ତ ନାୟକ, ପ୍ରଦୀପ୍ତ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। ସେମାନେ ମନ୍ଦିର ପ୍ରତିଷ୍ଠା ଉତ୍ସବକୁ ଆସୁଥିବା ଶ୍ରଦ୍ଧାଳୁମାନଙ୍କୁ ପଣା ବଣ୍ଟନ କରିଥିଲେ।

# ଶ୍ରୀବଳଦେବଜୀଉଙ୍କ ଚନ୍ଦନ ଯାତ୍ରା ଆରମ୍ଭ



ଚାପ ପାଇଁ ଚନ୍ଦନ ପୋଖରୀକୁ ଶ୍ରୀଗୋବିନ୍ଦଜୀଉ, ମହାଲକ୍ଷ୍ମୀ ବିମାନରେ ଯାଉଛନ୍ତି।

କେନ୍ଦ୍ରାପଡ଼ା ଅଫିସ, ୨୩।୪

ପବିତ୍ର ଅକ୍ଷୟ ତୃତୀୟା ଅବସରରେ ରବିବାର ଶ୍ରୀବଳଦେବଜୀଉଙ୍କ ଚନ୍ଦନ ଯାତ୍ରା ଓ ଚାପ ଖେଳ ପାରମ୍ପରିକ ରୀତିନୀତି ଅନୁସାରେ ଆରମ୍ଭ ହୋଇଛି। ଏହା ୨୧ ଦିନ ପର୍ଯ୍ୟନ୍ତ ଚାଲିବ। ଏହି ଉପଲକ୍ଷେ ମନ୍ଦିରର ଦ୍ୱିପହର ଧୂପ ପୂର୍ବରୁ ଶ୍ରୀଜୀଉଙ୍କୁ ନୂତନ ଶୁକ୍ଳବସ୍ତ୍ର ପରିଧାନ କରାଯାଇଥିଲା। ଏହି ବେଶରେ ଶ୍ରୀଜୀଉଙ୍କୁ ପଞ୍ଝୁଲହରି ଇତ୍ୟାଦି ଶୁକ୍ଳ ଫୁଲରେ ସଜ୍ଜିତ କରାଯାଇ ପ୍ରଥମେ ପଣା ପଖାଳ ଭୋଗ ଲାଗି ହୋଇଥିଲା। ଦ୍ୱିପହର ଧୂପ ପରେ ଶ୍ରୀଜୀଉଙ୍କ ବିଜେ ପ୍ରତିମା ଶ୍ରୀଗୋବିନ୍ଦଜୀଉ ଓ ମହାଲକ୍ଷ୍ମୀଙ୍କୁ ବିମାନରେ ବିଜେ କରାଯାଇ ଚନ୍ଦନ ପୁଷ୍କରିଣୀକୁ ନିଆଯାଇଥିଲା। ସେବକମାନେ ଘଣ୍ଟ, ଘଣ୍ଟା, କାହାଳି, ଛତ୍ର, ଆଲଟ, ଚାମର ଆଦି ଧରି ଚନ୍ଦନ ପୋଖରୀକୁ ଯାତ୍ରା କରିଥିଲେ। ଚାପ ଡଙ୍ଗାରେ ବିଜେ ପ୍ରତିମା ଓ ମହାଲକ୍ଷ୍ମୀଙ୍କୁ ଉପବେଶନ କରାଯାଇ ପୁଷ୍କରିଣୀ ମଝିରେ ଥିବା ଚନ୍ଦନତାଲାକୁ ନିଆଯାଇଥିଲା। ସେଠାରେ ପୂର୍ବରୁ ପ୍ରସ୍ତୁତ ଥିବା ଚନ୍ଦନକୁଣ୍ଡରେ ଶ୍ରୀଜୀଉଙ୍କୁ ବିଧି ମୁତାବକ ଜଳାଭରଣ କରାଯାଇଥିଲା। ସନ୍ଧ୍ୟାରେ ଚାପ ଖେଳ ହୋଇଥିଲା। ଏହି ଚାପ ଖେଳ ଦେଖିବା ପାଇଁ ପୁଷ୍କରିଣୀ ନିକଟରେ ବହୁ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା।

# ଡେରାବିଶରେ ଅଖିମୁଠି ଅନୁକୂଳ

ଡେରାବିଶ, ୨୩। ୪ (ସ୍ୱ.ପ୍ର.)

ଅକ୍ଷୟ ତୃତୀୟା ଦିବସ ଅବସରରେ ରବିବାର ଡେରାବିଶ ବ୍ଲକରେ ବିଭିନ୍ନ ସ୍ଥାନରେ ପାଳନ ହୋଇଛି। ଏହି ଅବସରରେ ବ୍ଲକ କୃଷି ବିଭାଗ ପକ୍ଷରୁ ପଲେଇ ପଞ୍ଚାୟତ ପଲେଇଠାରେ ଏକ କ୍ଷେତରେ ବିଡିଓ ଦାସରଥି ଜେନା ପୂଜାର୍ଚ୍ଚନା ପରେ ଅଖିମୁଠି ଅନୁକୂଳ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବ୍ଲକ ଆତ୍ମା ଅଧକ୍ଷ ଗଣେଶ୍ୱର ବେହେରା, ବ୍ଲକ ସହକାରୀ କୃଷି ଅଧିକାରୀ ବନଲତା ବେହେରା, ପଲେଇ ସରପଞ୍ଚ ଅକ୍ଷୟ କୁମାର ସାହୁଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ। ସେହିପରି କେନ୍ଦ୍ରାପଡ଼ା ଜିଲା ଚାଷୀ ଶ୍ରମିକ ସଂଘ ପକ୍ଷରୁ ଆୟୋଜିତ ଏହି ଦିବସ ଅବସରରେ ବ୍ଲକ ଅଧୀନ ଚାଟରାଚକଡ଼ା ପଞ୍ଚାୟତ ଛତା ବଟମହାପୁରୁଷଙ୍କ ନିକଟରେ ପୂଜାର୍ଚ୍ଚନା କରାଯିବା ପରେ ସଂଘର ଉପଦେଷ୍ଟା କୁଳମଣି ପରିଡ଼ା, ସରୋଜକାନ୍ତ ସାହୁ, ସଭାପତି ପଣ୍ଡିତ ଶରତ ଚନ୍ଦ୍ର ମିଶ୍ର କ୍ଷେତରେ ଅଖିମୁଠି ଅନୁକୂଳ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପରିଚାଳନାରେ ସଂଘ ସମ୍ପାଦକ କୃତିବାସ ଦାସ, ଶରତ ମଲିକ, ମଦନ ମହାନ୍ତି, ରାଜ କିଶୋର ସାମଲ, ଅଞ୍ଜନ ପଲାଇ, ରବୀନ୍ଦ୍ର ମହାରଣା, ବସନ୍ତ ପଲେଇ ପ୍ରମୁଖ ସହଯୋଗ କରିଥିଲେ।



ଡେରାବିଶ ଛତାଠାରେ ବ୍ଲକ କୃଷି ବିଭାଗ ପକ୍ଷରୁ ଅଖିମୁଠି ଅନୁକୂଳ କରାଯାଉଛି।

# କନିକା ପ୍ରଜା ଆନ୍ଦୋଳନରେ ଶହୀଦ ବାସୁବିଶୁନିଙ୍କୁ ଅଣଦେଖା

ରାଜକନିକା, ୨୩।୪(ଡି.ଏନ.ଏ.)

୧୯୨୨ ଏପ୍ରିଲ୍ ୨୩ରେ ଏବର ରାଜକନିକା କନିକା ମେଘପୁର ବେବର୍ତ୍ତା ପୋଖରୀ ହୁଡ଼ାରେ ଆୟୋଜିତ କନିକା ପ୍ରଜାମେଳି ଓ ଅସହଯୋଗ ଆନ୍ଦୋଳନ ହୋଇଥିଲା। ଏହାର ନେତୃତ୍ୱ ନେଇଥିଲେ ସ୍ଥାନୀୟ ବାସୁ ସେଠୀ ଓ ବିଶୁନି ମଲୁଆଳ। ଏହି ସମୟରେ ଇଂରେଜ ପୋଲିସ ଗୁଳିରେ ବାସୁବିଶୁନି ଟଳି ପଡ଼ିଥିଲେ। ଯାହାକି ପରାଧୀନ ଭାରତବର୍ଷର ଅସହଯୋଗ ଆନ୍ଦୋଳନର ପ୍ରଥମ କରି ଏମାନେ ଶହୀଦ ହୋଇଥିଲେ। ହେଲେ ରାଜ୍ୟ ସରକାର ଏହି ୨ ସ୍ୱାଧୀନତା ସଂଗ୍ରାମୀଙ୍କୁ ଅଣଦେଖା କରୁଛନ୍ତି। ସରକାରୀ ସ୍ତରରେ ଇତିହାସରେ ପ୍ରଥମ ଶହୀଦ ହୋଇଥିବା ବାସୁବିଶୁନିଙ୍କୁ ସ୍ଥାନ ଦେଇ ପରବର୍ତ୍ତୀ ପିଢିଙ୍କୁ ଦିଗ୍‌ଦର୍ଶନ ଦେବାକୁ ଦାବି ହୋଇଛି। ମେଘପୁର ଶହୀଦ ସ୍ତମ୍ଭ ନିକଟରେ ଅନୁଷ୍ଠିତ ଶହୀଦ୍ ସ୍ମୃତି ସଂସଦ ପକ୍ଷରୁ ବାସୁବିଶୁନିଙ୍କ ୧୦୧ତମ ଆତ୍ମ ବଳିଦାନ ଦିବସ ସ୍ମୃତିଚାରଣ ସଭାରେ ରବିବାର ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ସଂସଦର ସଭାପତି ଶିକ୍ଷାବିତ୍ ଦାମୋଦର ଧଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଖବରଦାତା ସୁକାନ୍ତ କୁମାର ଦାଶଙ୍କ ସଂଯୋଜନା କରିଥିଲେ। ଏଥିରେ ପୂର୍ବତନ ବିଧାୟକ




ସ୍ମୃତିଚାରଣ ସଭାରେ ଯୋଗଦେଇଥିବା ଅତିଥିମାନେ।

### ୧୦୧ତମ ଆତ୍ମ ବଳିଦାନ ଦିବସରେ ସ୍ମୃତିଚାରଣ ସଭା

ଦୋଳଗୋବିନ୍ଦ ନାୟକ, ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ଶହୀଦ ଦ୍ୱୟଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କନିକା ପ୍ରଜା ବିଦ୍ରୋହର ଗାରିମାମୟ ଇତିହାସ ରଚିଥିବା ବାସୁବିଶୁନିଙ୍କୁ ପ୍ରଶଂସା କରିବା ସହ ଶହୀଦ ଦ୍ୱୟଙ୍କୁ ଅଣଦେଖା କରିବା ଓ ଶହୀଦ୍ ପୀଠର ବିକାଶ ଦିଗରେ ଗୁରୁତ୍ୱ ନ ଦେବା ନେଇ କ୍ଷୋଭ ପ୍ରକାଶ କରିଥିଲେ। ଏମାନଙ୍କ ପ୍ରତି ସରକାରଙ୍କ ଦାୟିତ୍ୱ ହୀନତାକୁ ନେଇ ପ୍ରଶ୍ନ ଉଠାଇ ଥିଲେ। କନିକା ପ୍ରଜା ଆନ୍ଦୋଳନର ଏହି ମହାନ ଯୋଦ୍ଧା ଦ୍ୱୟଙ୍କ ଜୀବନଦାନ କନିକାର ନିଷ୍ପେଷିତ ମଣିଷର ମୁକ୍ତିକାମୀ ନେତୃତ୍ୱ ବୋଲି ଉଲ୍ଲେଖ କରିଥିଲେ। ପୁନଶ୍ଚ ଇତିହାସକୁ ବିକୃତ କରି ପ୍ରକୃତ ଘଟଣା ଲୋକଲୋଚନ ଆଢୁଆଳରେ ରଖି ସାଧାରଣରେ ନକରାତ୍ମକ ଭାବନା ପୂରାଇବାକୁ ଚାଲିଥିବା ଚକ୍ରାନ୍ତକୁ ସମାଲୋଚନା କରି ବ୍ଲକ କଂଗ୍ରେସ ସଭାପତି ମଙ୍ଗୁଳି ଚରଣ ବେହେରା ଯୁବପିଢିଙ୍କୁ ଅଧିକରୁ ଅଧିକ କନିକା ପ୍ରଜା ଆନ୍ଦୋଳନର ଗାରିମାକୁ ପ୍ରଚାର ପ୍ରସାର ପାଇଁ ଆହ୍ୱାନ ଦେଇଥିଲେ। ବରିଷ୍ଠ ନେତା ବ୍ରଜ ସୁନ୍ଦର ଭୂୟାଁ ରକ୍ତିମ କନିକାର ରକ୍ତକ୍ଷୟୀ ସଂଗ୍ରାମର ଇତିହାସକୁ ଭାରତ ଇତିହାସରେ ସ୍ଥାନୀତ କରିବାକୁ ଦାବି କରିଥିଲେ। ଏଥିରେ ତ୍ରିଲୋକ୍ୟପୁର ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ନାୟକ, ସ୍ମୃତି ସଂସଦର କୈଳାସ ନାୟକ, ସୁରେଶ ମିଶ୍ର, କାଳୀପ୍ରସାଦ ନାୟକ, ଦୀନବନ୍ଧୁ ବାରିକ, ନବଘନ ସୂତାର, ବିବେକାନନ୍ଦ ରାଉତରାୟ, ଗଙ୍ଗାଧର ମଲ୍ଲିକ, ହରେକୃଷ୍ଣ ନାୟକ, ଉମାକାନ୍ତ ମାଝି, ରଜତ ଦାଶ, ବୈରାଗୀ ସାହୁ, ଶୁଭ୍ରଜିତ୍ ବିଶ୍ୱାଳ, ରାଜେଶ କୁମାର ବେହେରା, ଦେବଦାସ ପ୍ରଧାନ, ନୀଳାମ୍ବର ପ୍ରଧାନ, ହରଗୋବିନ୍ଦ ମଲୁଆଳ, ନୃସିଂହ ତରାଇ, ଧୀରେନ୍ଦ୍ର ସାମଲ, ପ୍ରହ୍ଲାଦ ସାହୁ ପ୍ରମୁଖ ଯୋଗଦେଇଥିଲେ। ସ୍ଥାନୀୟ ଯୁବତୀଯୁବକ ଓ ଜନସାଧାରଣ ଉପସ୍ଥିତ ରହି ଶହୀଦ ଦ୍ୱୟଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ମଲାଗୁଣୀ ନଦୀରେ ପଡ଼ି ବୃଦ୍ଧ ମୃତ

**ରଣପୁର,୨୩।୪(ସ୍ୱ.ପ୍ର.):** ନୟାଗଡ଼ ଜିଲା ରଣପୁର ନିକଟସ୍ଥ ଚମ୍ପତିପୁର ଗ୍ରାମ ନିକଟ ମଲାଗୁଣୀ ନଦୀରେ ପଡି ରବିବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଶ୍ୟାମଘନପୁର ଗ୍ରାମର ଡେଡ଼ି ମହାନ୍ତି (୭୫) । ରଣପୁର ଦମକଳ ବାହିନୀ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଡେଡ଼ି ପ୍ରତିଦିନ ପରି ରବିବାର ରଣପୁର ସୁନାଖଳା ରାସ୍ତାର ପଟାଶଙ୍ଖକୁ ପରିବା ବିକ୍ରି କରିବାକୁ ଯାଇଥିଲେ । ସେଠାରୁ ସେ ମଲାଗୁଣୀ ନଦୀ ଦେଇ ଗ୍ରାମକୁ ଫେରୁଥିବାବେଳେ ସମୟରେ କୌଣସି କାରଣରୁ ନଦୀ ପାଣିରେ ଖସିପଡିଥିବା ଅନୁମାନ କରାଯାଉଛି । ଏ ନେଇ ରଣପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

**ଭାପୁର,୨୩।୪(ଡି.ଏନ୍.ଏ.):** ନୟାଗଡ଼ ଜିଲା ଭାପୁର ବ୍ଲକ ଅନ୍ତର୍ଗତ ଶାଳପଡ଼ା ପଞ୍ଚାୟତ ମର୍ଦ୍ଧାବାଡି ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଗଦାଧର ପଣ୍ଡାଙ୍କ (୭୨) ରବିବାର ପରଲୋକ ହୋଇଯାଇଛି। ସେ କିଛିଦିନ ହେବ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ । ସେ ନୟାଗଡ଼ ଜିଲା ଓ ଫୁଲବାଣୀ ଅଞ୍ଚଳର ବିଭିନ୍ନ ସ୍କୁଲରେ ଶିକ୍ଷକତା କରିବା ପରେ ଅବସର ଗ୍ରହଣ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି । ବଡ଼ପୁଅ ମୁଖାଗ୍ନି ଦେଇଥିଲେ ।

### ବଜ୍ରପାତରେ ୩ ଛେଳି ମୃତ

**ଦଶପଲ୍ଲା,୨୩।୪(ଡି.ଏନ.ଏ.):** ରବିବାର ପୂର୍ବାହ୍ନରେ ଦଶପଲ୍ଲା ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତର ମିନାଗାଡୁ ଗ୍ରାମରେ ବଜ୍ରପାତ ଘଟି ୩ ଛେଳି ମରିଛନ୍ତି । ମୃତ ଛେଳି ସେହି ଗ୍ରାମର ଲକ୍ଷଣ କହଁରଙ୍କର ବୋଲି ସୂଚନା ମିଳିଛି । ସେ ଜଣେ ଗରିବ ବ୍ୟକ୍ତି ହୋଇଥିବାରୁ ତାଙ୍କୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ଦାବି ହୋଇଛି ।

### ତ୍ରିନାଥ ଦେବଙ୍କ ଜନ୍ମ ବାର୍ଷିକ ପାଳିତ

**ଖଣ୍ଡପଡ଼ା,୨୩।୪(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ ଅଧୀନ ବାଣପୁର ପଞ୍ଚାୟତର ଘଣାଶାଳିଆ ଗ୍ରାମରେ ବିରାଜିତ ତ୍ରିନାଥ ଦେବଙ୍କ ୨୮ତମ ଜନ୍ମବାର୍ଷିକ ଉତ୍ସବ ରବିବାର ମହାସମାରୋହରେ ପାଳିତ ହୋଇଯାଇଛି । ହୋମ ଯଜ୍ଞାଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଉପଲକ୍ଷେ ମହିଳା ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା ।

### ମା'ତାରିଣୀଙ୍କ ବାର୍ଷିକ ଉତ୍ସବ

**ଖଣ୍ଡପଡ଼ା,୨୩।୪(ସ୍ୱ.ପ୍ର.):** ଶନିବାର କଣ୍ଟିଲୋ ନୀଳମାଧବ ବିଦ୍ୟାପୀଠ ସମ୍ମୁଖ ମା'ତାରିଣୀଙ୍କ ୧୨ତମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ପୂର୍ବାହ୍ନ ୭ଟା ସମୟରେ ଏକ କଳସ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା । ମହାନଦୀରୁ ପବିତ୍ର ଜଳ ଆଣି ମହିଳାମାନେ ମନ୍ଦିର ପରିସରରେ ସ୍ଥାପନ କରିଥିଲେ । ଏହା ପରେ ସୂର୍ଯ୍ୟ ପୂଜା ସହିତ ଘୃତଯଜ୍ଞ ଅନୁଷ୍ଠିତ ହୋଇଥିଲା । ଅପରାହ୍ନ ପ୍ରାୟ ସାଢେ ୪ଟା ସମୟରେ ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଥିଲା । ମହିଳା ମଣ୍ଡଳ ପକ୍ଷରୁ ସଂକୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମନ୍ଦିର ପ୍ରତିଷ୍ଠାତା ଧ୍ରୁବଚରଣ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲେ ।

### ଓଡ଼ଗାଁରେ ଧରିତ୍ରୀ ଦିବସ ପାଳିତ

**ଓଡ଼ଗାଁ,୨୩।୪(ସ୍ୱ.ପ୍ର.):** ଶନିବାର ବିଶ୍ୱ ଧରିତ୍ରୀ ଦିବସ ଅବସରରେ ଅରୋ ମୀରା ଟ୍ରଷ୍ଟ, କୁରାଳ ଓ ପରିବେଶ ସାଥିର ମିଳିତ ସହଯୋଗରେ ବାହାଡ଼ାଝୋଲା ରିଜର୍ଭ ଜଙ୍ଗଲ ଓ ପଞ୍ଚୁପାଣ୍ଡବ ପାହାଡ଼କୁ ଘେରି ରହିଥିବା ଗ୍ରାମ ତୋଟାସାହି, ଗିରିଡ଼ିପଲ୍ଲୀ, ଖଜୁରିଆ, ଦହିଙ୍ଗି, ଝାଡସାହି, ଶାଳିଆପଲ୍ଲୀ, ମାରେଡି, ଖଙ୍ଗାରପଲ୍ଲୀ, ସାତପାଟିଆ, ଲଣ୍ଡା ବା ଦୁଲୁଣି,ଲଡୁ ସାହି ଆଦି ଗ୍ରାମରେ ଧରିତ୍ରୀ ଦିବସ ପାଳିତ ହୋଇଯାଇଛି । ପ୍ରକୃତି ବନ୍ଧୁ ସୁକାନ୍ତ ଚୌଧୁରୀ ତଥା ପରିବେଶ ପ୍ରେମୀମାନଙ୍କ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉକ୍ତ ଦିବସ ସମ୍ପର୍କରେ ଆଲୋଚନା କରାଯିବା ସହିତ ସଚେତନତା ସୃଷ୍ଟି କରାଯାଇଥିଲା । ପରିବେଶ ସୁରକ୍ଷା ପ୍ରତି ସମସ୍ତେ ସଚେତନ ରହି ସହଯୋଗ କରିବା ନିମନ୍ତେ ଅତିଥିମାନେ ନିବେଦନ କରିଥିଲେ । ପରିବେଶ ସୁରକ୍ଷା ହେଉ ଆମ ସଭିଙ୍କ ଜୀବନର ଦୀକ୍ଷା ବୋଲି ଏହି ଅବସରରେ ସ୍ଲୋଗାନ ଦିଆଯାଇଥିଲା ।

# ଡାୟାଲିସିସ୍ ସେବା ୟୁନିଟ୍‌ରେ ଏସି, ଫ୍ୟାନ୍ ଅଚଳ

- ରୋଗୀଙ୍କ ଜୀବନ ସହ ଖେଳ ଖେଳୁଛି ସ୍ୱାସ୍ଥ୍ୟ ବିଭାଗ
- ୧ମାସ ହେଲା ଅଚଳ ପରେ ବି ମରାମତି ହେଉନାହିଁ
- ଭଡ଼ାରେ ଫ୍ୟାନ୍ ଆଣି ଚାଲିଛି ରୋଗୀଙ୍କ ସେବା



ଡାୟାଲେସିସ୍ ୟୁନିଟ୍‌ରେ ଏସି ଓ ଫ୍ୟାନ୍ ଅଚଳ ରହିଛି ।



ଆଇସିୟୁରେ ତାଲା ଝୁଲୁଛି ।

**ନୟାଗଡ଼ ଅଫିସ,୨୩।୪**

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ପିପିପି ମୋଡ଼ରେ ଚାଲିଥିବା ସହାୟ ନିଃଶୁଳ୍କ ଡାୟାଲିସିସ୍ ସେବା ୟୁନିଟରେ ଏସି ଓ ଫ୍ୟାନ ଅଚଳ ଯୋଗୁ କିଡ୍‌ନୀ ରୋଗୀ ହଟହଟା ହେଉଛନ୍ତି । ପ୍ରାୟ ୧ମାସ ହେଲା ଫ୍ୟାନ ଓ ଏସି ଅଚଳ ରହିଥିଲେ ମଧ୍ୟ ମରାମତି କରାଯାଉନି । ଭଡ଼ାରେ ଫ୍ୟାନ ଆଣି ରୋଗୀ ସେବା ଚାଲିଛି । ତେବେ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଏହାର ନିରାକରଣ କରାଯାଉନାହିଁ । ଡାୟାଲିସିସ୍ ସେବା ୟୁନିଟରେ ୩ଟି ଏସି ରହିଛି । ସଂକ୍ରମଣ ୟୁନିଟରେ ଗୋଟିଏ ଥିବାବେଳେ ଅନ୍ୟ ୨ଟି ଡାଏଲିସିସ୍ ସେବା ୟୁନିଟରେ ଅଛି । ଶୁକ୍ରବାର ରାତିରେ ଡାୟାଲିସିସ୍ ସେବା ୟୁନିଟର ଗୋଟିଏ ଏସି ଚୋରି ହୋଇଯାଇଥିବାବେଳେ କେବଳ ଗୋଟିଏ ଏସି କାମ କରୁଛି । ସେହିପରି ସଂକ୍ରମଣ ୟୁନିଟ୍‌ରେ ଗୋଟିଏ ଏସି ଅଚଳ ହୋଇ ପଡିଛି । ସେଥିପାଇଁ ଭଡ଼ାରେ ଆଣି ରୋଗୀ ପାଖରେ ଏକ ଷ୍ଟାଣ୍ଡ ଫ୍ୟାନ୍ ଲାଗିଛି । ଅନ୍ୟପକ୍ଷେ ରୋଗୀଙ୍କ ସମ୍ପର୍କୀୟ ପାଇଁ ଥିବା ଡାଏଲିସିସ୍ ସେବା ୟୁନିଟ୍‌ର ବାରଣ୍ଡାରେ ୨ଟି ଫ୍ୟାନ୍ ଅଚଳ ହୋଇ ରହିଛି ।

**ଉଦ୍‌ଘାଟନ ପରେ ଆଇସିୟୁରେ ତାଲା**

ଜିଲା ମୁଖ୍ୟ ଚିକିତ୍ସାଳୟରେ ସହାୟ ନିଃଶୁଳ୍କ ଡାଏଲିସିସ୍ ସେବା ୟୁନିଟ ସମ୍ମୁଖରେ ରହିଛି ଇଣ୍ଟେନସିଭ୍ କେୟାର ୟୁନିଟ୍ (ଆଇସିୟୁ) । ଗୁରୁତର ରୋଗୀଙ୍କ ଜୀବନ ବଞ୍ଚାଇବା ପାଇଁ ଆଇସିୟୁ ନିହାତି ଦରକାର । ପ୍ରାୟ ୧ବର୍ଷ ତଳେ ଏହାକୁ ଉଦ୍‌ଘାଟନ କରାଯାଇଥିଲା । ମାତ୍ର ୧୦ ଦିନ ଚାଲିବା ପରେ ଏଥିରେ ତାଲା ଝୁଲୁଛି । ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ମେଡିସିନ୍ ସ୍ପେଶାଲିଷ୍ଟ ଶତ୍ରୁଘ୍ନ ନାୟକ,ଦୀପ୍ତିମୟୀ ବେହେରା ଏବଂ ଦୁଇ ଜଣ ନର୍ସ ତାଲିମ ପାଇଛନ୍ତି । ତେବେ ଆଇସିୟୁ ନ ଖୋଲିବାର କାରଣ ଜଣାପଡୁନି ।

**ଅକ୍ସିଜେନ ପ୍ଲାଣ୍ଟ କାମରେ ଲାଗୁନି**

ଜିଲା ମୁଖ୍ୟ ଚିକିତ୍ସାଳୟରେ ଅକ୍ସିଜେନ ପ୍ଲାଣ୍ଟ ରହିଛି । ହେଲେ ଅକ୍ସିଜେନ ପ୍ଲାଣ୍ଟ କାମ କରୁ ନ ଥିବା ଅଭିଯୋଗ ହୋଇଆସୁଛି । ନିଃଶୁଳ୍କ ଡାଏଲିସିସ୍ ସେବା ୟୁନିଟରେ ରୋଗୀଙ୍କୁ ଅକ୍ସିଜେନ ଯୋଗାଣ ପାଇଁ ପାଇପ୍ ପଡି ସାରିଛି । ହେଲେ ଅକ୍ସିଜେନ ଆସୁନି । ଏନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ମକରନ୍ଦ ବେଉରା କୁହନ୍ତି, ଅକ୍ସିଜେନ୍ ପ୍ଲାଣ୍ଟ କାମ କରୁଛି । ମେଡିସିନ, ଶିଶୁ ପରି ୱାର୍ଡରେ କାମରେ ଲାଗୁଛି । ନିଃଶୁଳ୍କ ଡାୟାଲିସିସ୍ ସେବା ୟୁନିଟରେ ଏହାର ଆବଶ୍ୟକତା ନ ଥିବାରୁ କନେକଶନ୍ ଦିଆଯାଇନି । ଅନ୍ୟପକ୍ଷେ ଆଇସିୟୁ ଉଦ୍‌ଘାଟନ ହୋଇଛି । ଏଥିପାଇଁ ୪ଜଣ ଡାକ୍ତର, ୮ଜଣ ଷ୍ଟାଫ ନର୍ସ ଓ ଅନ୍ୟାନ୍ୟ କର୍ମଚାରୀଙ୍କ ଆବଶ୍ୟକତା ଅଛି । ଏଣୁ ଏହା କାର୍ଯ୍ୟକ୍ଷମ ହୋଇପାରୁ ନାହିଁ । ନୂଆ ଡାକ୍ତର ନିୟୋଜିତ ହେବା ପରେ ପଦକ୍ଷେପ ନିଆଯିବ । ସହାୟ ନିଃଶୁଳ୍କ ଡାଏଲିସିସ୍ ସେବା ୟୁନିଟରେ ଏସି ଓ ଫ୍ୟାନ୍ ଅଚଳ ହେବା ନେଇ ଜାଣିବା ପରେ ତୁରନ୍ତ ଏହାର ମରାମତି ଅଥବା ନୂଆ ଦରକାର ହେଲେ ଲଗାଇବାକୁ କୁହାଯାଇଛି । ଜିଲା ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ୱାର୍ଡରେ ମଧ୍ୟ ଏସି ଓ ଫ୍ୟାନ୍ ଅଚଳ ହୋଇଛି । ଏହାର ମରାମତି କାମ ଆରମ୍ଭ ହୋଇଛି । ତେବେ ଏସିକୁ ୨୪ ଘଣ୍ଟା ମଧ୍ୟରେ କିଛି ସମୟ ବନ୍ଦ କରିବାର ନିୟମ ରହିଛି । ହେଲେ ତାହା କରାଯାଉ ନ ଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ସେ କହିଛନ୍ତି । ରୋଗୀ ସବିତା ପ୍ରଧାନ, ବିମଳ ନାୟକ, ରାମଚନ୍ଦ୍ର ସାହୁ କୁହନ୍ତି, ସହାୟ ନିଃଶୁଳ୍କ ଡାଏଲିସିସ୍ ସେବା ୟୁନିଟ ସମେତ ଶିଶୁ ୱାର୍ଡ ଓ ଗାଇନିକ୍ ୱାର୍ଡରେ ଏସି କାମ କରୁନି । ରୋଗୀ ହଟହଟା ହେଉଛନ୍ତି । ଏଥିପ୍ରତି ସ୍ୱାସ୍ଥ୍ୟ ବିଭାଗ ଦୃଷ୍ଟି ଦେବା ଦରକାର । ଅନ୍ୟପକ୍ଷେ ଆଇସିୟୁ ଓ ଅକ୍ସିଜେନ ପ୍ଲାଣ୍ଟ କିପରି ଶୀଘ୍ର କାର୍ଯ୍ୟକ୍ଷମ ହେବ ସେନେଇ ସିଡିଏମ୍‌ଓ ଓ ଜିଲାପାଳ ପଦକ୍ଷେପ ନେବା ଜରୁରୀ ବୋଲି କହିଛନ୍ତି ।

## ଦାସିଆ ଅଜାଙ୍କ ସଂଗ୍ରହାଳୟକୁ ମନ୍ଦିର କବାଟ ପ୍ରଦାନ


ପ୍ରଦାନ କରାଯାଇଥିବା କବାଟ ।

**ନୂଆଗାଁ,୨୩।୪(ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଉଦୟପୁରଠାରେ ଥିବା ଦାସିଆ ଅଜା ସଂଗ୍ରହାଳୟକୁ ଶୁକ୍ରବାର ଏକ ମନ୍ଦିର କବାଟ ପ୍ରଦାନ କରାଯାଇଛି । ମିଳିଥିବା ସୂଚନା ମୁତାବକ ଦିଲ୍ଲୀରେ ରହୁଥିବା ନୟାଗଡ଼ ସହରର ଜାତୀୟସ୍ତରରେ ପ୍ରସିଦ୍ଧି ଲାଭ କରିଥିବା ଚିତ୍ରଶିଳ୍ପୀ ସଞ୍ଜୀବ କୁମାର ନାୟକ ତାଙ୍କ ଜେଜେ ମା'ସାବିତ୍ରୀ ନାୟକଙ୍କ ସ୍ମୃତି ସ୍ୱରୂପ ମନ୍ଦିରର ଏକ କବାଟ ଦାସିଆ ଅଜାଙ୍କ ସଂଗ୍ରହାଳୟକୁ ପ୍ରଦାନ କରିଛନ୍ତି । ପ୍ରାୟ ୨ଶହ ବର୍ଷର ବିରଳ କାରୁକାର୍ଯ୍ୟରେ ନିର୍ମିତ ଏହି କବାଟରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦଶ ଅବତାର ମୂର୍ତ୍ତି ଖୋଦେଇ କରାଯାଇଛି । ଚିତ୍ର ଶିଳ୍ପୀ ସଞ୍ଜୀବଙ୍କ ପରିବାର ସଦସ୍ୟ ରବୀନ୍ଦ୍ର ନାୟକଙ୍କ ସହ ଦାସିଆ ଅଜାଙ୍କ ସଂଗ୍ରହାଳୟକୁ ଆସି ଅନୁଷ୍ଠାନର ସମ୍ପାଦକ ତଥା ସ୍ୱର୍ଗତ ଦାଶରଥି ପଟ୍ଟନାୟକଙ୍କ ନାତି ଦୀପକ ପଟ୍ଟନାୟକଙ୍କୁ ଏହି ମନ୍ଦିର କବାଟ ପ୍ରଦାନ କରିଛନ୍ତି ।

# ସବୁଠି ଅକ୍ଷିମୁଠି ଅନୁକୂଳ


ରଣପୁର ଅଞ୍ଚଳର ଜଣେ ଚାଷୀ ଧାନମୁଠି ଅନୁକୂଳ କରୁଛନ୍ତି ।

**ରଣପୁର,୨୩।୪(ସ୍ୱ.ପ୍ର.)**

ରଣପୁର ଏନଏସି ସମେତ ବ୍ଲକର ୩୭ଟି ପଞ୍ଚାୟତରେ ଚାଷୀମାନେ ପାରମ୍ପରିକ ରୀତିରେ ରବିବାର ଅକ୍ଷୟ ତୃତୀୟା ପାଳନ କରିଛନ୍ତି । ଏଥିପାଇଁ ଚାଷୀମାନେ ସକାଳୁ ସ୍ନାନ ସାରି ଘରେ ଥିବା ଧାନ ବିହନ, କୋଦାଳ, ଗୌଣି, କଉଡି, ପଇସା, ଗୋଟା ଗୁଆ, ଭୋଗ, ଧୂପ ଧରି ଚାଷ ଜମିରେ ପହଞ୍ଚି ଥିଲେ । ପ୍ରଥମେ ଗୋଟିଏ କୋଣରେ ମାଟି ଖୋଳି ଧାନ, ପଇସା ଓ କଉଡିକୁ ପୋତିଥିଲେ । ପରେ ସେହି ସ୍ଥାନରେ ଗୁଆ ବସାଇ ଧୂପ ଫୁଲ ଦେଇ ପୂଜା କରିଥିଲେ । ଅକ୍ଷୟ ତୃତୀୟାଠାରୁ ଚାଷ କାମ ଆରମ୍ଭ ହେବାର ବିଧି ରହିଛି । ତେବେ ଗତବର୍ଷ ବର୍ଷା ଅଭାବରୁ ଚାଷୀମାନେ କ୍ଷତି ସହିଥିଲେ । ଚଳିତ ବର୍ଷ ସେଭଳି ପରିସ୍ଥିତି ସୃଷ୍ଟି ନ ହେଉ ବୋଲି ଚାଷୀମାନେ କହିଛନ୍ତି ।

ସୂଚନଯୋଗ୍ୟ, ରଣପୁର ଏନ୍‌ଏସି ଏବଂ ବ୍ଲକର ୩୭ ପଞ୍ଚାୟତରେ ୧୯,୯୨୫ ହେକ୍ଟର ଚାଷ ଜମି ରହିଛି । ସେଥି ମଧ୍ୟରୁ ୧୭,୩୨୫ ହେକ୍ଟର ଜମିରେ ଚାଷୀମାନେ ଧାନ ଚାଷ କରିଥାଆନ୍ତି । ଅବଶିଷ୍ଟ ଜମିରେ ଅଣ ଧାନ ଚାଷ କରାଯାଏ । ସେଥି ମଧ୍ୟରୁ ବିରି, ମୁଗ, ଆଖୁ, ପନିପରିବା ଉତ୍ପାଦନ ହୋଇଥାଏ । ଚାଷ ଦୃଷ୍ଟିରୁ ଏହି ୩୭ ପଞ୍ଚାୟତକୁ ଦୁଇ ଭାଗରେ ବିଭକ୍ତ କରାଯାଏ । ୧୫% ଜମି ଜଳ ସେଚିତ ଥିଲା ବେଳେ ଅବଶିଷ୍ଟ ୮୫% ମୌସୁମୀ ବର୍ଷାକୁ ଭରସା କରି ଚାଷୀମାନେ ଚାଷ କରିଥାଆନ୍ତି ।

**ନୂଆଗାଁ,(ଡି.ଏନ.ଏ.):** ନୂଆଗାଁ ବ୍ଲକ କୃଷିକାର୍ଯ୍ୟାଳୟ ପକ୍ଷରୁ ଆତ୍ମା ଅଧ୍ୟକ୍ଷ ସଞ୍ଜୟ କୁମାର ସାହୁ କୋରଡ଼ା ପଞ୍ଚାୟତ ଆଦର୍ଶ କୃଷକ ଅରୁଣ କୁମାର ଗୋଛାୟତଙ୍କ ଜମିରେ ଅକ୍ଷିମୁଠି ଅନୁକୂଳ କରିଛନ୍ତି । ସକାଳୁ ଜମିରେ ପୂଜାର୍ଚ୍ଚନା ପରେ କୃଷକଙ୍କ ପାରମ୍ପରିକ ପୋଷାକ ପିନ୍ଧି ସେ ଧାନ ବିହନ ବୁଣିଥିଲେ । ଏହି କାର୍ଯ୍ୟକ୍ରମରେ ଆଦର୍ଶ କୃଷକ ତଥା ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ୫ନଂ.ଜୋନ ନିର୍ଦ୍ଦେଶକ ସୂର୍ଯ୍ୟନାରାୟଣ ସାହୁ , ନୂଆଗାଁ ବ୍ଲକ ସହକାରୀ କୃଷି ଅଧିକାରୀ ପୂଜା କହଁର, ଆଦର୍ଶ କୃଷକ ଅରୁଣ ଗୋଛାୟତ, ଗୋଲକ କୁମାର ଗୋଛାୟତଙ୍କ ସମେତ ଅନ୍ୟ କୃଷକମାନେ ଉପସ୍ଥିତ ଥିଲେ ।

**ଭାପୁର,(ଡିଏନଏ):** କଇଁଫୁଲିଆ ପଞ୍ଚାୟତ କଇଁଫୁଲିଆ ଗ୍ରାମର ମହନ୍ତ ଜମିରେ ଭାପୁର କୃଷି ବିଭାଗ କାର୍ଯ୍ୟାଳୟ ତରଫରୁ ଅକ୍ଷିମୁଠି ଅନୁକୂଳ କରାଯାଇଛି । ପୂଜାରୀ ପ୍ରାଣକୃଷ୍ଣ ଦାଶ ମହାରାଜା ବିଲରେ ପୂଜାର୍ଚ୍ଚନା କରିବା ପରେ ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ପ୍ରଥମେ ଲଙ୍ଗଳ ଧରି ହଳ କରିଥିଲେ । ପରେ ଆତ୍ମାକମିଟିର ଅଧ୍ୟକ୍ଷ ଭରତ କୁମାର ବେହେରା, କୃଷି ଅଧିକାରୀ ବିରଞ୍ଚି ନାରାୟଣ ମଙ୍ଗରାଜ , ସରପଞ୍ଚ ରମେଶ ପ୍ରସାଦ ରାଉତ ଚାଷ କରି ଧାନ ବୁଣା ଅନୁକୂଳ କରିଥିଲେ । ଏହି କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ଜନପ୍ରତିନିଧି ଉପସ୍ଥିତ ଥିଲେ । ବ୍ଲକ ଉପାଧ୍ୟକ୍ଷ ପ୍ରଧାନ କୃଷିର ବିକାଶ ଓ କୃଷକଙ୍କ ଆର୍ଥିକ ମେରୁଦଣ୍ଡ ମଜଭୁଜ ହେଉ ବୋଲି ଈଶ୍ୱରଙ୍କ ପାଖରେ ପ୍ରାର୍ଥନା କରିଥିଲେ ।

## ମର୍ଦ୍ଦରାଜପୁରରେ ରଥ ନିର୍ମାଣ ଆରମ୍ଭ

**ଖଣ୍ଡପଡ଼ା,୨୩।୪(ସ୍ୱ.ପ୍ର)**

ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ମର୍ଦ୍ଦରାଜପୁର ପଞ୍ଚାୟତସ୍ଥିତ ମୁଣ୍ଡିଆ ହନୁମାନ ପୀଠରେ ବିରାଜିତ ଶ୍ରୀଜଗନ୍ନାଥଙ୍କ ରଥ ନିର୍ମାଣ କାମ ରବିବାରଠାରୁ ପବିତ୍ର ଅକ୍ଷୟ ତୃତୀୟା ତିଥିରେ ଆରମ୍ଭ ହୋଇଛି । ଏହି ଉପଲକ୍ଷେ ନିକଟସ୍ଥ ବାଟମଙ୍ଗଳା ଓ ମୁଣ୍ଡିଆ ହନୁମାନସ୍ଥିତ କନକ ଦୁର୍ଗା ଓ ଶ୍ରୀଜଗନ୍ନାଥଙ୍କଠାରୁ ଆଜ୍ଞାମାଳ ଆସି ରଥଖଳାରେ ବିଜେ କରିବା ପରେ ରଥ ନିର୍ମାଣ କାରିଗର ଦେବରାଜ ମହାପାତ୍ର, ପୁରୋହିତ କୃଷ୍ଣଚନ୍ଦ୍ର ଦାସ, ସିପୁନ ନନ୍ଦ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ରଥ ନିର୍ମାଣ କାମ ଆରମ୍ଭ ହୋଇଛି । ମର୍ଦ୍ଦରାଜପୁର ପୂର୍ବତନ ସରପଞ୍ଚ ତଥା ମୁଣ୍ଡିଆ ହନୁମାନ ପୀଠ ମନ୍ଦିର ପରିଚାଳକ ବୈକୁଣ୍ଠନାଥ ଗୋଛିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଥା ଗ୍ରାମବାସୀଙ୍କ ସହଯୋଗରେ ସମ୍ପୃକ୍ତ ମନ୍ଦିରରୁ ଆଜ୍ଞାମାଳ ଆସିବା ସମୟରେ ଗ୍ରାମରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ହରିବୋଲ ହୁଳହୁଳିରେ ଗ୍ରାମଦାଣ୍ଡ କମ୍ପି ଉଠିଥିଲା । ରଥକାଠ ପୂଜାର୍ଚ୍ଚନା ପରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା ।


ରଥ ନିର୍ମାଣ କାର୍ଯ୍ୟକୁ ଅନୁକୂଳ କରାଯାଉଛି ।

## ଗୋକୁଳାନନ୍ଦଙ୍କ ଦହି ପଖାଳ ନୀତି ଆରମ୍ଭ

**ଖଣ୍ଡପଡ଼ା,୨୩।୪(ସ୍ୱ.ପ୍ର.)**

ରବିବାର ପବିତ୍ର ଅକ୍ଷୟ ତୃତୀୟା ଅବସରରେ ସିଧାମୂଳା ପଞ୍ଚାୟତ ଅଧୀନ ଗୋକୁଳାନନ୍ଦ ଜୀଉଙ୍କ ଦହିପଖାଳ ନୀତି ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ଗୋକୁଳାନନ୍ଦ ଜୀଉ, ମହାବୀର ଓ ଆଖଣ୍ଡଳମଣିଙ୍କୁ ପ୍ରାତଃ ସମୟରେ ପାରମ୍ପରିକ ରୀତିରେ କ୍ଷୀର, ମହୁ, ଦହି ଆଦି ପଞ୍ଚାମୃତରେ ସ୍ନାନ କରାଯାଇ ଠାକୁରମାନଙ୍କ ପାଇଁ ହୋମଯଜ୍ଞ ଓ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା । ଏହି ପାରମ୍ପରିକ ନୀତି ଦେଖିବା ପାଇଁ ଶ୍ରଦ୍ଧାଳୁମାନଙ୍କ ଭିଡ଼ ଲାଗି ରହିଥିଲା । ଏହି ଅବସରରେ ଠାକୁରଙ୍କୁ ଚନ୍ଦନ ଲାଗି କରାଯାଇଥିଲା । ସେହିପରି ନୀଳମାଧବ ଜୀଉ ପୀଠସ୍ଥ ମା' ଶ୍ମଶାନ ଚଣ୍ଡୀ ପୀଠରେ ଆଜିର ତିଥିରେ ଠାକୁରାଣୀଙ୍କ ନିକଟରେ ହୋମଯଜ୍ଞ ସମ୍ପନ୍ନ ହେବା ସହ ଯଥାବିଧି ପାରମ୍ପରିକ ପୂଜାବିଧି ମନ୍ଦିର ପରିଚାଳକ ସଚ୍ଚିଦାନନ୍ଦ ଦାଶଙ୍କ ଦ୍ୱାରା ପରିଚାଳନା କରାଯାଇଛି ।

## ଶହୀଦଙ୍କ ଉଦ୍ଦେଶ୍ୟରେ ମହମବତି ଶୋଭାଯାତ୍ରା

**ଦଶପଲ୍ଲା,୨୩।୪(ଡି.ଏନ.ଏ.)**

କାଶ୍ମୀରରେ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ଦଶପଲ୍ଲା ଦୁର୍ଗା ବଜାର କଲୋନୀ ପରିସରରେ ଶନିବାର ରାତିରେ ଏକ ମହମବତି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ସଦସ୍ୟମାନେ ଏକ ଶୋଭାଯାତ୍ରାରେ ବାହାରି କଲୋନୀ ଏବଂ ବଜାର ପରିକ୍ରମା କରିଥିଲେ । ଏହି ଶୋଭାଯାତ୍ରରେ ଶହୀଦଙ୍କ ଆତ୍ମା ଅମର ରହେ , ପାକିସ୍ତାନ ଧିକ ଧିକ ଆଦି ସ୍ଲୋଗାନ ଦେଇଥିଲେ । ଏଥିରେ ବରିଷ୍ଠ ସାମାଜିକ କର୍ମୀ ରଙ୍କନିଧି ସାହୁ ଉଦ୍‌ବୋଧନ ଦେଇଥିଲେ । କାର୍ଯ୍ୟକ୍ରମକୁ ଅଜୟ କୁମାର ପୃଷ୍ଟି, କାଉନସିଲର ମନୋଜ କୁମାର ସାହୁ, ବସନ୍ତ ବେହେରା , ଲାଲା ସାହୁ, ଜୟସେନ ସାହୁ ପ୍ରମୁଖ ପରିଚାଳନା କରିଥିଲେ ।



ଶହୀଦଙ୍କ ଅମରଆତ୍ମାର ସଦ୍‌ଗତି କାମନା କରି ଦଶପଲ୍ଲାରୁ ବାହାରିଥିବା ମହମବତି ଶୋଭାଯାତ୍ରା ।

# ଆତଙ୍କ ଖେଳାଉଥିବା ପେସାଦାର ଲୁଟେରା ଗିରଫ

**ଭୁବନେଶ୍ୱର,୨୩।୪ (ବ୍ୟୁରୋ)**

**ରାଜଧାନୀରେ ସୁନା ଚେନ୍, ମୋବାଇଲ ଲୁଟ୍**

- ୨ ସପ୍ତାହ ତଳେ ଜେଲରୁ ଆସିଥିଲେ ରଞ୍ଜନ
- ରାଜଧାନୀରେ ବିଭିନ୍ନ ଥାନାରେ ୩୦ ମାମଲା
- ଲୁଟ୍ ମୋବାଇଲ ଓ ସୁନା ଚେନ କିଣୁଥିବା ୨ ଅଭିଯୁକ୍ତ ମଧ୍ୟ ଗିରଫ

ରାଜଧାନୀର ବିଭିନ୍ନ ଥାନା ଅଞ୍ଚଳରେ ମୋବାଇଲ ଓ ସୁନା ଚେନ୍ ଲୁଟ୍‌ପାଟ୍ କରି ଆତଙ୍କ ଖେଳାଉଥିବା ଜଣେ ପେଷାଦାର ଲୁଟେରାଙ୍କୁ ବଡ଼ଗଡ଼ ଥାନା ପୋଲିସ ଗିରଫ କରିଛି। ସେ ହେଲେ ଖଣ୍ଡଗିରି ଥାନା ଅନ୍ତର୍ଗତ ବରମୁଣ୍ଡାରେ ରହୁଥିବା ନୟାଗଡ଼ ଜିଲା ଟାଉନ ଥାନା ଅଞ୍ଚଳର ରଞ୍ଜନ ପ୍ରଧାନ। ଏଥିସହ ରଞ୍ଜନଙ୍କ ବୟାନ ଆଧାରରେ ତାଙ୍କଠାରୁ ଲୁଟ୍ ତଥା ଚୋରି ମୋବାଇଲ ଓ ସୁନା ଚେନ୍ କିଣୁଥିବା ୨ ଅଭିଯୁକ୍ତ ମଧ୍ୟ ଗିରଫ ହୋଇଛନ୍ତି। ମୋବାଇଲ କିଣୁଥିବା ଆଲୋକ ନାୟକଙ୍କୁ କ୍ୟାପିଟାଲ ଥାନା ଓ ସୁନା ଚେନ୍ କିଣୁଥିବା ଚନ୍ଦନ ମହାରଣାଙ୍କୁ ଖାରବେଳନଗର ଥାନା ପୋଲିସ ଗିରଫ କରିଛି। ଆଲୋକଙ୍କଠାରୁ ୬ଟି ଚୋରା ମୋବାଇଲ, ଚନ୍ଦନଙ୍କଠୁ ୨ଟି ଚେନ ଏବଂ ମୁଖ୍ୟ ଅଭିଯୁକ୍ତ ରଞ୍ଜନଙ୍କ ପାଖରୁ ୨ଟି ସୁନା ଚେନ୍ ଓ ଗୋଟିଏ ବାଇକ ଜବତ ହୋଇଛି। ତିନି ଥାନାରେ ରୁଜୁ ହୋଇଥିବା ୩ଟି ମାମଲାରେ ଅଭିଯୁକ୍ତମାନଙ୍କୁ ରବିବାର କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ଜେଲକୁ ପଠାଇ ଦିଆଯାଇଛି। ତେବେ ରଞ୍ଜନ ଜଣେ ପେଷାଦାର ଲୁଟେରା ହୋଇଥିବାବେଳେ ତାଙ୍କ ନାମରେ ଭୁବନେଶ୍ୱରର ବିଭିନ୍ନ ଥାନାରେ ୩୦ଟି ମାମଲା ରହିଛି। ତେଣୁ ତାଙ୍କ ବିରୋଧରେ ସିଆର୍‌ପିସି-୧୧୦ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କମିଶନରେଟ ପୋଲିସ ପକ୍ଷରୁ କୁହାଯାଇଛି।


ରଞ୍ଜନ ପ୍ରଧାନ

ସୂଚନା ଅନୁଯାୟୀ, ରଞ୍ଜନ ବିଶେଷକରି କ୍ୟାପିଟାଲ, ଏୟାରଫିଲ୍ଡ, ଏୟାରପୋର୍ଟ, ଖାରବେଳନଗର ଓ ବଡ଼ଗଡ଼ ଥାନା ଅଞ୍ଚଳରେ ଲୁଟ୍‌ପାଟ୍ କରୁଥିଲେ। ଏପରିକି ଏହି ମାମଲାରେ ସେ ଏକାଧିକଥର ଜେଲ୍ ଯାଇଛନ୍ତି। ଏକ ମାମଲାରେ ସେ ୨ ସପ୍ତାହ ତଳେ ଜେଲ୍‌ରୁ ଆସିବା ପରେ ପୁଣି ଲୁଟ୍‌ପାଟ୍ ଜାରି ରଖିଥିଲେ। ଶୁକ୍ରବାର ମୋନାଲିସା ମହାନ୍ତିଙ୍କୁ ରଞ୍ଜନ ଓ ତାଙ୍କ ସହଯୋଗୀ କାଳିଆ ନାୟକ ଟାର୍ଗେଟ କରିଥିଲେ। ମୋନାଲିସା ତାଙ୍କ ପୁଅକୁ ସ୍କୁଟିରେ ବସାଇ ବିଜେବି କଲେଜରେ ପଢୁଥିବା ତାଙ୍କୁ ଝିଅଙ୍କୁ ଆଣିବାକୁ ଯାଇଥିଲେ। ଦିନ ପ୍ରାୟ ୧ଟାବେଳେ ବଡ଼ଗଡ଼ ଥାନା ଅନ୍ତର୍ଗତ ତାରା ପଟ୍ଟନାୟକ ଗଳି ଦେଇ ଘରକୁ ଫେରୁଥିଲେ। ପଛରେ ତାଙ୍କ ଝିଅ ମଧ୍ୟ ଅନ୍ୟଏକ ସ୍କୁଟିରେ ଆସୁଥିଲେ। ଏହି ସମୟରେ ପିଛା କରୁଥିବା ଅଭିଯୁକ୍ତଦ୍ୱୟ ମୋନାଲିସାଙ୍କ ବେକରୁ ସୁନା ଚେନ୍ ଝାମ୍ପି ନେଇ ଫେରାର ହୋଇଯାଇଥିଲେ। ଫଳରେ ସ୍କୁଟିରୁ ପଡ଼ି ମୋନାଲିସା ଓ ତାଙ୍କ ପୁଅ ଗୁରୁତର ଆହତ ହୋଇଥିଲେ। ଏନେଇ ମହିଳାଙ୍କ ସ୍ୱାମୀ ମନୋଜ କୁମାର ପାତ୍ର ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା (ନଂ.୧୯୯/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଶନିବାର ରଞ୍ଜନ ଧରାପଡ଼ିବା ପରେ ସେ ଆଲୋକଙ୍କୁ ମୋବାଇଲ ଓ ଚନ୍ଦନଙ୍କୁ ଚେନ ବିକ୍ରି କରୁଥିଲେ ବୋଲି ସ୍ୱୀକାର କରିଥିଲେ।

# ସ୍କ୍ୱାଡ୍ ଗଠନ ହୋଇଛି, ଚଢ଼ାଉ ନାହିଁ

**କେନ୍ଦ୍ରାପଡ଼ା ଅଫିସ,୨୩।୪**

କେନ୍ଦ୍ର ସରକାରଙ୍କ ଜାତୀୟ ସ୍ୱାସ୍ଥ୍ୟ ପରିବାର ସର୍ବେକ୍ଷଣ ରିପୋର୍ଟକୁ ନେଇ ସାମାଜିକ ଗଣମାଧ୍ୟମରେ ଆଲୋଚନା ଆରମ୍ଭ ହୋଇଛି। ଜାତୀୟ ହାର ତୁଳନାରେ ଓଡ଼ିଶାରେ ମଦ୍ୟପାନ ଓ ତମାଖୁ ସେବନ ବହୁ ଅଧିକ ଥିବାରୁ ବୁଦ୍ଧିଜୀବୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। କେନ୍ଦ୍ରାପଡ଼ା ଜିଲାରେ ଏସବୁର ଅହେତୁକ ବୃଦ୍ଧି ପରିବାରରେ ସମସ୍ୟା ସୃଷ୍ଟି କରୁଛି। ଜିଲାର ବିଭିନ୍ନ ସ୍ଥାନରେ କଟକଣାରେ ଥିବା ତମାଖୁ ଯୁକ୍ତ ଗୁଟ୍‌ଖା ଖୋଲାଖୋଲି ବିକ୍ରି ହେଉଛି। ଏହାକୁ ଦେଖି ଲୋକେ ନକଲି ଗୁଟ୍‌ଖା କମ୍ପାନୀ ଖୋଲିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ଏ ନେଇ କୌଣସି ତଦାରଖ ହେଉ ନ ଥିବାରୁ ମୁଖଗହ୍ୱର ରୋଗ ବଢ଼ିବା ସହିତ ନାବାଳିକା, ନାବାଳକ ବ୍ୟବହାରୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି।

ଏ ସମ୍ପର୍କରେ ସାମାଜିକ କର୍ମୀ ନିହାର ରଞ୍ଜନ ପ୍ରଧାନ କହିଛନ୍ତି, ଜିଲାରେ ନକଲି ଜର୍ଦ୍ଦାର ପ୍ରଚାର ପ୍ରସାର ବଢ଼ି ଚାଲିଛି। ମହାକାଳପଡ଼ା ବ୍ଲକ ରାଜଗଡ଼ ଗ୍ରାମରେ ରାଜା ମଲ୍ଲିକ ଓ ସଞ୍ଜୟ ମଲ୍ଲିକ ନକଲି ଜର୍ଦ୍ଦା ତିଆରି ଅଭିଯୋଗରେ ୨୦୧୯ ଜାନୁୟାରୀରେ ଗିରଫ ହୋଇଥିଲେ। ସେମାନଙ୍କ ନିକଟରୁ ପୋଲିସ ଗୁଟ୍‌ଖା ତିଆରିରେ ବ୍ୟବହୃତ ବହୁ ମାରାତ୍ମକ ରାସାୟନିକ ଦ୍ରବ୍ୟ ସହିତ ବିଭିନ୍ନ କମ୍ପାନୀର ଲୋଗୋ ଥିବା ଖୋଳ ଜବତ କରିଥିଲେ। ସେହିପରି ଡେରାବିଶ ପୋଲିସ ଗତ ୩ ବର୍ଷ ପୂର୍ବେ ବିଭିନ୍ନ କମ୍ପାନୀର ଜର୍ଦ୍ଦା ନିଆଯାଉଥିବା ଏକ ଟାଟା ମ୍ୟାଜିକକୁ ଜବତ କରିଥିଲା। ତେବେ ଦୁଇଦିନ ପରେ ସେହି ଗାଡ଼ି ଥାନାରୁ ଉଭାନ ହୋଇଥିବା ବେଳେ ମାମଲାକୁ ନେଇ ସ୍ଥାନୀୟ ଲୋକ ସନ୍ଦିହାନ ଅଛନ୍ତି। ସଦରଥାନା ଅନ୍ତର୍ଗତ ଦୁହୁରିଆଠାରେ ଏକ ଜର୍ଦ୍ଦା ଗୋଦାମ ଚଢ଼ାଉ ପରେ ଜିଲା ଜନସ୍ୱାସ୍ଥ୍ୟ ବିଭାଗ ନିଷ୍କ୍ରିୟ ହୋଇପଡିଛି। ତଦାରଖ ନ ଥିବାରୁ ଏହି ବେପାର ବଢ଼ି ଚାଲିଥିବା ସେ ପ୍ରକାଶ କରିଛନ୍ତି। ବୁଦ୍ଧିଜୀବୀ ରାଧାକାନ୍ତ ମହାନ୍ତି କହିଛନ୍ତି, ଗୁଟ୍‌ଖା, ମଦ ଆଦି ଦ୍ରବ୍ୟ କେନ୍ଦ୍ରାପଡ଼ା ଜିଲାରେ ବେଧଡ଼କ



**ବଢୁଛି ବେଆଇନ ଗୁଟ୍‌ଖା କାରବାର**

■ ସ୍କୁଲ,କଲେଜ ନିକଟ ଦୋକାନରେ ଚାଲିଛି ଅବାଧ କାରବାର

■ ଲକ୍ଷଣ ଦେଖାଗଲେ ଡାକ୍ତରଙ୍କ ସହ ପରାମର୍ଶ ଜରୁରୀ

ବିକ୍ରି ଚାଲିଛି। ସ୍କୁଲ କଲେଜ, ମନ୍ଦିର ଆଦି ନିକଟରେ ଏହାର ଦୋକାନ ଖୋଲା ହୋଇଛି। ଏହାର ବହୁଳ ପ୍ରଚାର ପ୍ରସାର ଯୋଗୁ ନାବାଳିକା ନାବାଳକ ଆକର୍ଷିତ ହେଉଛନ୍ତି। ଜିଲାରେ ଏହି କାରବାରକୁ ରୋକିବା ପାଇଁ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଏକ ଟିମ୍ ଗଠନ କରାଯାଇଛି। ଏଥିରେ ଫୁଡ୍ ଇନ୍ସପେକ୍ଟର, ଅବକାରୀ ବିଭାଗ ଓ ପୋଲିସ ପ୍ରଶାସନ ସଦସ୍ୟ ତଥା କର୍ମକର୍ତ୍ତା ଅଛନ୍ତି। ତେବେ ଧରପଗଡ଼ ହେଉ ନ ଥିବା ସେ ଅଭିଯୋଗ କରିଛନ୍ତି। ସାମାଜିକ କର୍ମୀ ବାନାମ୍ବର ସାହୁ କହିଛନ୍ତି, ଭାରତରେ ମଦ୍ୟପାନ ହାର ୧୮.୮ ପ୍ରତିଶତ ଥିବା ବେଳେ ଓଡ଼ିଶାରେ ଏହାର ହାର ୨୮.୮ ପ୍ରତିଶତ ରହିଥିବା ସର୍ବେକ୍ଷଣ ରିପୋର୍ଟରେ ଦର୍ଶାଯାଇଛି। ସେହିପରି ତମାଖୁ ସେବନରେ ମଧ୍ୟ ଓଡ଼ିଶା ଆଗରେ ଅଛି। ଦେଶରେ ୩୮ ପ୍ରତିଶତ ପୁରୁଷ ତମାଖୁ ସେବନ କରୁଥିବା ବେଳେ ଓଡ଼ିଶାରେ ୫୧.୬ ପ୍ରତିଶତ ଓ ମହିଳାଙ୍କ କ୍ଷେତ୍ରରେ ଦେଶରେ ୮.୯ ପ୍ରତିଶତ ଥିବା ବେଳେ ଓଡ଼ିଶାରେ ୨୬ ପ୍ରତିଶତ ତମାଖୁ ସେବନ କରୁଛନ୍ତି। ତମାଖୁ ସେବନ ଓ ନକଲି ତମାଖୁର ପ୍ରସାରଣକୁ ରୋକିବା ପାଇଁ ଜନସଚେତନତା, ମେ' ୩୧କୁ ତମାଖୁ ବର୍ଜନ ଦିବସ ସହିତ କୋଟପା ଆଇନ ୨୦୦୩, ଏଫ୍‌ଏସ୍‌ଏସ୍‌ଆଇ ଆଇନ ୨୦୦୬ ପ୍ରଣୟନ ହୋଇଛି। ଏଥିସହିତ ଗୁଟ୍‌ଖା ବ୍ୟବସାୟକୁ ବେଆଇନ ଘୋଷଣା କରାଯାଇଛି। ଏହାସତ୍ତ୍ୱେ ବ୍ୟବସାୟ ବୃଦ୍ଧି ଜନଜୀବନ ଉପରେ ପ୍ରଭାବ ପକାଇଛି। ଡା. ବୀରେନ୍ଦ୍ର କୁମାର ଦାଶ କହିଛନ୍ତି, ଏବେ ମୁଖଗହ୍ୱର କର୍କଟ ରୋଗ ବଢ଼ିବାରେ ଲାଗିଛି। ଗୁଟ୍‌ଖାର ବହୁଳ ବ୍ୟବହାର ରୋକା ନ ଗଲେ ଏହି ରୋଗ ଅଧିକ ହେବ। ମୁହଁ ଘାଆ ଶୀଘ୍ର ନ ଶୁଖିବା, ମୁଖ ମଧ୍ୟରେ ଧଳା ଆସ୍ତରଣ ସୃଷ୍ଟି ହେବା, ଦାନ୍ତ ଭାଙ୍ଗିବା, ମୁଖ ଖୋଲିବା ସମୟରେ କଠିନ ଲାଗିବା, ମୁହଁ, କାନରେ ବିନ୍ଧା ହେବା, ଖାଇବା ସମୟରେ ଗଳାରେ କଷ୍ଟ ଅନୁଭବ କରିବା ଆଦି ଲକ୍ଷଣରେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ। ଉପଜିଲାପାଳ ନିରଞ୍ଜନ ବେହେରା କହିଛନ୍ତି, ବ୍ୟାନ୍ ହୋଇଥିବା ଗୁଟ୍‌ଖା ଓ ନକଲି ଜର୍ଦ୍ଦା ବ୍ୟବସାୟ ପ୍ରତିଷ୍ଠାନ ଉପରେ ଚଢ଼ାଉ ହୋଇଛି। ତମାଖୁ ସେବନକୁ ରୋକିବା ପାଇଁ ଜନସଚେତନତା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି।

## ପ୍ରେମ, ପ୍ରତାରଣାରୁ ଯୁବକଙ୍କ ଆତ୍ମହତ୍ୟା ଅଭିଯୋଗ



ବିରିଜଙ୍ଗା ଗ୍ରାମବାସୀ ଥାନା ଘେରାଉ କରିଛନ୍ତି।

**ନ୍ୟାୟ ଦାବିରେ ଥାନା ଘେରାଉ କଲେ ଗ୍ରାମବାସୀ**

**ଚଣ୍ଡିଖୋଲ/ଛତିଆ, ୨୩।୪(ଡି.ଏନ.ଏ.):**

ପ୍ରେମ, ପ୍ରତାରଣାରୁ ଯାଜପୁର ଜିଲା ବୈରୀ ଥାନା ଅଧୀନ କାଇମାଟିଆ ପଞ୍ଚାୟତ ବିରିଜଙ୍ଗା ଗ୍ରାମର ଜଣେ ଯୁବକଙ୍କ ଆତ୍ମହତ୍ୟାକୁ ନେଇ ରବିବାର ଥାନା ଘେରାଉ କରିଛନ୍ତି ଗ୍ରାମବାସୀ। ସେମାନେ ଥାନା ନିକଟରେ ମୃତଦେହ ରଖି ପ୍ରାୟ ୨ ଘଣ୍ଟା ଘେରାଉ କରିବା ସହିତ ମୃତକଙ୍କ ପରିବାରକୁ ନ୍ୟାୟ ପ୍ରଦାନ ପାଇଁ ଦାବି କରିଥିଲେ। ଥାନା ଅଧିକାରୀ ପ୍ରଦୀପ କୁମାର କାନୁନଗୋ ଏଦିଗରେ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ଗ୍ରାମବାସୀଙ୍କ ଅଭିଯୋଗ, ଅନୁଯାୟୀ ବିରିଜଙ୍ଗା ଗ୍ରାମର କୈଳାସ ଲେଙ୍କାଙ୍କ ପୁଅ ପ୍ରଭାତ କୁମାର ଲେଙ୍କା(୨୬) ବୈରୀ ଗ୍ରାମର ଜଣେ ଯୁବତୀଙ୍କୁ ୪ ବର୍ଷ ହେବ ଭଲ ପାଉଥିଲେ। ସମ୍ପୃକ୍ତ ଯୁବତୀ ଓ ତାଙ୍କ ପରିବାର ପ୍ରଭାତଙ୍କ ନିକଟରୁ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ସହ ସୁନା ଗହଣା ନେଇଛନ୍ତି। ଏପରି କି ଯୁବତୀଙ୍କ ବାପା ପ୍ରଭାତଙ୍କୁ ଡାକି ମଝିରେମଝିରେ ଗାଳି ଗୁଲଜ କରନ୍ତି ଏବଂ ଅଧିକ ଟଙ୍କା ଓ ସୁନା ଆଣିବାକୁ ଚାପ ପ୍ରୟୋଗ କରନ୍ତି। ଏନେଇ ଗତ ୬ ତାରିଖରେ ବୈରୀ ଥାନାରେ ଅଭିଯୋଗ ହୋଇଥିଲା। ପରେ କେତେଜଣ ଭଦ୍ରଲୋକଙ୍କ ମାଧ୍ୟମରେ ଘଟଣାର ସମାଧାନ ହୋଇଥିଲା। ସମାଧାନ ପରେ ବି ଯୁବତୀଙ୍କ ବାପା ପ୍ରଭାତଙ୍କୁ ଡାକି ମାନସିକ ଓ ଶାରୀରିକ ଯନ୍ତ୍ରଣା ଦେଉଥିଲେ। ଯେଉଁଥି ପାଇଁ ପ୍ରଭାତ ଶନିବାର ସକାଳେ ଘରେ ବେକରେ ରଶି ଲଗାଇ ଦେଇଥିଲେ। ତାଙ୍କୁ ପ୍ରଥମେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇ ଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ରବିବାର ମୃତଦେହ ବ୍ୟବଚ୍ଛେଦ ପରେ ତାହାକୁ ଗ୍ରାମବାସୀ ଆମ୍ବୁଲାନ୍ସ ଯୋଗେ ଆଣି ଥାନା ଘେରାଉ କରିଥିଲେ। ପ୍ରଭାତଙ୍କ ବଡ଼ ବାପା ସୁବାସ ଚନ୍ଦ୍ର ଲେଙ୍କାଙ୍କ ଅଭିଯୋଗକ୍ରମେ ନଂ.୭୩/୨୩ରେ ଥାନାରେ ଏକ ମାମଲା ରୁଜୁ ହୋଇଛି। ଅନ୍ୟପକ୍ଷରେ ଅଭିଯୋଗକୁ ଆଧାର କରି ତଦନ୍ତ ଆରମ୍ଭ ହୋଇଛି। ଏ ଘଟଣାରେ ଯିଏ ଦୋଷୀ ହୋଇଥିବେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ପ୍ରତିଶ୍ରୁତି ଦେଇଛନ୍ତି।

## ୨ ଗାଁ ମଧ୍ୟରେ ଗୋଷ୍ଠୀ ସଂଘର୍ଷ, ୧୩ ଆହତ

**ରାଜନଗର, ୨୩।୪ (ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ରାଜନଗର ଥାନା ଅନ୍ତର୍ଗତ ମହିଁଷାପୁର ପଞ୍ଚାୟତ ଅନ୍ତର୍ଗତ ୨ ଗାଁର ଯୁବକଙ୍କ ମଧ୍ୟରେ ପାଟିତୁଣ୍ଡକୁ ନେଇ ରବିବାର ଗୋଷ୍ଠୀ ସଂଘର୍ଷ ଘଟିଛି। ଏଥିରେ ୨ ଗାଁର ୧୩ଜଣ ଆହତ ହୋଇଛନ୍ତି। ୧୩ଜଣଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ମହିଁଷାସୁର ପଞ୍ଚାୟତ ତରପଦା ଗାଁରେ ହନୁମାନ ଯଜ୍ଞ ଚାଲିଛି। ପଡ଼ୋଶୀ ଗାଁ ଧନେଶ୍ୱରପୁର ଗ୍ରାମବାସୀଙ୍କୁ ତରପଦା ଗାଁ ତରଫରୁ ଯଜ୍ଞରେ ଯୋଗ ଦେବାକୁ ଓ ପ୍ରସାଦସେବନ କରିବାକୁ ନିମନ୍ତ୍ରଣ କରାଯାଇଥିଲା। ଶନିବାର ରାତିରେ ଧନେଶ୍ୱରପୁର ଗାଁର ଯୁବକମାନେ ଯଜ୍ଞସ୍ଥଳକୁ ଯାଇଥିଲେ। ତରପଦାରେ ୨ ଗାଁର ଯୁବକଙ୍କ ମଧ୍ୟରେ ଖାଇବାକୁ ନେଇ ପାଟିତୁଣ୍ଡ ହୋଇଥିଲା। ରବିବାର ତରପଦା ଗାଁର ୪ଜଣ ଯୁବକ ଧନେଶ୍ୱରପୁରରେ ପହଞ୍ଚି ମଧ୍ୟାହ୍ନରେ ଯଜ୍ଞସ୍ଥଳରେ ପ୍ରସାଦସେବନ କରିବାକୁ ନିମନ୍ତ୍ରଣ କରୁଥିଲେ। ଇତିମଧ୍ୟରେ ଶନିବାର ପାଟିତୁଣ୍ଡ କରି ଫେରିଥିବା ଯୁବକମାନେ ତରପଦାରୁ ଆସିଥିବା ଯୁବକଙ୍କୁ ମାଡ଼ ମାରିଥିଲେ। ମାଡ଼ଖାଇ ୪ଜଣ ଯୁବକ ଗାଁର ଯଜ୍ଞସ୍ଥଳରେ ପହଞ୍ଚି ଏକଥା ଜଣାଇଥିଲେ। ଯଜ୍ଞସ୍ଥଳରେ ଥିବା ତରପଦା ଗାଁର ମହିଳାପୁରୁଷ ପିଲାଙ୍କୁ ମାଡ଼ ମରାଯାଇଥିବା ଜାଣି ଏକଜୁଟ ହୋଇ ୨୦୦ରୁ ଅଧିକ ଲୋକେ ଧନେଶ୍ୱରପୁର ଗାଁରେ ପହଞ୍ଚିଥିଲେ। କେହି କିଛି ବୁଝିବା ପୂର୍ବରୁ ଧନେଶ୍ୱରପୁର ଗାଁରେ ତରପଦାର ୨୦୦ରୁ ଅଧିକ ମହିଳାପୁରୁଷ ହାତରେ ଠେଙ୍ଗାବାଡି ଧରି ଗାଁକୁ ଘେରି ଯାଇଥିଲେ। ଉଭୟଙ୍କ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ହୋଇଥିଲା। ତରପଦା ଗାଁର ଲୋକେ ଧନେଶ୍ୱରପୁରର ଲୋକଙ୍କୁ ଠେଙ୍ଗାବାଡିରେ ଆକ୍ରମଣ କରିଥିଲେ। ଧନେଶ୍ୱରପୁର ଗାଁର ଲୋକେ ଛାତ ଉପରୁ ତରପଦାରୁ ଆସୁଥିବା ଲୋକଙ୍କୁ ପଥର ମାଡ଼ କରିଥିବା ଜଣାପଡିଛି। ଏହି ଗୋଷ୍ଠୀ ସଂଘର୍ଷରେ ଧନେଶ୍ୱରପୁର ଗାଁର ରାନୁ ସାମଲ, ସୀମାରାଣୀ ସାମଲ, ଗୀତାଞ୍ଜଳି ସାମଲ, ବିଳାସିନୀ ସାମଲ, ଅମୂଲ୍ୟ କୁମାର ସାମଲ ପ୍ରମୁଖ ଆହତ ହୋଇଛନ୍ତି। ତରପଦା ଗାଁର ତପନ ରାଉତ, ବିକ୍ରମ ରାଉତ, ଜେମାମଣି ରାଉତ, ରାଜେନ୍ଦ୍ର ରାଉତ, ସଂଗ୍ରାମ ରାଉତ, ବିଦ୍ୟୁଲତା ରାଉତ, ରାମଚନ୍ଦ୍ର ଓଝା, ଗୌତମ ରାଉତ ପ୍ରମୁଖ ଆହତ ହୋଇଛନ୍ତି। ସଂଗ୍ରାମ ରାଉତଙ୍କ ମୁଣ୍ଡରେ ପଛପଟେ କେହି ଠେଙ୍ଗାରେ ମାଡ଼ ମାରିଥିବାରୁ ତାଙ୍କ ଅବସ୍ଥା ଗୁରୁତର ରହିଛି। ସଂଗ୍ରାମଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟ ୧୨ଜଣ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେବା ପରେ ଘରକୁ ଫେରିଛନ୍ତି। ଏହି ବିବାଦକୁ ନେଇ ଦୁଇ ଗାଁ ମଧ୍ୟରେ ଉତ୍ତେଜନାମୂଳକ ପରିସ୍ଥିତି ଲାଗି ରହିଛି।



ଧନେଶ୍ୱରପୁର ଗାଁକୁ ଆସି ତରପଦା ଗାଁର ଲୋକମାନେ ଗଣ୍ଡଗୋଳ କରୁଛନ୍ତି।

## ଚାକିରି ନାଁରେ ଯୁବତୀଙ୍କଠାରୁ ୨.୭୧ ଲକ୍ଷ ଠକେଇ, ଯୁବକ ଗିରଫ

**ଧର୍ମଶାଳା,୨୩।୪(ଡି.ଏନ.ଏ.):**

ଯାଜପୁର ଜିଲା ଜେନାପୁର ଥାନା ଅନ୍ତର୍ଗତ ମୁରାରୀପୁର ଗ୍ରାମର ଜଣେ ଯୁବତୀଙ୍କୁ ଚାକିରି କରାଇଦେବାକୁ କହି ଜଣେ ଯୁବକ ୨ ଲକ୍ଷ ୭୧ ହଜାର ଟଙ୍କା ଟଙ୍କା ଠକି ନେଇଛନ୍ତି। ଏନେଇ ଯୁବତୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଗିରଫ ଯୁବକ ହେଲେ ବୈରୀ ଥାନା ଅନ୍ତର୍ଗତ ସପନପୁର ଗ୍ରାମର ବିନୋଦ ଚନ୍ଦ୍ର ବେହେରା (୨୭)। ବିନୋଦ ମୁରାରୀପୁର ଗ୍ରାମର ଜଣେ ଯୁବତୀଙ୍କ ସହିତ ମୋବାଇଲ ଫୋନ ଯୋଗେ ସମ୍ପର୍କ ରଖିବା ସହ ନିଜକୁ ଜଣେ ବଡ଼ ଅଫିସରର ପରିଚୟ ଦେଇଥିଲେ। ପରେ ଯୁବତୀଙ୍କୁ ଚାକିରି କରାଇ ଦେବା ଲାଗି କହି ତାଙ୍କଠାରୁ ଟଙ୍କା ନେଇ ଯାଇଥିଲେ। ହେଲେ ଚାକିରି ନ ହେବାରୁ ଯୁବତୀ ଜଣକ ତାଙ୍କୁ ଫୋନ କରି ପଚାରିଥିଲେ। ବିନୋଦ ତାଙ୍କ କଥାକୁ ଟାଳିଥିଲେ। ପରେ ସେ ମୋବାଇଲ ଫୋନ୍ ସୁଇଚ୍ ଅଫ କରି ଦେଇଥିଲେ। ଏନେଇ ଯୁବତୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ.୯୦।୨୩ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଶନିବାର ରାତିରେ ବିନୋଦଙ୍କୁ ତାଙ୍କ ଘରୁ ପୋଲିସ କାବୁ କରିଥିଲା। ତାଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

metroselfie@gmail.com



@ ଚନ୍ଦନ



@ ନମିତା



@ ସନ୍ଧ୍ୟାରାଣୀ



@ ସୁବ୍ରତ



@ ସୂର୍ଯ୍ୟକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଗମ୍ଭୁ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଘାଟିତ

**ବରୀ,୨୩।୪(ଡି.ଏନ୍.ଏ.):**

ଶିକ୍ଷା ଗ୍ରହଣ କରି ଉଚ୍ଚ ପଦପଦବୀରେ ଅବସ୍ଥାପିତ ହେବା ବଡ଼ କଥା ନୁହେଁ। ଶିକ୍ଷା ଗ୍ରହଣ ପରେ ବଡ଼ ମଣିଷ ଅପେକ୍ଷା ଜଣେ ଭଲ ମଣିଷ ହୋଇ ସମାଜସେବାରେ ଯଦି ଜଣେ ଛାତ୍ରୀଛାତ୍ର ନିୟୋଜିତ ହୋଇ ଅଞ୍ଚଳକୁ ଗୌରାବାନ୍ୱିତ କରିପାରିବେ ତା' ହେଲେ ବରୀ ମାଟି ପାଇଁ ଗର୍ବ ଓ ଗୌରବର ବିଷୟ ହେବ। ବରୀ ବ୍ଲକ୍ ଅଧୀନ ଗମ୍ଭୁ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଘାଟନୀ ଉତ୍ସବରେ ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ମତ ରଖିଛନ୍ତି। ସମ୍ମାନିତ ଅତିଥି ଭାବେ ବରୀ ବିଧାୟିକା ସୁନନ୍ଦା ଦାସ ଯୋଗ ଦେଇଥିଲେ। ଏହି ଅବସରରେ ସେ କହିଥିଲେ, ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀର ପ୍ରଥମ ଦିନରେ ମୋତେ ନିମନ୍ତ୍ରଣ କରାଯାଇଥିବାରୁ ମୁଁ ଅତ୍ୟନ୍ତ ଗର୍ବିତ। ଏଥିସହିତ ସୁବର୍ଣ୍ଣ ଜୟନ୍ତୀ ଆୟୋଜନ କରିଥିବା ଉକ୍ତ ବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ର, ଗମ୍ଭୁ ଗ୍ରାମର ଶିକ୍ଷାବିତ୍, ଅଭିଭାବକ ଏବଂ ଗ୍ରାମର ସମସ୍ତ ଜନସାଧାରଣଙ୍କୁ ସେ କୃତଜ୍ଞତା ଜ୍ଞାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଶିକ୍ଷାଧିକାରୀ ରଞ୍ଜନ କୁମାର ଗିରି, ବ୍ଲକ୍ ଅଧ୍ୟକ୍ଷ ଅଶୋକ କୁମାର ଗେଡ଼ି, ଉପାଧ୍ୟକ୍ଷା ଅର୍ଚ୍ଚନା ମଲ୍ଲିକ୍, ବ୍ଲକ୍ ଶିକ୍ଷାଧିକାରୀ ଗୁରୁଚରଣ ଷଡ଼ଙ୍ଗୀ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ମୁଖ୍ୟଅତିଥି, ସମ୍ମାନିତ ଅତିଥି ଓ ଅନ୍ୟ ଅତିଥିଙ୍କୁ ସମିତିସଭ୍ୟା ତୃପ୍ତୀମୟୀ ଦାଶଙ୍କ ସମେତ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ର, ପୂର୍ବତନ ଶିକ୍ଷୟିତ୍ରୀଶିକ୍ଷକ ଓ ଅଭିଭାବକ ମଞ୍ଚକୁ ପାଛୋଟି ନେଇଥିଲେ।




ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

## 'କେନ୍ଦ୍ର ସରକାରଙ୍କ କୃଷକ କଲ୍ୟାଣ ଯୋଜନାର ଫାଇଦା ନିଅନ୍ତୁ'

**ପଟ୍ଟାମୁଣ୍ଡାଇରେ ଅଖିମୁଠି ଅନୁକୂଳ କଲେ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ**

**ପଟ୍ଟାମୁଣ୍ଡାଇ, ୨୩।୪ (ସ୍ୱ.ପ୍ର.)**

କେନ୍ଦ୍ର ସରକାରଙ୍କ ବିଭିନ୍ନ କୃଷକ କଲ୍ୟାଣ ଯୋଜନାର ଭରପୂର ଫାଇଦା ନେବାକୁ କେନ୍ଦ୍ର ଜଳଶକ୍ତି ଓ ଜନଜାତି କଲ୍ୟାଣ ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ କେନ୍ଦ୍ରାପଡ଼ା ଜିଲା ଗସ୍ତରେ ଆସି ରବିବାର ପଟ୍ଟାମୁଣ୍ଡାଇଠାରେ ଅକ୍ଷୟତୃତୀୟାରେ ଅଖିମୁଠି ଅନୁକୂଳ କରିଛନ୍ତି। ବାଲିପଡ଼ାଠାରେ ଆୟୋଜିତ ଜନସମାବେଶ ସଭାରେ ଯୋଗଦେଇ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି।

ରାଜନଗର ନିର୍ବାଚନମଣ୍ଡଳୀ ଭାଜପା ପ୍ରଭାରୀ ସୁନାକାର ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଟୁଡୁ କେନ୍ଦ୍ର ସରକାରଙ୍କ କୃଷକ ସମ୍ମାନ ନିଧି ଯୋଜନା, କେନ୍ଦ୍ର ସିଞ୍ଚାଇ ଯୋଜନା, ପ୍ରଧାନମନ୍ତ୍ରୀ କୃଷି ବୀମା ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। କେନ୍ଦ୍ର ସରକାରଙ୍କ ବିଭିନ୍ନ କୃଷକ କଲ୍ୟାଣ ଯୋଜନାର ଭରପୂର ଫାଇଦା ନେବାକୁ ଆହ୍ୱାନ ଦେବା ସହିତ ଜନସାଧାରଣଙ୍କ ସମସ୍ତ ମୌଳିକ ସମସ୍ୟା ସମାଧାନ ପାଇଁ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ପ୍ରାକ୍ତନ ସଭାପତି ମହେଶ୍ୱର ସାହୁ, ଜିଲା ଭାଜପା ସଭାପତି କିଶୋର ପଣ୍ଡା, ରାଜ୍ୟ ଭାଜପା ପ୍ରାକ୍ତନ କାର୍ଯ୍ୟକାରିଣୀ ସଦସ୍ୟ ରଶ୍ମିରଞ୍ଜନ ପ୍ରଧାନ, କେନ୍ଦ୍ରାପଡ଼ା ବିଧାନସଭା କ୍ଷେତ୍ର ଭାଜପା ନେତା ସୁନାକାର ବେହେରା, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରିୟଦର୍ଶିନୀ ନନ୍ଦ, ଜିଲା ଭାଜପା ଉପସଭାପତି ଆଇନଜୀବୀ ସଞ୍ଜୟ ସାହୁ ଓ ବରିଷ୍ଠ ନେତା କୃଷ୍ଣଚନ୍ଦ୍ର ପଣ୍ଡା, ନାରୀନେତ୍ରୀ କଳ୍ପନା ମଲିକ, ରାଜ୍ୟ ଭାଜପା ସମ୍ପାଦକ ଦୁର୍ଗା ପ୍ରସନ୍ନ ନାୟକ, ସମୀର ପାତ୍ର, ଅଜୟ ବେହେରା, ପଟ୍ଟାମୁଣ୍ଡାଇ ନଗର ଭାଜପା ସଙ୍ଗଠକ ଶଶିକାନ୍ତ ସ୍ୱାଇଁ, ଲଳିତ ବେହେରା, ପଟ୍ଟାମୁଣ୍ଡାଇ ଭାଜପା ନଗର ପ୍ରଭାରୀ ସୁଶୀଳ ପରିଡ଼ା, ଓବିସି ମୋର୍ଚ୍ଚା ନେତା ନୃସିଂହ ସାହୁ ପ୍ରମୁଖ ଯୋଗଦେଇଥିଲେ। ସେମାନେ କେନ୍ଦ୍ର ସରକାରଙ୍କ ସଫଳତା ଓ ରାଜ୍ୟ ସରକାରଙ୍କ ବିଫଳତା ଉପରେ ଆଲୋକପାତ କରିଥିଲେ। କାଉନ୍‌ସିଲର ବିଦ୍ୟାଧର ସେଠୀ ଓ ମଳୟ ଓଝା ପ୍ରମୁଖ କୃଷକମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। କେନ୍ଦ୍ରମନ୍ତ୍ରୀ ଟୁଡୁ ପଟ୍ଟାମୁଣ୍ଡାଇରେ ପହଞ୍ଚିବା ପରେ ତାଙ୍କୁ ଶୋଭାଯାତ୍ରାରେ ଅଖିମୁଠି ଅନୁକୂଳ ସ୍ଥଳକୁ ନିଆଯାଇଥିଲା। ପରେ ମନ୍ତ୍ରୀ କଷଣଅଣ୍ଟାଠାରେ ପୋତି ହୋଇପଡ଼ିଥିବା ବାଛରା ଖରିନାସୀ ବୁଲି ଦେଖିବା ସହ ଏହାର ପୁନଃ ନିର୍ମାଣ ଦିଗରେ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତ ଯୋଗୁ ରାଜନୈତିକ ବାତାବରଣ ସରଗରମ ହୋଇ ପଡ଼ିଥିଲା।



ପଟ୍ଟାମୁଣ୍ଡାଇଠାରେ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଅଖିମୁଠି ଅନୁକୂଳ ପରେ ଅକ୍ଷୟ ତୃତୀୟା ଅବସରରେ ଜମିରେ ହଳ ବୁଲାଉଛନ୍ତି।

# ନମ୍ବର ନୁହେଁ ପ୍ରବେଶିକା ପରୀକ୍ଷା ହେବ ବାଧ୍ୟତାମୂଳକ: ଗଣଶିକ୍ଷାମନ୍ତ୍ରୀ


ଏନ୍‌ଏସି ହାଇସ୍କୁଲର ସୁବର୍ଣ୍ଣଜୟନ୍ତୀ ଉତ୍ସବ ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

**ନୟାଗଡ଼ ଅଫିସ,୨୩।୪**

ନୟାଗଡ଼ ସହରର ଏନଏସି ହାଇସ୍କୁଲରେ ଶନିବାର ଆରମ୍ଭ ହୋଇଥିବା ସୁବର୍ଣ୍ଣ ଜୟନ୍ତୀ ସମାରୋହ ରବିବାର ଉଦ୍‌ଯାପିତ ହୋଇ ଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାସ ଯୋଗ ଦେଇ କହିଥିଲେ ନମ୍ବର ନୁହେଁ ପ୍ରବେଶିକା ପରୀକ୍ଷା ହେବ ଆଡ଼ମିଶନର ମାପକାଠି। ଏଣୁ ନମ୍ବର କେଉଁ କାମରେ ଲାଗୁଛି ବୋଲି ପ୍ରଶ୍ନ କରିଥିଲେ। ମାଟ୍ରିକ ପରୀକ୍ଷାର ନମ୍ବର ଯୁକ୍ତ ୨ରେ ଆଡ଼ମିଶିନ୍ ବ୍ୟତୀତ ଅନ୍ୟ କାମରେ ଲାଗୁନି ବୋଲି ବିଭିନ୍ନ ଉଦାହରଣ ଦେଇ ଦର୍ଶାଇଥିଲେ। ପ୍ରବେଶିକା ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ହେବା ପରେ ଏବେ ନିଯୁକ୍ତି ପରି ପାଠପଢ଼ାରେ ସୁଯୋଗ ମିଳିଲାଣି। ଅପେକ୍ଷା କରନ୍ତୁ ଯୁକ୍ତ ୨ରେ ଆଉ ନମ୍ବର ନୁହେଁ ପ୍ରବେଶିକା ପରୀକ୍ଷା ହେବ ମାପକାଠି । ଏଥିପାଇଁ ଶିକ୍ଷା ବିଭାଗରେ ଆଲୋଚନା ହୋଇ ସାରିଲାଣି। ଶିକ୍ଷାପ୍ରତି ଆକୃଷ୍ଟ କରିବାକୁ ବେସରକାରୀ ସ୍କୁଲ ପରି ସରକାରୀ ସ୍କୁଲରେ ଛାତ୍ରୀଛାତ୍ରଙ୍କୁ ଏକ ଡାଏରୀ ପ୍ରଥମ ଥର ପାଇଁ ଦିଆଯାଇଛି। ଏହି ଡାଏରୀରେ ପ୍ରତି ସପ୍ତାହ ଓ ମାସର ପାଠପଢ଼ା ବାବଦରେ ଲେଖାଯିବ। ଡାଏରୀରେ ଅଭିଭାବକଙ୍କ ମତାମତ ଓ ଦସ୍ତଖତ କରିବେ। ସେହିଭଳି ଗ୍ରୀଷ୍ମ ଛୁଟିରେ ପ୍ରତି ଶ୍ରେଣୀର ଛାତ୍ରୀଛାତ୍ର ପାଇଁ ସିଲାବସ୍ ବ୍ୟବସ୍ଥା କରାଯାଇଛି। ଛାତ୍ରୀଛାତ୍ର ସମୟକୁ ଅପଚୟ ନ କରି ଶିକ୍ଷାରେ ମନୋନିବେଶ କରବା ଲକ୍ଷ୍ୟ ରହିଛି। ସେ ପୁଣି କହିଥିଲେ ସବୁ ଅଭିଭାବକ ଚାହୁଁଛନ୍ତି ମୋ ପିଲା ଭଲ ପଢୁ। ଭଲ ମଣିଷ ହେଉ । ଭଲ

**ଏନ୍‌ଏସି ହାଇସ୍କୁଲ ସୁବର୍ଣ୍ଣଜୟନ୍ତୀ ସମାରୋହ ଉଦ୍‌ଯାପିତ**

**■ସରକାରୀ ସ୍କୁଲରେ ଡାଏରୀରେ ରହିବ ଛାତ୍ରୀଛାତ୍ରଙ୍କ ପାଠପଢ଼ା**

ମଣିଷର ସଂଜ୍ଞା କ'ଣ । ଯୌଥ ପରିବାର ହଜିଗଲାଣି । ମୁଁ, ମୋ ସ୍ତ୍ରୀ ଓ ମୋ ପିଲା ଭଲ ତ ସଂସାର ଭଲ ବୋଲି ଭାବୁଛେ । ଆଉ କ'ଣ ଘଟିଲା ନ ଘଟିଲା ବିଚାରକୁ ନେଉନେ। ଏହା ବିପଦକୁ ଡାକି ସମାଜକୁ କଳୁଷିତ କରି ଚାଲିଛେ। ସମାଜରୁ ଯେତିକି ନେଉଛେ ସେତିକି ଫେରାଇ ନ ପାରିବା ତେବେ ଭଲ ମଣିଷ ନୁହେଁ ସ୍ୱାର୍ଥପର କୁହାଯିବ । ପିଲାଙ୍କୁ ପଚାରୁଛେ କେତେ ନମ୍ବର ରଖିଲୁ । ସାଙ୍ଗର ଅଧିକ ନମ୍ବର ରହିଲାବେଳେ ତୋର ନମ୍ବର କାହିଁକି କମୁଛି । ନମ୍ବର କମିବାକୁ ନେଇ ପିଲାଙ୍କୁ ଗାଳିଗୁଲଜ କରାଯାଉଛି । ଏଣୁ ସେ ପିଲା ଉଧେଇବ ନି । ବରଂ ତା'ର ପତନ ଆରମ୍ଭ ହୋଇଯାଏ । ସରକାରୀ ବିଦ୍ୟାଳୟରେ ଭଲ ପାଠ ପଢ଼ା ହେଉନି ଓ ବେସକରାରୀ ବିଦ୍ୟାଳୟରେ ଭଲ ପାଠପଢ଼ା ହେଉଛି ବୋଲି ସବୁଠାରେ ଚର୍ଚ୍ଚା। ତେବେ ସରକାରୀ ବିଦ୍ୟାଳୟରେ ଯେଉଁ ଶିକ୍ଷୟିତ୍ରୀ ଶିକ୍ଷକ ଅଛନ୍ତି ବେସରକାରୀ ସ୍କୁଲର ତାଙ୍କ ଠାରୁ ସବୁ ଗୁଣରେ ଆଗୁଆ। ବେସରକାରୀ ସ୍କୁଲରେ ଦାୟିତ୍ୱ ନିର୍ବାହ ନ କଲେ ଚାକିରିରୁ ବିଦା କରାଯାଏ। ସରକାରୀ ସ୍କୁଲରେ ସେହି ଭୟ ନ ଥାଏ। ଏଭଳି ମାନସିକତା ଆମକୁ ପଛରେ ପକାଇଥିଲା । ଚଳିତ ବର୍ଷ ଏନ୍‌ଏସି ହାଇସ୍କୁଲ ନୟାଗଡ଼ରେ ୧୧ ପ୍ରତିଶତ ଛାତ୍ରୀଛାତ୍ରଙ୍କ ସଂଖ୍ୟା ବୃଦ୍ଧି ହୋଇଛି । ରାଜ୍ୟରେ ୭ ଲକ୍ଷ ଛାତ୍ରୀଛାତ୍ର ବେସରକାରୀ ସ୍କୁଲକୁ ମୁହଁ ମୋଡି ସରକାରୀ ସ୍କୁଲରେ ପଢ଼ିଛନ୍ତି । ସରକାରୀ ଶିକ୍ଷାନୁଷ୍ଠାନ ବିଭିନ୍ନ କାରଣରୁ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇ ପାରିଛି । ଏଥିପାଇ ଶିକ୍ଷୟିତ୍ରୀ ଶିକ୍ଷକ ଶିକ୍ଷା ବିଭାଗ ଅଧିକ ଯତ୍ନବାନ ହୋଇ କାମ କରିବାକୁ ପଡିବ । ଏଭଳିସ୍ଥଳେ ଶିକ୍ଷୟତ୍ରୀମାନଙ୍କର ଉତ୍ତର ଦାୟିତ୍ୱ ବଢ଼ି ଯାଇଛି । ଗତଥର ନୟାଗଡ ଏନଏସି ହାଇସ୍କୁଲରେ ୯୮ ପିଲା ପରୀକ୍ଷା ଦେଇଥିଲେ । କେବଳ ଜଣେ ଏ୧ଗ୍ରେଡ ପାଇଛି । ଏଣୁ ଶିକ୍ଷକଶିକ୍ଷୟିତ୍ରୀ ଶିକ୍ଷକଙ୍କ ପାଠପଢ଼ା ଉପରେ ପ୍ରଶ୍ନ ଉଠିବ। ଅନ୍ୟପକ୍ଷେ ପିଲାମାନଙ୍କୁ ପରାମର୍ଶ ଦେଇ କହିଥିଲେ ଯେଉଁ ପାଠ ପଢ଼ିବାକୁ ଆଗ୍ରହ ଅଛି ସେ ନେଇ ମା'ବାପା ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ କୁହ। ପିଲାଙ୍କ ଆଗ୍ରହକୁ ନେଇ ପାଠ ପଢ଼ାଇବା ଦରକାର। ପିଲା ପାଠପଢିବା ପାଇଁ ସ୍କୁଲର ପରିବେଶ, ଶିକ୍ଷୟିତ୍ରୀ,ଶିକ୍ଷକ, ଅଭିଭାବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଅନ୍ୟପକ୍ଷେ କହିଥିଲେ ନୟାଗଡ଼ ଏନଏସି ହାଇସ୍କୁଲର ପିଲା ସଂଖ୍ୟା ୪୦୦। ଅଭିଭାବକ ସମ୍ମିଳନକୁ ଆସିଥିଲେ ୨୭ ଜଣ। ପିଲା କେମିତି ପଢୁଛନ୍ତି, କ'ଣ କଲେ ଭଲ ପଢ଼ିବ ସେନେଇ ବେସରକାରୀ ସ୍କୁଲରେ ଅଭିଭାବକ ଅପେକ୍ଷା କରି ବସୁଛନ୍ତି । ଟଙ୍କା ଦେଇ ପାଠ ପଢ଼ାଉଥିବାରୁ ଅପେକ୍ଷାର କଷ୍ଟ ହେଉନି । କିନ୍ତୁ ସରକାରୀ ସ୍କୁଲରେ ମାଗଣାରେ ପଠାଉଥିବାରୁ ଅଭିଭାବକ ବୈଠକକୁ ଆସୁ ନାହାନ୍ତି । ସବୁ ଦୋଷ ଶିକ୍ଷକ ଓ ସରକାରଙ୍କ ଉପରେ ଦେଇ ଖସି ଯାଉଛନ୍ତି ବୋଲି ସେ କହିଥିଲେ ।

ମୁଖ୍ୟବକ୍ତାଭାବେ ନୟାଗଡ଼ ବିଧାୟକ ଅରୁଣ ସାହୁ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ଉପଦେଶ ଆଧାରରେ କହିଥିଲେ ଦୁଷ୍ଟ ହୁଅ ଅଥଚ ନଷ୍ଟ ହୁଅ ନାହିଁ । ଭଲ ମଣିଷ ହେବା ପାଇଁ ପ୍ରଚେଷ୍ଟା କର । ମା'ବାପାମାନେ ପୁଅକୁ ଭଲ ମଣିଷ କରିବା ନାଁରେ ସେମାନଙ୍କୁ ଏଟିଏମ୍ ଭାବେ ନ ଗଢ଼ନ୍ତୁ । ଏହା ଦ୍ୱାରା ଛାତ୍ରୀଛାତ୍ରଙ୍କ ବାହ୍ୟ ଜ୍ଞାନ ଦୂରେଇ ଯିବ । ସେ ପୁଣି କହିଲେ ରାଜ୍ୟ ସରକାରଙ୍କ ୫-ଟି ଯୋଜନା ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଛି । ବିଶିଷ୍ଟ ଅତିଥି ଭାବେ ବିଦ୍ୟାଳୟର ପ୍ରତିଷ୍ଠାତା ପ୍ରଧାନଶିକ୍ଷକ ଗଙ୍ଗାଧର ମହାରଣା, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧକ୍ଷ ଦେବାଶିଷ ପଟ୍ଟନାୟକ, ମ୍ୟୁନିସିପାଲିଟି ଉପାଧକ୍ଷ ଗୁରୁ ପ୍ରସାଦ ଜେନା, ଆଲୁମିନି କମିଟିର ଅଧକ୍ଷ ଲକ୍ଷ୍ମୀଧର ମହାପାତ୍ର ଯୋଗ ଦେଇଥିଲେ । ପ୍ରଧାନଶିକ୍ଷକ କୈଳାସ କରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ପୁରାତନ ଛାତ୍ର ଗଣେଶ୍ୱର ମିଶ୍ର ସଂଯୋଜନା, ଶିକ୍ଷୟିତ୍ରୀ ପୂର୍ଣ୍ଣିମା ତ୍ରିପାଠୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ।

ଶିକ୍ଷୟିତ୍ରୀ ରସିଦା ଖାତୁନ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ପ୍ରଦୀପ ଭୌମିକ ରଚିତ ଓ ବିଜୟ ଚୌଧୁରୀଙ୍କ ନିର୍ଦ୍ଦେଶିତ ନାଟକ ପରମାନନ୍ଦ ମୋଦକ ପୁରାତନ ଛାତ୍ରୀଛାତ୍ରଙ୍କ ଦ୍ୱାରା ମଞ୍ଚସ୍ଥ ହୋଇଥିଲା । କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବା ସହ କେତେଜଣ କର୍ମଚାରୀ, ଅବସରପ୍ରାପ୍ତ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।




ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଚନ୍ଦନ


@ ନମିତା


@ ସନ୍ଧ୍ୟାରାଣୀ


@ ସୁବ୍ରତ


@ ସୂର୍ଯ୍ୟକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଅଖିମୁଠି ଅନୁକୂଳ କଲେ ଜିଲାପାଳ


ଜିଲାପାଳ ରବୀନ୍ଦ୍ରନାଥ ସାହୁ ଅଖିମୁଠି ଅନୁକୂଳ କରୁଛନ୍ତି।

**ନୟାଗଡ଼ ଅଫିସ୨୩।୪**

କୃଷି ଓ କୃଷକଙ୍କ ଆଦ୍ୟପର୍ବ ଅକ୍ଷୟ ତୃତୀୟାରେ ରବିବାର ନୟାଗଡ଼ ଜିଲାରେ ଅଖିମୁଠି ଅନୁକୂଳ କରିଛନ୍ତି ଜିଲାପାଳ ରବୀନ୍ଦ୍ରନାଥ ସାହୁ। ହାତରେ ଲଙ୍ଗଳ ଧରି ଚାଷ କରିବା ସହ ଜିଲାରେ ଚଳିତ ବର୍ଷ ଭଲ ଧାନ ଫସଲ ହେବ ବୋଲି ବାର୍ତ୍ତା ଦେଇଛନ୍ତି । ଜିଲା ସଦର ମହକୁମାର ଡାଲି ଜାତୀୟ ଗବେଷଣାଗାର ଫାର୍ମରେ ହୋଇଥିଲା ଅଖିମୁଠି ଅନୁକୂଳ । ଅଖି ମୁଠି ଅନୁକୂଳ ପୂର୍ବରୁ ପୂଜା ପାଠ ଓ ହୋମ କରାଯାଇଥିଲା । ପରେ ଏକ ସ୍ୱତନ୍ତ୍ର ସଭାର ଆୟୋଜନ କରାଯାଇଥିଲା। ଡାଲି ଜାତୀୟ ଗବେଷଣାଗାର ସ୍ପେସିଆଲିଷ୍ଟ ଅର୍ପିତା ପ୍ରିୟଦର୍ଶିନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରସନ୍ନ ପାଣିଗ୍ରାହୀ ଓ ଅତିରିକ୍ତ ଜିଲା ମୁଖ୍ୟ କୃଷି ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, କେବିକେ ମୁଖ୍ୟ ଅନିଲ କୁମାର ସ୍ୱାଇଁ, ଆତ୍ମା ଅଧକ୍ଷ ରାଜେନ୍ଦ୍ର ନାୟକ, ନୟାଗଡ଼ ବ୍ଲକ ଉପାଧକ୍ଷା ଲକ୍ଷ୍ମୀପ୍ରିୟା ସାହୁ, କୃଷକ ନେତା ଜଗନ୍ନାଥ ପଣ୍ଡା ଓ ଉଦ୍ୟାନ ଅଧିକାରୀ ଅଜିତ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ୧୪ ଚାଷୀଙ୍କୁ ମୃତ୍ତିକା ପରୀକ୍ଷଣ ସାର୍ଟିଫିକେଟ ଓ ୨ଜଣଙ୍କୁ ମହିଳା ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ ଚାଷୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି । କୃଷି ବିଭାଗର ବିଭିନ୍ନ ଅଧିକାରୀ ଓ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

# ଲଡୁବାବାଙ୍କ ଚନ୍ଦନଯାତ୍ରା ଆରମ୍ଭ

**ଶରଣକୁଳ,୨୩।୪(ଡି.ଏନ.ଏ.)**

ପ୍ରତିବର୍ଷ ଭଳି ଚଳିତ ବର୍ଷ ପ୍ରସିଦ୍ଧ ଶୈବକ୍ଷେତ୍ର ଶରଣକୁଳ ଲଡୁବାବାଙ୍କ ଚନ୍ଦନ ଯାତ୍ରା ରବିବାର ଅକ୍ଷୟ ତୃତୀୟା ତିଥିରୁ ଆରମ୍ଭ ହୋଇଛି । ଏହି ଯାତ୍ରା ୨୧ଦିନ ଧରି ଚାଲିବ । ପ୍ରଭୁ ଲଡୁବାବାଙ୍କ ବିଜେ ପ୍ରତିମା ଚନ୍ଦ୍ରଶେଖର, ମା'ପାର୍ବତୀ, ଭୂଦେବୀ,ଶ୍ରୀଦେବୀ ଏବଂ ରାମକୃଷ୍ଣ ଅସହ୍ୟ ଗରମରୁ ରକ୍ଷା ପାଇବା ପାଇଁ ଲଡୁବାବାଙ୍କ ମନ୍ଦିର ନିକଟରେ ଥିବା ଚନ୍ଦନ ପୁଷ୍କରିଣୀରେ ଜଳ କ୍ରୀଡା କରିଛନ୍ତି । ଠାକୁରମାନେ ଦ୍ୱିପହର ଶଙ୍ଖୁଡି ଭୋଗ ପରେ ନୌକାରେ ଗୋଟିଏ ଥର ଜଳକ୍ରୀଡା କରିବା ପରେ ପୁଷ୍କରିଣୀରେ ଥିବା ଚନ୍ଦନ ଗୃହକୁ ପହଣ୍ଡି ହୋଇ ଆସି ଚନ୍ଦନ ମିଶ୍ରିତ ଏକ ଜଳ କୁଣ୍ଡରେ ବୁଡ଼ି ରହିଆନ୍ତି। ସନ୍ଧ୍ୟାରେ ଟେରା ଧୂପ ଏବଂ ଶଙ୍ଖୁଡି ଧୂପ ପରେ ଠାକୁରମାନେ ଚନ୍ଦନଗୃହରୁ ଆସି ନୌକାରେ ବସିବା ପରେ ଘଣ୍ଟ ବଜାଇ ଠାକୁରଙ୍କୁ ପୁଷ୍କରିଣୀ ଚତୁଃପାର୍ଶ୍ୱରେ ତିନି ଘେରା ଭ୍ରମଣ କରାଯାଇଥାଏ । ଏହାପରେ ଠାକୁର ପୁଷ୍କରିଣୀରୁ ଆସି ବିମାନରେ ବସି ନିକଟସ୍ଥ ଚାଲି ମଣ୍ଡପକୁ ଆସି ଥାଆନ୍ତି । ଏହାପରେ ଠାକୁରମାନଙ୍କୁ ଭୋଗ ଲାଗି କରାଯାଇଥାଏ। ଏହାପରେ ସେବାୟତମାନେ ଠାକୁରଙ୍କୁ ବିମାନରେ ଧରି ଭିକାରୀପଡ଼ା ବ୍ରାହ୍ମଣ ଶାସନକୁ ନେଇଥାନ୍ତି ଠାକୁରଙ୍କ ସାଥିରେ ମନ୍ଦିର ପରିଚ୍ଛା ତୋଷବନ୍ତ କର ଏବଂ ସେବାୟତମାନେ ରହିଥିଲେ । ଠାକୁରଙ୍କ ଏହି ଲୀଳା ଦେଖିବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ମନ୍ଦିର ସୁପରଭାଇଜର ସୁବାସ ଚନ୍ଦ୍ର ବରାଡ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ରାସ୍ତାରୁ ମୃତଦେହ ଜବତ, ହତ୍ୟା ଅଭିଯୋଗ

**ଦଶପଲ୍ଲା,୨୩।୪(ଡି.ଏନ୍.ଏ.)**

ରବିବାର ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଶ୍ରୀରାମପୁର ରାସ୍ତାରୁ ଜଣେ ବୃଦ୍ଧଙ୍କ ମୃତଦେହକୁ ପୋଲିସ ଜବତ କରି ତଦନ୍ତ ଜାରି ରଖିଛି । ମୃତକ ହେଲେ ଜୟ ସାହୁ । ତାଙ୍କ ଘର ଶ୍ରୀରାମପୁର । ସେ ସକାଳୁ ଗାଁରୁ ଆସିଥିଲେ । ହେଲେ ଆଉ ଘରକୁ ଫେରି ନ ଥିଲେ । ସେ ରାସ୍ତାରେ ପଡିଥିବା ଦେଖି ଲୋକେ ପୋଲିସକୁ ଖବର ଦେଇଥିଲେ । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଦଶପଲ୍ଲା ଡ଼ାକ୍ତରଖାନା ପଠାଇଛି । ମୃତକଙ୍କ ପରିବାର ଲୋକଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ହତ୍ୟା ମାମଲା (ନଂ.୧୧୨/୨୩) ରୁଜୁ କରିଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ସଠିକ କାରଣ ଜଣାପଡିବ ବୋଲି ପୋଲିସ କହିଛି ।

# ୬୧ବର୍ଷ ହେବ ବନ୍ଦ ରହିଛି ଅଖିମୁଠି ଅନୁକୂଳ

**ନୟାଗଡ଼ ଅଫିସ,୨୩।୪**

**ଯୁବକଙ୍କୁ ବାଘ ଖାଇବା ପରେ ପରମ୍ପରାରେ ପରିବର୍ତ୍ତନ**

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ଖମାରସାହି ପଞ୍ଚାୟତ ଭୋଗରା ଗ୍ରାମରେ ଆଜିକୁ ୬୧ ବର୍ଷ ହେବ ଅକ୍ଷୟ ତୃତୀୟାରେ ଅଖିମୁଠି ଅନୁକୂଳ ବନ୍ଦ ରହିଛି । ସେଠାରେ ଅଣ ତୃତୀୟାରେ ଅଖିମୁଠିର ଅନୁକୂଳ ପ୍ରଚଳିତ ହେଉଛି । ୬୧ ବର୍ଷ ତଳେ ଭୋଗରା ଗ୍ରାମର ଭରତ ପ୍ରଧାନ (୨୮)ଙ୍କୁ ସ୍ଥାନୀୟ ବରସାହି ପାହାଡ଼ରେ ବାଘ ଖାଇ ଯାଇଥିଲା । ଗାଁ ପାଇଁ ସେଦିନ ଅଶୁଭ କହି ଗ୍ରାମବାସୀ ଉକ୍ତ ପରମ୍ପରାକୁ ବନ୍ଦ ରଖିଥିଲେ। ସେଦିନଠାରୁ ଆଜି ପର୍ଯ୍ୟନ୍ତ ଏହି ଅଖିମୁଠି ଅନୁକୂଳ ଅନ୍ୟଦିନ ପାଳନ ହୋଇ ଆସୁଛି ।

ସୂଚନା ଅନୁଯାୟୀ, ଭୋଗରା ହେଉଛି କୃଷକବହୁଳ ଗାଁ । ସେଠାରେ ୫୫ ପରିବାର ବାସ କରୁଥିଲେ । ଗାଁର ୧ କିମି ଦୂର ଦକ୍ଷିଣରେ ବରସାହି ପାହାଡ଼ ଓ ମେଘମାଳ ଜଙ୍ଗଲ । ପଶ୍ଚିମରେ ସାକେରୀ ଜଙ୍ଗଲ । ଗ୍ରାମବାସୀ ଚାଷକାମ ଓ ଜଙ୍ଗଲ ଉପରେ ନିର୍ଭର କରି ଜୀବିକା ଅର୍ଜନ କରୁଥିଲେ । ସେତେବେଳେ ଉପରୋକ୍ତ ଅଞ୍ଚଳରେ ଘଞ୍ଚ ଜଙ୍ଗଲ ଥିଲା । ସେଦିନ ଥିଲା ଅକ୍ଷୟ ତୃତୀୟା । ଭରତ କାଠ ପାଇଁ ସେଦିନ ସାଙ୍ଗମାନଙ୍କ ସହ ବରସାହି ପାହାଡ଼କୁ ଯାଇଥିଲେ । ସେଠାରେ ଭରତଙ୍କୁ ବାଘ ଆକ୍ରମଣ କରି ମାରି ଦେଇଥିଲା । ଏହି ଘଟଣା ପରେ ସେଦିନ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ଗ୍ରାମବାସୀ ସେହି ଦୁଃଖରେ ଭାଙ୍ଗି ପଡିଥିଲେ । ଏପରି ପରିସ୍ଥିତିରେ ଅକ୍ଷୟ ତୃତୀୟା ଥିଲେ ବି ଅଖିମୁଠି ଅନୁକୂଳ ହୋଇ ନ ଥିଲା । ସେଦିନଠାରୁ ଗ୍ରାମବାସୀଙ୍କ ନିଷ୍ପତ୍ତିକ୍ରମେ ଅଣତୃତୀୟାରେ ଅଖିମୁଠିର ପରମ୍ପରା ପ୍ରଚଳିତ ହେଉଛି । ଏବେ ଭୋଗରା ଗ୍ରାମର ପରିବାର ସଂଖ୍ୟା ୩୦୫ରୁ ଊର୍ଦ୍ଧ୍ୱ ହୋଇଥିବାବେଳେ ଜଙ୍ଗଲର ଦୂରତ୍ୱ ବଢ଼ି ଘଞ୍ଚ ଜଙ୍ଗଲ ହ୍ରାସ ପାଇଛି । ସେହିପରି ଗାଁ ଲୋକଙ୍କ ଜୀବନ ଜୀବିକାରେ ପରିବର୍ତ୍ତନ ଆସିଛି । ତେବେ ଅକ୍ଷୟ ତୃତୀୟା ପର୍ବ ପାଳନ ଏଯାବତ ରହିଥିବା ଗ୍ରାମବାସୀ କହିଛନ୍ତି।

# ଅକ୍ଷୟତୃତୀୟା ପାଇଁ ଖଣ୍ଡପଡ଼ା ଉତ୍ସବମୁଖର

**ଖଣ୍ଡପଡ଼ା,୨୩।୪(ସ୍ୱ.ପ୍ର.)**

**କୃଷି ବିଭାଗ ପକ୍ଷରୁ ଅଖିମୁଠି ଅନୁକୂଳ**

ରବିବାର ଅକ୍ଷୟ ତୃତୀୟା ଅବସରରେ ଖଣ୍ଡପଡ଼ା ଅଞ୍ଚଳର ଚାଷୀମାନେ ଅଖିମୁଠି ଅନୁକୂଳ କରିଛନ୍ତି। କୃଷକମାନେ ଭୋରରୁ ନୂତନ ବସ୍ତ୍ର ପରିଧାନ କରି ଓଳିଆରୁ ଶୁକ୍ଳ ବର୍ଣ୍ଣ ଧାନ ବାହାର କରି ବାଉଁଶିଆ ବା ଟୋକେଇରେ ଭର୍ତ୍ତି କରିଥିଲେ । ଧାନ ଉପରେ ନଉତି କିମ୍ବା ମାଣ ରଖି ତାହାକୁ ନୂତନ ବସ୍ତ୍ରରେ ଆଚ୍ଛାଦିତ କରିବା ପରେ ଜମିକୁ ଆସି ପୂଜାର୍ଚ୍ଚନ କରିଥିଲେ । ଏହାପରେ କୃଷକ ଜମିର ଇଶାଣ କୋଣରେ ଚାଷ ଅନୁକୂଳ କରିଥିଲେ । ତେବେ ଆଜିର ଚାଷୀକୁଳ ପରମ୍ପରାକୁ ବଞ୍ଚାଇବାକୁ ଯାଇ ଅକ୍ଷୟ ତୃତୀୟା ତିଥିରେ ନିଜ ଜମିରେ ଅଖିମୁଠି ଅନୁକୂଳ କରିଥିଲେ ମଧ୍ୟ ସବୁଠି ଚାଷ ପ୍ରତି ବିମୁଖ ଦେଖାଦେଇଛି । ବିଶେଷ କରି ସରକାରଙ୍କ ଟଙ୍କିକିଆ ଚାଉଳ ପ୍ରଦାନ ଚାଷୀ ପରିବାର ସଦସ୍ୟଙ୍କୁ ଅଳସୁଆ କରିଦେଇଛି ବୋଲି କେତେଜଣ ଚାଷୀ କହିଛନ୍ତି । ସେହିପରି ବଳରାମ ପ୍ରସାଦ ଗ୍ରାମର ଚାଷୀ ସନାତନ ଲେଙ୍କା କୁହନ୍ତି, ବାପ ଅଜା ଅମଳରୁ ପରମ୍ପରା ଅନୁସାରେ ଅକ୍ଷୟ ତୃତୀୟାରେ ଅଖିମୁଠି ଅନୁକୂଳ କରୁଛୁ । ମାତ୍ର ଗାଁ ଗହଳିରେ ଆଉ ହଳ ବଳଦ ଶଗଡ ଦେଖିବାକୁ ମିଳୁନି । ଚାଷ କାମ ପାଇଁ ଆଗରୁ ଯେପରି ଉତ୍ସାହ ଥିଲା ଏବେ ତାହା ନାହିଁ, ଫଳରେ ଏବେ ଚାଷୀ ଆଉ ଚାଷକାମ କରିବାକୁ ମଙ୍ଗୁ ନାହାନ୍ତି ।

ସେହିପରି ଖଣ୍ଡପଡ଼ା ବ୍ଲକ କୃଷି ବିଭାଗ ପକ୍ଷରୁ ଗୁଣ୍ଡୁଣି ପଞ୍ଚାୟତ ଅଁଳାମଡା ଗ୍ରାମରେ ଅଖିମୁଠି ହୋଇଛି । ଖଣ୍ଡପଡ଼ା ବ୍ଲକ ଆତ୍ମାର ଅଧକ୍ଷ ନାରାୟଣ ଆଚାର୍ଯ୍ୟ ମୁଖ୍ୟଅତିଥି ରୁପେ ଯୋଗ ଦେଇ କୃଷି ବିଭାଗ କର୍ମଚାରୀ ଓ ସ୍ଥାନୀୟ ଅଞ୍ଚଳର କୃଷକମାନଙ୍କ ଗହଣରେ ଅଖିମୁଠି ଅନୁକୂଳ କରିଥିଲେ । ସମ୍ମାନୀତ ଅତିଥି ରୁପେ ଖଣ୍ଡପଡ଼ା ବ୍ଲକ କୃଷି ଅଧିକାରୀ ଭବାନୀ ଶଙ୍କର ମିଶ୍ର, କୃଷି ଅଧିକାରିଣୀ ଚନ୍ଦନବାଳା ରାଉତ, ରଶ୍ମିତା କୁମାରୀ ସ୍ୱାଇଁ, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ କୁମାର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ । ଏ ଅବସରରେ ଆୟୋଜିତ ସାଧାରଣ ସଭାରେ ବରିଷ୍ଠ କୃଷି ଅଧିକାରୀ ମିଲନ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । କୃଷକମାନେ ଅନଲାଇନ ଜରିଆରେ ବିଭିନ୍ନ କିସମର ବିହନ ପାଇବା ପାଇଁ ପୂର୍ବରୁ ଆବେଦନ କରିବାକୁ ବ୍ଲକ କୃଷି ଅଧିକାରୀ ପରାମର୍ଶ ଦେଇଥିଲ । ଏ ଅବସରରେ ୧୨ ଜଣ କୃଷକଙ୍କୁ କୃଷି ବିଭାଗ ପକ୍ଷରୁ ମୃତ୍ତିକା ସ୍ୱାସ୍ଥ୍ୟ ପତ୍ରିକା ବଣ୍ଟନ କରାଯାଇଥିଲା । ମ ମତା ସ୍ୱାଇଁ, ସ୍ୱର୍ଣ୍ଣଲତା ବାରିକ, ସିଲୁ ବିଶ୍ୱାଳ, ରମାକାନ୍ତ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ ।


ଜଣେ ଚାଷୀ ନିଜ ଜମିରେ ପୂଜାର୍ଚ୍ଚନା କରୁଛନ୍ତି।

# ଆଶାଠାରୁ ଅଧିକ ବ୍ୟବସାୟ



**ଭୁବନେଶ୍ୱର,୨୩।୪**

ଗତବର୍ଷର ଅକ୍ଷୟ ତୃତୀୟା ପରିସ୍ଥିତି ଅପେକ୍ଷା ଚଳିତ ବର୍ଷର ଅକ୍ଷୟ ତୃତୀୟାର ପରିସ୍ଥିତି ବେଶ୍ ଭଲ ରହିଥିଲା। କାରଣ ଗତବର୍ଷ ଅକ୍ଷୟ ତୃତୀୟା ସମୟରେ କୋଭିଡ୍ ଭୟ ଗ୍ରାହକଙ୍କ ମନରେ ରହିଥିଲାବେଳେ ଚଳିତ ବର୍ଷ ତାହା ଆଉ ଦେଖିବାକୁ ମିଳି ନ ଥିଲା। ବିଶେଷକରି ଅକ୍ଷୟ ତୃତୀୟାର କାରବାରରେ ପାଗ ଏକପ୍ରକାର ଉତ୍ତମ ପରିବେଶ ସୃଷ୍ଟି କରିଥିଲା। ଫଳରେ ପୂର୍ବାହ୍ନ ୯ଟାରୁ ଧୀରେ ଧୀରେ ଗହଣା ଦୋକାନରେ ଭିଡ଼ ଲାଗିବା ସହ କାରବାର ଆରମ୍ଭ ହୋଇଥିଲା। ଏପରି କି ଚଳିତ ବର୍ଷର ସୁନାଦର ଗତବର୍ଷ ଅପେକ୍ଷା ୫୦୦୦ ଟଙ୍କାରୁ ଅଧିକ ରହିଥିଲେ ସୁଦ୍ଧା ଗ୍ରାହକଙ୍କ ମନରେ ଉତ୍ସାହ ଦେଖିବାକୁ ମିଳିଥିଲା, ଯାହାର ପ୍ରଭାବ କାରବାରରେ ପରିଲକ୍ଷିତ ହୋଇଥିଲା ବୋଲି ଇଣ୍ଡିଆ ବୁଲିଅନ୍ ଆଣ୍ଡ ଜୁଏଲର୍ସ ଆସୋସିଏଶନ(ଆଇବିଜେଏ)ଲିମିଟେଡ୍ ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ଅକ୍ଷୟ ତୃତୀୟା ଅବସରରେ ମୂଲ୍ୟବାନ୍ ଅଳଙ୍କାର କିଣିଲେ ଶୁଭଫଳ ପ୍ରାପ୍ତ ହୋଇଥାଏ ବୋଲି ପ୍ରତିଟି ଭାରତୀୟଙ୍କର ମୂଳବିଶ୍ୱାସ ରହିଛି। ଫଳରେ ଦର ଉଚ୍ଚା ରହିଥିଲେ ସୁଦ୍ଧା ଅକ୍ଷୟ ତୃତୀୟାରେ ଭାରତୀୟ ଗ୍ରାହକ ସୁନା, ରୁପା, ହୀରା ଓ ମୂଲ୍ୟବାନ୍ ଅଳଙ୍କାର ସମେତ ଅନ୍ୟାନ୍ୟ ମୂଲ୍ୟବାନ୍ ଧାତୁ ଓ ଗହଣା ଆଦି କିଣିବାକୁ ଆଗ୍ରହ ପ୍ରକାଶ କରିଥିବାବେଳେ ଗତ ସପ୍ତାହ ପୂର୍ବରୁ ବଜାରର ଭିଡ଼ ଓ କାରବାର ତାହା ଠିକ୍ ଭାବେ ଦର୍ଶାଉଛି ବୋଲି ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ଜୁଏଲର୍ସ ପ୍ରତିଷ୍ଠାନଗୁଡ଼ିକ ପକ୍ଷରୁ ବ୍ୟାପକ ଅଳଙ୍କାର ସମ୍ଭାର ଓ ନୂତନ କଲେକ୍ସନ ସହ ଆକର୍ଷଣୀୟ ଅଫର ଓ ଅନ୍ୟାନ୍ୟ ସୁବିଧା ଅକ୍ଷୟ ତୃତୀୟାର କାରବାରକୁ ଦ୍ୱିଗୁଣିତ କରିଦେଇଥିଲା। ଏପରି କି ଅକ୍ଷୟ ତୃତୀୟା ସାଙ୍ଗକୁ ଆଗାମୀ ବିବାହ ଋତୁ ପାଇଁ ମଧ୍ୟ ଅଳଙ୍କାର ପ୍ରତିଷ୍ଠାନଗୁଡ଼ିକ ଭଲ ବ୍ୟବସାୟ ଆଶାରେ ନୂତନ କଲେକ୍ସନ ଓ ବ୍ୟାପକ ଗହଣା ସମ୍ଭାର ଗ୍ରାହକଙ୍କ ଲାଗି ଉପଲବ୍ଧ କରାଇଛନ୍ତି। ବିଶେଷକରି ବ୍ୟବସାୟୀମାନେ ଉଭୟ ଅକ୍ଷୟ ତୃତୀୟା ଓ ବିବାହ ଋତୁ ପାଇଁ ବ୍ୟାପକ ପ୍ରସ୍ତୁତି କରିଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ନୂଆଦିଲ୍ଲୀ ବଜାରରେ ରବିବାର ୨୨ ଓ ୨୪ କ୍ୟାରେଟ୍ ସୁନା ଯଥାକ୍ରମେ ୫୫,୦୦୦ ଓ ୬୦,୦୦୦ ଟଙ୍କା ମଧ୍ୟରେ କାରବାର ହୋଇଥିଲା। ଅନ୍ୟପକ୍ଷେ ରବିବାର ଛୁଟିଦିନ ଥିବାରୁ ନୂଆଦିଲ୍ଲୀ ବଜାରରେ ପ୍ରାୟ ସବୁବର୍ଗର ସୁନା ବ୍ୟବସାୟୀ ଆଶାନୁଯାୟୀ ବ୍ୟବସାୟ କରିଥିବା ଏବଂ ଗତବର୍ଷଠାରୁ ଭଲ ବ୍ୟବସାୟ ହୋଇଥିବା ଆସୋସିଏଶନ ପକ୍ଷରୁ ଆଶାବ୍ୟକ୍ତ କରାଯାଇଛି। ବିଶେଷକରି ନୂଆଦିଲ୍ଲୀ, ମୁମ୍ବାଇ, କୋଲ୍‌କାତା, ଚେନ୍ନାଇ, ବେଙ୍ଗାଲୁରୁ, ଅହମଦାବାଦ, ହାଇଦ୍ରାବାଦ, କେରଳ, ଚଣ୍ଡିଗଡ଼ ଏବଂ ରାୟପୁର ଭଳି ପ୍ରମୁଖ ସହରରେ ପ୍ରାୟ ୧୦ରୁ ୧୨ ହଜାର କୋଟି ଟଙ୍କାର ବ୍ୟବସାୟ ହୋଇଥିବା ଆସୋସିଏଶନ ପକ୍ଷରୁ ଆକଳନ କରାଯାଇଛି। ଅପରପକ୍ଷେ ଓଡ଼ିଶା ବଜାରରେ ମଧ୍ୟ ଅକ୍ଷୟ ତୃତୀୟା କାରବାର ବେଶ୍ ଭଲ ଓ ପୂର୍ବ ବର୍ଷ ଅପକ୍ଷୋ ବହୁତ ଉତ୍ସାହ ରହିଛି ବୋଲି ରାଜ୍ୟର ପ୍ରମୁଖ ସୁନା ବ୍ୟବସାୟୀ ଓ ପ୍ରତିଷ୍ଠାନଗୁଡ଼ିକ ପକ୍ଷରୁ ସୂଚନା ଦିଆଯାଇଛି। ବିଶେଷକରି ଅକ୍ଷୟ ତୃତୀୟା ଓ ରବିବାର ପାଇଁ ବଜାରରେ ଭିଡ଼ ସକାଳଠାରୁ ସନ୍ଧ୍ୟାରେ ଅଧିକ ରହିଥିଲା। ଏପରି କି ଗତ କିଛିଦିନର ପାଣିପାଗ ଏବଂ ରବିବାର ପାଣିପାଗ ଯୋଗୁ ଓଡ଼ିଶା



ବଜାରରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା। ସେହିଭଳି ଭୁବନେଶ୍ୱରରେ ୧୨୦ରୁ ୧୫୦ କୋଟି ଟଙ୍କାର କାରବାର ହୋଇଥିବା ବେଳେ ରାଜ୍ୟର ଅନ୍ୟ ପ୍ରମୁଖ ସହର କଟକ, ବ୍ରହ୍ମପୁର, ରାଉରକେଲା, ସମ୍ବଲପୁର, ଝାରସୁଗୁଡ଼ା, ବାଲେଶ୍ୱର, ପୁରୀ ଏବଂ ଅନୁଗୋଳ ସହରରେ ମଧ୍ୟ ପ୍ରାୟ ୧୦୦ କୋଟି ଟଙ୍କାର କାରବାର ହୋଇଥିବା ବ୍ୟବସାୟୀମାନେ ଆଶା ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଚଳିତ ଅକ୍ଷୟ ତୃତୀୟା ଉପଲକ୍ଷେ ଓଡ଼ିଶା ସୁନା ବଜାର ବିଶେଷକରି ଭୁବନେଶ୍ୱର ଭଳି ପ୍ରମୁଖ ସହରରେ ଜଣାଶୁଣା ତଥା ପ୍ରତିଷ୍ଠିତ ସୁନା ଅଳଙ୍କାରଗୁଡ଼ିକରେ ମଧ୍ୟ ଆକର୍ଷଣୀୟ ଅଫର ସାଙ୍ଗକୁ ଅନ୍ୟାନ୍ୟ ସୁବିଧା ଗ୍ରାହକଙ୍କୁ ଦିଆଯାଉଥିଲା। ଏପରି କି ଓଡ଼ିଶାର ସବୁବର୍ଗର ଜୁଏଲର୍ସ ପ୍ରତିଷ୍ଠାନଗୁଡ଼ିକ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ସାଙ୍ଗକୁ ନୂତନ କଲେକ୍ସନ ଓ ଗହଣା ସମ୍ଭାର ଗ୍ରାହକଙ୍କୁ ବେଶ୍ ଆକୃଷ୍ଟ କରିପାରିଥିଲା। ରବିବାର ଭୁବନେଶ୍ୱର ବଜାରରେ ୧୦ ଗ୍ରାମ୍ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୫୬,୦୦୦ ଥିବା ବେଳେ ୨୪ କ୍ୟାରେଟ୍ ସୁନାର ମୂଲ୍ୟ ୬୧, ୦୦୦ ଟଙ୍କା ରହିଥିଲା ବୋଲି ସହରର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

## ଆଇସିସିର ବାର୍ଷିକ ସାଧାରଣ ଅଧିବେଶନ




**ଭୁବନେଶ୍ୱର, ୨୩।୪**

ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ(ଆଇସିସି) ଓଡ଼ିଶା ପରିଷଦର ବାର୍ଷିକ ସାଧାରଣ ଅଧିବେଶନ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବିଶେଷକରି ପରିଷଦର ଆଭିମୁଖ୍ୟ ଓ କାର୍ଯ୍ୟକଳାପ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ପରିଶେଷରେ ୨୦୨୩-୨୪ ବର୍ଷ ପାଇଁ ଆଇସିସି ଓଡ଼ିଶା ପରିଷଦର କର୍ମକର୍ତ୍ତା ଚୟନ କରାଯାଇଥିଲା। ଏପରି କି ଜାଭାସ୍ତ୍ରା ଟେକ୍ନୋଲୋଜି ପ୍ରା.ଲିଃର ନିର୍ଦ୍ଦେଶକ ଜେ.ବି. ପାଣି ପୁନର୍ବାର ପରିଷଦର ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ପରିଷଦର ବରିଷ୍ଠ ଉପାଧ୍ୟକ୍ଷ ଭାବେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ତଥା ଏସ୍ଆର୍‌ବି ଆଣ୍ଡ ଆସୋସିଏଟ୍ସର ପ୍ରିନ୍ସିପାଲ ପାର୍ଟନର ରାଜୀବ ଶେଖର ସାହୁ ଏବଂ ଗୁପ୍ତା ପାୱାର ଇନ୍‌ଫ୍ରାଷ୍ଟ୍ରକ୍ଚର ଲିଃର ପରିଚାଳନା ନିର୍ଦ୍ଦେଶକ ଏମ୍.କେ. ଗୁପ୍ତା ଉପାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ଆଇସିସି ଓଡ଼ିଶା ପରିଷଦର ବିଭିନ୍ନ ପଦକ୍ଷେପ ରାଜ୍ୟରେ ବ୍ୟବସାୟ ତଥା ଅର୍ଥନୈତିକ କାର୍ଯ୍ୟକଳାପକୁ ଅଭିବୃଦ୍ଧି କରାଇଛି। ଏପରି କି ଆଇସିସି ଓଡ଼ିଶା ପରିଷଦ ରାଜ୍ୟ ସରକାରଙ୍କ ସହ ମିଳିତଭାବେ କାର୍ଯ୍ୟ କରୁଥିବାରୁ ବେଶ୍ ଗର୍ବିତ ଏବଂ ଆସନ୍ତାକାଲିର ଉଦୀୟମାନ ଓଡ଼ିଶାକୁ ନୂତନ ଭାବେ ସୃଷ୍ଟି କରିବା ପାଇଁ ରାଜ୍ୟ ସରକାରଙ୍କ ବିଭିନ୍ନ ଶିଳ୍ପନୀତିର ଉଦ୍ଦେଶ୍ୟ ସହିତ ସକ୍ରିୟ ଭାବେ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇଛି। ଆଇସିସି ଓଡ଼ିଶା ପରିଷଦ ଦ୍ୱାରା ଆୟୋଜିତ ଏହି ଅନ୍ତରୀଣ ବୈଠକରେ ଆଇସିସିର ଅନ୍ୟ ସଦସ୍ୟଙ୍କ ସହ ଓଡ଼ିଶା ପରିଷଦର ଆଞ୍ଚଳିକ ମୁଖ୍ୟ ଜେ.ପି. ପାଲ୍ ପ୍ରମୁଖ ଉପସ୍ଥିତ ଥିଲେ।

## ଗ୍ରାହକ ସନ୍ତୁଷ୍ଟିକୁ ଗୁରୁତ୍ୱ

**ଭୁବନେଶ୍ୱର,୨୩।୪**

କୋଣାର୍କ-ଲିଉଗଙ୍ଗ ପକ୍ଷରୁ ଏକ ୨ଦିନିଆ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଯାଜପୁରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଚାବି ହସ୍ତାନ୍ତର ସମାରୋହ ଓ ଅପରେଟର୍ସ ମିଟ୍‌ର ମଧ୍ୟ ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶାର ପ୍ରଥମ ୯୨୪ଇ ଏକ୍ସଡି ଏକ୍ସାଭେଟର ମଡେଲ ସହ ଅନ୍ୟ ଉପକରଣଗୁଡ଼ିକୁ ମଧ୍ୟ ଗ୍ରାହକଙ୍କୁ ହସ୍ତାନ୍ତର କରାଯାଇଛି। ଏ ସମ୍ପର୍କରେ ଲିଉଗଙ୍ଗ ଇଣ୍ଡିଆର ଓଡ଼ିଶା ରାଜ୍ୟ ସର୍ଭିସ୍ ମ୍ୟାନେଜର ଏସ୍. ମହାରଣା କହିଛନ୍ତି, ଓଡ଼ିଶାର ନିର୍ମାଣ ଓ ଖଣି ଶିଳ୍ପରେ ମାଇଲଖୁଣ୍ଟି ହାସଲର ଅଂଶ ହୋଇଥିବାରୁ ଆମେ ବେଶ୍ ଗର୍ବିତ। ପ୍ରଥମ ୯୨୪ଇ ଏକ୍ସଡି ଏକ୍ସାଭେଟର ମଡେଲକୁ ହସ୍ତାନ୍ତର କରିବା ସହିତ ରକ୍ଷଣାବେକ୍ଷଣ ଉପରେ ଅପରେଟର ଓ ଡ୍ରାଇଭରମାନଙ୍କୁ ଆବଶ୍ୟକ ତାଲିମ ଦିଆଯାଇଥିଲା। ସେହିଭଳି କୋଣାର୍କ ଇନ୍‌ଫ୍ରାକୋର୍‌ର ପରିଚାଳନା ନିର୍ଦ୍ଦେଶକ କୌଶିକ ଦାସ କହିଛନ୍ତି, ଆମ ଗ୍ରାହକଙ୍କୁ ଗୁଣାତ୍ମକ ଉପକରଣ ଓ ତାଲିମ ପ୍ରଦାନ କରିବାକୁ ପ୍ରତିବଦ୍ଧ ରହିଛୁ। ଏପରିକି ଅପରେଟରମାନଙ୍କ ଲାଗି ସାର୍ଟିଫିକେସନ କାର୍ଯ୍ୟକ୍ରମ ଏବଂ କମ୍ପାନୀର ମେଶିନ ପ୍ରଦର୍ଶନ ଓ ଗ୍ରାହକ ସନ୍ତୁଷ୍ଟି ପ୍ରତି ଆମ ସମର୍ପଣ ଭାବର ପ୍ରତିଫଳନ। ସେହିପରି କୋଣାର୍କ ଇନ୍‌ଫ୍ରାକୋର୍‌ର ସିଜିଏମ୍ ପ୍ରଶାନ୍ତ କବି କହିଛନ୍ତି, କୋଣାର୍କ-ଲିଉଗଙ୍ଗର ଚାବି ହସ୍ତାନ୍ତର ସମାରୋହ ଓ ଅପରେଟର ମିଟ୍ ବେଶ୍ ସଫଳ ହୋଇଛି। ଆମର ମୂଲ୍ୟବାନ୍ ଗ୍ରାହକଙ୍କୁ ଓଡ଼ିଶାର ପ୍ରଥମ ୯୨୪ଇ ଏକ୍ସଡି ଏକ୍ସାଭେଟର ମଡେଲର ଚାବି ହସ୍ତାନ୍ତର କରିବା ଏବଂ ୨୦୦ ଅପରେଟର ଏବଂ ଡ୍ରାଇଭରଙ୍କୁ ମେଶିନ ରକ୍ଷଣାବେକ୍ଷଣ ଉପରେ ତାଲିମ ପ୍ରଦାନ କରାଯାଇଛି।

ଫୁର୍ସତ୍

# 'ଦି ପଏଜନ୍ ଗାର୍ଡେନ୍'

**ଇଂଲଣ୍ଡ:** ବଗିଚାର ନାମ ଶୁଣିବାମାତ୍ରେ ଲୋକ, ପିଲା ଏବଂ ବୃଦ୍ଧଙ୍କ ମନରେ ଏକ ଉତ୍ସାହ ଆସିଥାଏ। କିଛି ଦିନ ବ୍ୟବଧାନରେ ମଧ୍ୟ ସେମାନେ ତାଙ୍କ ବ୍ୟସ୍ତବହୁଳ ଜୀବନରୁ ସମୟ ବାହାର କରି ଏଠାକୁ ବୁଲିବାକୁ ଆସି ସମୟ ଅତିବାହିତ କରିଥାନ୍ତି, ଯାହାକି ତାଙ୍କୁ ବ୍ୟକ୍ତିଗତ ଜୀବନରୁ କିଛିଟା ଶାନ୍ତିଦିଏ। ହେଲେ ଏପରି ଏକ ବଗିଚା ରହିଛି, ଯେଉଁଠାରେ ବୃକ୍ଷଗୁଡ଼ିକ ବିପଦପୂର୍ଣ୍ଣ ହୋଇଥାନ୍ତି। ହେଲେ ମଧ୍ୟ ଲୋକେ ସେଠାକୁ ଯାଇ ବଗିଚାର ସୁନ୍ଦରତାକୁ ଉପଭୋଗ କରିଥାନ୍ତି। ପରବର୍ତ୍ତୀ ଅବସ୍ଥାରେ ତାଙ୍କୁ ଏହାର ପରିଣାମ ମଧ୍ୟ ଭୋଗିବାକୁ ପଡ଼ିଥାଏ। ରିପୋର୍ଟ ମୁତାବକ, ଆମେରିକାର ନର୍ଥମ୍ବରଲାଣ୍ଡରେ ଏକ 'ଦି ପଏଜନ୍ ଗାର୍ଡେନ' ରହିଛି, ଯାହାର ମୁଖ୍ୟଦ୍ୱାର ଫାଟକରେ ଲେଖାହୋଇଛି କି ଏଠାରେ ଫୁଲକୁ ଛୁଇଁବା କି ତାକୁ ଆଘ୍ରାଣ କରିବା ସମ୍ପୂର୍ଣ୍ଣ ମନା। ସେଥିପାଇଁ ଗେଟ୍‌ରେ ବିପଦର ଏକ ଚିହ୍ନ ମଧ୍ୟ କରାଯାଇଛି। ଏହି ବଗିଚାଟି ୧୪ ଏକର ଜାଗାରେ ଯେଉଁଠାରେ କି ୭୦୦ରୁ ଊର୍ଦ୍ଧ୍ୱ ବିଷବୃକ୍ଷ ରହିଛି। ଏହି ବୃକ୍ଷର ବିଷରେ




ଲୋକଙ୍କ ମୃତ୍ୟୁ ହେବାର ମଧ୍ୟ ଆଗରୁ ଖବର ରହିଛି। ହେଲେ ମଧ୍ୟ ବର୍ଷକୁ ଏହି ବଗିଚାକୁ ୮ ଲକ୍ଷରୁ ଊର୍ଦ୍ଧ୍ୱ ଟୁରିଷ୍ଟ ବୁଲିବାକୁ ଆସିଥାନ୍ତି। ବଗିଚାଟି ସୁନ୍ଦର ହୋଇଥିଲେ ମଧ୍ୟ ପ୍ରତ୍ୟେକଟି ବୃକ୍ଷରେ ଭରିରହିଛି ବିଷ। ତେବେ ପୂର୍ବରୁ ଏପରି ବିଷବୃକ୍ଷକୁ ଶତ୍ରୁକୁ ହରାଇବା ପାଇଁ ବ୍ୟବହୃତ କରାଯାଥିଲା। ବଗିଚାରେ ବିଷବୃକ୍ଷ ଥିଲେ ମଧ୍ୟ ସେହି ବଗିଚା ଇଂଲଣ୍ଡର ସବୁଠାରୁ ସୁନ୍ଦର ଆକର୍ଷଣୀୟ ବଗିଚା ମଧ୍ୟରୁ ଏକ। ବଗିଚାରେ ଏତେ ସୁନ୍ଦର ବୃକ୍ଷ ରହିଛି, ଯାହାକୁ କେବେ ବିପଦପୂର୍ଣ୍ଣ ବୋଲି କଳ୍ପନା ବି କରିହେବନି। ତେବେ ଏହି ବଗିଚା ପାଇଁ ୧୦୦ ଲୋକଙ୍କ ଜୀବନ ଯାଇଥିବା ମଧ୍ୟ ଜଣାପଡିଛି।

# ସିଙ୍ଘମ୍ ଏଗେନ୍‌ରେ ଅଜୟ୍ ଦେବଗନ

**ମୁମ୍ବାଇ**

ଅଜୟ ଦେବଗନ ଏବଂ ରୋହିତ ଶେଟ୍ଟୀ ପୁଣି ଥରେ ରେକର୍ଡ କରିବାକୁ ପ୍ରସ୍ତୁତ ହେଉଛନ୍ତି। ୨୦୦୩ରେ ଡେବ୍ୟୁ ଫିଲ୍ମ 'ଜମିନ' ପରଠାରୁ ଅଭିନେତା-ନିର୍ଦ୍ଦେଶକ ଯୋଡ଼ି ଅନେକ ହିଟ ଦେଇଛନ୍ତି। 'ସିଙ୍ଘମ୍' ଏବଂ 'ସିଂଘମ ରିଟର୍ନସ'ର ସଫଳତା ପରେ ବର୍ତ୍ତମାନ ଅଜୟ ଦେବଗନ ଏବଂ ରୋହିତଙ୍କ ଯୋଡି ତୃତୀୟ ଫିଲ୍ମ କରିବାକୁ ଯାଉଛନ୍ତି। ଚଳିତ ବର୍ଷ ଅଗଷ୍ଟରେ ଫିଲ୍ମଟି ରିଲିଜ୍ ହେବା ପାଇଁ ସ୍ଥିର ହୋଇଛି। ଏକ ରିପୋର୍ଟ ଅନୁଯାୟୀ, ନିର୍ମାତା ଫିଲ୍ମର ରିଲିଜ ତାରିଖକୁ ଗୋପନ ରଖିଛନ୍ତି। ଏହା ପ୍ରଥମେ ୨୦୨୪ ଦିପାବଳୀ ଅବସରରେ ରିଲିଜ ହେବାର ଥିଲା କିନ୍ତୁ ବର୍ତ୍ତମାନ ଏହାକୁ ଅଗଷ୍ଟ ୧୫ରେ ରିଲିଜ ହେବା ନେଇ ଯୋଜନା ରହିଛି। ଏଭଳି ପରିସ୍ଥିତିରେ ଫିଲ୍ମଟି ବକ୍ସ ଅଫିସରେ ରେକର୍ଡ କରିବ ବୋଲି ଆଶା କରାଯାଉଛି। ଏହା ବ୍ୟତୀତ ଉକ୍ତ ଦିନରେ ରକ୍ଷା ବନ୍ଧନ ପଡୁଥିବାରୁ ଛୁଟିରେ ଜବରଦସ୍ତ ଲାଭ ମିଳିବ। 'ସର୍କସ'ର 'କରେଣ୍ଟ ଲଗା'ର ଗୀତ ରିଲିଜ୍ ସମୟରେ ରୋହିତ ଶେଟ୍ଟୀ ଏହି ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ, ଦୀପିକା ପାଦୁକୋନଙ୍କୁ 'ସିଂଘମ ଏଗେନ' ପାଇଁ ଚୟନ କରାଯାଇଛି। ପ୍ରଥମ ଥର ପାଇଁ ରୋହିତଙ୍କ ଫିଲ୍ମରେ ଦୀପିକା ପୋଲିସ ଭୂମିକାରେ ନଜର ଆସିବେ। ପରଦାରେ ଦୀପିକା ପାଦୁକୋନ ଏବଂ ଅଜୟ ଦେବଗନଙ୍କୁ ଏକାଠି ଦେଖିବାକୁ ପ୍ରଶଂସକଙ୍କ ମଧ୍ୟରେ ବହୁତ ଉତ୍ସାହ ରହିଛି।



# ଶସ୍ତା ସର୍ଜରି ମହଙ୍ଗାପଡ଼ିଲା



**ବ୍ୟାଙ୍କକ୍:** ସମସ୍ତେ ସୁନ୍ଦର ଦେଖାଯିବାକୁ ଚାହିଁଥା'ନ୍ତି। ଏଥିପାଇଁ ଅନେକ ତାଙ୍କ ମୁହଁରେ ବିଭିନ୍ନ ଟ୍ରିଟ୍‌ମେଣ୍ଟ ଏବଂ ସର୍ଜରି ମଧ୍ୟ କରାଇଥା'ନ୍ତି, ଯେଉଁଥିରେ କି ବହୁତ ଟଙ୍କା ଖର୍ଚ୍ଚ ହୋଇଥାଏ। ତେବେ ଥାଇଲାଣ୍ଡର ଜଣେ ମଡେଲ ଅଧିକ ସୁନ୍ଦର ଦେଖାଯିବାକୁ କରାଇଥିବା ସର୍ଜରି ତାଙ୍କୁ ମହଙ୍ଗାପଡ଼ିଛି। ରିପୋର୍ଟ ମୁତାବକ, ମାଲି କଞ୍ଚାନାଫୁଫିଂ ନାମକ ଥାଇଲାଣ୍ଡର ଜଣେ ୨୬ ବର୍ଷୀୟା ମଡେଲଙ୍କୁ ତାଙ୍କ ଚେହେରା ପସନ୍ଦ ନ ଥିଲା। ସେ ହସିବାବେଳେ ଯେପରି ଆତ୍ମବିଶ୍ୱାସ ହରାଉଥିବା ମନେକରୁଥିଲେ। ଏଥିପାଇଁ ସେ ତାଙ୍କ ମୁହଁର ସର୍ଜରି କରାଇବାକୁ ଇଚ୍ଛା କଲେ। ସେଥିପାଇଁ ସେ ଏକ କ୍ଲିନିକ୍‌କୁ ସର୍ଜରି ପାଇଁ ଗଲେ। ସେ ସେଠାରେ ଆଗରୁ କିଛି ସର୍ଜରି କରିଥିଲେ। ସେଥିପାଇଁ ତାଙ୍କୁ କିଛିଟା କମ୍ ଖର୍ଚ୍ଚ ଲାଗିଥିଲା। ହେଲେ ସର୍ଜରି କରିବାକୁ ଡାକ୍ତର ନ ଥିବାବେଳେ ସେଠାରେ କେବଳ ନର୍ସ ଥିଲେ। ସେ ତୁରନ୍ତ ମାଲିଙ୍କୁ ଏକ ଇଞ୍ଜେକ୍ସନ ଦେଲେ। କିଛି ସମୟ ପରେ ମାଲିଙ୍କ ମୁହଁ ଜଳିବାକୁ ଲାଗିଲା। ଏଥିରେ ନର୍ସ ଜଣଙ୍କ କିଛି ନାହିଁ, କିଛି ସମୟ ପରେ ଠିକ୍ ହୋଇଯିବ ବୋଲି କହିଥିଲେ। ହେଲେ ତାଙ୍କ ମୁହଁର ଅବସ୍ଥା ବିଗିଡ଼ିବାକୁ ଲାଗିଲା। ପରେ ସେ ଜଣେ ବିଶେଷଜ୍ଞଙ୍କ ପାଖକୁ ଗଲେ। ସେଠାରେ ପରୀକ୍ଷା କରାଇବା ପରେ ଜାଣିବାକୁ ପାଇଲେ ଯେ, ରାପ ଗୁଣବତ୍ତା ସର୍ଜରି ପାଇଁ ଏପରି ଅବସ୍ଥା ହୋଇଛି। ଡାକ୍ତର ତାଙ୍କୁ କିଛି ଔଷଧ ଦେବାରୁ ତାଙ୍କ ଅବସ୍ଥାରେ କିଛିଟା ସୁଧାର ଆସଥିବା ମାଲି କହିଛନ୍ତି।



# 'ଶକୁନ୍ତଳମ୍' ଫ୍ଲପ୍ ପାଇଁ ୨୦କୋଟିର କ୍ଷତି

**ହାଇଦ୍ରାବାଦ:** ସାଉଥ୍ ବ୍ୟୁଟି ସାମନ୍ଥାଙ୍କ ଅଭିନୀତ ଫିଲ୍ମ 'ଶକୁନ୍ତଳମ୍' ରିଲିଜ ହୋଇଥିବା ବେଳେ ବକ୍ସ ଅଫିସରେ ଫିଲ୍ମଟି ଭଲ ବ୍ୟବସାୟ କରିପାରିନାହିଁ। ଫିଲ୍ମକୁ ଅନେକ ସମୟ ଧରି ଦର୍ଶକ ଅପେକ୍ଷା କରି ରହିଥିଲେ ବି ଫିଲ୍ମଟି ଏପର୍ଯ୍ୟନ୍ତ ମାତ୍ର ୫କୋଟି ଆୟ କରିଛି। ତେଲୁଗୁସିନେମା ଡଟ୍ କମ୍ ଅନୁଯାୟୀ, ପ୍ରାୟ ୬୦କୋଟି ଟଙ୍କା ବଜେଟରେ ଶକୁନ୍ତଳମ୍ ନିର୍ମାଣ କରାଯାଇଥିଲା। ଏହାକୁ ପ୍ରେକ୍ଷାଳୟରେ ରିଲିଜ କରିବା ପୂର୍ବରୁ ଏକ ଷ୍ଟ୍ରିମିଂ ସଂସ୍ଥାକୁ ୩୫କୋଟି ଟଙ୍କାରେ ବିକ୍ରି କରିଥିଲେ ନିର୍ମାତା। ହେଲେ ବକ୍ସ ଅଫିସରେ ଫିଲ୍ମ ଫ୍ଲପ ହେବାରୁ ସାଟେଲାଇଟ କମ୍ପାନୀକୁ ୧୫କୋଟିରେ ଫିଲ୍ମ ବିକ୍ରି କରିବାର ଡିଲ ଏପର୍ଯ୍ୟନ୍ତ ଫାଇନାଲ ହୋଇପାରିନାହିଁ। ଏହି କାରଣରୁ 'ଶକୁନ୍ତଳମ'ର ପ୍ରଯୋଜକ ଦିଲ ରାଜୁ ଏବଂ ଗୁଣଶେଖର ୨୦କୋଟିରୁ ଅଧିକ ଟଙ୍କା କ୍ଷତି ସହିବେ ବୋଲି କୁହାଯାଉଛି। ଏହା ପୂର୍ବରୁ ସାଉଥ ସୁପରଷ୍ଟାର ସାମନ୍ଥା ରୁଥ ପ୍ରଭୁଙ୍କ କ୍ୟାରିୟରକୁ ନେଇ ବରିଷ୍ଠ ପ୍ରଯୋଜକ-ନିର୍ଦ୍ଦେଶକ ଚିଟ୍ଟି ବାବୁ କହିଥିଲେ ଯେ, ସାମନ୍ଥା ତାଙ୍କ ଛାଡପତ୍ର ପରେ 'ପୁଷ୍ପା: ଦି ରାଇଜ'ରେ 'ଓ ଆଣ୍ଟାଭା' ଆଇଟମ ଗୀତ କରିଥିଲେ। ସେ ଟଙ୍କା ପାଇଁ ଏହା କରିଥିଲେ। ଷ୍ଟାର ହିରୋଇନ ମାନ୍ୟତା ହରାଇବା ପରେ ସେ ଯାହା କିଛି ଅଫର୍ ମିଳୁଛି ତାହା କରୁଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ............................


ଗୁଗୁଲି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମନ୍ଦିର ନିର୍ମାଣରେ ନିଷ୍ଠା ଓ ତ୍ୟାଗ ପାଇଁ ଗଜପତି ସମ୍ମାନିତ କରୁଥିଲେ

**ଡ. ସୁରେନ୍ଦ୍ର କୁମାର ମିଶ୍ର**

ଆଲୋଚନାରୁ ଆମେ ଜାଣିଲେ କୋଣାର୍କରେ ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ ବେଳେ ଦୁଇଟି ସ୍ୱର୍ଣ୍ଣମୁଦ୍ରା ସ୍ମୃତିଚିହ୍ନ ସ୍ୱରୂପ ପ୍ରଚଳିତ ହୋଇଥିଲା। ପ୍ରଥମେ ସୂର୍ଯ୍ୟଚିହ୍ନ ଥିବା ସ୍ୱର୍ଣ୍ଣମୁଦ୍ରା ପ୍ରଚଳିତ ହୋଇଥିଲା। ଗଜପତିଙ୍କ ଅ୧୫ଙ୍କରେ ପୁନଃ ପଦ୍ମଚିହ୍ନ ଥିବା ସ୍ୱର୍ଣ୍ଣମୁଦ୍ରା ମହାରାଜା ଲାଙ୍ଗୁଳା ନରସିଂହଦେବ ପ୍ରଚଳନ କରାଇଥିଲେ। ଯେଉଁମାନେ ଲେଖିଦେଇଗଲେ ବାହାର ଶିଳ୍ପୀ କୋଣାର୍କଠାରେ ମନ୍ଦିର ନିର୍ମାଣ କରିଥିଲେ, ସେମାନେ ବାହାର ରାଜା ସ୍ୱର୍ଣ୍ଣମୁଦ୍ରା ପ୍ରଚଳନ କରିଥିବା କଥା ଲେଖିନାହାନ୍ତି। ଆମେ ମଧ୍ୟ ଇତିହାସରୁ ସେପରି ସୁରାକ ପାଇ ନାହୁଁ। ଓଲଟି ଓଡ଼ିଶାର ଗଜପତିଙ୍କ କଥା ପାଇଲୁ। ଗଜପତି ଲାଙ୍ଗୁଳା ନରସିଂହଦେବ ନିର୍ବିଘ୍ନରେ ମନ୍ଦିର ନିର୍ମାଣ ପାଇଁ ଟିକିନିଖି ପଦକ୍ଷେପ ନେଇଥିଲେ। ନିର୍ମାଣ କାର୍ଯ୍ୟ ତଦାରଖ ଲାଗି ଆଠଜଣ ପରିଦର୍ଶକଙ୍କୁ ନିଯୁକ୍ତ କରିଥିଲେ। ଯେଉଁମାନଙ୍କୁ ଏବେ ଆମେ 'ଓଭରସିଅର' କହିପାରିବା। ସେହିପରି ପରିଦର୍ଶକଙ୍କ କାର୍ଯ୍ୟକୁ ପରିଚାଳନା ପାଇଁ ଜଣେ ଅଧୀକ୍ଷକ (ସୁପରିଣ୍ଟେଣ୍ଡେଣ୍ଟ) ନିଯୁକ୍ତ କରିଥିଲେ। ଆନନ୍ଦ ପଟ୍ଟନାୟକ ଏହି ପଦବୀରେ ରହି କାର୍ଯ୍ୟ ସମ୍ପାଦନ କରିଥିଲେ। ଏହା ବ୍ୟତୀତ ଜଣେ ଜଣେ ତତ୍ତ୍ୱାବଧାରକ ନିଯୁକ୍ତ କରିଥିଲେ। କାର୍ଯ୍ୟ ଦେଖିବା ପାଇଁ ମହାଶ୍ରମ (ଗଜପତି) କୋଣାର୍କ ଆସି ଶିବିରରେ ରହିବା କଥା ପୂର୍ବରୁ ସୂଚନା ଦେଇଥିଲୁ। ସେ ଅଗ୍ରଗତି ଦେଖିବା ପରେ ସେମାନଙ୍କ ପ୍ରତିଦିନର ପାଉଣା ବାଦ ଉତ୍ସାହିତ କରିବା ଲାଗି ପୁରସ୍କାର ଘୋଷଣା କରୁଥିଲେ। ନିଜେ ସେମାନଙ୍କୁ ସାକ୍ଷାତ କରି ଭଲମନ୍ଦ ବୁଝି ପୁରସ୍କାର ପ୍ରଦାନ କରୁଥିଲେ। ଗଜପତିଙ୍କ ପ୍ରତିମୂର୍ତ୍ତି ପଥରରେ ନିର୍ମାଣ କରିଥିବା ବିଶି ମହାରଣାଙ୍କୁ ଗଙ୍ଗବଂଶ ସୁନାମାଢ଼ ପୁରସ୍କାର ଦେଇଥିଲେ। ମନ୍ଦିର ପ୍ରାଚୀର ନିର୍ମାଣ ଦେଖି ସେ ଖୁସି ହୋଇ ପଥୁରିଆ ସୁନ୍ଦର ମହାପାତ୍ରଙ୍କୁ,




ପଥରଜାଳି କରିଥିବା ବିଦ୍ୟାଧର ଓଝାଙ୍କୁ ପୁରସ୍କାର ଦେଇଥିଲେ। ପଥୁରିଆ ସୁନ୍ଦର ମହାପାତ୍ର ପୁରୀ ନିକଟ ଛଇତନା ଗାଁର ଲୋକ। ସେ ୨୪ ପଥୁରିଆଙ୍କ ସହାୟତାରେ ମନ୍ଦିରର ପୂର୍ବଦିଗ ପାହାଚ ନିର୍ମାଣ କରିଥିଲେ। ପାହାଚ ନିର୍ମାଣ ସହିତ ପ୍ରାଚୀର ନିର୍ମାଣ ଶେଷ ହୋଇଥିଲା। ଗଜପତିଙ୍କ ଅ୮ଙ୍କ କୁମ୍ଭ ୧୭ ଦିନରେ। ପୁରସ୍କାର ବାବଦରେ କେବଳ ସୁନା, ରୁପା, କୁଣ୍ଡଳ, ଖଡୁ, ପାଟ, ମକୁଟା ଓ ପଗଡ଼ି ପ୍ରଦାନ କରାଯାଇଥିଲା ତାହା ନୁହେଁ, ଭୂମି ମଧ୍ୟ ପ୍ରଦାନ କରାଯାଉଥିଲା। ଏପରିକି


କୋଣାର୍କ ମନ୍ଦିର ପାହାଚ ନିର୍ମାଣର କଳା ଚାତୁର୍ଯ୍ୟ। (ଫଟୋ: ଜ୍ୟୋତିରାଜ ମହାନ୍ତି, କୋଣାର୍କ)

- **ଶିଳ୍ପୀଙ୍କ ମନୋବଳ ବୃଦ୍ଧି ପାଇଁ ନଜର ଦିଆଯାଇଥିଲା**
- **ସୁନା ରୁପା ସହିତ 'ଉପାଧି'ରେ ସମ୍ମାନିତ କରାଯାଉଥିଲା**

ତ୍ୟାଗର ପରାକାଷ୍ଠା ସ୍ୱରୂପ ଗ୍ରାମ ଦାନ ପୁରସ୍କାର ଆକାରରେ ଦିଆଯାଇଥିଲା। ସେଇଠି ପୁରସ୍କାର ଅଟକି ଯାଇ ନ ଥିଲା। ପୁରସ୍କାର ସ୍ୱରୂପ 'ଉପାଧି' ବି ଦିଆଯାଉଥିଲା। ଭିଙ୍ଗୁରାଗଡ଼ (ବର୍ତ୍ତମାନ ଏହି ଗଡ଼ ପରିଚିତ ହେଉଛି ଗଡ଼ଭିଙ୍ଗୁରା ଭାବରେ) ନାୟକଙ୍କ ସାଙ୍ଗିଆ ଥିଲା 'ମହାରଥୀ'। ସେ ସମଗ୍ର ଓଡ୍ର ଭୂଖଣ୍ଡରୁ ମନ୍ଦିର ନିର୍ମାଣ ପାଇଁ ବଛା ବଛା ଶିଳ୍ପୀଙ୍କୁ ମନୋନୀତ କରି କୋଣାର୍କରେ ପହଞ୍ଚାଇଥିଲେ। ସେଥିପାଇଁ- ତାଙ୍କୁ 'ମହାନାୟକ' ଉପାଧି ଦିଆଯାଇଥିଲା। ଭିଙ୍ଗୁରାଗଡ଼ ମହାନାୟକ ମହାରଥୀ ଭାବରେ ସେ ପରିଚିତ ହେଲେ। - ଶ୍ରୀପଦ୍ମକେଶର ମନ୍ଦିରରେ ଉପାସନା ଆରମ୍ଭ ହେବା ପରେ ମନ୍ଦିର ସେବାର ତଦାରଖ ଦାୟିତ୍ୱ ଏହାଙ୍କୁ ଦିଆଯାଇଥିଲା। ଭିଙ୍ଗୁରାଗଡ଼ ମହାନାୟକଙ୍କୁ କେବଳ ଅଧିକାର ମିଳିଥିଲା ଭୋଗବେଳେ ସୁନା ବେତ ଧରି ଠିଆ ହୋଇ ଜଗିବା ପାଇଁ। ଏହି ସୁନା ବେତ ୨୭ ତୋଳା ସୁନାରେ ତିଆରି ହୋଇଥିଲା। ଏହା ହେଉଛି ଶିଳ୍ପୀଙ୍କର ତଥା ସହଯୋଗୀଙ୍କ ମନୋବଳ ବଢ଼େଇବାର ଗୋଟିଏ ଗୋଟିଏ ଉଦାହରଣ। ମନ୍ଦିର ନିର୍ମାଣବେଳେ ଅଘଟଣ ଘଟିଛି। ରୋଗ ବ୍ୟାଧିରେ କେହି କେହି ଶିବିରରେ ଦେହତ୍ୟାଗ କରିଛନ୍ତି। ମାତ୍ର ସେମାନଙ୍କୁ ତଥା ସେମାନଙ୍କ ପରିବାରକୁ ହତାଦର କରାଯାଇ ନାହିଁ। ମୁଖ୍ୟ ପଥରଶିଳ୍ପୀ ମୁକୁନ୍ଦ ମହାପାତ୍ର ନିମୋନିଆରେ ଚାଲିଗଲେ। ତାଙ୍କ ସତ୍କାର ପାଇଁ ପୁଅ ଧଡ଼ିଆଙ୍କୁ ଦୁଇମାଢ଼ ସୁନା, ପୁଣି ଅକାଳ ମୃତ୍ୟୁ ପାଇଁ ୩୦ ମାଢ଼ ସୁନା ଦିଆଯାଇଥିଲା। ଯାହାଦ୍ୱାରା ପାରିବାରିକ ସମସ୍ୟାର ନିରାକରଣ ହୋଇପାରିବ। ଆଉ ବିଘ୍ନ ଶିଳ୍ପୀମାନଙ୍କ ଉପରେ ନ ଆସୁ ସେଥିପାଇଁ 'ଅପସାରଣ ପୂଜା' କରାଯାଇଥିଲା ବ୍ରାହ୍ମଣ ପୁରୋହିତମାନଙ୍କ ଦ୍ୱାରା। ଦେବୀ ଗଙ୍ଗେଶ୍ୱରୀ ମନ୍ଦିରରେ ଦୁଇ ମାଢ଼ ଖର୍ଚ୍ଚ କରାଯାଇ ଚଣ୍ଡୀପାଠ କରାଯାଇଥିଲା। ଇୟେ କ'ଣ ଶିଳ୍ପୀଙ୍କୁ ନିର୍ଯାତନା ବା ଅବହେଳା କରିବାର ନିଦର୍ଶନ ନା ସହଯୋଗର ନିଦର୍ଶନ!! ସେ ସମୟରେ ମୟୂରଭଞ୍ଜର ରାଜା ଥିଲେ ଚକ୍ରଧର ଭଞ୍ଜ। ସେ ମଧ୍ୟ କୋଣାର୍କଠାରେ ନିର୍ମାଣ ହେଉଥିବା ମନ୍ଦିର ପାଇଁ ଯେପରି ସହଯୋଗର ହାତ ବଢ଼ାଇଥିଲେ ତାହା ସ୍ମରଣଯୋଗ୍ୟ। ଦଶଜଣ ଶିଳ୍ପୀ ପଠାଇଥିଲେ ମୟୂରଭଞ୍ଜରୁ କେବଳ ସୂକ୍ଷ୍ମ କାରୁକାର୍ଯ୍ୟ କରିବା ପାଇଁ। ଖର୍ଚ୍ଚ ତ ଦିଆଗଲା, କିନ୍ତୁ ଗଜପତିଙ୍କ ଆଦେଶରେ ତାଙ୍କ ସମ୍ମାନ ସ୍ୱରୂପ ୧୨ଯୋଡ଼ା ଧୋତି ବି ଦିଆଯାଇଥିଲା। ସେମାନେ ବିଦ୍ୟାଧର ମହାରଣାଙ୍କ ନେତୃତ୍ୱରେ ଜାଲି ଭାସ୍କର୍ଯ୍ୟ କାମରେ ସହଯୋଗ କରିଥିଲେ। ଓଡ଼ିଶାର ଶିଳ୍ପୀମାନେ ଶୃଙ୍ଖଳାର ସହ ନିଷ୍ଠାବାନ ହୋଇ ସେତେବେଳେ ମନ୍ଦିର ନିର୍ମାଣକାର୍ଯ୍ୟକୁ ନିର୍ବିଘ୍ନରେ କରିବା ପାଇଁ ବଦ୍ଧପରିକର ଥିଲେ। ସେତିକି ତ୍ୟାଗ ମାନସିକତା ନ ଥିଲେ ଗୋଟାଏ ଜାତିର ସର୍ବଶ୍ରେଷ୍ଠ କଳାନୈପୁଣ୍ୟ ପାଇଁ ଏମାନେ ଜୀବନକୁ ଉତ୍ସର୍ଗ କରି ନ ଥାନ୍ତେ। ବାସ୍ତବରେ ଏମାନେ ୧୨ ବର୍ଷ କାମ କରି ନ ଥିଲେ। ଉପାସନା ଆରମ୍ଭ ହେବା ପରେ ବି କାମ ଅବ୍ୟାହତ ରହିଥିଲା।

# 'ଭାରତୀୟ ପାରମ୍ପରିକ କ୍ରୀଡ଼ା ମହୋତ୍ସବ'କୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା

**କୋରାପୁଟ,୨୩।୪(ସ୍ୱ.ପ୍ର.)**

କୋରାପୁଟସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ଭାରତୀୟ ପାରମ୍ପରିକ କ୍ରୀଡ଼ା ମହୋତ୍ସବକୁ ପ୍ରଶଂସା କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଟୁଇଟ୍ କରିଛନ୍ତି। ଭାରତବର୍ଷର ସମୃଦ୍ଧ କ୍ରୀଡ଼ା ପରମ୍ପରା ଓ ତାହାର ବିବିଧତା ସମ୍ପର୍କରେ ସଚେତନତା ବାର୍ତ୍ତା ପ୍ରସାରଣ ନିମନ୍ତେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ନେଇଥିବା ପଦକ୍ଷେପ ଅତ୍ୟନ୍ତ ପ୍ରଶଂସା ଯୋଗ୍ୟ ବୋଲି ସେ ନିଜ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି।

ଅପ୍ରେଲ ୨୦ରୁ ୨୨ ତାରିଖ ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟ ପରିସରରେ ଏହି 'ଭାରତୀୟ ପାରମ୍ପରିକ କ୍ରୀଡ଼ା ମହୋତ୍ସବ' ଆୟୋଜିତ ହୋଇଥିଲା। ଏହାକୁ କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ସୁଭାଷ ସରକାର ଉଦ୍‌ଘାଟନ କରିଥିଲେ। ସେ ଏ ନେଇ ଏକ ଟୁଇଟ୍ କରି ବିଶ୍ୱବିଦ୍ୟାଳୟ ପଦକ୍ଷେପକୁ ପ୍ରଶଂସା କରିଥିଲେ। ପ୍ରଧାନମନ୍ତ୍ରୀ ତାହାକୁ ରିଟୁଇଟ୍ କରିଛନ୍ତି।


Narendra Modi @narendra... · 36m
Laudatory initiative by Central University of Odisha to organise the Paramparik Kreeda Mahotsava to spread awareness about India's rich sporting traditions and diversity.
pib.gov.in/PressReleasePa...

Dr. Subhas Sarkar @Drsub... · 1d
Attended Bharatiya Paramparik Kreeda Mahotsav organised at Central University of Odisha, Koratpur today. I was astonished to see such varieties of Bharatiya sports forms and the yo...

44 390 1,349 63.8K

ପ୍ରଧାନମନ୍ତ୍ରୀଙ୍କ ଟୁଇଟ୍।

ଏହି ଟୁଇଟ୍ ପରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ର. ଚକ୍ରଧର ତ୍ରିପାଠୀ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଡା. ସୁଭାଷ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ବଜ୍ରପାତରେ ମନ୍ଦିରରୁ ଖସିଲା ପଥର

**ତିହିଡ଼ି,୨୩।୪ (ଡି.ଏନ.ଏ.)**

ବଜ୍ରପାତରେ ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ପାଳିଆବିନ୍ଧାର ବିରଞ୍ଚି ନାରାୟଣ ମନ୍ଦିର ଫାଟି ପଥର ଖସିଛି। ଶନିବାର ରାତିରେ ବଜ୍ରପାତ ଯୋଗୁ ମନ୍ଦିର ପଶ୍ଚିମ ପାର୍ଶ୍ୱର ଉପର ଅଂଶ ଆଘାତପ୍ରାପ୍ତ ହୋଇ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ମନ୍ଦିରରେ ବିଜୁଳି ପ୍ରତିରୋଧକ ବ୍ୟବସ୍ଥା ନ ଥିବାରୁ ଏପରି ଘଟିଥିବା ସରପଞ୍ଚଙ୍କ ପ୍ରତିନିଧି ଅମୀୟ ରଞ୍ଜନ ମଲ୍ଲିକ, ସମିତିସଭ୍ୟ ଜୀବନଜ୍ୟୋତି ପଲାଇ, ବରିଷ୍ଠ ନେତା ବସନ୍ତ କୁମାର ନାୟକ ଓ ଯୁବନେତା ସୁଧନ୍ୱା ନାୟକ କହିଛନ୍ତି। ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଐତିହାସିକ ମନ୍ଦିରର ସୁରକ୍ଷା ଦିଗରେ ଯତ୍ନବାନ ହେବାକୁ ସେମାନେ ଦାବି କରିଛନ୍ତି।


ପାଳିଆବିନ୍ଧାସ୍ଥିତ ବିରଞ୍ଚି ନାରାୟଣ ମନ୍ଦିର ଫାଟି ପଥର ଖସିପଡ଼ିଛି।

# ପଦ୍ମଶ୍ରୀ କମଳା ପୂଜାରୀ ପୁଣି ଅସୁସ୍ଥ

**ଜୟପୁର, ୨୩।୪(ନି.ପ୍ର.)**



ବିରଳ ଧାନ ବିହନ ସଂଗ୍ରାହକ ପଦ୍ମଶ୍ରୀ କମଳା ପୂଜାରୀ ଅସୁସ୍ଥ ହୋଇ ଶନିବାର ବିଳମ୍ବିତ ରାତିରେ ଜୟପୁରସ୍ଥିତ କୋରାପୁଟ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। କ ପାକଜନିତ ସମସ୍ୟା ହେତୁ ସେ ଗୁରୁତର ଥିବା କୁହାଯାଉଛି। ତାଙ୍କର ଚିକିତ୍ସା ଲାଗି ୫ ଜଣିଆ ଡାକ୍ତରୀ ଟିମ୍ ଗଠିତ ହୋଇଛି। ଏହି ୫ଜଣିଆ ଡାକ୍ତରୀ ଦଳ କମଳା ପୂଜାରୀଙ୍କ ଚିକିତ୍ସା ଜାରି ରଖିଥିବା ଚିକିତ୍ସାଳୟ ପକ୍ଷରୁ ସୂଚନା ମିଳିଛି। ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ତାଙ୍କର ଆରୋଗ୍ୟ କାମନା କରିଛନ୍ତି। ସୂଚନାନୁଯାୟୀ, ଜ୍ୱର ଓ ବାରମ୍ବାର କାଶ ହେତୁ କମଳା ପୂଜାରୀଙ୍କୁ ଗତ ଅକ୍ଟୋବରରେ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ କଟକ ଏସ୍‌ସିବିରେ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ସୁସ୍ଥ ହୋଇ ସେ ନିଜ ଘର ପାତ୍ରପୁଟକୁ ଫେରିଥିଲେ।

# ଶୁକ୍ର ଗ୍ରହର ନିକଟତର ହେଲା ଚନ୍ଦ୍ର

**ଭୁବନେଶ୍ୱର, ୨୩।୪ (ବ୍ୟୁରୋ)**

ରବିବାର ସନ୍ଧ୍ୟା ଆକାଶରେ ପୁଣିଥରେ ମହାଜାଗତିକ ଦୃଶ୍ୟ ଦେଖିବାକୁ ମିଳିଥିଲା। ଶୁକ୍ର ଗ୍ରହର ଅତି ନିକଟତର ହୋଇଥିଲା ଚନ୍ଦ୍ର। ପ୍ରତିମାସ ଚନ୍ଦ୍ର ଏବଂ ଶୁକ୍ର ଗ୍ରହ ପାଖାପାଖି ହେଉଥିଲେ ହେଁ ରବିବାର ସନ୍ଧ୍ୟାରେ ଏହାକୁ ଖାଲି ଆଖିରେ ଦେଖି ହୋଇଥିଲା। ଏ ନେଇ ପଠାଣି ସାମନ୍ତ ପ୍ଲାନେଟୋରିୟମ ଉପନିର୍ଦ୍ଦେଶକ ଶୁଭେନ୍ଦୁ ପଟ୍ଟନାୟକ କହିଛନ୍ତି, ଏହି ଘଟଣା ସାଧାରଣ ହୋଇ ନ ଥିଲେ ମଧ୍ୟ ଅସାଧାରଣ ମଧ୍ୟ ନୁହେଁ। ଏହା ଏକ ନିୟମିତ ପ୍ରକ୍ରିୟା। ଚନ୍ଦ୍ର ୨୮ ଦିନରେ ଥରେ ପୃଥିବୀ ଚାରିପଟେ ଘୂରିବୁଲେ। ପ୍ରତ୍ୟେକ ଦିନ ଚନ୍ଦ୍ର ପ୍ରାୟ ୧୨ ଡିଗ୍ରୀ ଆଗକୁ ଯାଇଥାଏ। ସେହି ତୁଳନାରେ ଗ୍ରହମାନେ ଏତେ ଦୂରକୁ ଯାଇପାରନ୍ତି ନାହିଁ। ଗ୍ରହମାନେ ନିଜର ନିର୍ଦ୍ଦିଷ୍ଟ କକ୍ଷପଥରେ ଘୂରି ବୁଲନ୍ତି। ପ୍ରତି ମାସରେ ଚନ୍ଦ୍ର କୌଣସି ନା କୌଣସି ଗ୍ରହର ନିକଟବର୍ତ୍ତୀ ହେବା ଭଳି ଦେଖାଯାଏ। ଏବେ ଚନ୍ଦ୍ର ଓ ଶୁକ୍ର ମଧ୍ୟରେ ୨ ଡିଗ୍ରୀ ଦୂରତା ରହିଛି। ସୋମବାର ଏହି ଦୂରତା ପ୍ରାୟ ୧୫ ଡିଗ୍ରୀକୁ ବୃଦ୍ଧି ପାଇବ। ଆସନ୍ତା ମାସରେ ମଧ୍ୟ ଚନ୍ଦ୍ର ଶୁକ୍ର ଗ୍ରହର ପାଖାପାଖି ହେବ। ସେତେବେଳେ ଦୂରତା ୪ ଡିଗ୍ରୀ ରହିବ ବୋଲି ଅନୁମାନ କରାଯାଉଥିବା ପଟ୍ଟନାୟକ କହିଛନ୍ତି।




# Classified Everyday
0674-2580101, 2549949



SALE

Individual 3500sqft. gharabari plot Balianta, 2400sqft. Janala for immediate registration, possession: 9937850303 (ବିଷ୍ଣୁ)
D-0023

Plot for sale in and around Bhubaneswar investment commercial and residential. 9777345831.
D-71052

Well developed gharabari yellow zone plot for sale. Kantabada-1250, Vola- 1350, Ranga Bazar- 650. Contact: 9439702573, 7978236408.
D-0133

30' Revenue ରୋଡ୍‌କୁ ଲାଗି gharabari yellowzone boundarywall plot (1200, 1500, 1800) ନେଇ ତୁରନ୍ତ ଘର କରନ୍ତୁ। Mouza- Jujhagarha near KIIT Campus, Bhubaneswar, Direct owner- 9437033320. D-74845




Construct your dream home with competitive rate and for sharing projects. Contact: Besco Developers, Bhubaneswar, 7735330028, 9778855101. D-0081

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




All type of professional full body massage by professional therapist at Rajmahal @ 999. Contact: 7855053566. D-0078

Spa head to foot body massages therapist Relax Refresh@999/- Bhubaneswar. Kajal- 9337672475.
D-0144

Asribadaa Panchakarma herbal SPA Kesharimall, Bhubaneswar. Contact: 8926173473.
D-74674

Newly open health benefits Spa special offer@999 Nayapalli. 7846814019.
D-75101

Relax, Refresh your body, Mind at Saikrupa Spa with best therapies. 8984068077. D-0145

Newly open health benefits SPA special offer @799 Jaydev Vihar. 8018429809.
D-73700

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ପ୍ରଥମ ଜନ୍ମଦିନ ଶୁଭେଚ୍ଛା**



**ସାଇପ୍ରତୀକ୍**
ଗବକୁଣ୍ଡ, ସାକ୍ଷୀଗୋପାଳ, ପୁରୀ
ଜନ୍ମଦିନରେ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା। ସଦାସର୍ବଦା ତୋର ଚଲାପଥ କୁସୁମିତ ହେଉ।
ଶୁଭେଚ୍ଛା ସହ: ଜେଜେବାପା, ଜେଜେମାଆ, ଅଜା, ଆଇ, ବାବା, ମାମା, ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୦୧୬୯


# ତୃଣମୂଳସ୍ତରରେ ଶାସନ ବ୍ୟବସ୍ଥା

## ଜାତୀୟ ପଞ୍ଚାୟତିରାଜ ଦିବସ

ଭାରତର ଗ୍ରାମାଞ୍ଚଳରେ ସ୍ୱାୟତ୍ତ ଶାସନ ସହ ପଞ୍ଚାୟତ ଏବଂ ଗ୍ରାମ ସଭା ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ଏପ୍ରିଲ ୨୪ରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ କରାଯାଇଥାଏ। ଭାରତର ପଞ୍ଚାୟତିରାଜ ବ୍ୟବସ୍ଥାକୁ ତିନୋଟିସ୍ତରରେ ବିଭକ୍ତ କରାଯାଇଛି ଯେଉଁଥିରେ ଗ୍ରାମସ୍ତରରେ ଗ୍ରାମ ପଞ୍ଚାୟତ, ମଧ୍ୟବର୍ତ୍ତୀ ସ୍ତରରେ ବ୍ଲକ ପଞ୍ଚାୟତ, ଜିଲାସ୍ତରରେ ଜିଲା ପଞ୍ଚାୟତ ଅନ୍ତର୍ଭୁକ୍ତ। ଏହା ଦ୍ୱାରା ଶାସନ ବ୍ୟବସ୍ଥା ତୃଣମୂଳସ୍ତରରେ ପହଞ୍ଚି ପାରିଛି। ଗ୍ରାମଗୁଡ଼ିକୁ ନିଜସ୍ୱ କାର୍ଯ୍ୟକଳାପ କରିବା ପାଇଁ ଏହି ବ୍ୟବସ୍ଥା ଦାୟିତ୍ୱ ପ୍ରଦାନ କରିଥାଏ। ବଲୱନ୍ତ ରାୟ ମେହେଟ୍ଟା ଗ୍ରାମ ପଞ୍ଚାୟତର ବିକେନ୍ଦ୍ରୀକରଣ ପାଇଁ ପ୍ରସ୍ତାବ ଦେଇଥିଲେ। ଏଥିପାଇଁ ତାଙ୍କୁ ପଞ୍ଚାୟତିରାଜ ବ୍ୟବସ୍ଥାର ଜନକ ମଧ୍ୟ କୁହାଯାଇଥାଏ।ଏହି ଦିନ ଦେଶର ପଞ୍ଚାୟତଗୁଡ଼ିକର ବିଭିନ୍ନ ପ୍ରତିନିଧିମାନେ ଆୟୋଜିତ ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରି ଏନେଇ ସଚେତନତା ସୃଷ୍ଟିର ଉଦ୍ୟମ କରିଥାନ୍ତି।

ପଞ୍ଚାୟତର ଅର୍ଥ ହେଉଛି ପାଞ୍ଚଜଣ ସଦସ୍ୟଙ୍କ ଏକ ସଭା। ଯେଉଁମାନେ ସ୍ଥାନୀୟ ସ୍ତରରେ ବିବାଦର ସମାଧାନ କରି ସ୍ଥାନୀୟ ଗୋଷ୍ଠୀଙ୍କର ସକ୍ରିୟତାକୁ ପ୍ରୋତ୍ସାହିତ କରିଥାନ୍ତି। ୨୪ ଏପ୍ରିଲ ୨୦୧୦ରେ ଏହି ଦିବସ ପ୍ରଥମେ ପାଳନ କରାଯାଇଥିଲା। ୭୩ ତମ ସଂଶୋଧନ ଅଧିନିୟମ ୧୯୯୨ ଅନୁଯାୟୀ, ତୃଣମୂଳ ସ୍ତରର କ୍ଷମତା ବିକେନ୍ଦ୍ରୀକରଣ କରାଯାଇ ପଞ୍ଚାୟତିରାଜ ନାମରେ ପରିଚିତ ଅନୁଷ୍ଠାନର ମୂଳଦୁଆ ଆରମ୍ଭ ହୋଇଥିଲା। ଏହାସହିତ ପଞ୍ଚାୟତିରାଜ ମନ୍ତ୍ରଣାଳୟର କାର୍ଯ୍ୟ ପରିସରକୁ ଏକ ବ୍ୟବସ୍ଥିତ ଆଧାର ପ୍ରଦାନ କରିଥିଲା। ୧୯୫୭ରେ ଏନେଇ କମିଟି ଗଠନ ହେବା ପରେ ପଞ୍ଚାୟତିରାଜ ଭାବନା କାର୍ଯ୍ୟକାରୀ ହୋଇଥିଲା। ୧୯୫୯ରେ ରାଜସ୍ଥାନ ପ୍ରଥମ ରାଜ୍ୟ ଭାବରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଦେଶକୁ ଆଣିଥିଲା।ଏହି ବିଲ୍ ୨୨ ଡିସେମ୍ବର ୧୯୯୨ରେ ଲୋକ ସଭା ଏବଂ ୨୩ ଡିସେମ୍ବର ୧୯୯୨ରେ ରାଜ୍ୟ ସଭା ଦ୍ୱାରା ଗୃହୀତ ହୋଇଥିଲା। ପରେ ଏହା ୧୭ଟି ରାଜ୍ୟ ବିଧାନସଭା ଦ୍ୱାରା ଅନୁମୋଦିତ ହୋଇଥିଲ। ୧୯୯୩ ଏପ୍ରିଲ ୨୩ରେ ଏହା ରାଷ୍ଟ୍ରପତିଙ୍କ ସ୍ୱୀକୃତି ଲାଭ କରିଥିଲା। ଏହି ନିୟମ ୨୪ ଏପ୍ରିଲ ୧୯୯୩ରୁ କାର୍ଯ୍ୟକାରୀ ହୋଇଥିଲା। ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ୨୪ ଏପ୍ରିଲ ୨୦୧୦ରେ ପ୍ରଥମ ଜାତୀୟ ପଞ୍ଚାୟତିରାଜ ଦିବସ ଘୋଷଣା କରିଥିଲେ। ସେ କହିଥିଲେ, ଯଦି ପଞ୍ଚାୟତିରାଜ ଅନୁଷ୍ଠାନ(ପିଆରଆଇ) ଠିକ୍ ଭାବରେ କାର୍ଯ୍ୟ କରେ ଏବଂ ସ୍ଥାନୀୟ ଲୋକମାନେ ବିକାଶ ପ୍ରକ୍ରିୟାରେ ଅଂଶଗ୍ରହଣ କରନ୍ତି, ତେବେ ବହୁ ସଙ୍କଟର ମୁକାବିଲା କରାଯାଇପାରିବ।

୨୦୨୩ର ଜାତୀୟ ପଞ୍ଚାୟତିରାଜ ଦିବସ ଏକ ବିଶେଷ ମହତ୍ତ୍ୱ ରଖିଛି, କାରଣ ଆମେ ଭାରତରେ ପଞ୍ଚାୟତିରାଜର ଦୀର୍ଘ ୩୦ ବର୍ଷର ସ୍ମରଣୀୟ ଯାତ୍ରା ପାଳନ କରୁଛୁ। ଏହି ସମ୍ବିଧାନ ସଂଶୋଧନ ଅଧିନିୟମ ପଞ୍ଚାୟତ ସମ୍ବନ୍ଧରେ ଭାଗ-୯ ପ୍ରବର୍ତ୍ତନ କରାଯାଇଥିଲା। ଏହା ଆମର ଗଣତାନ୍ତ୍ରିକ ନୀତିର ତୃଣମୂଳସ୍ତରରେ ଏକ ପ୍ରଭାବଶାଳୀ ସ୍ୱାୟତ୍ତ ଶାସନର ଏକ ଯୁଗାନ୍ତକାରୀ ପଦକ୍ଷେପ। ୨୦୧୪ ପରଠାରୁ ପଞ୍ଚାୟତିରାଜ ପ୍ରତିଷ୍ଠାନକୁ ଯଥାସମ୍ଭବ ସୁଦୃଢ଼ କରିବାକୁ କେନ୍ଦ୍ର ସରକାର ଉଦ୍ୟମ ଜୋରଦାର କରିଛନ୍ତି, ଯଦ୍ୱାରା ପଞ୍ଚାୟତିରାଜର ମୂଳ ଉଦ୍ଦେଶ୍ୟ ହାସଲ ହୋଇପାରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଗ୍ରାମାଞ୍ଚଳରେ ବିଭିନ୍ନ ଭିତ୍ତିଭୂମି ଆବଶ୍ୟକତା ତଥା ବିକାଶମୂଳକ କାର୍ଯ୍ୟକୁ ସମର୍ଥନ କରିବା ପାଇଁ ପଞ୍ଚାୟତିରାଜ ଅନୁଷ୍ଠାନକୁ ଆର୍ଥିକ ସମ୍ବଳ ଆବଣ୍ଟନରେ ବଡ଼ ପରିବର୍ତ୍ତନ ଅଣାଯାଇଛି। ପଞ୍ଚାୟତିରାଜ ଅନୁଷ୍ଠାନକୁ ମଜଭୁତ ତଥା ସଶକ୍ତୀକରଣ, ସେଗୁଡ଼ିକର ଭୂମିକା ଏବଂ ଦାୟିତ୍ୱ ପୂରଣ ପାଇଁ ପିଆରଆଇର ପ୍ରତିନିଧିଙ୍କ ଦକ୍ଷତା ବୃଦ୍ଧି ତଥା ଅନ୍ତର୍ଭୁକ୍ତ ବିକାଶ, ଅର୍ଥନୈତିକ ଅଭିବୃଦ୍ଧି ହାସଲ ଦିଗରେ ପଞ୍ଚାୟତିରାଜ ଅନୁଷ୍ଠାନର ଦକ୍ଷତା, କାର୍ଯ୍ୟରେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱରେ ଉନ୍ନତି ଆଣିବା ପାଇଁ କେନ୍ଦ୍ର ସରକାର ଅନେକ ପଦକ୍ଷେପ ନେଇଛନ୍ତି। ଏହି ବ୍ୟବସ୍ଥାର ୯ଟି ସ୍ଥାୟୀ ବିକାଶ ଲକ୍ଷ୍ୟ ମଧ୍ୟରେ ରହିଛି ଦାରିଦ୍ର୍ୟ ଦୂରୀକରଣ ଏବଂ ଉନ୍ନତ ଜୀବିକା ଗ୍ରାମ, ସୁସ୍ଥ ଗ୍ରାମ, ଶିଶୁ ଅନୁକୂଳ ଗ୍ରାମ, ଜଳ ପର୍ଯ୍ୟାପ୍ତ ଗ୍ରାମ, ସ୍ୱଚ୍ଛ ଏବଂ ସବୁଜ ଗ୍ରାମ, ଆତ୍ମନିର୍ଭରଶୀଳ ଭିତ୍ତିଭୂମି ଥିବା ଗ୍ରାମ, ସାମାଜିକ ଭାବରେ ନ୍ୟାୟ ଏବଂ ସାମାଜିକ ସୁରକ୍ଷିତ ଗ୍ରାମ, ଉତ୍ତମ ଶାସନ ସହିତ ଗ୍ରାମ ଏବଂ ମହିଳା ବନ୍ଧୁ ଗ୍ରାମ। ୨୪ ଏପ୍ରିଲ ୨୦୨୦ ରେ ଜାତୀୟ ପଞ୍ଚାୟତିରାଜ ଦିବସ ଅବସରରେ ଇ-ଗ୍ରାମ ସ୍ୱରାଜ ଆରମ୍ଭ କରାଯାଇଥିଲା, ଯାହା ଯୋଜନାଠାରୁ ଆରମ୍ଭ କରି ଅନଲାଇନ ପେମେଣ୍ଟ ପର୍ଯ୍ୟନ୍ତ ପଞ୍ଚାୟତର ଦିନିକିଆ କାର୍ଯ୍ୟ ପାଇଁ ଏକକ ୱିଣ୍ଡୋ ସମାଧାନ ଭାବରେ କାର୍ଯ୍ୟ କରିବା ପାଇଁ ପରିକଳ୍ପନା କରାଯାଇଥିଲା। ଇତିମଧ୍ୟରେ ୨.୩ଲକ୍ଷରୁ ଅଧିକ ଗ୍ରାମ ପଞ୍ଚାୟତ ଏବଂ ପାରମ୍ପରିକ ସ୍ଥାନୀୟ ସଂସ୍ଥା ଏହାକୁ ଅନଲାଇନ ପେମେଣ୍ଟସ ପାଇଁ ବ୍ୟବହାର କରି ସାରା ଦେଶରେ ପ୍ରାୟ ଶତପ୍ରତିଶତ ସଫଳତା ହାସଲ କରିପାରିଛନ୍ତି। ଏହି ସିଷ୍ଟମ ମାଧ୍ୟମରେ ୧.୩୫ ଲକ୍ଷ କୋଟିରୁ ଅଧିକ ଦେୟ ଅନ୍‌ଲାଇନରେ କାର୍ଯ୍ୟକାରୀ ହୋଇଛି। ଏହି ସିଷ୍ଟମ ମାଧ୍ୟମରେ ଖର୍ଚ୍ଚ ହୋଇଥିବା ଅନୁଦାନଗୁଡ଼ିକ ମୁଖ୍ୟତଃ କେନ୍ଦ୍ରୀୟ ଅର୍ଥ ଆୟୋଗ(ଏଫ୍‌ସି)ର ଅନୁଦାନ ଥିଲା ଏବଂ ୧୫ତମ ଏଫସି ଅନୁଦାନର ୨.୫ ଲକ୍ଷ କୋଟି ଟଙ୍କା କେବଳ ଇ-ଗ୍ରାମ ସ୍ୱରାଜ ଆବେଦନ ମାଧ୍ୟମରେ ଖର୍ଚ୍ଚ ହୋଇଛି। ୨୦୨୨-୨୩ ଆର୍ଥିକବର୍ଷରେ ପ୍ରାୟ ୫୦ ହଜାର କୋଟି ଟଙ୍କା ପର୍ଯ୍ୟନ୍ତ ପାଣ୍ଠି ସାରା ଭାରତରେ ପଞ୍ଚାୟତ ଦ୍ୱାରା ଖର୍ଚ୍ଚ କରାଯାଇଥିଲା। ପବ୍ଲିକ ଫାଇନାନ୍ସ ମ୍ୟାନେଜମେଣ୍ଟ ସିଷ୍ଟମ (ପିଏଫ୍‌ଏମ୍‌ଏସ୍) ଜରିଆରେ ସିଧାସଳଖ ବିକ୍ରେତା ଆକାଉଣ୍ଟକୁ ଦେୟ ପ୍ରଦାନ କରାଯାଇଥାଏ। ଇ-ସ୍ୱରାଜ ଗ୍ରାମୀଣ ଜନତାଙ୍କ ଆର୍ଥିକ ସ୍ଥିତିକୁ ସଶକ୍ତ କରିପାରିଛି।

# ବୃହସ୍ପତି ଅଭିମୁଖେ ଜୁଇସ୍ ଅଭିଯାନ


ଇଂ. ମାୟାଧର ସ୍ୱାଇଁ

"ଜୁଇସ୍ ମହାକାଶ ଯାନ ବୃହସ୍ପତି ସମେତ ଏହାର ତିନି ଉପଗ୍ରହ ଗାନିମିଡ, କାଲିଷ୍ଟୋ ଓ ୟୁରୋପାକୁ ଅଧ୍ୟୟନ କରିବା ପୂର୍ବରୁ ବୃହସ୍ପତି ନିକଟକୁ ସାତଟି ମହାକାଶଯାନ ଯାଇସାରିଛି। କିନ୍ତୁ କେବଳ ବୃହସ୍ପତି ଓ ଏହାର ଉପଗ୍ରହଗୁଡ଼ିକୁ ଅଧ୍ୟୟନ କରିବା ପାଇଁ ଦୁଇଟି ଯାନ ଯାଇଛି। ଗୋଟିଏ ହେଉଛି ଗାଲିଲିଓ ଯାନ, ଯାହା ବୃହସ୍ପତି କକ୍ଷରେ ରହି ଏହାକୁ ୧୯୯୫ରୁ ୨୦୦୩ ମସିହା ପର୍ଯ୍ୟନ୍ତ ଅଧ୍ୟୟନ କରିଥିଲା। ଅନ୍ୟଟି ହେଉଛି ଜୁନୋ ଯାନ ଏବଂ ଏହା ୨୦୧୬ ମସିହାରୁ ଆଜି ପର୍ଯ୍ୟନ୍ତ ବୃହସ୍ପତିକୁ ପରିକ୍ରମଣ କରୁଛି।"






ୟୁରୋପୀୟ ମହାକାଶ ସଂସ୍ଥା ଚଳିତ ବର୍ଷ ଏପ୍ରିଲ ୧୪ ତାରିଖରେ ବୃହସ୍ପତି ଓ ଏହାର ତିନୋଟି ବଡ଼ ବରଫ ଆଚ୍ଛାଦିତ ଉପଗ୍ରହର ବିଶଦ ଅଧ୍ୟୟନ ପାଇଁ 'ଜୁଇସ୍' ନାମକ ଗୋଟିଏ ମହାକାଶ ଯାନ ପଠାଇଛି। ଏହାକୁ 'ଜୁଇସ ଅଭିଯାନ' ନାମରେ ନାମିତ କରାଯାଇଛି। ଆମ ସୌରଜଗତରେ ବୃହସ୍ପତିର ଏକ ବିଶେଷ ସ୍ଥାନ ଅଛି। ଏହା ହେଉଛି ସୌରଜଗତର ବୃହତ୍ତମ ଗ୍ରହ। ପୃଥିବୀଠାରୁ ୫.୨ ଜ୍ୟୋତିର୍ବିଦୀୟ ଏକକ ଦୂରତାରେ ଏହା ସୂର୍ଯ୍ୟକୁ ପରିକ୍ରମଣ କରୁଛି। ସୂର୍ଯ୍ୟ ଚାରିପଟେ ଥରେ ଘୂରି ଆସିବାକୁ ଏହା ୧୧.୮୬ ବର୍ଷ ନେଇଥାଏ। ଏହାର ବସ୍ତୁତ୍ୱ ହେଉଛି ପୃଥିବୀ ବସ୍ତୁତ୍ୱର ୩୧୮ ଗୁଣ। ଏହା ମୁଖ୍ୟତଃ ଗ୍ୟାସ୍‌କୁ ନେଇ ଗଠିତ। ଏଣୁ ଏହାକୁ 'ଗ୍ୟାସୀୟ ଦାନବ ଗ୍ରହ' ଭାବରେ ବର୍ଗୀକରଣ କରାଯାଇଛି।

ବୃହସ୍ପତିର ଏକ ଆଶ୍ଚର୍ଯ୍ୟ ହେଉଛି ଏହାର ଉପଗ୍ରହ ସଂଖ୍ୟା। ଏପର୍ଯ୍ୟନ୍ତ ଏହି ଗ୍ରହର ୯୨ଟି ଉପଗ୍ରହ ଆବିଷ୍କୃତ ହୋଇଛି। ଏଥିମଧ୍ୟରୁ ୭୬ଟି ଉପଗ୍ରହର ବ୍ୟାସ ୧୦ କିମିରୁ କମ୍ ଏବଂ ଏଗୁଡ଼ିକ ମହାକାଶ ଅଭିଯାନ ଦ୍ୱାରା ୧୯୭୫ ମସିହା ପରେ ଆବିଷ୍କୃତ ହୋଇଛି। ଏହାର ଚାରୋଟି ବଡ଼ ଉପଗ୍ରହ (ଆଇଓ, ୟୁରୋପା, ଗାନିମିଡ ଏବଂ କାଲିଷ୍ଟୋ)କୁ ଇଟାଲୀର ବୈଜ୍ଞାନିକ ଗାଲିଲିଓ ୧୬୧୦ ମସିହାରେ ଆବିଷ୍କାର କରିଥିଲେ। ଏଣୁ ଏହି ଉପଗ୍ରହଗୁଡ଼ିକୁ 'ଗାଲିଲୀୟ ଉପଗ୍ରହ' କୁହାଯାଏ। ଆମ ଚନ୍ଦ୍ର ବ୍ୟତୀତ ଅନ୍ୟ ଉପଗ୍ରହ ଆବିଷ୍କାର ହେବାରେ ଏହା ପ୍ରଥମ ଗ୍ରହ ଥିଲା। ଏଥିରୁ ଗାଲିଲିଓ ସୌରକେନ୍ଦ୍ରିକ ମତବାଦକୁ ଦୃଢ଼ୀଭୂତ କରିଥିଲେ। ଏହା ପୂର୍ବରୁ ପ୍ରଚଳିତ ଭୂକେନ୍ଦ୍ରୀୟ ମତବାଦ ଅନୁଯାୟୀ ପୃଥିବୀକୁ ବିଶ୍ୱର କେନ୍ଦ୍ର ମନେ କରାଯାଉଥିଲା ଏବଂ ଅନ୍ୟ ସମସ୍ତ ଗ୍ରହ, ଉପଗ୍ରହ ଏବଂ ସୂର୍ଯ୍ୟ ଏହା ଚାରିପଟେ ପରିକ୍ରମଣ କରୁଥିବା ବିଶ୍ୱାସ କରାଯାଉଥିଲା। କିନ୍ତୁ ଗାଲିଲିଓ ଏହି ଉପଗ୍ରହଗୁଡ଼ିକୁ ଆବିଷ୍କାର କରି ପ୍ରମାଣ କଲେ ଯେ ଅନ୍ୟ ଗ୍ରହ ଚାରିପଟେ ମଧ୍ୟ ଉପଗ୍ରହ ପରିକ୍ରମଣ କରୁଛି। ଆଜିକୁ ପ୍ରାୟ ୪.୫ ବିଲିୟନ ବର୍ଷ ପୂର୍ବେ ଏହି ଚାରୋଟି ଉପଗ୍ରହ ବୃହସ୍ପତି ସହିତ ଏକ ସମୟରେ ସୃଷ୍ଟି ହୋଇଥିଲା। ଅନ୍ୟ ଉପଗ୍ରହଗୁଡ଼ିକୁ ବୃହସ୍ପତି ନିଜର ପ୍ରବଳ ମାଧ୍ୟାକର୍ଷଣ ବଳ ସାହାଯ୍ୟରେ ପ୍ରଗ୍ରହଣ କରିଛି।

ଜୁଇସ୍ ମହାକାଶ ଯାନ ବୃହସ୍ପତି ସମେତ ଏହାର ତିନି ଉପଗ୍ରହ ଗାନିମିଡ, କାଲିଷ୍ଟୋ ଓ ୟୁରୋପାକୁ ଅଧ୍ୟୟନ କରିବ। ପୂର୍ବରୁ ବୃହସ୍ପତି ନିକଟକୁ ସାତଟି ମହାକାଶଯାନ ଯାଇସାରିଛି। କିନ୍ତୁ କେବଳ ବୃହସ୍ପତି ଓ ଏହାର ଉପଗ୍ରହଗୁଡ଼ିକୁ ଅଧ୍ୟୟନ କରିବା ପାଇଁ ଦୁଇଟି ଯାନ ଯାଇଛି। ଗୋଟିଏ ହେଉଛି ଗାଲିଲିଓ ଯାନ, ଯାହା ବୃହସ୍ପତି କକ୍ଷରେ ରହି ଏହାକୁ ୧୯୯୫ ରୁ ୨୦୦୩ ମସିହା ପର୍ଯ୍ୟନ୍ତ ଅଧ୍ୟୟନ କରିଥିଲା। ଅନ୍ୟଟି ହେଉଛି ଜୁନୋ ଯାନ ଏବଂ ଏହା ୨୦୧୬ ମସିହାରୁ ଆଜି ପର୍ଯ୍ୟନ୍ତ ବୃହସ୍ପତିକୁ ପରିକ୍ରମଣ କରୁଛି।

ବୃହସ୍ପତିର ଏହି ତିନୋଟି ବରଫୀୟ ଉପଗ୍ରହ ବୈଜ୍ଞାନିକମାନଙ୍କୁ ଆକର୍ଷଣ କରିବାର ଏକ ବିଶେଷ କାରଣ ଅଛି। ହବଲ୍ ଏବଂ ଗାଲିଲିଓ ଅଭିଯାନରୁ ଜଣାପଡ଼ିଛି ଯେ ଏହି ତିନୋଟି ଉପଗ୍ରହର ବରଫ ପୃଷ୍ଠ ତଳେ ତରଳ ଜଳର ମହାସମୁଦ୍ର ଅଛି ଏବଂ ସେଠାରେ ଜୀବଜଗତ ଗଢ଼ି ଉଠିବାର ସମ୍ଭାବନା ଅଛି। ତରଳ ଜଳ ହେଉଛି ଜୀବନର ଆଧାର ଏବଂ ଫଳରେ ଭୂମିତଳ ସମୁଦ୍ରରେ ଅଣୁଜୀବ ଥାଇପାରନ୍ତି ବୋଲି ବୈଜ୍ଞାନିକମାନେ ବିଶ୍ୱାସ କରୁଛନ୍ତି।

ଜୁଇସ୍ ଯାନ ଫ୍ରେଞ୍ଚ ଗୁଏନାରେ ଥିବା ମହାକାଶ ଘାଟିରୁ ଏରିଆନେ-୫ ରକେଟ୍ ଦ୍ୱାରା ମହାକାଶକୁ ଉତ୍କ୍ଷେପଣ କରାଯାଇଛି। ଏହାର ଶୁଷ୍କ ଓଜନ (ଇନ୍ଧନ ବିନା) ହେଉଛି ୨୪୨୦ କିଗ୍ରା ଏବଂ ଇନ୍ଧନ ସହ ଓଜନ ହେଉଛି ୪୮୦୦ କିଗ୍ରା। ଏଥିରେ ଥିବା ୮୫ ବର୍ଗମିଟର ସୌରଫଳକରୁ ୮୫୦ ୱାଟ୍ ବିଦ୍ୟୁତ୍ ଶକ୍ତି ଉତ୍ପାଦିତ ହେବ। ବିଭିନ୍ନ ପ୍ରକାର ତଥ୍ୟ ଆହରଣ ପାଇଁ ଏଥିରେ ଦଶଟି ଯନ୍ତ୍ରପାତି ଖଞ୍ଜାଯାଇଛି। ଜୁଇସ୍ ଯାନ ୨୦୩୧ ମସିହା ଜୁଲାଇରେ ବୃହସ୍ପତି କକ୍ଷରେ ପହଞ୍ଚି ଏହାକୁ ପରିକ୍ରମଣ କରିବ। ଏହା ବୃହସ୍ପତିର ରସାୟନ, ସଂରଚନା, ପାଗ, ଜଳବାୟୁକୁ ଅଧ୍ୟୟନ କରିବ। ଏହା ବୃହସ୍ପତି ଓ ଏହାର ଗ୍ରହଗୁଡ଼ିକ ଚାରିପଟେ ୩୫ ଥର ପରିକ୍ରମଣ କରିବ। ଏହା କାଲିଷ୍ଟୋ ନିକଟ ଦେଇ ୨୧ ଥର ଯିବ ଏବଂ ନିକଟତମ ଦୂରତା ୨୦୦ କିମି ହେବ। ଏହା ମଧ୍ୟ ୟୁରୋପା ନିକଟ ଦେଇ ଦୁଇ ଥର ଯିବ। ହବଲ୍ ମହାକାଶ ଦୂରବୀକ୍ଷଣ ଯନ୍ତ୍ର ୟୁରୋପାର ପୃଷ୍ଠରେ ଉଷ୍ଣପ୍ରସ୍ରବଣ ନିର୍ଗତ ହେଉଥିବାର ପର୍ଯ୍ୟବେକ୍ଷଣ କରିଥିଲା। ଜୁଇସ୍‌ରେ ଥିବା ଅତିବାଇଗଣି ବର୍ଣ୍ଣବୀକ୍ଷକ ଯନ୍ତ୍ର ସାହାଯ୍ୟରେ ସେଠାରେ ଜଳକଣାକୁ ଚିହ୍ନଟ କରିବା ପାଇଁ ଯୋଜନା କରାଯାଇଛି।

ଜୁଇସ୍ ଅଭିଯାନର ମୁଖ୍ୟ ଲକ୍ଷ୍ୟ ହେଉଛି ଗାନିମିଡ୍। ଏହା ହେଉଛି ସୌରଜଗତର ବୃହତ୍ତମ ଉପଗ୍ରହ ଏବଂ ଏପରିକି ଏହା ହେଉଛି ବୁଧ ଓ ପ୍ଲୁଟୋଠାରୁ ବଡ଼। ନିଜର ଚୁମ୍ବକୀୟ କ୍ଷେତ୍ର ସୃଷ୍ଟି କରିବାରେ ଏହା ହେଉଛି ଏକମାତ୍ର ଉପଗ୍ରହ। ଜୁଇସ୍ ଏହାର ଘୂର୍ଣ୍ଣନ, ମାଧ୍ୟାକର୍ଷଣ, ଆକୃତି, ଆଭ୍ୟନ୍ତରୀଣ ଗଠନ, ଚୁମ୍ବକୀୟ କ୍ଷେତ୍ର ଓ ଉପାଦାନକୁ ଅଧ୍ୟୟନ କରିବ। ଏହି ଯାନରେ ଥିବା ରାଡାର ସାହାଯ୍ୟରେ ଏହା ଉପଗ୍ରହର ବରଫ ତ୍ୱକ୍‌ର ୯ କିମି ଗଭୀର ପର୍ଯ୍ୟନ୍ତ ଅଧ୍ୟୟନ କରିବ। ଜୁଇସ୍ ୨୦୩୪ ମସିହା ଡିସେମ୍ବରରେ ଗାନିମିଡ କକ୍ଷରେ ପ୍ରବେଶ କରିବ। ଏହା ପ୍ରଥମେ ଉଲିପଟିକାଲ (ଉପବୃତ୍ତୀୟ) କକ୍ଷରେ ଗାନିମିଡକୁ ପ୍ରାୟ ୫୦୦୦ କିମି ଦୂରରେ ପରିକ୍ରମଣ କରିବ। ଗାନିମିଡ କକ୍ଷରେ ପ୍ରାୟ ଏକ ବର୍ଷ ପରିକ୍ରମଣ କରିବା ପରେ ୨୦୩୫ ମସିହା ଶେଷଆଡ଼କୁ ଏହାର ଇନ୍ଧନ ଶେଷ ହୋଇଯିବ ଏବଂ ଏହା କକ୍ଷଚ୍ୟୁତ ହୋଇ ଗାନିମିଡ ପୃଷ୍ଠରେ ସଂଘାତ କରିବ।

ଯୁକ୍ତରାଷ୍ଟ୍ର ଆମେରିକାର ମହାକାଶ ସଂସ୍ଥା 'ନାସା' ମଧ୍ୟ ବୃହସ୍ପତି ନିକଟକୁ 'ୟୁରୋପା କ୍ଲିପର' ଅଭିଯାନ ଏହିବର୍ଷ ଅକ୍ଟୋବରରେ ପଠାଇବ ବୋଲି ସ୍ଥିର କରିଛି ଏବଂ ଜୁଇସ୍ ସହିତ ପ୍ରାୟ ଏକା ସମୟରେ ଏହା ବୃହସ୍ପତି ନିକଟରେ ପହଞ୍ଚିବ। ୟୁରୋପାକୁ ଅଧ୍ୟୟନ କରିବା ହେଉଛି ଏହାର ମୁଖ୍ୟ ଲକ୍ଷ୍ୟ। ଚାଇନା ମଧ୍ୟ ବୃହସ୍ପତିର ଉପଗ୍ରହଗୁଡ଼ିକର ଅଧ୍ୟୟନ ପାଇଁ ଗୋଟିଏ ଅଭିଯାନ ଶୀଘ୍ର ପଠାଇବା ପାଇଁ ସ୍ଥିର କରିଛି। କାଲିଷ୍ଟୋକୁ ପରିକ୍ରମଣ କରିବା ପାଇଁ ଗୋଟିଏ ଯାନ ପଠାଇବା ସହିତ ଏହା ପୃଷ୍ଠରେ ଅବତରଣ କରିବା ପାଇଁ ଗୋଟିଏ ପ୍ରୋବ୍ ଏହା ପଠାଇବ। ଏହିସବୁ ଅଭିଯାନରୁ ବୃହସ୍ପତିର ତିନି ଜଳୀୟ ଉପଗ୍ରହଗୁଡ଼ିକ ସମ୍ବନ୍ଧରେ ଆମେମାନେ ବିଶେଷ ତଥ୍ୟ ଜାଣିପାରିବା ଏବଂ ବିଶେଷ ଭାବେ ଏଠାରେ ଅଣୁଜୀବର ସ୍ଥିତି ନେଇ ଆମର ସନ୍ଦେହ ଦୂର ହେବ।

-୭୦, ଲକ୍ଷ୍ମୀବିହାର, ଫେଜ୍-୧,
ଭୁବନେଶ୍ୱର-୧୮
ମୋ: ୯୪୩୮୬୯୩୭୨୪

## ଉପକାରୀ ଟମାଟୋ



ଟମାଟୋରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଏହା ହେଉଛି ଭିଟାମିନ୍ 'ସି'ର ଅନ୍ୟତମ ପ୍ରମୁଖ ଉତ୍ସ। ଏହାକୁ ନିୟମିତ ଖାଇଲେ ତାହା ରକ୍ତଚାପ ବା ବ୍ଲଡପ୍ରେସରକୁ ନିୟନ୍ତ୍ରଣରେ ରଖିଥାଏ। ଟମାଟୋରେ 'ଲାଇକୋପେନ୍' ନାମକ ଏକ ଆଣ୍ଟିଅକ୍ସିଡାଣ୍ଟ ରହିଛି। ଏହା କ୍ୟାନ୍‌ସର ସହ ଅନେକାଂଶରେ ଲଢ଼ିଥାଏ ବୋଲି ୟୁନିଭର୍ସିଟି ଅଫ ବର୍ଲିନର ପୁଷ୍ଟିବିଜ୍ଞାନୀମାନେ ପ୍ରକାଶ କରିଛନ୍ତି। କୋଲେଷ୍ଟରଲଜନିତ ସମସ୍ୟା ନେଇ ଚିନ୍ତିତ କି? ଯଦି ହଁ, ତେବେ ନିଜର ନିୟମିତ ଖାଦ୍ୟ ତାଲିକାରେ ଟମାଟୋ ସାମିଲ କରନ୍ତୁ। ଏଥିରେ ଏଭଳି ଉପକାରୀ ତତ୍ତ୍ୱ ରହିଛି, ଯାହା ହୃତ୍‌ପିଣ୍ଡ (ହାର୍ଟ)କୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ। ଆଉ ଏକ ଖାସ୍ କଥା ହେଉଛି-ଯଦି ଆପଣଙ୍କର ଦୃଷ୍ଟିଶକ୍ତିଜନିତ ସମସ୍ୟା ରହିଛି ତେବେ ଏହାକୁ କେତେକାଂଶରେ ଟମାଟୋ ଦୂର କରିଥାଏ। ତା' ସହ ପାଚନ କ୍ରିୟାକୁ ଆହୁରି ସକ୍ରିୟ କରିଥାଏ। ଡାଇବେଟିସ୍ ରୋଗୀ ପ୍ରତିଦିନ ଟମାଟୋ ଖାଇପାରନ୍ତି। ଏଥିରେ ଏଭଳି ଶକ୍ତି ଅଛି, ଯାହା ଅସ୍ଥିକୁ ମଜଭୁତ ରଖିଥାଏ।

## ଭାଇରାଲ ସଂକ୍ରମଣରୁ ରକ୍ଷା କରେ ଅଙ୍ଗୁର



ଅଙ୍ଗୁରରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଏହା ହେଉଛି ଭିଟାମିନ୍ 'ସି'ର ଅନ୍ୟତମ ଉତ୍ସ। ଏହାକୁ ନିୟମିତ ଖାଇଲେ ତାହା ରୋଗ ପ୍ରତିରୋଧକ ଶକ୍ତିକୁ ଦୃଢ଼ ରଖିଥାଏ। ଅନ୍ୟପକ୍ଷରେ ଏହା ମଧ୍ୟ ଶରୀରକୁ ଭାଇରାଲ ସଂକ୍ରମଣରୁ କେତେକାଂଶରେ ରକ୍ଷା କରିଥାଏ। କାଲିଫର୍ନିଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ହୋଇଥିବା ଏକ ଗବେଷଣାରୁ ଜାଣିବାକୁ ମିଳିଛି ଯେ, ଅଙ୍ଗୁର ଖାଇଲେ ଜଣେ ବ୍ୟକ୍ତି ନିଜକୁ କେତେକାଂଶରେ କ୍ୟାନ୍‌ସରଠାରୁ ଦୂରେଇ ରଖିପାରିବ। ଏଥିରେ ସୋଡ଼ିୟମ୍ ଅପେକ୍ଷା ପଟାସିୟମ୍ ମାତ୍ରା ଅଧିକ ରହିଛି। ତେଣୁ ଏହା ଶରୀରରେ ବ୍ଲଡ୍ ପ୍ରେସର୍‌ର ପରିମାଣକୁ ସନ୍ତୁଳିତ ରଖେ। ଅଙ୍ଗୁରରେ ଫାଇବର୍ ତତ୍ତ୍ୱ ମଧ୍ୟ ରହିଛି, ଯାହା କୋଲେଷ୍ଟରଲ୍‌କୁ ନିୟନ୍ତ୍ରଣରେ ରଖିଥାଏ। ଏଥିରେ ଭିଟାମିନ୍ କେ, କ୍ୟାଲସିୟମ୍, ପୋଟାସିୟମ୍ ଓ ମ୍ୟାଗ୍ନେସିୟମ୍ ଥିବାରୁ ଏହା ଅସ୍ଥି ଓ ମଜ୍ଜାକୁ ଶକ୍ତ ରଖିଥାଏ।

## ସକାରାତ୍ମକ ମାନସିକତା ଓ ଭିଡିଓ ଗେମ୍



ଆଜିକାଲି ଭିଡିଓ ଗେମ କେବଳ ଛୋଟ ପିଲା ନୁହେଁ ପ୍ରାୟ ଯୁବପିଢ଼ିଙ୍କର ଏକ ଅଭ୍ୟାସରେ ପରିଣତ ହୋଇଯାଇଛି କହିଲେ ଆଦୌ ଭୁଲ ହେବ ନାହିଁ। କିନ୍ତୁ ଏହାର ଏକ ନିର୍ଦ୍ଦିଷ୍ଟ ସମୟସୀମା ରହିବା ଦରକାର। ଯଦି ଏହା ସୀମା ଟପିଯାଏ ତେବେ ତାହା ଦୈନନ୍ଦିନ ଜୀବନଶୈଳୀକୁ ପ୍ରଭାବିତ କରିଥାଏ। ଭିଡିଓ ଗେମ୍ ଖେଳିଲେ ତାହାର ସକାରାତ୍ମକ ପ୍ରଭାବ ମାନସିକତା ଉପରେ ପଡ଼ିଥାଏ ବୋଲି ଏକ ସଦ୍ୟତମ ସର୍ଭେରୁ ଜଣାପଡ଼ିଛି। ଟୋକିଓ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏଭଳି ବିଷୟକୁ ନେଇ ସର୍ଭେ କରାଯାଇଥିଲା। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନେ ପ୍ରତିଦିନ ଅଳ୍ପ ସମୟ ଏହା ସହ ଜଡ଼ିତ ରହୁଥିଲେ ସେମାନଙ୍କ ମଧ୍ୟରୁ ପ୍ରାୟ ଅର୍ଦ୍ଧାଧିକ ବ୍ୟକ୍ତିଙ୍କର ମାନସିକତା ସକାରାତ୍ମକ ଥିବାର ଜଣାପଡ଼ିଥିଲା। ହେଲେ ଭିଡିଓ ଗେମ୍ ଖେଳିବାକୁ ଏକ ରୀତିମତ ଅଭ୍ୟାସରେ ପରିଣତ କରିବା ଠିକ୍ ନୁହେଁ ବୋଲି ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।

## ଔଷଧ: କିଛି କଥା



କୌଣସି ରୋଗରେ ପୀଡ଼ିତ ହେଲେ ଔଷଧ ଖାଇଥାଉ। ହେଲେ ଏହାପୂର୍ବରୁ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ। ଯେତେବେଳେ କୌଣସି ରୋଗର ଲକ୍ଷଣ ବିଷୟରେ ଜାଣିପାରୁଛନ୍ତି ତାହାକୁ କଦାପି ଅବହେଳା କରିବା ଠିକ୍ ନୁହେଁ। ଠିକ୍ ସମୟରେ ନିର୍ଦ୍ଦିଷ୍ଟ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ସହ ପରାମର୍ଶ କରି ଚିକିତ୍ସିତ ହୁଅନ୍ତୁ। ବେଳେବେଳେ କେତେକ ମେଡ଼ିସିନ୍ ଷ୍ଟୋର୍‌ରୁ ଔଷଧ ଆଣିବାକୁ କେତେକ ପସନ୍ଦ କରିଥାଆନ୍ତି। ଏହାକୁ କଦାପି ଏକ ଅଭ୍ୟାସରେ ପରିଣତ କରନ୍ତୁ ନାହିଁ। ଛୋଟମୋଟ ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଏଭଳି ଉପାୟରେ ମେଡ଼ିସିନ୍ ଖାଇପାରନ୍ତି, ହେଲେ ଯଦି ସ୍ଥିତି ଗମ୍ଭୀର ଅଛି ତେବେ ହସ୍‌ପିଟାଲ ଯାଇ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଆଣନ୍ତୁ। ଅନ୍ୟପକ୍ଷରେ ମନକୁ ମନ କୌଣସି ରୋଗ ପାଇଁ ମେଡିସିନ୍ ଆଣି ଖାଇବା ପୂର୍ବରୁ ତାହା ଠିକ୍ କି ଭୁଲ ସେ ବିଷୟରେ ତର୍ଜମା କରନ୍ତୁ। ଯଦି ମେଡ଼ିସିନ୍ କିଣିବା ସମୟରେ ମନରେ କୌଣସି ଭ୍ରମ ଉପୁଜୁଛି ତେବେ ମେଡିସିନ୍ ଏକ୍ସପର୍ଟ ନ ହେଲେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ଯଦି ଆପଣ ଦୀର୍ଘକାଳୀନ ରୋଗରେ ପୀଡ଼ିତ, ତେବେ ମନକୁ ମନ ଔଷଧ ଖାଇବା ବନ୍ଦ କରି ଦିଅନ୍ତୁ ନାହିଁ। ଏ ନେଇ ଡାକ୍ତରଙ୍କ ସହ ଆଲୋଚନା କରନ୍ତୁ। ଯଦି ଘରେ କୌଣସି ଔଷଧ ରଖୁଛନ୍ତି ତେବେ ସେଗୁଡ଼ିକର ଏକ୍ସପାଏରି ଡେଟ୍ ପ୍ରତି ସଚେତନ ରୁହନ୍ତୁ।

## ସ୍ୱାସ୍ଥ୍ୟ ସୂଚନା

➤ବୟସ ପଚାଶ ଟପିଲେ ପ୍ରତିଦିନ କିଛି ସମୟ ଚାଲନ୍ତୁ। ଏହାଦ୍ୱାରା ଶାରୀରିକ ସ୍ତରରେ ଆପଣ କେତେକାଂଶରେ ସୁସ୍ଥ ରହିପାରିବେ। ତା'ସହ ଖାଦ୍ୟପେୟ ପ୍ରତି ସତର୍କତା ଅବଲମ୍ବନ କରନ୍ତୁ।



➤ରାତିରେ ଖାଇବା ସମୟରେ ଆଦୌ ଗରିଷ୍ଠ ଖାଦ୍ୟ ଖାଆନ୍ତୁ ନାହିଁ। ସବୁବେଳେ ହାଲୁକା ଖାଦ୍ୟ ଖାଆନ୍ତୁ।

➤ବାହାରକୁ କୌଣସି ସ୍ଥାନକୁ ବୁଲିବାକୁ ଗଲାବେଳେ ପାଖରେ ସବୁବେଳେ କିଛି ହାଲକା ଖାଦ୍ୟ, ପାଣି ବୋତଲ୍ ଓ ଦରକାରୀ ମେଡ଼ିସିନ୍ ରଖନ୍ତୁ। ଏହା ଆପଣଙ୍କୁ ବହୁତ ସାହାଯ୍ୟ କରିବ ।

➤ଯଦି ଆପଣଙ୍କ ବୟସ ଅଧିକ ଆଉ ଆପଣ ହୃଦ୍‌ରୋଗ, କ୍ୟାନସର ଭଳି ମାରାତ୍ମକ ରୋଗରେ ପୀଡ଼ିତ, ତେବେ ଠିକ୍ ସମୟ ଅନ୍ତରାଳରେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

➤ନିୟମିତ ସମୟ ବ୍ୟବଧାନରେ ନିଜ ଓଜନ ପରୀକ୍ଷା କରାଇ ନେବାକୁ ଭୁଲନ୍ତୁ ନାହିଁ। ଆଉ ଓଜନକୁ ସନ୍ତୁଳିତ ରଖିବା ପାଇଁ ଦୈନନ୍ଦିନ ଜୀବନ ତାଲିକାରେ ଯୋଗ, ପ୍ରାଣାୟାମକୁ ସାମିଲ କରନ୍ତୁ।

➤ପ୍ରତିଦିନ ଶିଡ଼ି ଚଢ଼ିବା ଏକ ଭଲ ବ୍ୟାୟାମ। ହେଲେ ଆପଣଙ୍କର ଯଦି କିଛି ଆଣ୍ଠୁଗଣ୍ଠିଜନିତ ସମସ୍ୟା ରହିଛି, ତେବେ ଶିଡ଼ି ଯେତେ କମ୍ ଚଢ଼ିବେ ସେତେ ଭଲ।

# ମ୍ୟାଲେରିଆ ମୃତ୍ୟୁ ହାର ଶୂନ କରିବା


ଡା. ବସନ୍ତ କୁମାର ଷଡ଼ଙ୍ଗୀ




ପ୍ରତିବର୍ଷ ଏପ୍ରିଲ ୨୫ ତାରିଖକୁ 'ବିଶ୍ୱ ମ୍ୟାଲେରିଆ ଦିବସ' ଭାବରେ ପାଳନ କରାଯାଇ ଆସୁଅଛି। ଏ ସମ୍ପର୍କିତ ବିଷୟକୁ ନେଇ ଉପସ୍ଥାପନା...

ମଣିଷ ସଭ୍ୟତାର ଅନ୍ୟତମ ପୁରାତନ ରୋଗ ହେଉଛି ମ୍ୟାଲେରିଆ। ଏହି ରୋଗ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଲାଗି ପ୍ରତିବର୍ଷ ଏପ୍ରିଲ ୨୫ ତାରିଖକୁ ବିଶ୍ୱ ମ୍ୟାଲେରିଆ ଦିବସ ଭାବରେ ପାଳନ କରାଯାଇ ଆସୁଅଛି। ଏହି ଦିବସ ପାଳନ ଅବସରରେ ଚଳିତବର୍ଷର ସ୍ଲୋଗାନଟି ହେଲା- 'ଟାଇମ୍ ଟୁ ଡେଲିଭର ଜିରୋ ମ୍ୟାଲେରିଆ: ଇନ୍‌ଭେଷ୍ଟ, ଇନୋଭେଟ, ଇମ୍ପ୍ଲିମେଣ୍ଟ'।

ଆମ ଭାରତରେ ପ୍ଲାସ୍‌ମୋଡିୟମ୍ ଫଲ୍‌ସିଫରମ, ପ୍ଲାସମୋଡିୟମ ଭାଇବେକ୍ସ ମ୍ୟାଲେରିଆ ପରଜୀବୀ ଦ୍ୱାରା ବହୁ ଲୋକ ଆକ୍ରାନ୍ତ ହେବାର ଦେଖାଯାଏ। ସାଧାରଣତଃ 'ମାଈ ଆନୋଫିଲିସ୍' ନାମକ ଏକ ମଶାର ଲାଳ ଗ୍ରନ୍ଥିରେ ମ୍ୟାଲେରିଆ ଜୀବାଣୁ ରହିଥାଏ। ଉକ୍ତ ମ୍ୟାଲେରିଆ ଜୀବାଣୁଯୁକ୍ତ ମଶା ଜଣେ ସୁସ୍ଥ ବ୍ୟକ୍ତିଙ୍କୁ କାମୁଡ଼ିଲେ ଉକ୍ତ ବ୍ୟକ୍ତି ମ୍ୟାଲେରିଆ ଜ୍ୱରରେ ଆକ୍ରାନ୍ତ ହୋଇଥାନ୍ତି। ଏହାର ପରଜୀବୀ ବା ପାରାସାଇଟ୍‌କୁ ୧୮୯୭ ଅଗଷ୍ଟ ୨୦ରେ ଆବିଷ୍କାର କରାଯାଇଥିଲା। ଆଉ ଏଭଳି ଉଦ୍ୟମରେ ସଫଳ ହୋଇଥିଲେ ଜଣେ ଆର୍ମି ସର୍ଜନ ଡା. ରୋନାଲ୍‌ଡ ରସ।

ଏହି ଜ୍ୱର ମ୍ୟାଲେରିଆ ପାରାସାଇଟ (ମ୍ୟାଲେରିଆ ପରଜୀବୀ)ର ସଂକ୍ରମଣରୁ ଦେଖାଦେଇଥାଏ। ସୁସ୍ଥ ବ୍ୟକ୍ତିଙ୍କୁ ମଶା କାମୁଡ଼ିବାର ୧୪ ରୁ ୨୧ ଦିନ ଭିତରେ ଜ୍ୱରର ଲକ୍ଷଣ ପ୍ରକାଶ ପାଇଥାଏ। ଜଣେ ସୁସ୍ଥ ବ୍ୟକ୍ତି ମ୍ୟାଲେରିଆ ଜ୍ୱରରେ ଆକ୍ରାନ୍ତ ହେଲେ ଶରୀରରେ ଶୀତ ଲାଗିବା ସହ କମ୍ପ ଅନୁଭୂତ ହୋଇଥାଏ। ମୁଣ୍ଡ ବ୍ୟଥା ସହ ପ୍ରବଳ ଶୀତ ଲାଗେ। ଶରୀରର ବାହ୍ୟଚର୍ମ ଶୁଷ୍କ ଅନୁଭୂତ ହେବା ସହ ଲୋମ ଟାଙ୍କୁରି ହୋଇଯିବା ଲକ୍ଷଣ ଦେଖାଯାଏ। ରୋଗୀର ଶରୀରରେ ତାପମାତ୍ରା ପ୍ରବଳ ବୃଦ୍ଧି ପାଇ ଭୀଷଣ ମୁଣ୍ଡବ୍ୟଥା, ବାନ୍ତି ଲାଗିବା, ଶୋଷ ଲାଗିବା, ଖାଦ୍ୟ ଖାଇବା ପାଇଁ ଅରୁଚି ଆଦି ଲକ୍ଷଣ ଦେଖାଯାଇଥାଏ।



ମ୍ୟାଲେରିଆ ଜ୍ୱର ସାଧାରଣତଃ ବର୍ଷର ସବୁ ମାସରେ ଦେଖାଦେଉଥିବା ବେଳେ ମୁଖ୍ୟତଃ ବର୍ଷାଋତୁରେ ବହୁଳ ଭାବେ ଦେଖାଦେଇଥାଏ। ଏହାର ବାହକ ମାଈ ଆନୋଫିଲିସ୍ ମଶା ସାଧାରଣତଃ ମନୁଷ୍ୟକୁ ରାତିରେ କାମୁଡ଼ିଥାଏ। ଏହି ମଶା ସ୍ଥିର, ସ୍ୱଚ୍ଛ ଓ ମାଟି ଉପରେ ଜମିଥିବା ପାଣିରେ ବଂଶ ବିସ୍ତାର କରିଥାଏ। ଏହି ମଶା ୧-୨ କିମି ଦୂରତା ଭିତରେ ଉଡ଼ି ସୁସ୍ଥ ବ୍ୟକ୍ତିଙ୍କୁ କାମୁଡ଼ିଥାଏ। ମଶା କାମୁଡ଼ାରୁ ରକ୍ଷାପାଇବା ନିମନ୍ତେ ଘରେ ଝୁଣାଧୂପ ଧୂଆଁ ଦେବା ସହ ଶୋଇବା ବେଳେ ମଶାରି ଟାଙ୍ଗି ଶୋଇବା ଉଚିତ। ସରକାରଙ୍କ ତରଫରୁ ଦିଆଯାଉଥିବା ଔଷଧଯୁକ୍ତ ମଶାରି ସର୍ବୋତ୍କୃଷ୍ଟ ଅଟେ।

ଆୟୁର୍ବେଦୀୟ ଚିକିତ୍ସା ପଦ୍ଧତି ଭାରତୀୟ ଆୟୁର୍ବେଦ ଚିକିତ୍ସା ଶାସ୍ତ୍ରରେ ଉଲ୍ଲେଖ ଅନୁଯାୟୀ ମ୍ୟାଲେରିଆ ଜ୍ୱରରେ ଆକ୍ରାନ୍ତ ରୋଗୀଙ୍କୁ ଅମୃତାରିଷ୍ଟ ୧୦ -୧୫ ଏମ୍‌ଏଲ୍ ଦିନରେ ଦୁଇବେଳା ଗରମ ପାଣି ଥଣ୍ଡା କରି ମିଶାଇ ରୋଗୀଙ୍କୁ ଦେବା ଉଚିତ। ଗଙ୍ଗଶିଉଳି ଗଛର ପତ୍ରର ରସ ଦୁଇ ଚାମଚ ଲେଖାଏ ଖାଲିପେଟରେ ଦିନକୁ ଦୁଇବେଳା ସେବନ କରିବା ଉଚିତ। ଏହା ମ୍ୟାଲେରିଆ ଜ୍ୱର ନିମନ୍ତେ ଅମୃତତୁଲ୍ୟ କାମ କରିଥାଏ। ମ୍ୟାଲେରିଆ ଜ୍ୱରରେ ଆକ୍ରାନ୍ତ ରୋଗୀଙ୍କୁ ସୁଦର୍ଶନ ଘନ ବଟିକା ଗୋଟିଏ ଲେଖାଏଁ ଦିନରେ ଦୁଇବେଳା ଖାଦ୍ୟ ପରେ ଉଷୁମ ଜଳ ସହ ଦିଆଯିବା ଉଚିତ।

ମ୍ୟାଲେରିଆ ଜ୍ୱର ଏକ ମାରାତ୍ମକ ଏବଂ ଏଥିପ୍ରତି ଅବହେଳା କଲେ ରୋଗୀ ମୃତ୍ୟୁମୁଖରେ ପଡ଼ିବାର ଅଧିକ ଆଶଙ୍କା ରହିଥାଏ। ମଶାଦାଉରୁ ରକ୍ଷାପାଇବା ନିମନ୍ତେ ବାସଗୃହ ଓ ଘର ଚତୁଃର୍ପାଶ୍ୱରେ ପାଣି ଜମିବାକୁ ନଦେବା ଏବଂ ପରିଷ୍କାର ପରିଚ୍ଛନ୍ନ ରଖିବା ଉଚିତ। ସରକାରଙ୍କ ତରଫରୁ କରାଯାଉଥିବା ଡି.ଡି.ଟି. ସିଞ୍ଚନ କରାଇବା ସହ ବ୍ଲିଚିଂ ପାଉଡର ସିଞ୍ଚନ କରାଇବା ଉଚିତ। ଏହାଦ୍ୱାରା ମଶାଙ୍କ ପ୍ରାଦୁର୍ଭାବରୁ ରକ୍ଷାପାଇବା ସହ ମ୍ୟାଲେରିଆ ଜ୍ୱରରେ ଆକ୍ରାନ୍ତଙ୍କ ସଂଖ୍ୟା ହ୍ରାସ ପାଇପାରିବ।

- ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର
ଚନ୍ଦାହାଣ୍ଡି, ନବରଙ୍ଗପୁର
ମୋ: ୭୮୯୪୧୧୨୪୮୭

# ରୟାଲ ଲଢ଼େଇରେ ଆରସିବି ବିଜୟୀ

**ବେଙ୍ଗାଲୁରୁ, ୨୩।୪**

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ରବିବାର ଅନୁଷ୍ଠିତ ରୟାଲ ଲଢ଼େଇରେ ବାଜି ମାରିଛି ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି)। ଗ୍ଲେନ ମ୍ୟାକ୍ସୱେଲ ଓ ଅଧିନାୟକ ଫାଫ୍ ଡୁପ୍ଲେସିଙ୍କ ବିସ୍ଫୋରକ ବ୍ୟାଟିଂ ପରେ ଇମ୍ପାକ୍ଟ ଖେଳାଳି ହର୍ଷଲ ପଟେଲଙ୍କ ପ୍ରଭାବୀ ବୋଲିଂ ବଳରେ ଆରସିବି ୭ ରନରେ ଟେବୁଲ ଟପ୍ପର ରାଜସ୍ଥାନ ରୟାଲ୍ସକୁ ପରାସ୍ତ କରିଛି। ଆରସିବି ୨୦ ଓଭରରେ ୯ ଉଇକେଟ ହରାଇ ୧୮୯ ରନ କରିଥିବାବେଳେ ରୟାଲ୍ସ ୨୦ ଓଭରରେ ୬ ଉଇକେଟ ହରାଇ ୧୮୨ ରନରେ ସୀମିତ ରହିଥିଲା। ଆରସିବି ଇନିଂସ ଗଢ଼ିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଗ୍ଲେନ ମ୍ୟାକ୍ସୱେଲ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଛନ୍ତି। ଚଳିତ ଆଇପିଏଲ୍‌ରେ ରାଜସ୍ଥାନର ଏହା ୩ୟ ପରାଜୟ ହୋଇଥିବାବେଳେ ବାଙ୍ଗାଲୋରର ୪ର୍ଥ ବିଜୟ।

ଟସ୍ ଜିତି ରାଜସ୍ଥାନ ଅଧିନାୟକ ସଞ୍ଜୁ ସାମସନ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ଦଳକୁ ପ୍ରଥମ ବଲ୍‌ରେ ହିଁ ସଫଳତା ମିଳିଥିଲା। ଟ୍ରେଣ୍ଟ ବୋଲ୍ଟଙ୍କ ପ୍ରଥମ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ ଅଧିନାୟକ ଦାୟିତ୍ୱରେ ଥିବା ବିରାଟ କୋହଲି। ଫଳରେ କିଛି ସମୟ ପାଇଁ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ନିରବତା ଛାଇ ଯାଇଥିଲା। ବ୍ୟାଟିଂ କ୍ରମରେ ଉପରେ ଆସିଥିବା ଶାହବାଜ ଅହମଦ (୨ ରନ) ଏଥର ମଧ୍ୟ ବିଫଳ ହୋଇଥିଲେ। ତେବେ ଫାଫ୍ ଡୁପ୍ଲେସିଙ୍କ ସହ ଗ୍ଲେନ ମ୍ୟାକ୍ସୱେଲ କ୍ରିଜରେ ଯୋଗଦେବାପରେ ଚିତ୍ର ବଦଳି ଯାଇଥିଲା। ଦୁହେଁ ବିପକ୍ଷ ଦଳର ସମସ୍ତ ବୋଲରଙ୍କୁ ଧୂଳେଇ କରି ତୃତୀୟ ଉଇକେଟରେ ଶତକୀୟ ଭାଗୀଦାରି ଗଢ଼ି ଦଳକୁ ଏକ ବଡ଼ ସ୍କୋର ଦିଗରେ ଆଗେଇ ନେଇଥିଲେ। ମାତ୍ର ୬୬ ବଲ୍‌ରୁ ୧୨୭ ରନର ପାର୍ଟନରଶିପ୍ ହେବାପରେ ୧୪ତମ ଓଭରର ଦ୍ୱିତୀୟ ବଲ୍‌ରେ ଡୁପ୍ଲେସି ରନ୍‌ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ୩୯ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଡୁପ୍ଲେସି ୮ ଚୌକା ଓ ୨ ଛକା ସହାୟତାରେ ୬୨ ରନ କରିଥିଲେ। ଚମତ୍କାର ବ୍ୟାଟିଂ କରି ଆରସିବିର ରନହାର ବଢ଼ାଇଥିବା ମ୍ୟାକ୍ସୱେଲ ମଧ୍ୟ ପରବର୍ତ୍ତୀ ଓଭରରେ ପ୍ୟାଭିଲିୟନ ଫେରିଥିଲେ। ସେ ୪୪ ବଲ୍‌ରୁ ୭୭ (୬ ଚୌକା, ୪ ଛକା) ରନ କରିଥିବାବେଳେ ରବିଚନ୍ଦ୍ରନ ଅଶ୍ୱିନଙ୍କ ବଲ୍‌କୁ ସୁଇଚ୍ ହିଟ୍ କରିବାକୁ ଯାଇ ମ୍ୟାକ୍ସୱେଲ ବ୍ୟାକ୍‌ୱାର୍ଡ ପଏଣ୍ଟରେ ଥିବା ଜାସନ ହୋଲ୍ଡରଙ୍କୁ କ୍ୟାଚ ଦେଇଥିଲେ। ପୂର୍ବପରି ଏଥର ମଧ୍ୟ ଅବଶିଷ୍ଟ ବ୍ୟାଟରଙ୍କ ବିଫଳତା ଯୋଗୁ ଆରସିବି ଇନିଂସ ୧୮୯/୯ରେ ସୀମିତ ରହି ଯାଇଥିଲା। ରାଜସ୍ଥାନ ବୋଲରଙ୍କ ମଧ୍ୟରେ ଟ୍ରେଣ୍ଟ ବୋଲ୍ଟ ଓ ସନ୍ଦୀପ ଶର୍ମା ୨ଟି ଲେଖାଏ ଏବଂ ରବିଚନ୍ଦ୍ରନ ଅଶ୍ୱିନ ଓ ଯୁଜବେନ୍ଦ୍ର ଚହଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଆରସିବି ପରି ରାଜସ୍ଥାନ ମଧ୍ୟ ପ୍ରଥମ ଓଭରରେ ଜୋଶ୍ ବଟଲର (୦)ଙ୍କ ଉଇକେଟ ହରାଇ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ମାତ୍ର ଯଶସ୍ୱୀ ଜୟସ୍ୱାଲ ଓ ଦେବଦତ୍ତ ପଡ଼ିକାଲ ଦ୍ୱିତୀୟ ଉଇକେଟରେ ୬୬ ବଲ୍‌ରୁ ୯୮ ରନର ଭାଗଦାରି ଗଢ଼ି ଦଳକୁ ଟ୍ରାକ୍‌କୁ ଫେରାଇ ଆଣିଥିଲେ। ମାତ୍ର ଏହି ଯୋଡ଼ି ଭାଙ୍ଗିବାପରେ ଆଶ୍ଚର୍ଯ୍ୟଜନକଭାବେ ରାଜସ୍ଥାନ ଇନିଂସ ଦିଗହରା ହୋଇ ଯାଇଥିଲା। ସାମସନ (୨୨) ଓ ଶିମରନ ହେଟମେର (୩) ବିଫଳ ହୋଇଥିବାବେଳେ ପଡିକାଲ (୫୨ ରନ, ୩୪ ବଲ, ୭ ଚୌକା, ୧ ଛକା)ଙ୍କ ଦ୍ରୁତ ଅର୍ଦ୍ଧଶତକ ସତ୍ତ୍ୱେ ଦଳ ବିଜୟ ଲକ୍ଷ୍ୟଠାରୁ ଦୂରରେ ରହି ଯାଇଥିଲା। ଜୟସ୍ୱାଲ ୩୭ ବଲ୍‌ରୁ ୪୭ (୫ ଚୌକା, ୨ ଛକା) ରନ କରିଥିଲେ। ଶେଷ ଭାଗରେ ଧ୍ରୁବ ଜୋରେଲ (୩୪ ରନ, ୧୬ ବଲ, ୨ ଚୌକା, ୨ ଛକା) ଲଢ଼େଇ କରିଥିଲେ ହେଁ ଦଳକୁ ବିଜୟୀ କରିପାରି ନ ଥିଲେ। ଶେଷ ଓଭରରେ ୨୦ ରନ ଆବଶ୍ୟକ ହେଉଥିବାବେଳେ ଆରସିବିର ହର୍ଶଲ ୧୨ ରନଦେଇ ଗୋଟିଏ ଉଇକେଟ ନେଇଥିଲେ। ହର୍ଶଲ ସର୍ବାଧିକ ୩ଟି ଏବଂ ମହମ୍ମଦ ସିରାଜ ଓ ଡେଭିଡ ୱିଲି ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।


ଶତକୀୟ ଭାଗୀଦାରି ଅବସରରେ ଗ୍ଲେନ୍ ମ୍ୟାକ୍ସୱେଲ ଓ ଫାଫ୍ ଡୁପ୍ଲେସି।

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୨୦ ଓଭରରେ ୧୮୯/୯ (ଗ୍ଲେନ ମ୍ୟାକ୍ସୱେଲ-୭୭, ଫାଫ୍ ଡୁପ୍ଲେସି-୬୨, ଟ୍ରେଣ୍ଟ ବୋଲ୍ଟ-୨/୪୧, ସନ୍ଦୀପ ଶର୍ମା-୨/୪୯, ରବିଚନ୍ଦ୍ରନ ଅଶ୍ୱିନ-୧/୩୬, ଯୁଜବେନ୍ଦ୍ର ଚହଲ-୧/୨୮)। ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୧୮୨/୬ (ଦେବଦତ୍ତ ପଡିକାଲ-୫୨, ଯଶସ୍ୱୀ ଜୟସ୍ୱାଲ-୪୭, ଧ୍ରୁବ ଜୋରେଲ-୩୪*, ହର୍ଶଲ ପଟେଲ-୩/୩୨, ମହମ୍ମଦ ସିରାଜ-୧/୩୯, ଡେଭିଡ ୱିଲି-୧/୨୬)।

# ସାହାଣୀ କପ୍ ଫୁଟବଲ ଉଦ୍‌ଘାଟିତ

## ସୁନ୍ଦରଗଡ଼, ଭୁବନେଶ୍ୱର, ଜଗତ୍‌ସିଂହପୁର, ବୌଦ୍ଧ ବିଜୟୀ


କ୍ୟାପିଟାଲ ଫୁଟବଲ ଆରେନାରେ ଅତିଥିଙ୍କ ସହ ଖେଳାଳି ଓ ଅନ୍ୟମାନେ।

**ଭୁବନେଶ୍ୱର, ୨୩।୪ (କ୍ରୀଡ଼ା ପ୍ରତିନିଧି)**

ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଓ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ସିନିୟର ପୁରୁଷ ଆନ୍ତଃଜିଲା ଫୁଟବଲ ଟୁର୍ନାମେଣ୍ଟ ସାହାଣୀ କପ୍ ରବିବାର ଭୁବନେଶ୍ୱର ଓ କଟକର ବିଭିନ୍ନ ଗ୍ରାଉଣ୍ଡରେ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ୪ଟି ମ୍ୟାଚ ହୋଇଥିବାବେଳେ ସୁନ୍ଦରଗଡ଼, ଭୁବନେଶ୍ୱର, ଜଗତ୍‌ସିଂହପୁର ଓ ବୌଦ୍ଧ ଦଳ ବିଜୟ ହାସଲ କରିଛନ୍ତି। କଟକର ବିଡ଼ାନାସୀ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ସୁନ୍ଦରଗଡ଼ ୫-୦ ଗୋଲରେ ନୟାଗଡ଼କୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ସ୍ୱାଧୀନ ବଢ଼େଇ, ୩ୟ ଓ ୨୬ତମ ମିନିଟରେ ୨ଟି ଏବଂ ମହେଶ ପ୍ରଧାନ (୪୨ତମ ମିନିଟ), ମୋହନ ମାଝି (୬୬) ଓ ଦୀପକ ମୁଣ୍ଡା (୯୦+୧) ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ମ୍ୟାଚ କମିଶନର ଥିଲେ ସୁଜିତ କୁମାର ପାତ୍ର। ପୂର୍ବତନ ଜାତୀୟ ଖେଳାଳି ଯୁଧିଷ୍ଠିର ସେଠୀ, ଫାଓ ଯୁଗ୍ମ ସମ୍ପାଦକ ବିଶ୍ୱ ରଞ୍ଜନ ଘଡ଼େଇ, ସଦସ୍ୟ ବୀରେନ୍ଦ୍ର ବେହେରା, ବିଜୟ କୁମାର ଦାସ, ରମେଶ ମଲିକ, ତଡ଼ିତ କୁମାର ରାଉତ, ପ୍ରଭାତ ମହାପାତ୍ର, ଆର.ଆଇ. ଟିଗା ଓ କାର୍ତ୍ତିକ ବେହେରା ଅତିଥିଭାବେ ଯୋଗ ଦେଇଥିଲେ।

ଭୁବନେଶ୍ୱରର କ୍ୟାପିଟାଲ ଫୁଟବଲ ଆରେନାରେ ଅନୁଷ୍ଠିତ ମ୍ୟାଚରେ ଭୁବନେଶ୍ୱର ୭-୦ ଗୋଲରେ ପୁରୀକୁ ପରାସ୍ତ କରିଛି। ପପୁ ମାଝି ୪, ୧୫, ୭୬, ୮୬ ଓ ୯୦+୧ ମିନିଟରେ ଏକାକୀ ୫ ଗୋଲ ଦେଇଥିବାବେଳେ ଗୌରବ ସିଂ ନେଗୀ ୩୭ ଓ ତପନ ନାୟକ ୬୧ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ମ୍ୟାଚ କମିଶନର ସୁଦୀପ୍ତା ଦାଶ। ଏମ୍‌ଜିଏମ୍ ମିନେରାଲର ଚେୟାରମ୍ୟାନ ପଙ୍କଜ ଲୋଚନ ମହାନ୍ତି, ରାଜ୍ୟ କ୍ରୀଡ଼ା ବିଭାଗର ଯୁଗ୍ମ ସଚିବ ରଞ୍ଜିତ ପରିଡ଼ା, ଓଏସ୍‌ଡି ସୋନାଲି ଚାନ୍ଦ, ଓଏସ୍‌ଡି ଶୁଭେନ୍ଦୁ ପଣ୍ଡା, ପୂର୍ବତନ କ୍ରୀଡ଼ା ପ୍ରଶାସକ ଅଶୋକ ମହାନ୍ତି, ଫାଓ ଯୁଗ୍ମ ସମ୍ପାଦକ ଅଭିଜିତ ପାଲ, ସଦସ୍ୟ ସୁନୀଲ ମିତ୍ର ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ।

କଟକ ଚୌଦ୍ୱାରା ଓଟିଏମ୍ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ଜଗତ୍‌ସିଂହପୁର ୧-୦ ଗୋଲରେ ବାଲେଶ୍ୱରକୁ ପରାସ୍ତ କରିଛି। ଯଦୁନାଥ ହାଁସଦା ୨୩ତମ ମିନିଟରେ ସ୍କୋର କରିଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ମ୍ୟାଚ କମିଶନର ଥିଲେ ଜୁଗଲ ଚନ୍ଦ୍ର ଦାସ। ଫାଓ ସମ୍ପାଦକ ଆଶୀର୍ବାଦ ବେହେରା, କୋଷାଧ୍ୟକ୍ଷ ଭକ୍ତବଲ୍ଲଭ ଦାସ, ଉପସଭାପତି ବିଜୟ ଦାସ, ଦିଲୀପ କୁମାର ସାହୁ, ଯୁଗ୍ମ ସମ୍ପାଦକ ମହମ୍ମଦ ସହିଦ ଜବାର, ସଦସ୍ୟ ମାନସ ସାମଲ, ନରେନ୍ଦ୍ର ସାହୁ, ପ୍ରଭାକର ବର୍ଦ୍ଧନ, ସହଦେବ ରାଉତ, ହୃଷିକେଶ ବେହେରା, ପୂର୍ବତନ ଖେଳାଳି ତଇରୁଲ ହୋଦା, ଚୌଦ୍ୱାର ସ୍ପୋର୍ଟ୍ସ କାଉନ୍ସିଲ ସମ୍ପାଦକ ଅଶୋକ ସାହୁ ପ୍ରମୁଖ ଅତିଥି ଥିଲେ।

ଭୁବନେଶ୍ୱରସ୍ଥିତ ୭ମ ବାଟାଲିୟନ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ବୌଦ୍ଧ ୩-୨ ଗୋଲରେ ଅନୁଗୋଳକୁ ହରାଇ ଦେଇଛି। ବିଜୟୀ ଦଳ ପକ୍ଷରୁ ବିକ୍ରମ ନାଏକ, ଜୀତେନ୍ଦ୍ର ଦେହୁରିଆ ଓ ସମିର ପ୍ରଧାନ ଏବଂ ପରାଜିତ ଦଳର ଜୀତେନ୍ଦ୍ର ବିରୁଆ ଓ ସୁନ୍ଦର ହାଁସଦା ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଫାଓ ସଦସ୍ୟ ସୌର୍ଯ୍ୟରଞ୍ଜନ ପରିଜା, ଟି. ମୋହନ ରାଓ ଓ ଫାଓ ରେଫରୀ ମୁଖ୍ୟ ଦୁର୍ଗା ମାଧବ ନାଏକ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ।




# ପଞ୍ଚମ ବିଜୟ ସହ ଶୀର୍ଷରେ ସୁପର କିଙ୍ଗ୍ସ

**କୋଲକାତା, ୨୩।୪**

କୋଲକାତାର ଇଡେନ୍ ଗାର୍ଡେନ୍ସରେ ଅନୁଷ୍ଠିତ ଆଇପିଏଲ୍‌ର ୩୩ ତମ ମ୍ୟାଚରେ କୋଲକାତା ନାଇଟ ରାଇଡର୍ସ(କେକେଆର) ବିପକ୍ଷରେ ବୃହତ ବିଜୟ ସହିତ ପଏଣ୍ଟ ଟେବଲ ଶୀର୍ଷରେ ପହଞ୍ଚିଛି ଚେନ୍ନାଇ ସୁପର କିଙ୍ଗ୍ସ। ରବିବାରର ଏହି ହାଇସ୍କୋରିଂ ମ୍ୟାଚକୁ ୪୯ ରନ୍‌ରେ ଜିତିବା ପରେ ୭ ମ୍ୟାଚରୁ ୫ମ ବିଜୟ ସହିତ ଚେନ୍ନାଇ ୧୦ ପଏଣ୍ଟ ଅର୍ଜନ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଚେନ୍ନାଇ ଡେଭନ୍ କନ୍‌ୱେ, ଅଜିଙ୍କ୍ୟ ରାହାନେ ଓ ଶିବମ ଦୁବେଙ୍କ ଅର୍ଦ୍ଧଶତକ ବଳରେ ୨୦ ଓଭରରେ ୪ ଉଇକେଟ ହରାଇ ୨୩୫ ରନ୍ ସଂଗ୍ରହ କରିଥିଲା। ଜବାବରେ ଜାସନ୍ ରୟ ଓ ରିଙ୍କୁ ସିଂଙ୍କ ଅର୍ଦ୍ଧଶତକ ହାସଲ କରିଥିଲେ ମଧ୍ୟ କେକେଆର ୨୦ ଓଭରରେ ୮ ଉଇକେଟ ହରାଇ ୧୮୬ ରନ୍ କରିଥିଲା। ସୁୟାଶ ଶର୍ମାଙ୍କ ସ୍ଥାନରେ ଭେଙ୍କଟେଶ ଆୟାର ଓ ଆକାଶ ସିଂ ଇମ୍ପାକ୍ଟ ସବ୍‌ଷ୍ଟିଚ୍ୟୁଟ୍ ଭାବରେ ସ୍ଥାନ ପାଇଥିଲେ।

କେକେଆର୍ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ବୋଲରଙ୍କୁ ସହାୟକ ହେଉ ନ ଥିବା ପିଚ୍‌ରେ ପ୍ରଥମ ଓଭରରୁ ପ୍ରଭାବ ବିସ୍ତାର କରି ଖେଳିଥିଲା ଚେନ୍ନାଇ। ଦୁଇ ଓପନର ଡେଭନ୍ କନ୍‌ୱେ(୫୬ ରନ୍) ଓ ଋତୁରାଜ ଗାଏକ୍ୱାଡ(୩୫ ରନ୍) ପ୍ରଥମ ଉଇକେଟରେ ୭୩ ରନ୍ ଯୋଡି ଏକ ଦୃଢ଼ ଆରମ୍ଭ ପ୍ରଦାନ କରିଥିଲେ। ସ୍ପିନର ସୁୟାଶ ଶର୍ମା ମ୍ୟାଚର ଅଷ୍ଟମ ଓଭରରେ ଗାଏକ୍ୱାଡଙ୍କୁ ଆଉଟ କରିଥିଲେ। ଅଜିଙ୍କ୍ୟ ରାହାନେ କ୍ରିଜ୍‌କୁ ଆସି ଡେଭନ୍ କନ୍‌ୱେଙ୍କ ସହିତ ୩୬ ରନ୍ ଯୋଡିଥିଲେ। ୪୦ ବଲ୍ ଖେଳି ୪ ଚୌକା ଓ ୩ ଛକା ସହ ୫୬ ରନ୍ କରି କନ୍‌ୱେ ଆଉଟ ହେବା ସହିତ କ୍ରିଜ୍‌କୁ ଆସିଥିଲେ ଶିବମ ଦୁବେ। ଦୁଇ ମୁମ୍ବାଇ ବ୍ୟାଟର ଆକ୍ରମଣାତ୍ମକ ଢଙ୍ଗରେ ଖେଳି ୨୦୦ରୁ ଅଧିକ ଷ୍ଟ୍ରାଇକ ରେଟ୍‌ରେ ରନ୍ ସଂଗ୍ରହ କରିଥିଲେ। ଖାସ୍ କରି ଦୁବେ ସ୍ପିନରଙ୍କୁ ପ୍ରହାର କରିଥିବା ବେଳେ ରାହାନେ ପେସ୍ ବୋଲରଙ୍କ ବିପକ୍ଷରେ ପ୍ରଭାବୀ ବ୍ୟାଟିଂ କରିଥିଲେ। ଉଭୟ ଖେଳାଳି ୩୨ ବଲ୍‌ର ସମ୍ମୁଖୀନ ହୋଇ ଚତୁର୍ଥ ଉଇକେଟରେ ୮୫ ରନ୍ ଯୋଡିଥିଲେ। ଦୁବେ ୨୧ ବଲ୍ ଖେଳି ୫୦ ରନ୍ କରିଥିବା ବେଳେ ରାହାନେ ୨୯ ବଲରୁ ୭୧ ରନ୍ କରି ଶେଷ ଯାଏ ଅପରାଜିତ ରହିଥିଲେ। ଦୁବେଙ୍କ ଇନିଂସରେ ୨ ଚୌକା ଓ ୫ ଛକା ସାମିଲ ଥିଲା। ଅନ୍ୟପକ୍ଷରେ ରାହାନେଙ୍କ ଇନିଂସରେ ୬ଚୌକା ଓ ୫ ଛକା ସାମିଲ ଥିଲା। ଶେଷ ଆଡକୁ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ୮ ବଲ୍‌ରୁ ୧୮ ରନ୍ ସ୍କୋର କରିବାରୁ ଚେନ୍ନାଇ ୨୩୫ ରନ୍‌ରେ ପହଞ୍ଚିଥିଲା। ଚଳିତ ସିଜନରେ ଏହା ସୁପରକିଙ୍ଗ୍ସର ସର୍ବାଧିକ ଦଳଗତ ସ୍କୋର ରହିଛି। ସେହିପରି ରବିବାର ମ୍ୟାଚରେ ୧୪ ଚୌକା ଓ ୧୮ ଛକା ଦେଖିବାକୁ ମିଳିଥିଲା। ଆଇପିଏଲ୍ ଇତିହାସରେ ଗୋଟିଏ ଇନିଂସରେ ଏହା ତୃତୀୟ ସର୍ବାଧିକ ଛକା। କେକେଆର ପକ୍ଷରୁ କୁଲୱନ୍ତ ଖେଜ୍ରୋଲିଆ ଦୁଇ ଉଇକେଟ ନେଇଥିବା ବେଳେ ସୁୟାଶ ଶର୍ମା ଓ ବରୁନ ଚକ୍ରବର୍ତ୍ତୀ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

୨୩୬ ରନ୍ ଜବାବରେ ଆରମ୍ଭରୁ କେକେଆର ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ୧ ରନ୍‌ରେ ଦଳ ଦୁଇ ଓପନର ଏନ୍ ଜଗଦୀଶାନ ଓ ସୁନୀଲ ନାରିନଙ୍କୁ ହରାଇଥିଲା। ପରେ ନୀତିଶ ରାଣା(୨୭) ଓ ଭେଙ୍କଟେଶ ଆୟର (୨୦) ରନ୍ କରିଥିଲେ ମଧ୍ୟ ରନ୍ ଗତି ବଢାଇବା ଚକ୍କରରେ ପ୍ୟାଭିଲିୟନ୍ ଫେରିଥିଲେ। ଜାସନ୍ ରୟ ୬୧ରନ୍ ଓ ରିଙ୍କୁ ସିଂ ୫୩ ରନ୍ ୫ମ ଉଇକେଟରେ ଦ୍ରୁତ ୬୫ ରନ୍ ଯୋଡିଥିଲେ। ଉଭୟ ଖେଳାଳି ଆଉଟ ହେବା ସହିତ କେକେଆରର ବିଜୟ ଆଶା ମଉଳି ଯାଇଥିଲା। ଚେନ୍ନାଇ ପକ୍ଷରୁ ତୁଷାର ଦେଶପାଣ୍ଡେ, ମହୀଷ ଥିକ୍‌ସାନା ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆକାଶ ସିଂ, ମୋଇନ୍ ଅଲୀ, ରବୀନ୍ଦ୍ର ଜାଡେଜା, ମହୀଷ ପଥିରାନା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଚେନ୍ନାଇ ସୁପର କିଙ୍ଗ୍ସ ୨୦ ଓଭରରେ ୨୩୫/୪ (ଅଜିଙ୍କ୍ୟ ରାହାନେ-୭୧*, ଡେଭନ୍ କନ୍‌ୱେ-୫୬, ଶିବମ ଦୁବେ-୫୦, କୁଲୱନ୍ତ ଖେଜ୍ରୋଲିୟା-୨/୪୪, ସୁୟାଶ ଶର୍ମା-୧/୨୯, ବରୁନ୍ ଚକ୍ରବର୍ତ୍ତୀ-୧/୪୯)। କୋଲକାତା ନାଇଟ ରାଇଡର୍ସ: ୨୦ ଓଭୟରରେ ୧୮୬/୮( ଜାସନ୍ ରୟ-୬୧, ରିଙ୍କୁ ସିଂ-୫୩*, ନୀତିଶ ରାଣା-୨୭, ମହୀଷ ଥିକ୍‌ସାନା-୨/୩୨, ତୁଷାର ଦେଶପାଣ୍ଡେ-୨/୪୩, ମୋଇନ୍ ଅଲୀ-୧/୨୦)।

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଚେନ୍ନାଇ ସୁପର କିଙ୍ଗ୍ସ | ୭ | ୫ | ୨ | ୧୦ | +୦.୬୬୨ |
| ରାଜସ୍ଥାନ ରୟାଲ୍ସ | ୭ | ୪ | ୩ | ୮ | +୦.୮୪୪ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୭ | ୪ | ୩ | ୮ | +୦.୫୪୭ |
| ଗୁଜରାଟ ଟାଇଟନ୍ସ | ୬ | ୪ | ୨ | ୮ | +୦.୨୧୨ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୭ | ୪ | ୩ | ୮ | -୦.୦୦୮ |
| ପଞ୍ଜାବ କିଙ୍ଗ୍ସ | ୭ | ୪ | ୩ | ୮ | -୦.୧୬୨ |
| ମୁମ୍ବାଇ ଇଣ୍ଡିଆନ୍ସ | ୬ | ୩ | ୩ | ୬ | -୦.୨୫୪ |
| କୋଲକାତା ନାଇଟ ରାଇଡର୍ସ | ୭ | ୨ | ୫ | ୪ | -୦.୧୮୬ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୬ | ୨ | ୪ | ୪ | -୦.୭୯୪ |
| ଦିଲ୍ଲୀ କ୍ୟାପିଟାଲ୍ସ | ୬ | ୧ | ୫ | ୨ | -୧.୧୮୩ |

**ଆଇପିଏଲ୍ କାର୍ଯ୍ୟସୂଚୀ**

**(ଆଜିର ମ୍ୟାଚ)**

**ହାଇଦ୍ରାବାଦ ବନାମ ଦିଲ୍ଲୀ**

**ସ୍ଥାନ:ହାଇଦ୍ରାବାଦ, ସମୟ: ରାତି ୭.୩୦**

**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**


ଶଟ୍ ଖେଳିବା ଅବସରରେ ଅଜିଙ୍କ୍ୟ ରାହାନେ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ